# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୫/୨୦୧୯ (୧୬ ପୃଷ୍ଠା) | Bhubaneswar, Sunday, August 25/2019 (ଛୁଟିଦିନ ସହ) | ★★★★

୪୫ଶ ଭାଗ ୨୭୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-






Presenting the all-new Kia Seltos. It's an incredible blend of aggressive looks and opulent interiors, category-first technology and class-leading features. With good looks and great attitude, the Kia Seltos is inspired by the badass in you.



**1.4 Turbo GDi with 7 DCT** — **First-in-segment**: Smartstream 1.4 Turbo GDi engine with 7 DCT for a power packed performance.

**Smart Head-up Display** — **First-in-segment**: Smart 20.32 cm (8.0") Head-up Display makes driving safer.

**HD Touchscreen Navigation** — **Best-in-segment**: 26.03 cm (10.25") HD Touchscreen Navigation reduces distraction while driving.

**BOSE Premium Sound System** — **Best-in-segment**: BOSE Premium Sound System with 8-speakers will be a treat to your ears.

**Smart Pure Air Purifier** — **First-in-world**: Smart Pure Air Purifier with UVO Controls cleans the air inside the vehicle.

**UVO Connect** — **Best-in-segment**: Remote start and voice recognition with 37 smart connectivity features.

## Close to you, no matter where you are

Kia presents a nation-wide network of dealerships and service centres to ensure ready spare parts and service availability.

**160** City Coverage | **265** Consumer Touchpoints | **206** Sales Points | **192** Service Points

KIA Service — Promise to Care — Connected • Adaptive • Responsive • Engage

Nationwide Kia Care network with easy availability of Genuine Spare Parts | 3 Years Warranty for Unlimited Kms & up to 5th Year optional Extended Warranty* | 3 Years 24/7 Roadside Assistance | Kia Link service support app & IoT based workshops for digital experience | Scratch Care program for one time free repair* | My Convenience, the most unique customised maintenance program*

**For more information contact - 1800 108 5000**

Visit www.kia.com/in | Book Kia Seltos | @KiaMotorsIN @KiaMotorsIN Kia Motors India @KiaMotorsIN

*T&C Apply. #Ex-showroom all India (except Kerala). Visit your nearest Kia dealership for more details. The product shown is for representation purpose only, actual features, colours and specifications as shown may not be part of standard fitment and may vary. Segment is defined as Mid SUV whose length lies between 4260-4390mm and width between 1775-1825mm. Kia Motors India Pvt. Ltd. reserves the right to make any changes with respect to the trims, colors, specifications and other details of any model as mentioned or to discontinue any model without prior notice. Kia urges you to follow traffic rules, these are meant to keep you safe on roads.

INNOCEAN-103/19

KIA — The Power to Surprise

FOR INFORMATION CONTACT: BHUBANESHWAR: CENTRAL, PAHAL, PH: 7064111999



ପିଓକେ ଭାରତରେ ମିଶିବା ଆବଶ୍ୟକ । ସେଠାରେ ରହୁଥିବା ଲୋକେ ପାକିସ୍ତାନର ଅଂଶ ହେବାକୁ ଚାହାନ୍ତି ନାହିଁ, ବରଂ ସେମାନେ ଭାରତୀୟ ହେବା ପାଇଁ ଇଚ୍ଛା କରନ୍ତି। ପିଓକେରେ ରହୁଥିବା ଲୋକେ ପ୍ରତିଦିନ ପାକ୍ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

-ସୁବ୍ରମଣ୍ୟମ ସ୍ୱାମୀ, ଭାଜପା ଏମ୍‌ପି

# ଛାତ୍ରନେତାରୁ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ,୨୪।୮

ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଅରୁଣ ଜେଟ୍‌ଲୀଙ୍କର ଶନିବାର ୬୬ ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କର ରାଜନୈତିକ ଜୀବନ ଛାତ୍ରନେତାରୁ ଆରମ୍ଭ ହୋଇଥିଲା। ଖ୍ୟାତନାମା ଆଇନଜୀବୀ, ବିଚକ୍ଷଣ ଜ୍ଞାନୀ, ଦକ୍ଷ ରାଜନେତା ତଥା ଅସାଧାରଣ ବାଗ୍ମୀ ଜେଟ୍‌ଲୀ କେନ୍ଦ୍ରରେ ଅଟଳ ବିହାରୀ ବାଜପେୟୀ ଓ ନରେନ୍ଦ୍ର ମୋଦିଙ୍କ ସରକାରରେ ବହୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟର ଦାୟିତ୍ୱ ବହନ କରିଥିଲେ। ସେ ମୋଦି ସରକାରରେ ସଙ୍କଟମୋଚନ ଭୂମିକା ନିଭାଇବା ସହ ଦେଶର ଅର୍ଥନୀତିରେ ମହାନ୍ ସଂସ୍କାରର ପରିଚୟ ହାସଲ କରିଥିଲେ। ମୋଦିଙ୍କୁ ଜାତୀୟ ରାଜନୀତିକୁ ଆଣିବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ସେ ଦଳ ଓ ସରକାରରେ ମୁଖ୍ୟ ରଣନୀତିକାର ଭାବେ କାର୍ଯ୍ୟ କରୁଥିଲେ।

ଜେଟ୍‌ଲୀ ୧୯୫୨ ଡିସେମ୍ବର ୨୮ରେ ଦିଲ୍ଲୀର ଏକ ଶରଣାର୍ଥୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପରିବାର ଲାହୋରରୁ ଚାଲିଆସିଥିଲେ। ତେବେ ଜେଟ୍‌ଲୀଙ୍କ ପିଲାଦିନ ନୂଆଦିଲ୍ଲୀର ନାରାୟଣ ବିହାରରେ ବିତିଥିଲା। ତାଙ୍କ ବାପା ମହାରାଜ କିଷନ ଜେଟ୍‌ଲୀ ଜଣେ ଆଇନଜୀବୀ ଥିଲେ। ଜେଟ୍‌ଲୀ ୭୦ ଦଶକରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) କର୍ମୀରୁ ୧୯୭୪ରେ ଛାତ୍ରସଂସଦ ସଭାପତି ହୋଇଥିଲେ। ଜୟପ୍ରକାଶ ନାରାୟଣ ତାଙ୍କୁ ଯୁବ ଓ ଛାତ୍ର ସଙ୍ଗଠନର ଜାତୀୟ ଆବାହକ ନିଯୁକ୍ତ କରିଥିଲେ। ପରେ ଜେଟ୍‌ଲୀଙ୍କୁ ଦିଲ୍ଲୀ ଏବିଭିପିର ସଭାପତି ଭାବେ ନିଯୁକ୍ତି ମିଳିଥିଲା। ଭାଜପାରେ ଯୋଗଦେବା ପରେ ୧୯୯୦ରେ ତାଙ୍କୁ ଦଳର ଯୁବ ଶାଖା ସଭାପତି ସହ ଦିଲ୍ଲୀ ଭାଜପା ସମ୍ପାଦକ ପଦ ମିଳିଥିଲା।

ଜମ୍ମୁ-କଶ୍ମୀରର ପୂର୍ବତନ ଅର୍ଥମନ୍ତ୍ରୀ ଗିରିଧାରୀ ଲାଲ୍ ଡୋଗ୍ରାଙ୍କ ଝିଅ ସଙ୍ଗୀତା ଡୋଗ୍ରାଙ୍କୁ ଜେଟ୍‌ଲୀ ୧୯୮୨ରେ ବିବାହ କରିଥିଲେ। ତାଙ୍କର ଦୁଇଟି ସନ୍ତାନ ରୋହନ୍ ଓ ସୋନାଲୀ ଅଛନ୍ତି। ତେବେ ସେ ରାଜନୈତିକ ଉତ୍ଥାନ ପାଇଁ କେବେ ଶ୍ୱଶୁରଙ୍କ ନାଁକୁ ବ୍ୟବହାର କରି ନ ଥିଲେ। ସେ ଏଲ୍‌ଏଲ୍‌ବି ଡିଗ୍ରୀ ହାସଲ କରି ସୁପ୍ରିମକୋର୍ଟ ଓ ବିଭିନ୍ନ ହାଇକୋର୍ଟରେ ଆଇନଜୀବୀ ଭାବେ କାର୍ଯ୍ୟ କରିଥିଲେ। ଦିଲ୍ଲୀ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ମାନ୍ୟତା ପାଇବା ସହ ୧୯୮୯ରେ ଅତିରିକ୍ତ ସଲିସିଟର ଜେନେରାଲ ନିଯୁକ୍ତ ହୋଇଥିଲେ। ୧୯୯୯ ଜାନୁୟାରୀ ୧୦ରେ ସେ ଦିଲ୍ଲୀ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ୍‌ର ସଭାପତି ନିର୍ବାଚିତ ହୋଇଥିଲେ।

୧୯୯୧ରେ ଜେଟ୍‌ଲୀ ଭାଜପା ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ହେବା ସହ ୧୯୯୯ରେ ଅଟଳ ବିହାରୀ ବାଜପେୟୀ ସରକାରରେ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଭାବେ ନିଯୁକ୍ତ ହୋଇଥିଲେ। ପରେ ସେ ଆଇନ, କର୍ପୋରେଟ ବ୍ୟାପାର ଆଦି ବିଭାଗର ଅତିରିକ୍ତ ଦାୟିତ୍ୱ ନେଇଥିଲେ। ୨୦୦୯ ଜୁନ୍ ୩ରେ ଜେଟ୍‌ଲୀ ରାଜ୍ୟ ସଭାରେ ବିରୋଧୀ ଦଳର ନେତା ହୋଇଥିଲେ। ଦଳର କେନ୍ଦ୍ରୀୟ ନିର୍ବାଚନ କମିଟି ସଭ୍ୟ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଦଳର ଜଣେ ସକ୍ରିୟ ସଦସ୍ୟ ଥିଲେ ହେଁ ୧୯୮୦ରୁ ସେ କୌଣସି ପ୍ରତ୍ୟକ୍ଷ ନିର୍ବାଚନ ଲଢି ନ ଥିଲେ। ୨୦୧୪ରେ ଭାଜପା ନଭଜୋତ ସିଂ ସିଦ୍ଧୁଙ୍କୁ ହଟାଇ ଜେଟଲୀଙ୍କୁ ଅମୃତସର ଲୋକ ସଭା ଆସନରୁ ପ୍ରାର୍ଥୀ କରିଥିଲେ ହେଁ କଂଗ୍ରେସ ପ୍ରାର୍ଥୀ ଅମରିନ୍ଦର ସିଂଙ୍କଠାରୁ ସେ ପରାଜୟବରଣ କରିଥିଲେ। ଗୁଜରାଟ ଓ ଉତ୍ତରପ୍ରଦେଶରୁ ତାଙ୍କୁ ରାଜ୍ୟ ସଭାକୁ ଯିବାକୁ ପଡ଼ିଥିଲା। ୨୦୧୪ରେ ମୋଦି ପ୍ରଥମ ଥର ଲାଗି ପ୍ରଧାନମନ୍ତ୍ରୀ ହୋଇଥିବାବେଳେ ତାଙ୍କ ମନ୍ତ୍ରିମଣ୍ଡଳରେ ଜେଟ୍‌ଲୀଙ୍କୁ ଅର୍ଥ ଓ କର୍ପୋରେଟ ବ୍ୟାପାର ମନ୍ତ୍ରୀ ସହ ପ୍ରତିରକ୍ଷା ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ବିମୁଦ୍ରୀକରଣ, ଜିଏସ୍‌ଟି ଭଳି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପମାନ ତାଙ୍କ ସମୟରେ ଗ୍ରହଣ କରାଯାଇଥିଲା। ୨୦୧୮ ମେ ୧୪ରେ କିଡ୍‌ନିଜନିତ ସମସ୍ୟାରେ ପଡ଼ି ସେ ଅସୁସ୍ଥ ହୋଇପଡ଼ିଥିଲେ। ଏମ୍ସରେ ତାଙ୍କ କିଡ୍‌ନି ପ୍ରତିରୋପଣ କରାଯାଇଥିଲା। ୨୦୧୯ ମେ ୨୯ରେ ନିଜର ଅସୁସ୍ଥତା ସମ୍ପର୍କରେ ସେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ପତ୍ର ଲେଖି ଜଣାଇବା ସହ କୌଣସି ଗୁରୁଦାୟିତ୍ୱ ଗ୍ରହଣ ନ କରି ପ୍ରତ୍ୟକ୍ଷ ରାଜନୀତିରୁ ଦୂରେଇ ରହିଥିଲେ। ଗତ ୯ରେ ସେ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ପୁଣି ନୂଆଦିଲ୍ଲୀର ଏମ୍ସରେ ଭର୍ତ୍ତି କରାଯାଇଥିଲା।



ନରେନ୍ଦ୍ର ମୋଦିଙ୍କ ସହ ଏକ ବିଶେଷ ମୁହୂର୍ତ୍ତରେ ଅରୁଣ ଜେଟ୍‌ଲୀ।

## ଦେଶ ପାଇଁ ଅପୂରଣୀୟ କ୍ଷତି



ଅରୁଣ ଜେଟ୍‌ଲୀଙ୍କ ପରଲୋକ ଖବର ଶୁଣି ମୁଁ ମର୍ମାହତ। ମୁଁ ମୋର ଜଣେ ପ୍ରିୟ ବନ୍ଧୁଙ୍କ ହରାଇଲି। ତାଙ୍କ ଦେହାନ୍ତ ଦେଶ ପାଇଁ ଅପୂରଣୀୟ କ୍ଷତି। ତାଙ୍କ ପ୍ରତି ଶୋକପ୍ରାର୍ଥନା କରିବା ଲାଗି ମୋ ପାଖରେ ଭାଷା ନାହିଁ।

-ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି



ଜେଟ୍‌ଲୀଙ୍କ ପରଲୋକରେ ଦେଶ ଜଣେ ମହାନ୍ ଆଇନଜୀବୀ ଓ ନେତାଙ୍କୁ ହରାଇଛି। ଏଥିଲାଗି ବ୍ୟକ୍ତିଗତ ଭାବେ ମୁଁ ବହୁତ ଦୁଃଖିତ। ତାଙ୍କ ପରିବାରବର୍ଗ ପ୍ରତି ସମବେଦନା ଜ୍ଞାପନ କରିବା ସହ ଜେଟ୍‌ଲୀଙ୍କ ଆତ୍ମାକୁ ଭଗବାନ ଶାନ୍ତି ଦିଅନ୍ତୁ।

-ଜଷ୍ଟିସ୍ ରଞ୍ଜନ ଗୋଗୋଇ, ସୁପ୍ରିମକୋର୍ଟର ପ୍ରଧାନବିଚାରପତି



ମୁଁ ମୋର ଜଣେ ପ୍ରିୟ ବନ୍ଧୁଙ୍କୁ ହରାଇଲି। ତାଙ୍କ ଭଳି ଜଣେ ମହାନ୍ ଜ୍ଞାନୀ, ଆଇନଜ୍ଞ, ରାଜନେତା, ଦେଶ ପ୍ରତି ଉତ୍ସର୍ଗୀକୃତ ମନୋଭାବ ସମ୍ପନ୍ନ ବ୍ୟକ୍ତିଙ୍କୁ ହରାଇ ମୁଁ ମର୍ମାହତ। ସମାଜର ସବୁ ବର୍ଗର ଲୋକେ ତାଙ୍କୁ ଭଲ ପାଉଥିଲେ। ଦଳରେ ତାଙ୍କର ସ୍ୱତନ୍ତ୍ର ସ୍ଥାନ ରହିଥିଲା। ଭଗବାନ ତାଙ୍କ ଆତ୍ମାକୁ ଶାନ୍ତି ଦିଅନ୍ତୁ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



ପ୍ରିୟ ସହଯୋଗୀ ଅରୁଣ ଜେଟ୍‌ଲୀଙ୍କ ଦେହାନ୍ତରେ ମୁଁ ଅତ୍ୟନ୍ତ ଦୁଃଖିତ। ଜଣେ ପ୍ରତିଭାସମ୍ପନ୍ନ ସାଂସଦ, ପ୍ରଶାସକ, ଦଳୀୟ ସଙ୍ଗଠକ ଭାବେ ସେ ଚିରକାଳ ମନେରହିବେ। ତାଙ୍କ ପରଲୋକ କେବଳ ଭାଜପା ନୁହେଁ ସଂଘ ପରିବାର ଓ ଦେଶ ଲାଗି ଏକ ଅପୂରଣୀୟ କ୍ଷତି।

-ଲାଲ୍‌କୃଷ୍ଣ ଆଡ଼ଭାନୀ, ଭାଜପାର ବରିଷ୍ଠ ନେତା



ସାଧାରଣ ଜୀବନରେ ଅରୁଣ ଜେଟ୍‌ଲୀଙ୍କ ଅବଦାନ ସବୁଦିନ ଲାଗି ମନେରହିବ। ଜଣେ ପ୍ରଶାସକ, ସାଂସଦ, ମନ୍ତ୍ରୀ ଭାବେ ସମାଜକୁ ତାଙ୍କ ଅବଦାନ ଅତୁଳନୀୟ। ତାଙ୍କ ଦେହାନ୍ତରେ ମୁଁ ଦୁଃଖିତ।

-ସୋନିଆ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷା



ଜଣେ ବରିଷ୍ଠ ଓକିଲ, ଦକ୍ଷ ପ୍ରଶାସକ, ସାଂସଦ, ବକ୍ତା ଭାବେ ଅରୁଣ ଜେଟ୍‌ଲୀ ଚିରକାଳ ମନେରହିବେ। ତାଙ୍କ ପରଲୋକରେ ଦେଶ ଜଣେ ମହାନ ନେତାଙ୍କୁ ହରାଇଛି।

-ମନମୋହନ ସିଂ, ପୂର୍ବତନ ପ୍ରଧାନମନ୍ତ୍ରୀ



ଜେଟ୍‌ଲୀଙ୍କ ଦେହାନ୍ତ ମୋ ପାଇଁ ବ୍ୟକ୍ତିଗତ କ୍ଷତି। ମୁଁ କେବଳ ସଙ୍ଗଠନର ଜଣେ ବରିଷ୍ଠ ରାଜନେତାଙ୍କୁ ହରାଇନି, ମୋତେ ଦୀର୍ଘବର୍ଷ ଧରି ସମର୍ଥନ ଓ ପଥ ଦେଖାଇଥିବା ଏକ ପରିବାରର ସଦସ୍ୟଙ୍କୁ ହରାଇଛି।

-ଅମିତ ଶାହ, ସ୍ୱରାଷ୍ଟ୍ରମନ୍ତ୍ରୀ



ଅର୍ଥନୀତିକୁ ସଜାଡ଼ି ବିକାଶ ଧାରାକୁ ଆଣିଥିବା ଅରୁଣ ଜେଟ୍‌ଲୀ ସବୁବେଳେ ମନେରହିବେ। ଦଳ ସବୁବେଳେ ତାଙ୍କୁ ଝୁରିବ। ତାଙ୍କ ବିୟୋଗରେ ମୁଁ ମର୍ମାହତ। ପରିବାରକୁ ସାନ୍ତ୍ୱନା ଦେବା ସହ ଅମର ଆତ୍ମାର ସଦ୍‌ଗତି କାମନା କରୁଛି।

-ରାଜନାଥ ସିଂ, ପ୍ରତିରକ୍ଷାମନ୍ତ୍ରୀ



ଅରୁଣ ଜେଟ୍‌ଲୀଙ୍କ ପରଲୋକ ମୋତେ ଆଘାତ ଦେଇଛି। ଜଣେ ମହାନ୍ ପାର୍ଲାମେଣ୍ଟାରିଆନ୍, ବରିଷ୍ଠ ଓକିଲ ଭାବେ ତାଙ୍କୁ ଦଳମତ ନିର୍ବିଶେଷରେ ସମସ୍ତେ ପ୍ରଶଂସା କରିଆସିଛନ୍ତି। ଦେଶ ପ୍ରତି ତାଙ୍କର ଅବଦାନ ସବୁଦିନ ଲାଗି ମନେରହିବ। ତାଙ୍କ ପରିବାରବର୍ଗଙ୍କ ଲାଗି ସମବେଦନା ଜଣାଉଛି।

-ମମତା ବାନାର୍ଜୀ, ଟିଏମ୍‌ସି ମୁଖ୍ୟ



ଜେଟ୍‌ଲୀଙ୍କ ବିୟୋଗ ଦେଶ ପାଇଁ ଏକ ବଡ଼ କ୍ଷତି। ଜଣେ ବରିଷ୍ଠ ଆଇନଜ୍ଞ, ନେତା ଓ ପରିଚାଳନାଗତ ଦକ୍ଷତା ତାଙ୍କୁ ଚିରକାଳ ମନେରଖିବ। ତାଙ୍କ ପରଲୋକରେ ମୁଁ ଦୁଃଖିତ। ଭଗବାନ ତାଙ୍କ ଆତ୍ମାକୁ ଶାନ୍ତି ଦିଅନ୍ତୁ।

-ଅରବିନ୍ଦ କେଜ୍‌ରିୱାଲ,
ଦିଲ୍ଲୀ ମୁଖ୍ୟମନ୍ତ୍ରୀ



ଜେଟ୍‌ଲୀଙ୍କ ଦେହାନ୍ତ ଦେଶ ଲାଗି ଏକ ଅପୂରଣୀୟ କ୍ଷତି। ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ବନ୍ଧୁ ଥିବା ମୋର ପ୍ରିୟ ଲୋକକୁ ହରାଇ ମୁଁ ମର୍ମାହତ। ଭଗବାନ ତାଙ୍କ ଆତ୍ମାକୁ ଶାନ୍ତି ଦିଅନ୍ତୁ।

-ଶଶୀ ଥରୁର୍,
କଂଗ୍ରେସର ବରିଷ୍ଠ ନେତା



ରାଷ୍ଟ୍ରପତି ରାମନାଥ କୋବିନ୍ଦ ପରଲୋକଗତ ଭାଜପା ନେତା ଅରୁଣ ଜେଟ୍‌ଲୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି। ଜଣେ ବିଚକ୍ଷଣ ଓକିଲ, ସାଂସଦ, ମନ୍ତ୍ରୀ ଭାବେ ଦେଶ ପାଇଁ ଜେଟ୍‌ଲୀଙ୍କ ଅବଦାନ ଅତୁଳନୀୟ। ବହୁ ଗୁରୁଦାୟିତ୍ୱକୁ ସହଜରେ କରିଦେଖାଇବାର କଳା ତାଙ୍କ ପାଖରେ ଥିଲା ବୋଲି ରାଷ୍ଟ୍ରପତି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି।

## ସବୁ ଦଳର ନେତାଙ୍କ ସହ ଥିଲା ଉତ୍ତମ ସମ୍ପର୍କ

**ନୂଆଦିଲ୍ଲୀ,୨୪।୮:** ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କର ଭାଜପା ବାହାରେ ପ୍ରାୟ ସବୁ ଦଳର ନେତାଙ୍କ ସହ ଉତ୍ତମ ସମ୍ପର୍କ ରହିଥିଲା। ୨୦୧୮ ଜାନୁୟାରୀ ୫ରେ ପାର୍ଲାମେଣ୍ଟ ଶୀତ ଅଧିବେଶନର ଶେଷ ଦିନ ଥିଲା। ସେଦିନ ରାଜ୍ୟ ସଭାରେ ତିନି ତଲାକ୍‌କୁ ନେଇ ଭାଜପା ଓ କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ଦଳ ସଦସ୍ୟଙ୍କ ମଧ୍ୟରେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ରାଜ୍ୟ ସଭାରେ କଂଗ୍ରେସର ଉପନେତା ଥିଲେ ଆନନ୍ଦ ଶର୍ମା। ସେଦିନ ତାଙ୍କର ଜନ୍ମଦିନ ଥିବାରୁ ସନ୍ଧ୍ୟାରେ ଜେଟ୍‌ଲୀଙ୍କ ଚାମ୍ବରକୁ କେକ୍ ପଠାଇଥିଲେ । ଏଥିରୁ ଜଣାପଡୁଛି ବିରୋଧୀ ଦଳର ନେତାମାନଙ୍କ ସହ ଜେଟ୍‌ଲୀଙ୍କର କେତେ ଅନ୍ତରଙ୍ଗ ଥିଲା। ରାଜନୀତି ତାଙ୍କର ବ୍ୟକ୍ତିଗତ ସମ୍ପର୍କ ଉପରେ କୌଣସି ପ୍ରଭାବ ପକାଉ ନ ଥିଲା। ସେ ବିରୋଧୀ ଦଳଗୁଡ଼ିକର ଆଭିମୁଖ୍ୟକୁ ଜୋରଦାର ବିରୋଧ କରୁଥିଲେ ହେଁ ବ୍ୟକ୍ତିଗତ ଭାବେ ଭଲ ସମ୍ପର୍କ ରଖିଥିଲେ। ତେଣୁ ଭାଜପା ବାହାରେ ତାଙ୍କର ଅଧିକ ବନ୍ଧୁ ଥିଲେ ବୋଲି କୁହାଯାଏ।

## ଜରୁରୀ ପରିସ୍ଥିତି ବିରୋଧରେ ପ୍ରଥମ ସତ୍ୟାଗ୍ରହୀ

ନୂଆଦିଲ୍ଲୀ,୨୪।୮

ଅରୁଣ ଜେଟ୍‌ଲୀ ଥିଲେ ଜରୁରୀ ପରିସ୍ଥିତି ବିରୋଧରେ ଦେଶର ପ୍ରଥମ ସତ୍ୟାଗ୍ରହୀ। ୧୯୭୫ ଜୁନ୍ ୨୫ ରାତିରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଦେଶରେ ଜରୁରୀ ପରିସ୍ଥିତି ଜାରି କରିଥିଲେ। ତା' ପରଦିନ ସକାଳେ ଜେଟ୍‌ଲୀ କିଛି ଲୋକଙ୍କୁ ଏକଜୁଟ୍ କରି ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ଇନ୍ଦିରାଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଏଥିପାଇଁ ତାଙ୍କୁ ଗିରଫ କରାଯାଇଥିଲା। ସେ ୧୯ ମାସ ଜେଲ୍‌ରେ ରହିଥିଲେ। ଜରୁରୀ ପରିସ୍ଥିତି ଘୋଷଣା ପରେ ୨୬ ତାରିଖରେ ପ୍ରଥମ ଆନ୍ଦୋଳନର ନେତୃତ୍ୱ ନେଇଥିବାରୁ ଜେଟ୍‌ଲୀ ନିଜକୁ ପ୍ରଥମ ସତ୍ୟାଗ୍ରହୀ ବୋଲି କହିଥିଲେ।

## ୪ ନକଲି ଖବରଦାତା ଗିରଫ

**ଲକ୍ଷ୍ନୌ, ୨୪।୮:** ଉତ୍ତରପ୍ରଦେଶର ଗୌତମବୁଦ୍ଧ ନଗରରୁ ପୋଲିସ ୪ ଜଣ ନକଲି ଖବରଦାତାଙ୍କୁ ଗିରଫ କରିଛି। ସେମାନେ ବିଭିନ୍ନ ପୋଲିସ ଅଧିକାରୀଙ୍କୁ ଧମକଚମକ ଦେଇଆସୁଥିଲେ। ସେମାନଙ୍କ ବିରୋଧରେ ପୋଲିସରେ ବିଭିନ୍ନ ଅଭିଯୋଗ କରାଯିବା ପରେ ପୋଲିସ ତଦନ୍ତ ଆରମ୍ଭ କରି ଏମାନଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସୁଶିଲ ପଣ୍ଡିତ, ଚନ୍ଦନ ରାୟ, ନୀତୀଶ ପାଣ୍ଡେ ଓ ଉଦିତ୍ ଗୋଏଲ। ସେମାନେ ଜାଲ୍ ୱେବସାଇଟ ଓ ମାଗାଜିନ୍ ଚଲାଇଥିଲେ ବୋଲି ପୋଲିସ କହିଛି। ପୋଲିସ ଅଧିକାରୀଙ୍କ ବିରୋଧରେ ପ୍ରବିଭିନ୍ନ ଖବର ଛାପିବା ଓ ସେମାନଙ୍କୁ ଧମକାଇ ବ୍ୟବହାର କରୁଥିବା ଜଣାପଡ଼ିଛି। ଗିରଫ ପରେ ସେମାନଙ୍କ ଅସଲ ଚେହେରା ପଦାକୁ ଆସିଛି।

ଇତିହାସର ଆଇନାରେ

### ଅଗଷ୍ଟ ୨୫ର ପ୍ରମୁଖ ଘଟଣା

୧୯୯୧ ଅଗଷ୍ଟ ୨୫ରେ ସୋଭିଏଟ୍ ୟୁନିୟନ୍‌ଠାରୁ ବାଇଲୋ ରୁଷିଆ ସ୍ୱାଧୀନତା ଲାଭ କରିଥିଲା। ପୂର୍ବ ୟୁରୋପର ଏହି ଦେଶର ଉତ୍ତର-ପୂର୍ବରେ ରୁଷିଆ, ଦକ୍ଷିଣରେ ୟୁକ୍ରେନ, ପଶ୍ଚିମରେ ପୋଲାଣ୍ଡ ଏବଂ ଉତ୍ତର-ପଶ୍ଚିମରେ ଲିଥୁଆନିଆ ଓ ଲାଟ୍‌ଭିଆ ରହିଛି।

୨୦୦୬ ଅଗଷ୍ଟ ୨୫ରେ ୟୁକ୍ରେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ପାବ୍‌ଲୋ ଲାଜାରେଙ୍କୋଙ୍କୁ ଅର୍ଥ ଠକେଇ ଓ ଜାଲିଆତି ଘଟଣାରେ ୯ବର୍ଷ କାରାଦଣ୍ଡାଦେଶ ହୋଇଥିଲା। ୧୯୫୩ ଜାନୁୟାରୀ ୨୩ରେ ଜନ୍ମିତ ଲାଜାରେଙ୍କୋ ହେଉଛନ୍ତି ୟୁକ୍ରେନିୟାନ୍ ରାଜନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ।

## ପଶ୍ଚିମବଙ୍ଗରେ ହେବ କଂଗ୍ରେସ-ବାମଦଳ ମେଣ୍ଟ

କୋଲକାତା,୨୪।୮(ପି.ଟି.)

ଲୋକ ସଭା ନିର୍ବାଚନରେ ବିପର୍ଯ୍ୟୟ ପରେ ପଶ୍ଚିମବଙ୍ଗରେ ହେବାକୁ ଯାଉଥିବା ବିଧାନସଭା ଉପନିର୍ବାଚନ ପାଇଁ କଂଗ୍ରେସ-ବାମଦଳ ମେଣ୍ଟକୁ ଦଳର ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ସବୁଜ ସଙ୍କେତ ଦେଇଛନ୍ତି। ଶୁକ୍ରବାର ରାତିରେ ପଶ୍ଚିମବଙ୍ଗ କଂଗ୍ରେସ ସଭାପତି ସୋମେନ ମିତ୍ର ଦିଲ୍ଲୀରେ ସୋନିଆଙ୍କୁ ରାଜ୍ୟରେ ଦଳର ସ୍ଥିତି ଏବଂ ଆଗାମୀ ଉପନିର୍ବାଚନ

**ସୋନିଆଙ୍କ ସବୁଜ ସଙ୍କେତ**

ସମ୍ପର୍କରେ ଅବଗତ କରାଇଥିଲେ। ଯଦି ବାମଦଳ ରାଜି ତେବେ ପଶ୍ଚିମବଙ୍ଗରେ ମେଣ୍ଟ କରିବାକୁ ସୋନିଆ ପରାମର୍ଶ ଦେଇଥିଲେ। ଭାଜପାକୁ ରୋକିବା ଲାଗି ସବୁ ଦଳ ଏକାଠି ହେବାକୁ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀ ଆହ୍ୱାନ ଦେଇଥିବାବେଳେ କଂଗ୍ରେସ-ବାମଦଳ ମେଣ୍ଟ ରାଜନୈତିକ ଦୃଷ୍ଟିରୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି।

## '୨୦୨୧ ପୂର୍ବରୁ କଶ୍ମୀରରେ ନିର୍ବାଚନ ସମ୍ଭବ ନୁହେଁ'

ଜମ୍ମୁ/ଶ୍ରୀନଗର,
୨୪।୮ (ଆଇଏଏନ୍‌ଏସ୍)

ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳରେ ୨୦୨୧ ପୂର୍ବରୁ ବିଧାନସଭା ନିର୍ବାଚନ ହେବା ସମ୍ଭବ ନୁହେଁ ବୋଲି ନିର୍ବାଚନ କମିଶନଙ୍କ ସୂତ୍ରରୁ ଜଣାପଡିଛି। କେନ୍ଦ୍ର ସରକାର ଜମ୍ମୁ-କଶ୍ମୀର ପୁନର୍ଗଠନ ଆଇନ ପ୍ରଣୟନ କରିଛନ୍ତି। ତଦନୁଯାୟୀ ଅକ୍ଟୋବର ମାସରୁ ଜମ୍ମୁ-କଶ୍ମୀର ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ଏବଂ ଲଦାଖ ଭାବେ ଆତ୍ମପ୍ରକାଶ କରିବ। ତେଣୁ ଅକ୍ଟୋବର ୩୧ ପରେ ସୀମା ପୁନଃନିର୍ଦ୍ଧାରଣ ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିର୍ବାଚନ କମିଶନଙ୍କୁ ପତ୍ର ଲେଖିବ।





ନଭେମ୍ବର ଶେଷ ଭାଗରୁ ବିଧାନସଭା କ୍ଷେତ୍ର ସୀମା ପୁନଃନିର୍ଦ୍ଧାରଣ କାର୍ଯ୍ୟ ଆରମ୍ଭ ହେବ। ଏହିପ୍ରକ୍ରିୟା ଶେଷ ହେବା ଲାଗି ୧୪ ମାସ ସମୟ ଲାଗିଯିବ ବୋଲି କୁହାଯାଉଛି। ତେଣୁ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ବିଧାନସଭା ନିର୍ବାଚନ ପାଇଁ ୨୦୨୧ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ।

## ୩ ସରକାରୀ ଚାକିରିରେ ଜଣେ

କିଷନଗଞ୍ଜ,୨୪।୮

**୩୦ ବର୍ଷ ଧରି ଉଠାଇଚାଲିଥିଲେ ବେତନ**

ବିହାରର ଜଣେ ବ୍ୟକ୍ତି ଏକ ସମୟରେ ବିଭିନ୍ନ ସ୍ଥାନରେ ତିନୋଟି ସରକାରୀ ଚାକିରି କରିବା ଭଳି ବଡ଼ ଦୁର୍ନୀତି ପଦାକୁ ଆସିଛି। ସେ ୩୦ ବର୍ଷ ଧରି ତିନୋଟି ଚାକିରିରୁ ଦରମା ଉଠାଇଥିଲେ ମଧ୍ୟ ଉଚ୍ଚ କର୍ତ୍ତୃପକ୍ଷ ତାହା ଜାଣିପାରି ନ ଥିଲେ। ବିହାର ଅର୍ଥ ବିଭାଗ ଦ୍ୱାରା ନିକଟରେ କାର୍ଯ୍ୟକାରୀ ହୋଇଥିବା ନୂଆ ସେଣ୍ଟ୍ରାଲାଇଜ୍‌ଡ ଫଣ୍ଡସ ମ୍ୟାନେଜମେଣ୍ଟ ସିଷ୍ଟମ୍ ଯୋଗୁ ଉପରୋକ୍ତ ଦୁର୍ନୀତି ପଦାକୁ ଆସିଛି। ଘଟଣା ଜଣାପଡିବା ପରେ ସୁରେଶ ରାମ ନାମକ ଏହି ବ୍ୟକ୍ତି ଫେରାର ହୋଇଯାଇଛନ୍ତି। ତାଙ୍କୁ ସମସ୍ତ ଚାକିରିରୁ ବହିଷ୍କାର କରିବା ସହ ତାଙ୍କ ବିରୋଧରେ ତୁରନ୍ତ ଏତଲା ଦାଏର କରିବାକୁ ଉପ ସଚିବ ଚନ୍ଦ୍ରଶେଖର ପ୍ରସାଦ ସିଂ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ସୁରେଶ କୋଠାବାଡି ନିର୍ମାଣ ବିଭାଗର ସହକାରୀ ଯନ୍ତ୍ରୀ ଭାବେ ଦରମା ଉଠାଇବା ସହ ବାଙ୍କା ଜିଲା ଜଳସମ୍ପଦ ବିଭାଗ ଏବଂ ଭୀମନଗର ପୂର୍ବ ନଦୀବନ୍ଧ ବିଭାଗରୁ ମଧ୍ୟ ଦରମା ପାଉଥିଲେ। ଏପରିକି ତାଙ୍କର ପଦୋନ୍ନତି ମଧ୍ୟ ହୋଇଥିଲା। ୩ ଦଶନ୍ଧି ଧରି ସରକାରଙ୍କୁ ଭୁଆଁ ବୁଲାଇ ସେ ଫେରାର ହୋଇଯାଇଛନ୍ତି।

## କୋଠା ଭୁଶୁଡ଼ି ୨ ମୃତ

**ଭିୱାଣ୍ଡି, ୨୪।୮:** ମହାରାଷ୍ଟ୍ରର ଭିୱାଣ୍ଡିସ୍ଥିତ ଶାନ୍ତିନଗରରେ ଥିବା ଏକ ୪ ମହଲା ବିଶିଷ୍ଟ କୋଠାଘର ଭୁଶୁଡ଼ି ପଡ଼ିବା ଫଳରେ ୨ ଜଣ ପ୍ରାଣ ହରାଇବା ସହ ୪ ଆହତ ହୋଇଛନ୍ତି। ଅଗ୍ନିଶମ ବିଭାଗର କର୍ମଚାରୀ ଓ ଏନ୍‌ଡିଆର୍‌ଏଫ୍ ଟିମ୍ ସେଠାରେ ପହଞ୍ଚିବା ସହ ଭଗ୍ନସ୍ତୁପ ତଳେ ରହିଥିବା ଲୋକଙ୍କୁ ଉଦ୍ଧାର କରିଛି। ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିବା ପ୍ରକାଶ। ଅନେକ ଲୋକ ଚାପିହୋଇ ରହିଥିବା ଆଶଙ୍କା କରାଯାଉଛି।

## ୟୁଏଇରେ ମୋଦିଙ୍କୁ ସର୍ବୋଚ୍ଚ ବେସାମରିକ ସମ୍ମାନ

ଆବୁଧାବି,୨୪।୮(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶନିବାର ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଅର୍ଡର ଅଫ୍ ଜୟିଦ୍' ପ୍ରଦାନ କରାଯାଇଛି। ଭାରତ ଓ ୟୁଏଇ ମଧ୍ୟରେ ଦ୍ୱିପକ୍ଷୀୟ ସମ୍ପର୍କ ବୃଦ୍ଧି ଦିଗରେ ମୋଦିଙ୍କ ଉଦ୍ୟମକୁ ପ୍ରଶଂସା କରି ଏହି ସମ୍ମାନ ପ୍ରଦାନ କରାଯାଇଛି।

ପୂର୍ବରୁ ଉକ୍ତ ସମ୍ମାନ ରୁଷ୍ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ, ବ୍ରିଟେନ୍ ରାଣୀ ଏଲିଜାବେଥ୍ ଦ୍ୱିତୀୟ ଏବଂ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍‌ଙ୍କ ଭଳି ବିଶ୍ୱନେତାଙ୍କୁ ପ୍ରଦାନ କରାଯାଇଥିଲା। ୟୁଏଇ (ସଂଯୁକ୍ତ ଆରବ ଏମିରେଟ୍ସ)ର ପ୍ରତିଷ୍ଠାତା ଶେଖ୍ ଜୟିଦ ବିନ୍ ସୁଲତାନ ଅଲ ନାହିଆନ୍‌ଙ୍କ ନାମରେ ପ୍ରଦାନ କରାଯାଉଥିବା ଏହି ପୁରସ୍କାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଦାନ କରାଯିବାରେ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରୁଛି। କାରଣ ଚଳିତ ବର୍ଷ ଶେଖ୍ ଜୟିଦଙ୍କ ଜନ୍ମ ଶତବାର୍ଷିକୀ ପାଳିତ ହେଉଛି। ମୋଦିଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ପ୍ରଦାନ କରାଯିବାକୁ ଚଳିତବର୍ଷ ଏପ୍ରିଲରେ ୟୁଏଇ ପକ୍ଷରୁ ଘୋଷଣା କରାଯାଇଥିଲା। ବାର୍ଷିକ ୬୦ଶହକୋଟି ଆମେରିକୀୟ ଡଲାର ମୂଲ୍ୟର ବାଣିଜ୍ୟ କାରବାର କରୁଥିବା ୟୁଏଇ ହେଉଛି ଭାରତର ତୃତୀୟ ସର୍ବବୃହତ୍ ବାଣିଜ୍ୟିକ ଅଂଶୀଦାର। ଭାରତକୁ ଅଶୋଧିତ ତୈଳ ରପ୍ତାନି କରିବାରେ ମଧ୍ୟ ୟୁଏଇ ହେଉଛି ଚତୁର୍ଥ ସର୍ବବୃହତ୍ ରପ୍ତାନିକାରୀ ରାଷ୍ଟ୍ର। ୟୁଏଇରେ ୩.୩ ନିୟୁତ ପ୍ରବାସୀ ଭାରତୀୟ ଅବସ୍ଥାନ କରୁଥିବାବେଳେ ଦୁଇଦେଶ ମଧ୍ୟରେ ସାଂସ୍କୃତିକ ଓ ଭାବଗତ ଆଦାନ ପ୍ରଦାନ ସମ୍ଭବ ହୋଇପାରୁଛି ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମୋଦିଙ୍କ ଆରବ ଗସ୍ତ ବନ୍ଧୁଭାବାପନ୍ନ ଦ୍ୱିପକ୍ଷୀୟ ସମ୍ପର୍କକୁ ଆହୁରି ମଜଭୁତ କରିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୫/୨୦୧୯ | Bhubaneswar, Sunday, August 25/2019 | ପୃଷ୍ଠା-୧




## ସିନ୍ଧୁ ଫାଇନାଲରେ

ଭାରତର ପି.ଭି. ସିନ୍ଧୁ କ୍ରମାଗତ ତୃତୀୟ ଥର ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି।

୧୨

୦୩

## ପ୍ରତିଦ୍ୱନ୍ଦ୍ୱିତାକୁ ବିଶ୍ୱାସ କରନ୍ତିନି ରାଧିକା

ବଲିଉଡରେ ବହୁ ନୂଆ ମୁହଁ ଆବିର୍ଭାବ ହେଉଥିଲେ ବି ଅଭିନେତ୍ରୀ ରାଧିକା ମଦନ ପ୍ରତିଦ୍ୱନ୍ଦ୍ୱିତାରେ ବିଶ୍ୱାସ କରନ୍ତି ନାହିଁ।



## ଏନ୍‌କାଉଣ୍ଟରରେ ୫ ମାଓବାଦୀ ନିହତ

ରାୟପୁର, ୨୪।୮

ଛତିଶଗଡ଼ର ବସ୍ତର ଜିଲା ଅନ୍ତର୍ଗତ ନାରାୟଣପୁରସ୍ଥିତ ଜଙ୍ଗଲରେ ଶନିବାର ପୋଲିସ ଏନ୍‌କାଉଣ୍ଟରରେ ୫ ମାଓବାଦୀ ନିହତ ହୋଇଛନ୍ତି। ଗୁଳି ବିନିମୟବେଳେ ଜିଲା ରିଜର୍ଭ ଗାର୍ଡ(ଡିଆରଜି)ର ୨ ଯବାନ ଆହତ ହୋଇଛନ୍ତି। ଏହାକୁ ଚଳିତ ମାସରେ ଦ୍ୱିତୀୟ ସର୍ବବୃହତ ଏନ୍‌କାଉଣ୍ଟର ବୋଲି କୁହାଯାଇଛି। ଶନିବାର ହୋଇଥିବା ଏହି ଏନ୍‌କାଉଣ୍ଟରରେ ରାଜ୍ୟ ପୋଲିସର ୨ ଯବାନ ଆହତ ହୋଇଛନ୍ତି।

କୌଣସି ସୂତ୍ରରୁ ଖବର ପାଇ ଛତିଶଗଡ଼ ପୋଲିସ ଟିମ୍ ନାରାୟଣପୁରଠାରୁ ୧୯ କିମି ଦୂର ଧୁରବେଡ଼ା ଜଙ୍ଗଲରେ ଥିବା ମାଓବାଦୀ କ୍ୟାମ୍ପ ଉପରେ ଚଢାଉ କରିଥିଲା। ପୋଲିସକୁ ଦେଖି ମାଓବାଦୀମାନେ ପ୍ରଥମେ ଗୁଳିମାଡ଼ କରିଥିଲେ। ପରେ ପୋଲିସ ଏହାର ଦୃଢ ଜବାବ ଦେଇଥିଲା। ପ୍ରାୟ ଦେଢ ଘଣ୍ଟା ଧରି ଉଭୟ ପଟୁ ଗୁଳି ବିନିମୟ ଚାଲିବା ପରେ ୫ ମାଓବାଦୀ ନିହତ ହୋଇଥିଲେ । ଏନ୍‌କାଉଣ୍ଟର ପରେ ୫ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯିବା ସହ ସେଠାରୁ କାର୍ବାଇନ୍, ଅଟୋମେଟିକ୍ ରାଇଫଲ ଆଦି ବହୁ ଅସ୍ତ୍ରଶସ୍ତ୍ର ଜବତ ହୋଇଥିବା ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଡି.ଏମ୍. ଅୱସ୍ଥି ପ୍ରକାଶ କରିଛନ୍ତି। ଏହି ଜଙ୍ଗଲାଞ୍ଚଳ ମାଓବାଦୀଙ୍କ ଆଶ୍ରୟସ୍ଥଳ ଭାବେ ପରିଚିତ। ପ୍ରକାଶଥାଉ କି, ଗତ ୩ ତାରିଖରେ ରାଜନନ୍ଦଗାଓଁ ଜିଲାରେ ୭ ମାଓବାଦୀ ଏନ୍‌କାଉଣ୍ଟରରେ ନିହତ ହୋଇଥିଲେ।

# ରାଜ୍ୟରୁ ଉଭେଇଲାଣି ଝୋଟ

## ପ୍ରୋତ୍ସାହନ ଅଭାବରୁ ମୁହଁ ମୋଡୁଛନ୍ତି ଚାଷୀ

- ବଜେଟରେ କିମ୍ବା କୃଷିନୀତିରେ ଝୋଟ ପାଇଁ ବ୍ୟବସ୍ଥା ନାହିଁ
- ୨୦୧୪-୧୫ରେ ୭.୫୬ ଲକ୍ଷ ହେକ୍ଟର ଜମିରେ ହେଉଥିଲା
- ୨୦୧୮-୧୯ରେ ୩.୯୯ ଲକ୍ଷ ହେକ୍ଟରକୁ ଖସିଛି

ଅନୀଲ ଦାସ
ଭୁବନେଶ୍ୱର,୨୪।୮

ଏକଦା ଦେଶର ସର୍ବବୃହତ୍ ଝୋଟ ଉତ୍ପାଦନକାରୀ ରାଜ୍ୟ ଥିଲା ଓଡ଼ିଶା। ବିଶେଷକରି ଉପକୂଳ ଜିଲାଗୁଡ଼ିକରେ ଝୋଟ ଚାଷ ଏକ ଅର୍ଥକାରୀ ଫସଲର ମାନ୍ୟତା ଲାଭ କରିଥିଲା। ହେଲେ ସରକାରୀ ପ୍ରୋତ୍ସାହନ ଅଭାବରୁ ଏହି ଚାଷରୁ ଚାଷୀମାନେ ମୁହଁ ଫେରାଇ ନେଉଛନ୍ତି। ଫଳରେ ରାଜ୍ୟରୁ ଝୋଟଚାଷ କ୍ରମଶଃ ଲୋପ ପାଇବାରେ ଲାଗିଛି।

ଝୋଟ ପରିବେଶ ଅନୁକୂଳ ହୋଇଥିବାରୁ ଏଥିରୁ କାର୍ପେଟ, ଅଖା, ବ୍ୟାଗ, ରଶି ଓ ଅନ୍ୟାନ୍ୟ ଘରକରଣା ସାମଗ୍ରୀ ପ୍ରସ୍ତୁତ କରାଯାଏ। ସେହିପରି କାଉଁରିଆ କାଠିକୁ ମଧ୍ୟ ଗ୍ରାମାଞ୍ଚଳରେ ପ୍ରମୁଖ ଜାଳେଣି ଭାବେ ବ୍ୟବହାର କରାଯାଏ। ଜାତିସଂଘ ମଧ୍ୟ ପ୍ଲାଷ୍ଟିକ ବଦଳରେ ପରିବେଶ ସୁରକ୍ଷା ପାଇଁ ଝୋଟ ତିଆରି ସାମଗ୍ରୀ ବ୍ୟବହାର ଉପରେ ଗୁରୁତ୍ୱ ଦେଇଥାଏ। ହେଲେ ବଜାର ସୁବିଧା ଏବଂ ପ୍ରୋତ୍ସାହନ ଅଭାବରୁ ଝୋଟ ବା ନଳିତା ଚାଷ କରୁଥିବା ଚାଷୀମାନେ ଏବେ ଦୁର୍ଦ୍ଦଶା ମଧ୍ୟକୁ ଠେଲି ହୋଇଯାଇଛନ୍ତି। ଏଥିସହିତ ଝୋଟର ଅଭାବୀ ବିକ୍ରି ରାଜ୍ୟର ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। ରାଜ୍ୟ ସରକାର କୃଷକମାନଙ୍କ ଆୟ ବଢାଇବା ପାଇଁ କୃଷି ବଜେଟ, କୃଷି କ୍ୟାବିନେଟ ଭଳି ଅନେକ ପଦକ୍ଷେପ ନେଉଛନ୍ତି। ଧାନ ଚାଷ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ମାତ୍ର ଏହି ଅର୍ଥକରୀ ଫସଲ ପାଇଁ ବଜେଟରେ କିମ୍ବା କୃଷିନୀତିରେ ସେପରି କୌଣସି ବ୍ୟବସ୍ଥା



ନାହିଁ। ରାଜ୍ୟରେ ଝୋଟ ଚାଷ କମୁଥିବା ବିଷୟକୁ ମଧ୍ୟ ସରକାର ସ୍ୱୀକାର କରିଛନ୍ତି । କୃଷି ଓ କୃଷକ ସଶକ୍ତୀକରଣ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୫ ବର୍ଷ ମଧ୍ୟରେ ରାଜ୍ୟରେ ଝୋଟ ଚାଷ କମି କମି ଯାଉଛି। ୧୯୭୦ରୁ ୧୯୯୫ ଯାଏ ରାଜ୍ୟରେ ୨୦ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ନଳିତ ଚାଷ ହେଉଥିଲା। ୨୦୦୦ ପରଠାରୁ ଏହି ଚାଷ ଧୀରେ ଧୀରେ ସୀମିତ ହେବାରେ ଲାଗିଛି। ୨୦୧୪-୧୫ରେ ରାଜ୍ୟରେ ୭.୫୬ ଲକ୍ଷ ହେକ୍ଟର ଜମିରେ ଝୋଟ ଚାଷ ହେଉଥିବା ବେଳେ ୨୦୧୫-୧୬ରେ ଏହା ୫.୬୩, ୨୦୧୬-୧୭ରେ ୩.୮୮, ୨୦୧୭-୧୮ରେ ୪.୩୭ ଏବଂ ୨୦୧୮-୧୯ରେ ୩.୯୯ ଲକ୍ଷ ହେକ୍ଟରକୁ ଖସିଆସିଛି। ଉତ୍ପାଦନ ମଧ୍ୟ ଖସି ଯାଇଛି। ୨୦୧୪-୧୫ରେ ରାଜ୍ୟରେ ୮୬.୩୧ ହଜାର ଝୋଟ ଗାଣ୍ଠି( ଗୋଟିଏ ଗାଣ୍ଠି ୧୮୦ କେ.ଜି) ଉତ୍ପାଦନ ହେଉଥିବା ବେଳେ ୨୦୧୫-୧୬ରେ ୬୨.୮୯, ୨୦୧୬-୧୭ରେ ୪୪.୮୪, ୨୦୧୭-୧୮ରେ ୬୦.୫୭ ଏବଂ ୨୦୧୮-୧୯ରେ ୪୮.୯୪ ହଜାର ଗାଣ୍ଠି ଝୋଟ ଉତ୍ପାଦନ ହୋଇଛି। ଏହି ଚାଷ ପାଇଁ ରାଜ୍ୟ ସରକାର କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା କରୁନାହାନ୍ତି। ପଲିଥିନ ଓ ପ୍ଲାଷ୍ଟିକ୍ ନିଷେଧ କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ନେଉଥିବାରୁ ଝୋଟର ଚାହିଦା ବଢିବାରେ ଲାଗିଛି। ଝୋଟ ଚାଷକୁ ପ୍ରୋତ୍ସାହନ ଦେବାକୁ କେନ୍ଦ୍ର ସରକାରଙ୍କ ଜାତୀୟ ଖାଦ୍ୟ ନିରାପତ୍ତା ମିଶନ-ଅର୍ଥକରୀ ଫସଲ ମାଧ୍ୟମରେ ଚାଷୀଙ୍କୁ ଉନ୍ନତମାନର ଝୋଟ ଚାଷ ପାଇଁ ୨୦ ହଜାର ଟଙ୍କାର, ଆଗଧାଡ଼ି ଚାଷୀ ପାଇଁ ହେକ୍ଟର ପିଛା ୯ହଜାର, ପ୍ରାମାଣିକ ବିହନ କିଲୋଗ୍ରାମ ପ୍ରତି ୧୦୦ ଟଙ୍କା ରିହାତି ଦେବାର ବ୍ୟବସ୍ଥା ରହିଛି। ଏହାଛଡ଼ା ଘାସ ବାଛିବା ଯନ୍ତ୍ର ପାଇଁ ୧୦୦୦ଟଙ୍କା କିମ୍ବା ୫୦ ପ୍ରତିଶତ ରିହାତି ବ୍ୟବସ୍ଥା କରାଯାଇଛି। ବ୍ଲକ ସ୍ତରରେ ପ୍ରତି ୩୦ଜଣ ଚାଷୀଙ୍କ ପାଇଁ ତାଲିମ ବ୍ୟବସ୍ଥା କରାଯାଇଛି। ତେବେ ରାଜ୍ୟ ସରକାର ଏହି ଚାଷକୁ ପ୍ରୋତ୍ସାହନ ଯୋଗାଇବାକୁ ସେପରି କୌଣସି ବ୍ୟବସ୍ଥା କରିନାହାନ୍ତି। କେବଳ କେନ୍ଦ୍ର ଯୋଜନାରେ ଆସୁଥିବା କିଛି ଅର୍ଥ ସହାୟତା ଆକାରରେ ଯୋଗାଇ ଦେଉଛନ୍ତି।

ରାଜ୍ୟର ଉପକୂଳବର୍ତ୍ତୀ ଜିଲା କଟକ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଆଦିରେ ପ୍ରବଳ ମାତ୍ରାରେ ଝୋଟ ଚାଷ ହେଉଥିଲା। କିଛିବର୍ଷ ହେବ ଏହି ସବୁ ଜିଲାରୁ ନଳିତା ଚାଷ ଉଭାନ ହୋଇଗଲାଣି। ଝୋଟର ଚାହିଦା ବଢୁଥିବାରୁ ଏହି ଅର୍ଥକରୀ ଫସଲକୁ ବଞ୍ଚାଇ ରଖିବା ପାଇଁ ସରକାରୀ ସ୍ତରରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ କୃଷି ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ଝୋଟଚାଷ ହେଉଥିବା ଜମିକୁ ଅନ୍ୟ ଫସଲରେ ପରିବର୍ତ୍ତନ କରିବା ଯୋଗୁ ଏହି ଫସଲ ଅସ୍ତିତ୍ୱ ମଧ୍ୟ ହଜିବାରେ ଲାଗିଛି। କେବଳ ଓଡ଼ିଶା ନୁହେଁ ସମଗ୍ର ଦେଶରେ ମଧ୍ୟ ଝୋଟ ଉତ୍ପାଦନ କମିଛି। କେନ୍ଦ୍ର ଅର୍ଥନୈତିକ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ସୂଚନା ଅନୁଯାୟୀ ୨୦୧୪-୧୫ରେ ଦେଶରେ ୧୧୫ ଲକ୍ଷ ଝୋଟ ଗାଣ୍ଠି ଉତ୍ପାଦନ ହେଉଥିବା ବେଳେ ୨୦୧୫-୧୬କୁ ଏହା ୧୦୮ ଲକ୍ଷ ଗାଣ୍ଠିକୁ ଖସି ଯାଇଛି। ଓଡ଼ିଶାର ଜଳବାୟୁ ଝୋଟ ଚାଷ ପାଇଁ ଅନୁକୂଳ ଥିବାରୁ ଆନ୍ତର୍ଜାତିକ ଚାହିଦା ପୂରଣ ପାଇଁ ରାଜ୍ୟରେ ଝୋଟ ଚାଷକୁ ପ୍ରୋତ୍ସାହନ ଦେବାର ଆବଶ୍ୟକତା ରହିଛି। ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା କୃଷି ବିଶେଷଜ୍ଞ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି ଯେ, ଝୋଟର ଚାହିଦା କମିଯିବାରୁ ନଳିତା ଚାଷ ରାଜ୍ୟରେ ହ୍ରାସ ପାଇଛି। ସରକାରୀ ସ୍ତରରେ ଚାଷୀଙ୍କୁ ପ୍ରୋତ୍ସାହନ ସହ ସ୍ଥାୟୀ ବଜାର ସୁବିଧା ଯୋଗାଇ ପାରିଲେ ଝୋଟ ଚାଷ ପ୍ରତି ଆଗ୍ରହ ପ୍ରକାଶ ପାଇବ। ପଲିଥିନ ଓ ପ୍ଲାଷ୍ଟିକ ଉପରେ କଟକଣା ଲଗାଯାଇଥିବାରୁ ଝୋଟ ଭଳି ପ୍ରାକୃତିକ ତନ୍ତୁର ବ୍ୟବହାର ପୁଣି ବୃଦ୍ଧି ପାଇଛି । ଝୋଟ ଓ ଅନ୍ୟାନ୍ୟ ତନ୍ତୁକୁ ମିଶାଇ ଶାଢି ତିଆରି କରାଯାଉଛି। ସରକାର ଏଥିପାଇଁ ସ୍ୱତନ୍ତ୍ର ଯୋଜନା କରିବା ଦରକାର ବୋଲି ସେ କହିଛନ୍ତି।

ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

### ଆଜିର ସମ୍ପାଦକୀୟ

ନିର୍ଣ୍ଣାୟକ ନେତୃତ୍ୱ

### ଆଜିର ମନ୍ତବ୍ୟ

"ଭାରତକୁ ୫ ଟ୍ରିଲିୟନ୍ ଡଲାର ଅର୍ଥନୀତିରେ ପରିଣତ କରିବା ପାଇଁ ୟୁଏଇ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ହୋଇପାରିବ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

### କିଛି ତଥ୍ୟ

ଚଳିତ ବର୍ଷ ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ଦେଶର ୭୫ ଲକ୍ଷ ହେକ୍ଟର ଚାଷ ଜମିରେ ମକା ଏବଂ ୬୫ ଲକ୍ଷ ହେକ୍ଟରରେ ବାଜରା ଚାଷ ହୋଇଛି।

- କୃଷି ମନ୍ତ୍ରଣାଳୟ

# ଆରପାରିରେ ଅରୁଣ ଜେଟ୍‌ଲୀ

ଆଜି ନିଗମବୋଧ ଘାଟରେ ଶେଷକୃତ୍ୟ



(୧୯୫୨-୨୦୧୯)

ନୂଆଦିଲ୍ଲୀ,୨୪।୮

ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଅରୁଣ ଜେଟ୍‌ଲୀଙ୍କର ଶନିବାର ଅପରାହ୍ନ ୧୨ଟା ୭ ମିନିଟ୍‌ରେ ନୂଆଦିଲ୍ଲୀସ୍ଥିତ ଏମ୍ସରେ ପରଲୋକ ହୋଇଯାଇଛି। ତାଙ୍କୁ ୬୬ ବର୍ଷ ବୟସ ହୋଇଥିଲା। ଶ୍ୱାସକ୍ରିୟାରେ ଯନ୍ତ୍ରଣା ଅନୁଭବ କରିବାରୁ ଗତ ୯ ତାରିଖରୁ ସେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ହସ୍ପିଟାଲରୁ ଜେଟ୍‌ଲୀଙ୍କ ମରଶରୀରକୁ ତାଙ୍କର କୈଳାସ କଲୋନି ବାସଭବନକୁ ନିଆଯାଇଛି। ସେଠାରେ ବହୁ ନେତା, ମନ୍ତ୍ରୀ ଓ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷଦର୍ଶନ କରିଛନ୍ତି। ରବିବାର ସକାଳେ ମରଶରୀରକୁ ଭାଜପା ମୁଖ୍ୟାଳୟକୁ ନିଆଯାଇ ଶେଷଦର୍ଶନ ପାଇଁ ରଖାଯିବ। ସେଠାରୁ ନିଗମବୋଧ ଘାଟକୁ ନିଆଯାଇ ଅପରାହ୍ନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ।

ଦେଶର ଅନ୍ୟତମ ଖ୍ୟାତନାମା ଆଇନଜୀବୀ ଅରୁଣ ଜେଟ୍‌ଲୀ ଅଟଳ ବିହାରୀ ବାଜପେୟୀ ସରକାରଙ୍କ ଅମଳରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟର ଦାୟିତ୍ୱ ସମ୍ଭାଳିଥିଲେ। ସେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ପ୍ରଥମ ପାଳି ସରକାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। ସେ ଅର୍ଥ ଓ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ସମ୍ଭାଳିବା ସହ ଅତିରିକ୍ତ ଭାବେ ପ୍ରତିରକ୍ଷା ବିଭାଗ ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ଅର୍ଥନୀତିରେ ଦ୍ରୁତ ଅଭିବୃଦ୍ଧି ଆଣିବା, ଗୋଟିଏ ଦେଶ ଗୋଟିଏ ଟିକସ ବ୍ୟବସ୍ଥା ପ୍ରଚଳନ କରିବା ସମେତ ଆର୍ଥିକ ନୀତିରେ ଏକାଧିକ ସଂସ୍କାର ଆଣିବାରେ ତାଙ୍କର ପ୍ରମୁଖ ଅବଦାନ ରହିଛି। ଉଭୟ ଦଳ ଓ ସରକାରରେ ଯେତେବେଳେ ସଙ୍କଟ ସୃଷ୍ଟି ହୋଇଛି ତାକୁ ଦୂର କରିବା ପାଇଁ ଜେଟ୍‌ଲୀ ଆଗେଇ ଆସିଛନ୍ତି। ଏଥିପାଇଁ ତାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାସ୍ତବ ଚାଣକ୍ୟ ବୋଲି କୁହାଯାଏ। ସ୍ୱାସ୍ଥ୍ୟଗତ କାରଣରୁ ସେ ୨୦୧୯ ଲୋକ ସଭା ନିର୍ବାଚନ ଲଢ଼ିବାକୁ ମନା କରିଦେବା ସହ ମୋଦିଙ୍କ ☞ପୃଷ୍ଠା-୨

# ବିରୋଧୀଙ୍କୁ ଶ୍ରୀନଗରରୁ ଫେରାଇଦେଲେ

## ରାହୁଲଙ୍କ ସମେତ ୧୨ ନେତା ନିରାଶ

ନୂଆଦିଲ୍ଲୀ, ୨୪।୮

ଜମ୍ମୁ-କଶ୍ମୀରବାସୀଙ୍କୁ ଭେଟିବାକୁ ଯାଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସମେତ ୧୧ ବିରୋଧୀ ଦଳ ନେତା ଶ୍ରୀନଗର ବିମାନବନ୍ଦରରେ ପହଞ୍ଚିବା ପରେ ସେମାନଙ୍କୁ ଶନିବାର ଦିଲ୍ଲୀ ଫେରାଇ ଦିଆଯାଇଛି। କେନ୍ଦ୍ର ସରକାର ୩୭୦ ଧାରା ଉଚ୍ଛେଦ କରିବା ପରେ ଅସ୍ୱାଭାବିକ ସ୍ଥିତିକୁ ଏଡ଼ାଇବା ପାଇଁ ଜମ୍ମୁ-କଶ୍ମୀରରେ କଟକଣା ଜାରିରହିଛି। ଜମ୍ମୁ-କଶ୍ମୀରର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଶୁକ୍ରବାର ଟୁଇଟ୍‌କରି ରାଜନେତାମାନଙ୍କୁ ଶ୍ରୀନଗର ନ ଯିବା ଲାଗି ପରାମର୍ଶ ଦିଆଯାଇଥିଲା। ସୀମାପାର ଆତଙ୍କବାଦ, ଆତଙ୍କବାଦୀ ଆକ୍ରମଣ ଜାରି ରହିଥିବାବେଳେ ସେଠାରେ ପରିସ୍ଥିତିର ମୁକାବିଲା ଓ ଶାନ୍ତିରକ୍ଷା ଲାଗି ପ୍ରୟାସ କରୁଥିବା ପ୍ରଶାସନ ଦର୍ଶାଇଥିଲା। ବରିଷ୍ଠ ରାଜନେତାମାନେ ଏଭଳି ସ୍ଥିତିରେ ସେଠାକୁ ଗସ୍ତକଲେ ଶାନ୍ତି ଫେରିବା ପରିବର୍ତ୍ତେ ବିଗିଡ଼ି ଯିବାର ଆଶଙ୍କା ରହିଛି। ଏଣୁ ସେମାନେ ଶ୍ରୀନଗର ଗସ୍ତ ନ କରିବା ଲାଗି ପରାମର୍ଶ ଦିଆଯାଇଥିଲା। ହେଲେ ସେମାନେ ଏହାକୁ ଅବଜ୍ଞା କରି ଏକ ବିମାନରେ ଶ୍ରୀନଗର ଯାଇଥିଲେ। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ଗୁଲାମ ନବୀ ଆଜାଦ, ଆନନ୍ଦ ଶର୍ମା,



ନୂଆଦିଲ୍ଲୀ ଫେରିବା ପରେ ବିରୋଧୀ ଦଳ ନେତାଙ୍କ ସହ କଂଗ୍ରେସ ନେତା ରାହୁଲ ଗାନ୍ଧୀ।

ସିପିଆଇ(ଏମ୍)ରୁ ସୀତାରାମ ୟେଚୁରୀ, ସିପିଆଇରୁ ଡି. ରାଜା, ଡିଏମ୍‌କେରୁ ତିରୁଚି ଶିବା, ଆର୍‌ଜେଡିରୁ ମନୋଜ ଝା, ଏନ୍‌ସିପିରୁ ଦୀନେଶ ତ୍ରିବେଦୀ ପ୍ରମୁଖ ଶ୍ରୀନଗର ଗସ୍ତ କରିଥିଲେ। କଶ୍ମୀରର ବିଭିନ୍ନ ଅଞ୍ଚଳ ଗସ୍ତ କରିବା ଲାଗି ସେମାନଙ୍କର ଯୋଜନା ଥିଲା। ହେଲେ ସମସ୍ତେ ନିରାଶ ହୋଇ ଦିଲ୍ଲୀ ଫେରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍ତି, ଓମାର ଅବ୍‌ଦୁଲ୍ଲାଙ୍କ ସମେତ ପ୍ରାୟ ୪୦୦ ରାଜନେତା ଏବେ ଗୃହବନ୍ଦୀ ଅଛନ୍ତି।


ମୁଖ୍ୟମନ୍ତ୍ରୀଙ୍କ ୫-ଟିକୁ ଓପିଟିସିଏଲ୍‌ର ବେଖାତିର
୨

୩ରେ ଗଣପର୍ବ ନୂଆଁଖାଇ
୩



NECC NATIONAL EGG CO-ORDINATION COMMITTEE 24.08.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 61 | 107 | 117 |
| DKL | 62 | 109 | 119 |
| BDK | 62 | 109 | 119 |
| BLS | 62 | 109 | 119 |
| ANG | 62 | 109 | 119 |
| BHM | 60 | 106 | 116 |

*Conditions Apply
Eggs Retail Price- 41/-Dozen
Issued in the Interest of Consumers


# ସହରୀ ଭୋଟରଙ୍କ ଉପରେ ନଜର
# ନିଯୁକ୍ତ ହେବେ ୱାର୍ଡ ଅଫିସର

- ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି
- ଖୋଲିବ ୱାର୍ଡ ଅଫିସ
- ସମାଲୋଚନା କଲେ ବିରୋଧୀ

ଭୁବନେଶ୍ୱର,୨୪।୮(ବ୍ୟୁରୋ)

ରାଜ୍ୟରେ ଥିବା ପ୍ରାୟ ସମସ୍ତ ମହାନଗର ନିଗମ, ପୌରପରିଷଦ ଏବଂ ବିଜ୍ଞାପିତ ଅଞ୍ଚଳ(ଏନ୍‌ଏସି) କାର୍ଯ୍ୟକାଳ ସମାପ୍ତ ହୋଇଛି। କୌଣସି ପୌର ପ୍ରଶାସନରେ ନିର୍ବାଚିତ ପ୍ରତିନିଧି କାର୍ଯ୍ୟ କରୁନାହାନ୍ତି। ହେଲେ ସହରାଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମକୁ ଅବ୍ୟାହତ ରଖିବା ପାଇଁ ରାଜ୍ୟ ସରକାର ପ୍ରଶାସକମାନଙ୍କୁ ନିଯୁକ୍ତ କରିଛନ୍ତି। ବର୍ତ୍ତମାନ ଏହି ବ୍ୟବସ୍ଥାକୁ ଆହୁରି ତୃଣମୂଳସ୍ତରକୁ ନେବା ପାଇଁ ପଦକ୍ଷେପ ନିଆଯାଉଛି। ମହାନଗର,ଏନ୍‌ଏସି କିମ୍ବା ପୌର ପରିଷଦର ପ୍ରତି ୱାର୍ଡ ପାଇଁ ସ୍ୱତନ୍ତ୍ର କାର୍ଯ୍ୟାଳୟ ବ୍ୟବସ୍ଥା କରାଯିବ। ସେହିପରି ଜଣେ ନୋଡାଲ ଅଧିକାରୀ ୱାର୍ଡ ଅଫିସର ଭାବେ କାର୍ଯ୍ୟ କରିବେ। ଏହି ଅଫିସରମାନଙ୍କୁ ସମ୍ପୃକ୍ତ ପୌର ପ୍ରଶାସନର କମିଶନର/କାର୍ଯ୍ୟନିର୍ବାହୀ ଅଧିକାରୀ ନିଯୁକ୍ତ କରିବେ ବୋଲି ଜଣାପଡିଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଜି.ମାଥିଭାଥନନ୍ ଏନେଇ ସମସ୍ତ ପୌର ପ୍ରଶାସନର କମିଶନର ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ଗତ ୧୯ରେ ଚିଠି ଲେଖିଥିବାବେଳେ ଶନିବାର ଉକ୍ତ ବିଜ୍ଞପ୍ତି ହସ୍ତଗତ ହୋଇଛି। ଆସନ୍ତା ସେପ୍ଟେମ୍ବର ପହିଲାରୁ ଏହି ବ୍ୟବସ୍ଥା ଲାଗୁ କରାଯିବା ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି।

ସହରାଞ୍ଚଳରେ ଜାରି ରହିଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟରେ ସାରିବା ପାଇଁ ଏହି ବ୍ୟବସ୍ଥାରେ ଗୁରୁତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫'ଟି ମନ୍ତ୍ରର କାର୍ଯ୍ୟକାରିତାକୁ ନଗର ଉନ୍ନୟନ ବିଭାଗ ସର୍ବାଧିକ ଗୁରୁତ୍ୱ ଦେଉଛି। ପ୍ରତିଦିନ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଏହି ୱାର୍ଡ ଅଫିସ କାର୍ଯ୍ୟ କରିବ। ୱାର୍ଡ ଅଫିସର ପୌରାଞ୍ଚଳର ଜନସାଧାରଣ ଏବଂ ପୌର ପ୍ରଶାସନ ମଧ୍ୟରେ ସମନ୍ୱୟ ଅଧିକାରୀ ଭାବେ କାର୍ଯ୍ୟ କରିବେ। ସ୍ଥାନୀୟ ୱାର୍ଡରେ ଥିବା ସରକାରୀ କାର୍ଯ୍ୟାଳୟ/ପୌର କାର୍ଯ୍ୟାଳୟ/ସରକାରୀ କୋଠା ଆଦିରେ ଏହି ୱାର୍ଡ ଅଫିସ କାର୍ଯ୍ୟ ଚାଲିବ। ଜନସାଧାରଣ ସିଧାସଳଖ ନିଜ ସମସ୍ୟା ୱାର୍ଡ ଅଫିସରଙ୍କୁ ଜଣାଇବେ ଏବଂ ସମସ୍ୟାର ସମାଧାନ ନିମିତ୍ତ ୱାର୍ଡ ଅଫିସର ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେବେ। ଅନ୍ୟ ପକ୍ଷରେ ସରକାରଙ୍କ ଏପରି ପଦକ୍ଷେପକୁ ବିରୋଧୀ ସମାଲୋଚନା କରିଛନ୍ତି। ଭାଜପାର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ କହିଛନ୍ତି ଯେ, ସାଧାରଣ ନିର୍ବାଚନ ପୂର୍ବରୁ ଯେପରି ବିଜେଡି ବିଜୁ ଯୁବ ବାହିନୀ କରିଥିଲା ଏବଂ ସରକାରୀ ଅର୍ଥରେ ପରୋକ୍ଷରେ ନିର୍ବାଚନ ପ୍ରଚାର କରୁଥିଲା। ବର୍ତ୍ତମାନ ୱାର୍ଡ ଅଫିସର ନିଯୁକ୍ତ କରି ପୁନର୍ବାର ସହରୀ ଭୋଟର ହାତେଇବାକୁ ଚେଷ୍ଟା କରୁଛି। ମୋଟ ଉପରେ କହିବାକୁ ଗଲେ ଭୋଟ ହାତେଇବା ପାଇଁ ଏହା ଏକ ପବ୍ଲିସିଟି ଷ୍ଟଣ୍ଟ ବୋଲି କହି ପ୍ରଦୀପ ସମାଲୋଚନା କରିଛନ୍ତି। କଂଗ୍ରେସର ବରିଷ୍ଠ ନେତା ପଞ୍ଚାନନ କାନୁନଗୋ କହିଛନ୍ତି ଯେ, ନିର୍ବାଚିତ ପ୍ରତିନିଧିମାନେ ବିଭିନ୍ନ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେମାନଙ୍କ କାର୍ଯ୍ୟକାଳ ଶେଷ ହୋଇ ଅଧିକ ସମୟ ଅତିବାହିତ ହୋଇଗଲାଣି। ପ୍ରତିଶ୍ରୁତିବଦ୍ଧ ନିର୍ବାଚିତ ପ୍ରତିନିଧିମାନେ ଠିକ୍ କରିପାରିଲେ ନାହିଁ, ଅଫିସର ନିଯୁକ୍ତ ହେଲେ କ'ଣ କରିବେ। ସାମାନ୍ୟ ବର୍ଷା ହେଲେ ସହର ବାସିନ୍ଦାଙ୍କ ଜିନିଷପତ୍ର ଭାସିଯାଉଛି। ପରିମଳ ଓ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ। ତେଣୁ ରାଜ୍ୟ ସରକାର ୱାର୍ଡ ଅଫିସର ନିଯୁକ୍ତ କରିବା ଶବ୍ଦର ଏକ ପ୍ରହେଳିକା ବୋଲି ପଞ୍ଚାନନ କହିଛନ୍ତି। ଅପରପକ୍ଷରେ ବିଜେଡି ନେତା ତଥା ବିଧାୟକ ପ୍ରତାପକେଶରୀ ଦେବ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ପ୍ରତାପ କହିଛନ୍ତି ଯେ, ବିରୋଧୀମାନଙ୍କ କାର୍ଯ୍ୟ ହେଉଛି ସମାଲୋଚନା କରିବା, ତେଣୁ ସେଥିରେ କୌଣସି ନୂତନତ୍ୱ ନାହିଁ। ସହରୀଲୋକଙ୍କୁ ହାତପାହାନ୍ତାରେ ସମସ୍ତ ସୁବିଧା ଯୋଗାଇ ଦେବାକୁ ସରକାର ଚେଷ୍ଟା କରୁଛନ୍ତି। ଏଥିପାଇଁ ବିଭିନ୍ନ ଅଧିକାରୀ ନିଯୁକ୍ତ ହେବା ସ୍ୱାଗତଯୋଗ୍ୟ। ବିରୋଧୀ ସମାଲୋଚନା କରିବେ ବୋଲି କ'ଣ ପ୍ରଶାସନିକ ଢାଞ୍ଚାରେ କାର୍ଯ୍ୟ ହେବ ନାହିଁ ବୋଲି ପ୍ରତାପ ପ୍ରଶ୍ନ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..................................
ଜନ୍ମ ତାରିଖ: ..............................


ରାଜନନ୍ଦିନୀ
ପରିବାରବର୍ଗ


ଶିଦ୍ଧିଶ୍ରୀ
ପରିବାରବର୍ଗ


ଆଦ୍ୟାଶା
ପରିବାରବର୍ଗ


ଆର୍ଯ୍ୟନ୍
ପରିବାରବର୍ଗ


ବିଶ୍ୱଜିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମୁଖ୍ୟମନ୍ତ୍ରୀଙ୍କ ୫-ଟିକୁ ଓପିଟିସିଏଲ୍‌ର ବେଖାତିର

ଭୁବନେଶ୍ୱର,୨୪।୮(ବ୍ୟୁରୋ)

- ଅବସରପ୍ରାପ୍ତ ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ବୃଦ୍ଧିରେ ଅନିୟମିତତା
- ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ମାନିଲାନି ସାଧାରଣ ଉଦ୍ୟୋଗ ବିଭାଗ
- ତଦନ୍ତ କରିବାକୁ କର୍ମଚାରୀ ମହଲରେ ଦାବି

ରାଜ୍ୟବାସୀଙ୍କୁ ସ୍ୱଚ୍ଛ ଶାସନ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜୋରଦାର ପ୍ରୟାସ କରୁଛନ୍ତି। ୫-ଟି (ଟ୍ରାନ୍ସପରେନ୍ସି, ଟିମ୍‌ୱାର୍କ, ଟେକ୍ନୋଲୋଜି, ଟାଇମ୍ ଆଣ୍ଡ ଟ୍ରାନ୍ସଫରମେଶନ)କୁ କଡ଼ାକଡ଼ି ଲାଗୁ କରିବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଉଛନ୍ତି। ହେଲେ ବଡବାବୁମାନେ ଏହି ନିର୍ଦ୍ଦେଶକୁ ଫୁ କରି ଉଡାଇଦେବା ସହ ନିଜକୁ ସୁହାଇଲା ଭଳି ବେଆଇନ କାର୍ଯ୍ୟ କରିବାକୁ ପଛାଉନାହାନ୍ତି। କେବଳ ସେତିକି ନୁହେଁ, ବିଭାଗୀୟ ମନ୍ତ୍ରୀମାନଙ୍କ ନିର୍ଦ୍ଦେଶକୁ ମଧ ଏହି ଅଧିକାରୀମାନେ ବେଖାତିର କରିଚାଲିଛନ୍ତି। ଶକ୍ତି ବିଭାଗରେ ଚାଲିଥିବା ଏଭଳି ବେଆଇନ କାରନାମାର ପର୍ଦ୍ଦାଫାଶ ହୋଇଛି। ଏହି ବିଭାଗ ଅଧୀନରେ ଥିବା ଓଡ଼ିଶା ପାୱାର ଆଣ୍ଡ ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ୍(ଓପିଟିସିଏଲ୍)ରେ ଅବବସରପ୍ରାପ୍ତ ଡାଇରେକ୍ଟରମାନଙ୍କୁ ପୁନଃ ନିଯୁକ୍ତି ଦେବା କ୍ଷେତ୍ରରେ ବ୍ୟାପକ ପ୍ରିୟାପ୍ରୀତି ତୋଷଣ ହୋଇଥିବା ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ ସାଉଥ୍‌କୋ ଦାୟିତ୍ୱରେ ଥିବା ଓପିଟିସିଏଲ ଡାଇରେକ୍ଟର(ପ୍ରୋଜେକ୍ଟ),ଡାଇରେକ୍ଟର(ଫାଇନାନ୍ସ), ଡାଇରେକ୍ଟର (ଅପରେଶନ) ଏବଂ ଡାଇରେକ୍ଟର (ମାନବ ସମ୍ବଳ)ଙ୍କୁ ଅବସର ପରେ ସାଧାରଣ ଉଦ୍ୟୋଗ ବିଭାଗ ପୁନଃ ନିଯୁକ୍ତି ଦେବାକୁ ଯୋଜନା କରିଛି । ଏହି ନିଯୁକ୍ତିରେ ସମସ୍ତ ଆଇନ କାନୁନକୁ ଦଳିମକଚି ଦିଆଯାଇଛି। ଓପିଟିସିଏଲ୍ ଏବଂ ଗ୍ରୀଡ୍‌କୋକୁ ନେଇ ଗଠନ କରାଯାଇଥିବା ବୋର୍ଡ ଅଧିକାରୀମାନଙ୍କର କାର୍ଯ୍ୟ ଦକ୍ଷତାକୁ ଦେଖି କାର୍ଯ୍ୟକାଳ ବୃଦ୍ଧି ନେଇ ପ୍ରସ୍ତାବ ଦେବାର ନିୟମ ରହିଛି। ମାତ୍ର ଏହାକୁ ସମ୍ପୂର୍ଣ୍ଣ ଅଣଦେଖା କରି ଏକପାଖିଆ ଭାବେ ନିଯୁକ୍ତି ଦିଆଯାଇଛି। ସେମାନଙ୍କ ମଧ୍ୟରୁ ମାନବ ସମ୍ବଳ ନିର୍ଦ୍ଦେଶକ ରାଜେନ୍ଦ୍ର ସେନାପତିଙ୍କ ନାମରେ ବିଭିନ୍ନ ସଂଗଠନ ପକ୍ଷରୁ ବହୁ ଅଭିଯୋଗ ରହିଛି। ଅଭିଯୋଗ ପାଇବା ପରେ ଅବସର ପରେ ସେନାପତିଙ୍କ କାର୍ଯ୍ୟକାଳ ବୃଦ୍ଧି ନ କରିବାକୁ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଜୁଲାଇ ୧୭ରେ ସାଧାରଣ ଉଦ୍ୟୋଗ ସଚିବଙ୍କୁ ଚିଠି ଲେଖିଥିଲେ। ଏଥିସହିତ ଏହି ପଦବୀ ପାଇଁ ନୂତନ ବିଜ୍ଞାପନ ଦେବାକୁ ମଧ ପରାମର୍ଶ ଦେଇଥିଲେ। ଏହାକୁ ଅତି ଗୁରୁତ୍ୱପୂର୍ଣ୍ଣ ଭାବେ ବିଚାର କରିବାକୁ ବିଭାଗୀୟ ସଚିବଙ୍କୁ ମନ୍ତ୍ରୀ ଜଣାଇଥିଲେ। ଶକ୍ତି ବିଭାଗ ଡେପୁଟି ସେକ୍ରେଟାରି ଚନ୍ଦ୍ରକାନ୍ତ ମିଶ୍ର ଅଗଷ୍ଟ ୮ରେ ଖାଲି ହେବାକୁ ଥିବା ନିର୍ଦ୍ଦେଶକ (ମାନବ ସମ୍ବଳ) ପଦବୀ ପୂରଣ କରିବାକୁ ଓପିଟିସିଏଲ୍ ଜେନେରାଲ ମ୍ୟାନେଜର(ଇ.ଇ)ଙ୍କୁ ଗତ ୨ ତାରିଖରେ ଚିଠି ଲେଖି ଜଣାଇଥିଲେ। ସାଧାରଣତଃ ନୂତନ ପଦବୀରେ ନିଯୁକ୍ତି ପାଇଁ ଖାଲି ହେବାର ୬ ମାସ ପୂର୍ବରୁ ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ମାତ୍ର ଶକ୍ତି ବିଭାଗ ନିର୍ଦ୍ଦେଶକ ପଦବୀ ଖାଲି ହେବାର ମାତ୍ର ୬ ଦିନ ପୂର୍ବରୁ ବିଜ୍ଞାପନ ପାଇଁ ଓପିଟିସିଏଲ୍‌କୁ ନିର୍ଦ୍ଦେଶ ଦେବା ପଛରେ କି ରହସ୍ୟ ରହିଛି ସେ ନେଇ କର୍ମଚାରୀ ମହଲରେ ଚର୍ଚ୍ଚା ଜୋର ଧରିଛି। ତେବେ ଏସବୁ ଅଭିଯୋଗ ଓ ନିର୍ଦ୍ଦେଶନାମାକୁ ବେଖାତିର କରି ସେନାପତିଙ୍କ ସମେତ ଅନ୍ୟ ୩ ଜଣ ନିର୍ଦ୍ଦେଶକଙ୍କୁ ସାଧାରଣ ଉଦ୍ୟୋଗ ବିଭାଗ ପୁନଃ ନିଯୁକ୍ତି ଦେବା ନେଇ ଚୂଡ଼ାନ୍ତ କରିଥିବା ସୂଚନା ମିଳିଛି। ଓପିଟିସିଏଲ୍ ବୋର୍ଡ ପକ୍ଷରୁ କାର୍ଯ୍ୟକାଳ ବୃଦ୍ଧି ନେଇ କୌଣସି ସୁପାରିସ କରା ନ ଯିବା, ଅଭିଯୋଗଗୁଡ଼ିକୁ ଅଣଦେଖା କରାଯିବା ଏବଂ ଶକ୍ତିମନ୍ତ୍ରୀଙ୍କ ନିର୍ଦ୍ଦେଶ ସତ୍ତ୍ୱେ କାହା ସ୍ୱାଥରେ ପୁନଃ ନିଯୁକ୍ତି ଦିଆଯାଇଛି ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏହି ଘଟଣାର ବିଧିବଦ୍ଧ ତଦନ୍ତ ପାଇଁ କର୍ମଚାରୀ ମହଲରେ ଦାବି ହେଉଛି।

### ଲୋକ ସଭା ବାଚସ୍ପତିଙ୍କୁ ଭେଟିଲେ ଓଡ଼ିଶା ବାଚସ୍ପତି

# ମନ୍ତ୍ରୀ, ବିଧାୟକଙ୍କୁ ଜ୍ଞାନ ଦେବାକୁ ଆସିବେ ସଂସଦୀୟ ଟିମ୍

ଭୁବନେଶ୍ୱର,୨୪।୮(ବ୍ୟୁରୋ)

ଓଡ଼ିଶା ବିଧାନସଭା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଶନିବାର ନୂଆଦିଲ୍ଲୀରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ସୂର୍ଯ୍ୟ ଲୋକ ସଭା ବାଚସ୍ପତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିବା ସହ ଶ୍ରୀଜୀଉଙ୍କର ଏକ ମେମେଣ୍ଟୋ ପ୍ରଦାନ କରିଥିଲେ। ଏହି ତ୍ରିମୂର୍ତ୍ତିଙ୍କୁ ଦେଖି ବାଚସ୍ପତି ଖୁସି ବ୍ୟକ୍ତ କରିବା ସହ ତାଙ୍କ ପ୍ରକୋଷ୍ଠରେ ସଜାଇ ରଖିଥିଲେ। ଉଭୟେ କେନ୍ଦ୍ର, ରାଜ୍ୟ ସରକାର, ଲୋକ ସଭା ଓ ବିଧାନସଭା ହିତ ସମ୍ପର୍କରେ ଅଧଘଣ୍ଟା ଆଲୋଚନା କରିଥିଲେ। ହିମାଚଳ ପ୍ରଦେଶ ବିଧାନସଭା ଢାଞ୍ଚାରେ ଓଡ଼ିଶା ବିଧାନସଭା ପକ୍ଷରୁ ଇ-ବିଧାନସଭା ଆପ୍ଲିକେଶନ କାର୍ଯ୍ୟକାରୀ କରାଯାଉଥିବାରୁ ବିର୍ଲା ଏହାର ଉଚ୍ଚ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ଓଡ଼ିଶାର ମନ୍ତ୍ରୀ ଓ ବିଧାୟକମାନଙ୍କୁ ବିଧାନସଭା ଓ ପାର୍ଲାମେଣ୍ଟ ସମ୍ପର୍କିତ ବ୍ୟବସ୍ଥା ଉପରେ ଅବଗତ କରିବା ପାଇଁ ଖୁବ୍‌ଶୀଘ୍ର ଏକ ଉଚ୍ଚ ପଦାଧିକାରୀ ଟିମ୍ ପଠାଇବେ। ଏହି ସାକ୍ଷାତ୍‌କାର ସମୟରେ ଓଡ଼ିଶା ବିଧାନସଭାର ସଚିବ ଦାଶରଥି ଶତପଥୀ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଇ-ବିଧାନସଭା ଆପ୍ଲିକେଶନ ଉପରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିବା ପାଇଁ ଚଳିତ ମାସ ୨୦ରୁ ୨୪ ତାରିଖ ଯାଏ ଓଡ଼ିଶା ବିଧାନସଭାର କମ୍ପ୍ୟୁଟରୀକରଣ ସମ୍ପର୍କିତ ଗୃହ କମିଟିର ସଦସ୍ୟମାନେ ଦିଲ୍ଲୀ, ପଞ୍ଜାବ, ହିମାଚଳ ପ୍ରଦେଶ ଗସ୍ତରେ ଯାଇଛନ୍ତି। ଏହି କମିଟିରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ତାରାପ୍ରସାଦ ବାହିନୀପତି, ସୁବାସ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯାଇଛନ୍ତି।

### ଟ୍ରକ, ବସ୍ ଧକ୍କାରେ ୩ ହାତୀ ମୃତ୍ୟୁ ଘଟଣା

# ମହିଳା ବନରକ୍ଷୀ ନିଲମ୍ବିତ

କେନ୍ଦୁଝର/ଘଟଗାଁ ୨୪।୮ (ସ୍ୱ.ପ୍ର./ଡି.ଏନ.ଏ.)

**ଫରେଷ୍ଟର, ରେଞ୍ଜରଙ୍କୁ କାରଣ ଦର୍ଶାଅ ନୋଟିସ**

କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ଅଞ୍ଚଳରେ ଏନ୍‌ଏଚ୍ ୨୦ରେ ଟ୍ରକ ଓ ବସ୍ ଧକ୍କାରେ ୩ ହାତୀଙ୍କ ମୃତ୍ୟୁ ଘଟଣାରେ ଡିଏଫ୍‌ଓ ସନ୍ତୋଷ ଯୋଶୀ ଜଣେ ମହିଳା ବନରକ୍ଷୀଙ୍କୁ ନିଲମ୍ବିତ କରିଛନ୍ତି। ସେ ହେଲେ ମେଲାଣ ଫରେଷ୍ଟ ବିଟର ପ୍ରଣୟିନୀ ଅମାନ୍ତ। ଏହି ଘଟଣାରେ ଫରେଷ୍ଟର ଶଶୀଭୂଷଣ ବାରିକ ଓ ରେଞ୍ଜର ଅଶୋକ କୁମାର ନାୟକଙ୍କୁ ଡିଏଫ୍‌ଓ କାରଣ ଦର୍ଶାଅ ନୋଟିସ କରିଥିବା ଜଣାପଡିଛି। ଡ୍ୟୁଟିରେ ଖିଲାପ କରିଥିବା ଅଭିଯୋଗରେ ଏପରି କରାଯାଇଥିବା ଡିଏଫ୍‌ଓ ଯୋଶୀ କହିଛନ୍ତି। ବନ ବିଭାଗ ପୂର୍ବରୁ ଦୁର୍ଘଟଣା ଘଟାଇଥିବା ଟ୍ରକ ଓ ବସ୍‌କୁ ବନବିଭାଗ ପକ୍ଷରୁ ଜବତ କରାଯାଇଛି। ଘଟଣା ପରେ ବନ ବିଭାଗ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ହାତୀ ଘଉଡାଇବା ପାଇଁ ଥିବା ସ୍କ୍ୱାଡ୍ ତଥା ବନ କର୍ମଚାରୀମାନଙ୍କୁ ହାତୀ ଉପରେ ନଜର ରଖିବା ଲାଗି ନିର୍ଦ୍ଦେଶ ଦିଆଯାଇଛି।

# ଶାରୀରିକ ସମ୍ପର୍କର ଭିଡିଓ ଭାଇରାଲ

ସମ୍ବଲପୁର,୨୪।୮(ବ୍ୟୁରୋ)

- ସ୍ୱାମୀଙ୍କ ଅଭିଯୋଗ ଆଧାରରେ ସ୍ତ୍ରୀଙ୍କ ପୁରୁଷ ବନ୍ଧୁ ଗିରଫ

ସମ୍ବଲପୁର ଧନୁପାଲି ଥାନା ଅଞ୍ଚଳର ଜଣେ ମହିଳା ଓ ତାଙ୍କ ପୁରୁଷ ବନ୍ଧୁ ଶାରୀରିକ ସମ୍ପର୍କ ରଖିଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହାକୁ ନେଇ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ମହିଳାଙ୍କ ପୁରୁଷ ବନ୍ଧୁ ଧମା ଥାନା ଅଞ୍ଚଳର ପ୍ରମୋଦ ସିଂଙ୍କୁ ଗିରଫ କରିଛି।

ପୋଲିସଠାରୁ ମିଳିଥିବା ସୂଚନା ଅନୁସାରେ ଗତ କିଛିମାସ ତଳେ ସଂପୃକ୍ତ ମହିଳାଙ୍କ ସହ ତାଙ୍କ ସ୍ୱାମୀଙ୍କ ଝଗଡା ହୋଇଥିଲା। ସେଦିନଠାରୁ ସେ ବାପା ଘରେ ରହୁଛନ୍ତି। ତାଙ୍କର ୨ଝିଅ ଅଛନ୍ତି। ତେବେ ବାପା ଘରେ ରହିବା ଭିତରେ ପୁରୁଷ ବନ୍ଧୁଙ୍କ ସହ ମହିଳାଙ୍କ ସମ୍ପର୍କ ଗଢି ଉଠିଥିଲା। ଗତ ୧୮ ତାରିଖରେ ପୁରୁଷ ବନ୍ଧୁଙ୍କ ସହ ସେହି ମହିଳା ଶାରୀରିକ ସମ୍ପର୍କ ରଖିଥିଲେ। ହେଲେ ପୁରୁଷ ବନ୍ଧୁ ମୋବାଇଲରେ ସେହି ଭିଡିଓ ଉତ୍ତୋଳନ କରି ସୋସିଆଲ ମିଡିଆରେ ଭାଇରାଲ କରି ଦେଇଥିଲେ। ଯାହା ଏବେ ମୋବାଇଲକୁ ମୋବାଇଲ ଘୂରି ବୁଲୁଛି। ଏହି ଭିଡିଓ ମହିଳାଙ୍କ ସ୍ୱାମୀଙ୍କ ପାଖରେ ପହଞ୍ଚିବା ପରେ ସେ ଥାନାରେ ଦ୍ୱାରସ୍ଥ ହୋଇଥିଲେ। ମୋର ଦୁଇଟି ବଢିଲା ଝିଅ ଅଛନ୍ତି। ସେମାନଙ୍କ ଉପରେ ଏହା ପ୍ରଭାବ ପକାଇବ। ଏଥିଯୋଗୁ ସମାଜରେ ଉଭୟ ପରିବାର ନିନ୍ଦିତ ବୋଲି ମହିଳାଙ୍କ ସ୍ୱାମୀ ଏତଲାରେ ଦର୍ଶାଇଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ଶୁକ୍ରବାର ରାତିରେ ପୋଲିସ ଅଭିଯୁକ୍ତ ତଥା ମହିଳାଙ୍କ ପୁରୁଷ ବନ୍ଧୁଙ୍କୁ ଗିରଫ କରିଛି।

# ଜେଟ୍‌ଲୀଙ୍କ ବିୟୋଗରେ ଶୋକ


ଜେଟଲୀଙ୍କ ଶେଷ ଦର୍ଶନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପୁରୀ ଏମ୍‌ପି ପିନାକୀ ମିଶ୍ର।

## ସ୍ମରଣୀୟ ରହିବେ ଜେଟ୍‌ଲୀ:ରାଜ୍ୟପାଳ

ଭୁବନେଶ୍ୱର,୨୪।୮(ବ୍ୟୁରୋ)
ବରିଷ୍ଠ ଭାଜପା ନେତା ଅରୁଣ ଜେଟଲୀଙ୍କ ବିୟୋଗରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଶୋକବ୍ୟକ୍ତ କରିଛନ୍ତି। ରାଜ୍ୟପାଳ କହିଛନ୍ତି ଯେ, ଜେଟଲୀ ଜଣେ ବିଜ୍ଞ ବ୍ୟକ୍ତିତ୍ୱ ଏବଂ ଉତ୍ତୁଙ୍ଗ ଶିଖରକୁ ଯାଇଥିବା ଜନନେତା। ଦେଶର ପ୍ରଶାସନକୁ ତାଙ୍କର ଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି ରାଜ୍ୟପାଳ କହିଛନ୍ତି।

## ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଦେଲେ ମୁଖ୍ୟମନ୍ତ୍ରୀ

ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ପ୍ରଶାସନିକ କାର୍ଯ୍ୟରେ ଦିଲ୍ଲୀ ଗସ୍ତରେ ଥିବାରୁ ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀସ୍ଥିତ ଅରୁଣଙ୍କ ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ମଧ୍ୟାହ୍ନରେ ମୃତ୍ୟୁ ଖବର ପାଇ ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଥିଲେ ଯେ, ଅରୁଣ ଜେଟଲୀଙ୍କ ବିୟୋଗରେ ସେ ମର୍ମାହତ। ସେ ଜଣେ ବିଶିଷ୍ଟ ଆଇନଜୀବୀ, ଏମପି ଏବଂ ବିଜ୍ଞ ବ୍ୟକ୍ତି ଥିଲେ। ଦେଶର ପ୍ରଶାସନକ୍ଷେତ୍ରରେ ତାଙ୍କର ଗଭୀର ଅବଦାନ ରହିଛି। ତାଙ୍କ ବିୟୋଗରେ ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁ ଏବଂ ପ୍ରଶଂସକଙ୍କୁ ଗଭୀର ସମବେଦନା।

ସ୍ୱର୍ଗତ ଜେଟ୍‌ଲୀ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟତମ ଘନିଷ୍ଠ ବନ୍ଧୁ। ବିରୋଧୀ ଦଳରେ ରହିଥିଲେ ବି ଦୁହିଁଙ୍କ ମଧ୍ୟରେ ବ୍ୟକ୍ତିଗତ ସମ୍ପର୍କ ଉତ୍ତମ ରହିଥିଲା। କେନ୍ଦ୍ରମନ୍ତ୍ରୀ ଥିବା ସମୟରେ ଅରୁଣ ବିଭିନ୍ନ ସମୟରେ ଓଡ଼ିଶା ଗସ୍ତ କରିଥିଲେ। ହେଲେ ଅନ୍ୟ କେନ୍ଦ୍ରୀୟ ନେତାଙ୍କ ପରି ରାଜନୈତିକ କିମ୍ବା ଅଣରାଜନୈତିକ ସଭାରେ କୌଣସି କଟୁ ମନ୍ତବ୍ୟ ପ୍ରଦାନ କରୁ ନ ଥିଲେ। ନବୀନ ସ୍ୱର୍ଗତ ଅରୁଣଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ସମୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଲୋକ ସଭାରେ ବିଜେଡି ସଂସଦୀୟ ଦଳ ନେତା ପିନାକୀ ମିଶ୍ର ଓ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ରହିଥିଲେ।

## ଦେଶ ଜଣେ ମୂଳ ବିଚାରକଙ୍କୁ ହରାଇଲା : ଧର୍ମେନ୍ଦ୍ର

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅରୁଣ ଜେଟଲୀଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି ଯେ, ଦେଶ ଜଣେ ମୂଳ ବିଚାରକଙ୍କୁ ହରାଇଲା। ଜେଟଲୀ ଜଣେ ବହୁତ ବଡ଼ ବ୍ୟକ୍ତିତ୍ୱ ଏବଂ ସେ ତାଙ୍କର ଜଣେ ଭଲ ସାଙ୍ଗ, ଦାର୍ଶନିକ ଏବଂ ଅଭିଭାବକ ଥିଲେ। ସ୍ୱର୍ଗତ ଜେଟଲୀ ଛାତ୍ରାବସ୍ଥାରୁ ସାମାଜିକ କାର୍ଯ୍ୟ ଆରମ୍ଭ କରିଥିଲେ ଓ ସତ ପାଇଁ ଆନ୍ଦୋଳନ କରୁଥିଲେ। ଅସୁସ୍ଥ ହୋଇ ଆଇସିୟୁରେ ଭର୍ତ୍ତି ହେବା ପୂର୍ବରୁ ଅରୁଣଙ୍କ ସହ ସାକ୍ଷାତ ହୋଇଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏହି ଦୁଃଖଦ ସମୟରେ ତାଙ୍କ ପରିବାରକୁ ପ୍ରଭୁ ଜଗନ୍ନାଥ ଧୈର୍ଯ୍ୟ ପ୍ରଦାନ କରିବା ସହ ଅମର ଆତ୍ମାକୁ ସଦଗତି ପ୍ରଦାନ କରନ୍ତୁ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଶନିବାର ଓଡ଼ିଶାରେ ଧର୍ମେନ୍ଦ୍ରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ଥିଲା। ହେଲେ ଜେଟଲୀଙ୍କ ବିୟୋଗ ଖବର ମିଳିବା ପରେ ସେ ତୁରନ୍ତ ଦିଲ୍ଲୀ ଗସ୍ତ କରିଥିଲେ।

## ସାଙ୍ଗଠନିକ ନିର୍ବାଚନକୁ ସ୍ଥଗିତ କଲା ଭାଜପା

ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କ ବିୟୋଗରେ ରାଜ୍ୟ ଭାଜପା ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି। ଦଳର ରାଜ୍ୟ ସଭାପତି ତଥା କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ଏବଂ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ଗଭୀର ଶୋକବ୍ୟକ୍ତ କରିବା ସହ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଅରୁଣଙ୍କ ବିୟୋଗ ପରେ ରବିବାର ଭାଜପା କାର୍ଯ୍ୟାଳୟରେ ଦଳୀୟ ସାଙ୍ଗଠନିକ ନିର୍ବାଚନ ସମ୍ପର୍କିତ କର୍ମଶାଳାକୁ ସ୍ଥଗିତ ରଖାଯାଇଛି।

# ୫ ଡାକ୍ତରଖାନାକୁ 'ଲକ୍ଷ୍ୟ' ମାନ୍ୟତା

ଭୁବନେଶ୍ୱର, ୨୪।୮(ବ୍ୟୁରୋ)

ରାଜ୍ୟର ୫ ଡାକ୍ତରଖାନାକୁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ 'ଲକ୍ଷ୍ୟ' ମାନ୍ୟତା ମିଳିଛି। ସେଗୁଡ଼ିକ ହେଲା ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲ, ରାୟଗଡ଼ା ଜିଲା ଚିକିତ୍ସାଳୟ, କନ୍ଧମାଳ ଜିଲା ଚିକିତ୍ସାଳୟ, ଢେଙ୍କାନାଳ ଜିଲା ଚିକିତ୍ସାଳୟ ଓ କେନ୍ଦୁଝର ଜିଲାର ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର। ଏ ସଂକ୍ରାନ୍ତରେ ଶନିବାର ଜାତୀୟ ସ୍ୱାସ୍ଥ୍ୟ ମିଶନ ଅତିରିକ୍ତ ସଚିବ ମନୋଜ ଝାଲାନୀ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦାଙ୍କୁ ଚିଠି ଲେଖି ଜଣାଇଛନ୍ତି। ସୂଚନାଯୋଗ୍ୟ, ଡାକ୍ତରଖାନାରେ ଲେବର ରୁମ୍ ଓ ମାର୍ଟର୍ନିଟି ଅପରେଶନ ଥିଏଟରର ଭିତ୍ତିଭୂମିକୁ ତଦାରଖ କରି ଏହି ମାନ୍ୟତା ଦିଆଯାଇଥାଏ। ଲେବର ରୁମ୍ ଓ ମାର୍ଟର୍ନିଟି ଅପରେଶନ ଥିଏଟର ପାଇଁ କ୍ୟାପିଟାଲ ହସ୍ପିଟାଲକୁ ଯଥାକ୍ରମେ ୯୩% ଓ ୯୫% ସ୍କୋର ମିଳିଥିବାବେଳେ ରାୟଗଡ଼ା ଜିଲା ଚିକିତ୍ସାଳୟକୁ ୮୯% ଓ ୮୮%, କନ୍ଧମାଳ ଜିଲା ଚକିତ୍ସାଳୟକୁ ୯୦% ଓ ୮୪%, ଢେଙ୍କାନାଳ ଜିଲା ଚିକିତ୍ସାଳୟକୁ ୯୧% ଓ ୯୬% ଏବଂ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ୮୬% ଓ ୮୯% ସ୍କୋର୍ ମିଳିଛି। ଏଥିସହିତ କଳାହାଣ୍ଡି ଜିଲା ଚିକିତ୍ସାଳୟର ୧୨ ବିଭାଗକୁ 'କ୍ୱାଲିଟି' ମାନ୍ୟତା ଦିଆଯାଇଥିବାବେଳେ ମୋଟ ୮୪% ସ୍କୋର ମିଳିଥିବା ଜଣାପଡ଼ିଛି।

### ବ୍ୟାଙ୍କକ୍ ପ୍ରାକୃତିକ ବିପର୍ଯ୍ୟୟ ସମ୍ମିଳନୀ

# ଯୋଗଦେବେ ଓସ୍‌ଡମା ପରିଚାଳନା ନିର୍ଦ୍ଦେଶକ

ଭୁବନେଶ୍ୱର,୨୪।୮(ବ୍ୟୁରୋ)

ଆସନ୍ତା ୨୬ରୁ ୨୮ ତାରିଖ ମଧ୍ୟରେ ଥାଇଲାଣ୍ଡର ବ୍ୟାଙ୍କକ୍‌ରେ ଜାତିସଂଘର ଇକୋନୋମିକ୍ ଆଣ୍ଡ ସୋସିଆଲ କମିଶନ ଫର୍ ଏସିଆ ଆଣ୍ଡ ପ୍ୟାସିଫିକ୍ (ଇଏସ୍‌ସିଏପି) ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ସପ୍ତାହ ପାଳନ ହେବ। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ(ଓଏସ୍‌ଡିଏମ୍‌ଏ) ପରିଚାଳନା ନିର୍ଦ୍ଦେଶକ ବିଷ୍ଣୁପଦ ସେଠୀ ଏହି ଆନ୍ତର୍ଜାତିକ ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେ ଏଥିରେ ଓଡ଼ିଶାର ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଓ ମୁକାବିଲା ସମ୍ପର୍କରେ ସୂଚନା ଦେବେ।

ପ୍ରଥମ ପୃଷ୍ଠାରୁ...

## ଆରପାରିରେ...

ଦ୍ୱିତୀୟ ସରକାରରେ କୌଣସି ଦାୟିତ୍ୱ ନେଇ ନ ଥିଲେ।

ଜେଟ୍‌ଲୀ ମଧୁମେହ ସମେତ ଏକାଧିକ ରୋଗରେ ପୀଡ଼ିତ ଥିଲେ। ମଧୁମେହଜନିତ ମେଦବହୁଳତା କମାଇବା ପାଇଁ ୨୦୧୪ ସେପ୍ଟେମ୍ବରରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ଗତବର୍ଷ ମେ ୧୪ରେ ଏମ୍ସରେ ତାଙ୍କର ବୃକ୍କ ପ୍ରତିରୋପଣ ହୋଇଥିଲା। ସେତେବେଳେ ରେଳମନ୍ତ୍ରୀ ପୀୟୂଷ ଗୋୟଲ ଅର୍ଥ ମନ୍ତ୍ରଣାଳୟର ଦାୟିତ୍ୱ ସମ୍ଭାଳିଥିଲେ। ୨୦୧୮ ଅଗଷ୍ଟ ୨୩ରେ ଜେଟ୍‌ଲୀ ନିଜ ମନ୍ତ୍ରଣାଳୟକୁ ଫେରିଥିଲେ। ଚଳିତ ବର୍ଷ ମେ ମାସରେ ସେ ପୁଣି ଥରେ ଚିକିତ୍ସା ପାଇଁ ଏମ୍ସରେ ଭର୍ତ୍ତି ହୋଇଥିଲେ।

ଗତ ୯ ତାରିଖରେ ଜେଟ୍‌ଲୀ ଏମ୍ସରେ ଭର୍ତ୍ତି ହେବା ପରେ ତାଙ୍କୁ ଲାଇଫ୍ ସପୋର୍ଟ ସିଷ୍ଟମ୍‌ରେ ରଖାଯାଇଥିଲା। ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏମ୍ସ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରିବୁଝିଥିଲେ। ତେବେ ତାଙ୍କର ଏକାଧିକ ଅଙ୍ଗ ଅଚଳ ହୋଇପଡିବାରୁ ସ୍ୱାସ୍ଥ୍ୟାବସ୍ଥାରେ ଗୁରୁତର ଅବନତି ଦେଖାଦେଇଥିଲା।

ଜେଟ୍‌ଲୀଙ୍କ ବିୟୋଗରେ ଦଳମତ ନିର୍ବିଶେଷରେ ସମସ୍ତେ ଶୋକବ୍ୟକ୍ତ କରିବା ସହ ଶ୍ରଦ୍ଧାସୁମନ ଦେଇଛନ୍ତି। ବୌଦ୍ଧିକ ପରିବେଶରେ ବିରାଟ ଶୂନ୍ୟତା ସୃଷ୍ଟି ହେଲା ବୋଲି ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ସେହିପରି ଜେଟ୍‌ଲୀଙ୍କ ପରଲୋକ ଦେଶ ପାଇଁ ଅପୂରଣୀୟ କ୍ଷତି ବୋଲି ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ସବୁଠୁ ମୂଲ୍ୟବାନ ବନ୍ଧୁଙ୍କୁ ହରାଇଲେ ବୋଲି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ଅର୍ଥମନ୍ତ୍ରୀ ଭାବେ ଜେଟ୍‌ଲୀ ଭାରତକୁ ବିଶ୍ୱର ସବୁଠୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତିରେ ପରିଣତ କରିଥିଲେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ କହିଛନ୍ତି। ସାଧାରଣ ଜୀବନକୁ ଜେଟ୍‌ଲୀଙ୍କ ଅବଦାନ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀ କହିଛନ୍ତି। ଜଟିଳ ପ୍ରସଙ୍ଗର ସମାଧାନ ଲାଗି ସରକାର ଜେଟ୍‌ଲୀଙ୍କ ଉପରେ ନିର୍ଭର କରୁଥିଲା ବୋଲି ସର୍ବବରିଷ୍ଠ ଭାଜପା ନେତା ଲାଲ୍‌କୃଷ୍ଣ ଆଡ଼ଭାନୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର ସମସ୍ୟା ଥିଲେ ମଧ ସମାଧାନର ରାସ୍ତା ମଧ ଖୋଜିବାରେ ଲାଗି ପଡ଼ିବେ। ଏଣେ ନିଜର ସ୍ୱାସ୍ଥ୍ୟ ଭଲ ନ ରହୁଥିବାରୁ ମଧ ବ୍ୟସ୍ତତା ବଢ଼ିଯିବ। ସମ୍ପତ୍ତିକୁ କେନ୍ଦ୍ରକରି ଭାଇ ଭାଇ ଭିତରେ ଟଣାଓଟରା ଦେଖା ଦେଇପାରେ। ପରିସ୍ଥିତିବଶତଃ କାମ ଚାପରେ ନିଜକୁ ଆଡଜଷ୍ଟ କରିବାକୁ ବାଧ ହେବେ।

**ବୃଷ**
ପରିସ୍ଥିତିକୁ ଦେଖି ଟିକିଏ ଜୋର୍ ଦେଇ କଥା କହିବା କାରଣରୁ ଅନ୍ୟମାନେ ଭୁଲ୍ ବୁଝିବେ। ଅସୁବିଧାକୁ ଜଣାଇଲେ ମଧ ଉପରିସ୍ଥ କର୍ମଚାରୀମାନେ ସାହାଯ୍ୟର ପ୍ରତିଶ୍ରୁତି ଦେବେ ନାହିଁ। ଚେଷ୍ଟା କରୁଥିବା କାମରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। କୌଣସି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି।

**ମିଥୁନ**
ଆନୁଷଙ୍ଗିକ ଅଭାବନୀୟ ପରିସ୍ଥିତି କ୍ରମଶଃ ବଦଳି ଯିବ ଓ ପ୍ରତ୍ୟେକ କାର୍ଯ୍ୟର ସଫଳତା ଅବଶ୍ୟ ପାଇବେ। କୌଣସି କାରଣରୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। ଅସୁବିଧାରେ ପଡ଼ିଥିବା ଲୋକଟି ପ୍ରତି ଦୟାଭାବ ପୋଷଣ କରି ସମାଲୋଚିତ ହେବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ସମସ୍ୟା ଦୂରେଇଯିବ।

**କର୍କଟ**
କେତେକ ଅସଜଡ଼ା କାମକୁ ନେଇ ମାନସିକ ସ୍ଥିତି କ୍ରମଶଃ ଜଟିଳ ହୋଇପଡ଼ିବ। ଆଦୌ ଭଲ ସମ୍ପର୍କ ନ ଥିବା ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇ ପାରନ୍ତି। ସକାଳୁ ସକାଳୁ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ମାଲିମକଦ୍ଦମାରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି।

**ସିଂହ**
ପରିବାରର ଅଭାବନୀୟ ପରିସ୍ଥିତିକୁ କେନ୍ଦ୍ରକରି ମାନସିକ ସ୍ଥିତି ଠିକ୍ ରହିବ ନାହିଁ। କିନ୍ତୁ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ। ଅସ୍ଥିରତା ଦୂର କରିବା ବିଷୟରେ ପ୍ରିୟବନ୍ଧୁଙ୍କ ସାନ୍ତ୍ୱନାବାଣୀ ମନରେ ଆଶ୍ୱସ୍ତି ଭରିପାରେ। ପରିସ୍ଥିତି ବଶତଃ ମନ ନ ଥିଲେ ମଧ ଅଧିକ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ।

**କନ୍ୟା**
ବହୁତ ଦିନରୁ ରହି ଯାଇଥିବା କାମଗୁଡ଼ିକ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ଅତି ନିକଟରେ ରହୁଥିବା ଲୋକଟି ଆପଣଙ୍କ ସକାଶେ ବହୁତ ଉପକାରରେ ଆସିବ। ବାଣିଜ୍ୟ, ବ୍ୟବସାୟରେ ଆଶା ଅନୁରୂପ ଫଳ ପାଇବେ ଓ ଜମା ରାଶି ବୃଦ୍ଧି ପାଇବ। ଆଲୋଚନା ପରିସରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ।

**ତୁଳା**
ପ୍ରତ୍ୟେକ ପ୍ରକାରର ପରିସ୍ଥିତି ପ୍ରତି ସତର୍କ ରହି କାମ ନ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ଅବଶ୍ୟ ଆଜି ଆକସ୍ମିକ ଭାବରେ କୌଣସି ଯୁବକ କିମ୍ବା ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। ଆଜିର ସକାଳୁଆ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ। ଆଶା କରୁଥିବା ସ୍ଥାନରୁ ବନ୍ଧୁଙ୍କ ସାହାଯ୍ୟରୁ ଦ୍ରବ୍ୟଲାଭ ହେତୁ ଖୁସି ହେବେ।

**ବିଛା**
ଆବଶ୍ୟକତାକୁ ଉପଲବ୍ଧିକରି ବନ୍ଧୁମାନେ ସହଯୋଗର ହାତ ବଢ଼ାଇବେ। ଫଳତଃ ସ୍ଥଗିତ ରହିଯାଇଥିବା କାର୍ଯ୍ୟ ସାଧିତ ହେବ ଏବଂ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ଯାତ୍ରା ସମୟରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖାଦେଇପାରେ। କଳା, ସାହିତ୍ୟ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ**
ବିଭିନ୍ନ ପ୍ରକାରର ସମସ୍ୟା ଭିତର ଦେଇ ଗତି କରୁଥିବା କାରଣରୁ ଅଧିକାଂଶ ସମୟ ଅନ୍ୟମନସ୍କ ରହିବେ। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ପଡ଼ୋଶୀମାନେ ଭୁଲ୍ ବୁଝାମଣା କାରଣରୁ ସାଧାରଣ କଥାରେ ମଧ କଳହ କରିପାରନ୍ତି। ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ନଜର ଦେଇ କାମ କରିବା ଭଲହେବ।

**ମକର**
କର୍ମକ୍ଷେତ୍ରରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ଅସୁବିଧା ହେବ ନାହିଁ। ମାତ୍ର ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଫେରନ୍ତା ବାଟରେ କାହାକୁ ଅପେକ୍ଷା କରି ବିରକ୍ତ ହେବେ ଏବଂ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ରୋଗ, ଋଣ ଓ ଶତ୍ରୁତା ହେତୁକ ଦୁଶ୍ଚିନ୍ତାରେ ମାନସିକ ଅଶାନ୍ତି ବୃଦ୍ଧି ପାଇବ।

**କୁମ୍ଭ**
ଭୁଲ୍ ବୁଝାମଣା କାରଣରୁ ବାଦବିବାଦ, ଧନହାନି ବିଭିନ୍ନ ପ୍ରକାରର ସମସ୍ୟା ଭିତରକୁ ଟାଣି ହୋଇ ପାରନ୍ତି। ନିର୍ମାଣ, ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଅଟକି ରହିଯାଇଥିବା କାମରେ ଦିନସାରା ବ୍ୟସ୍ତ ରହିବାକୁ ପଡିପାରେ।

**ମୀନ**
ଶାରୀରିକ ଅସୁସ୍ଥତା ଲାଗି ରହିବା କାରଣରୁ କେତେକ କାମ ଅଟକି ରହିଯିବ। ପିଲାମାନଙ୍କ କାର୍ଯ୍ୟକଳାପ ନାପସନ୍ଦ କରିପାରନ୍ତି, କିନ୍ତୁ କିଛି କରି ପାରିବେ ନାହିଁ। ପୂର୍ବଭାଦ୍ରପଦ୍ ନକ୍ଷତ୍ର ସାଂଗଠନିକ ସ୍ତରରେ ସହକର୍ମୀଙ୍କ ଦୃଢ଼ ସାହାଯ୍ୟ ଓ ସମର୍ଥନ ଯୋଗୁ ଆଗେଇ ଯିବେ। ନିଜର ଇଚ୍ଛା ଅନୁଯାୟୀ କାମ ହାସଲ କରି ଦିନଟିକୁ ଆନନ୍ଦର ସହ ବିତାଇବେ।

ଆଜି ଭାଦ୍ରବ କୃଷ୍ଣ ନବମୀ ଯୁକ୍ତ ଦଶମୀ ରବିବାର, ବୈଷ୍ଣବ ସମ୍ମତ ନନ୍ଦୋତ୍ସବ, ଖୁଦୁରୁକୁଣୀ ଓଷା ଦ୍ୱିତୀୟ ପାଳି, ଅଗଷ୍ଟ ୨୫ ତାରିଖ, ବିଶ୍ୱ ପାକଶାଳା ଉଦ୍ୟାନ ଦିବସ(ଅଗଷ୍ଟ ଚତୁର୍ଥ ରବିବାର), ଚକ୍ଷୁଦାନ ପକ୍ଷ ଆରମ୍ଭ, ରାଶିନକ୍ଷତ୍ର-ମୃଗଶିରା/ବୃଷ, ମେଷ ରାଶିର ଘାତବାର, ସକାଳ ଘ୬।୫୧ମି. ମଧ୍ୟେ, ଘ୪।୫୫ମି. ଗତେ ଘ୬।୧୬ମି. ମଧ୍ୟେ ଅମୃତବେଳା। ଦିବା ଘ୮।୨୮ମି. ଗତେ ଘ୧୦।୦୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୪।୩୧ମି. ଗତେ ଘ୬।୦୫ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ରାଜ୍ୟ ସରକାରଙ୍କ ଘୋଷଣାକୁ ଗଜପତି ମହାରାଜାଙ୍କ ସ୍ୱାଗତ

# 'ଐତିହ୍ୟ, ପରମ୍ପରାକୁ ଦୃଷ୍ଟିରେ ରଖାଯାଉ'

ପୁରୀ ଅଫିସ, ୨୪।୮: ଶ୍ରୀମନ୍ଦିର ସୁରକ୍ଷା ଏବଂ ପୁରୀର ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ଘୋଷଣା କରିଛନ୍ତି। ଏହି ଘୋଷଣାକୁ ସ୍ୱାଗତ କରିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ତେବେ ଐତିହ୍ୟ ଓ ପରମ୍ପରାକୁ ପ୍ରଥମେ ଦୃଷ୍ଟିରେ ରଖାଯାଉ ବୋଲି ସେ ମତ ଦେଇଛନ୍ତି। ଶନିବାର ଶ୍ରୀନଅର ପକ୍ଷରୁ ଜାରି ପ୍ରେସ୍ ବାର୍ତ୍ତା ମାଧମରେ ଗଜପତି ମହାରାଜା କହିଛନ୍ତି, ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ର ହେଉଛି ହିନ୍ଦୁ ସମାଜର ଶ୍ରେଷ୍ଠ ଆରାଧ୍ୟ ପୀଠ। ଏହାର ଯୋଜନାବଦ୍ଧ ଓ ସମନ୍ୱିତ ଉନ୍ନତୀକରଣ ନିମନ୍ତେ ରାଜ୍ୟ ସରକାର ବର୍ତ୍ତମାନ ଯେଉଁ ଘୋଷଣା କରିଛନ୍ତି ଏହାକୁ ମୁଁ ସ୍ୱାଗତ କରୁଛି। ଶ୍ରୀକ୍ଷେତ୍ରର ସମସ୍ତ



ଉନ୍ନୟନ କାର୍ଯ୍ୟକ୍ରମ ଏହି କ୍ଷେତ୍ରର ମହାନ ଆଧାତ୍ମିକ, ଧାର୍ମିକ ତଥା ସାଂସ୍କୃତିକ ଐତିହ୍ୟ ଓ ପରମ୍ପରାକୁ ଦୃଷ୍ଟିରେ ରଖି କରାଯିବା ଆବଶ୍ୟକ। ଏହି ମହତ୍ କାର୍ଯ୍ୟକ୍ରମରେ ସମସ୍ତ ଜଗନ୍ନାଥପ୍ରେମୀ ଭକ୍ତଜନଙ୍କୁ ଆନ୍ତରିକତାର ସହିତ ସହଯୋଗ କରିବା ନିମନ୍ତେ ନିବେଦନ କରୁଛି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅପାର କୃପାରୁ ଏହି ଉନ୍ନୟନମୂଳକ କାର୍ଯ୍ୟକ୍ରମ ସଫଳ ରୂପାୟନ ଲାଭ କରୁ ବୋଲି ଗଜପତି ମହାରାଜା କହିଛନ୍ତି।




# ୩ରେ ଗଣପର୍ବ ନୂଆଁଖାଇ

- ଧାର୍ଯ୍ୟ ହେଲା ଲଗ୍ନ
- ଇଷ୍ଟଦେବୀ ସମଲେଇଙ୍କୁ ଲଗ୍ନପତ୍ର ଅର୍ପଣ

ସମ୍ବଲପୁର, ୨୪।୮ (ବ୍ୟୁରୋ)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଇଁ ଲଗ୍ନ ଧାର୍ଯ୍ୟ ହୋଇଛି। ଆସନ୍ତା ସେପ୍ଟେମ୍ବର ୩ ତାରିଖ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଇଷ୍ଟଦେବୀ ସମଲେଇଙ୍କଠାରେ ନୂଆଁଖାଇ ପାଳିତ ହେବ। ସେଦିନ ପୂର୍ବାହ୍ନ ୧୦ଟା ୫ରୁ ୧୦ଟା ୨୦ ମଧ୍ୟରେ ବିଶୁଦ୍ଧ ତୁଳା ଲଗ୍ନେ ମୀନ ନବାଂଶେ ଦେବୀଙ୍କଠାରେ ଭୋଗ ଲାଗିବ। ଶନିବାର ସମ୍ବଲପୁର ଝାଡୁଆପଡା ବ୍ରହ୍ମପୁରା ମନ୍ଦିରଠାରେ ପଣ୍ଡିତମାନେ ସର୍ବସମ୍ମତି ମତେ ଏହି ଲଗ୍ନ ସ୍ଥିର କରିଛନ୍ତି। ପରମ୍ପରାନୁସାରେ ଭାଦ୍ରବ କୃଷ୍ଣପକ୍ଷ ନବମୀ ତିଥିରେ ଝୁଲଣ ମଣ୍ଡପ ସମ୍ମୁଖରେ ସହର ତଥା ବିଭିନ୍ନ ଅଞ୍ଚଳର ପଣ୍ଡିତମାନେ ସମବେତ ହୋଇଥିଲେ। ଏହି ଅବସରରେ ବିଷ୍ଣୁ ସହସ୍ରନାମ ପାଠ କରାଯାଇଥିଲା। ବିଶ୍ୱଂ ବିଷ୍ଣୁ ବଶଟ୍‌କାରୋ, ଭୁତ ଭବ ଭବତ ପ୍ରଭୁ.... ମନ୍ତ୍ରରେ ମୁଖରିତ ହେବା ସହ ହରିବୋଲ ଓ ଶଙ୍ଖ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ମନ୍ଦିର ପରିସର। ଏହାପରେ ପଣ୍ଡିତମାନେ ଠାକୁରଙ୍କଠାରୁ ଲଗ୍ନ ଧାର୍ଯ୍ୟ କରିବା ପାଇଁ ଆଜ୍ଞା ମାଗିଥିଲେ। ସମସ୍ତ ପଣ୍ଡିତମାନଙ୍କ ଲଗ୍ନକୁ ଏକତ୍ରିତ କରାଯାଇଥିଲା। ଏହାପରେ ରାଶି, ନକ୍ଷତ୍ରକୁ ଗଣନା କରାଯାଇ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଲଗ୍ନ ବାହାରିଥିଲା। ଲଗ୍ନପତ୍ର ବ୍ରହ୍ମପୁରା ଠାକୁର ଓ ଝୁଲଣ ମଣ୍ଡପରେ ଉପବିଷ୍ଟ ରାଧାକୃଷ୍ଣଠାରେ ଉଚ୍ଚାରଣ କରାଯାଇଥିଲା। ଏହାପରେ ବ୍ରହ୍ମପୁରା ଟ୍ରଷ୍ଟ ବୋର୍ଡ କମିଟି, ପଣ୍ଡିତମାନେ ଶୋଭାଯାତ୍ରା ବାହାରି ସମଲେଶ୍ୱରୀ ମନ୍ଦିରରେ ପହଞ୍ଚିଥିଲେ। ଦୁଲଦୁଲି ବାଦ୍ୟରେ ଶୋଭାଯାତ୍ରା ପଥ ଦୁଲୁକି ଉଠିଥିଲା। ସେଠାରେ ମନ୍ଦିର ପୂଜକମାନେ ପଣ୍ଡିତମାନଙ୍କୁ ସ୍ୱାଗତ କରିଥିଲେ। ଏହାପରେ ବିଧି ଅନୁସାରେ ବ୍ରହ୍ମପୁରା ମନ୍ଦିର ପୂଜକ ସନ୍ତୋଷ କୁମାର ପଣ୍ଡା ସମଲେଇଙ୍କଠାରେ ଲଗ୍ନପତ୍ର, ନାରୀକେଳ ଓ ପୁଷ୍ପ ପ୍ରଦାନ କରିଥିଲେ। ଟ୍ରଷ୍ଟବୋର୍ଡ ସଭାପତି ସରୋଜ କୁମାର ଦଳପତଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଶ୍ରୀ ଶ୍ରୀ ବ୍ରହ୍ମମଣ୍ଡପ ପଣ୍ଡିତ ମହାସଭା ସଭାପତି ପଣ୍ଡିତ ଲକ୍ଷ୍ମଣ ବେହେରା, ପଣ୍ଡିତ ଅମରନାଥ ମିଶ୍ର, ପଣ୍ଡିତ ଜିତେନ୍ଦ୍ର କୁମାର ନନ୍ଦ, ପଣ୍ଡିତ ଅମରେନ୍ଦ୍ର ପୂଜାରୀ, ପଣ୍ଡିତ ସୁରେଶଚନ୍ଦ୍ର ଦେବତା, ଶୈଳେନ୍ଦ୍ର ପୂଜାରୀ, ମନବୋଧ ପାଢ଼ୀ, ପଣ୍ଡିତ ଗୋପୀନାଥ ପଣ୍ଡା, ପଣ୍ଡିତ ଶଶାଙ୍କ ଶେଖର ମିଶ୍ର, ଭଗବାନ ବଡପଣ୍ଡା, ପଣ୍ଡିତ ଡ. ସଚ୍ଚିଦାନନ୍ଦ ପ୍ରସାଦ ମିଶ୍ର କରଶର୍ମା ପ୍ରମୁଖ ଯୋଗଦେଇଥିଲେ। ଟ୍ରଷ୍ଟ ବୋର୍ଡ ସଭ୍ୟ ସୁଶାନ୍ତ କୁମାର ପୁରୋହିତ, ଅଭିଷେକ ମିଶ୍ର, ସଞ୍ଜୟ କୁମାର ସାହୁ, ପ୍ରାଣରଞ୍ଜନ ପଣ୍ଡା, ଶୁଭେନ୍ଦୁ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗର କାର୍ଯ୍ୟଧାରା ବଦଳିବ

# ଓଡ଼ିଆରେ ହେବ ନଥି କାର୍ଯ୍ୟ

- ଅନ୍‌ଲାଇନ୍‌ରେ ହେବ ସବୁ ଯୋଜନାର ଆବେଦନ
- ୱେବ୍‌ସାଇଟରେ ମିଳିବ ସମସ୍ତ ତଥ୍ୟ

ଭୁବନେଶ୍ୱର, ୨୪।୮ (ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସମସ୍ତ ସରକାରୀ ନଥି କାର୍ଯ୍ୟ ଶତପ୍ରତିଶତ ଓଡ଼ିଆରେ ହେବ। ମୁଖ୍ୟମନ୍ତ୍ରୀଙ୍କ ୫-ଟି ମନ୍ତ୍ର ଉପରେ ଗୁରୁତ୍ୱ ଦିଆଯିବା ସହ ସମସ୍ତ କାର୍ଯ୍ୟପ୍ରଣାଳୀକୁ ତ୍ୱରାନ୍ୱିତ କରିବା ଲାଗି ଏବେ ତତ୍ପରତା ପ୍ରକାଶ ପାଇଛି। ଏ ପରିପ୍ରେକ୍ଷୀରେ ଶନିବାର ବିଭାଗୀୟ ସମ୍ମିଳନୀ କକ୍ଷରେ ବିଭାଗର ନିର୍ଦ୍ଦେଶକ ବିଜୟ ନାୟକଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ସ୍ୱତନ୍ତ୍ର ଶାସନ ସଚିବ ରାମକୃଷ୍ଣ ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ସରକାରଙ୍କ ଦ୍ୱାରା ନିଆଯାଇଥିବା ଗୋଷ୍ଠୀଗତ କାର୍ଯ୍ୟ, ପ୍ରଶାସନିକ ସ୍ୱଚ୍ଛତା, ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ, ସମୟାନୁବର୍ତ୍ତିତା, ସଫଳ ରୂପାୟନ ଉପରେ ଧ୍ୟାନ ଦେବା ପାଇଁ ପ୍ରମୁଖ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ।

ବିଭାଗ ପକ୍ଷରୁ ପରିଚାଳିତ ବିଭିନ୍ନ ଯୋଜନା ଯଥା ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା, ବିଭିନ୍ନ ସାଂସ୍କୃତିକ ସଂସ୍ଥାକୁ ଅନୁଦାନ ପ୍ରଦାନ, ରାଜ୍ୟସ୍ତରୀୟ ଲୋକକଳା ଦିବସ ପାଳନ, ସଂସ୍କୃତି ବିଭାଗ ଦ୍ୱାରା ପରିଚାଳିତ ୩ ମଣ୍ଡପକୁ ଭଡା ସୂତ୍ରରେ ପ୍ରଦାନ ଇତ୍ୟାଦି କାର୍ଯ୍ୟ ଅନ୍‌ଲାଇନ ମାଧ୍ୟମରେ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। କଳାକାରମାନଙ୍କର ଭତ୍ତା ଆବେଦନ, ଭତ୍ତା ବଣ୍ଟନ ଓ କଳାକାରମାନଙ୍କର ଏକ ତାଲିକା ପ୍ରସ୍ତୁତ କରି ୱେବସାଇଟ୍‌ରେ ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରସ୍ତୁତ କରିବା ପାଇଁ ନିଷ୍ପତ୍ତି ହୋଇଛି।

# ରେଳ ଟିକେଟରେ ଓଡ଼ିଆ ଭାଷା ଉଦ୍‌ଘାଟନ ସ୍ଥଗିତ

ଭୁବନେଶ୍ୱର, ୨୪।୮ (ବ୍ୟୁରୋ)

ଅଣସଂରକ୍ଷିତ ଟିକେଟରେ ସ୍ଥାନ ପାଇବ ଓଡ଼ିଶା ଭାଷା। ପୂର୍ବରୁ ଏହି ଟିକେଟରେ କେବଳ ଇଂଲିଶ ଓ ହିନ୍ଦୀ ଭାଷାରେ ବିବରଣୀ ରହୁଥିଲା। ଏବେ ଏହି ଦୁଇ ଭାଷା ସହ ଓଡ଼ିଆ ରହିବାର ବ୍ୟବସ୍ଥା ହୋଇଥିବା ନେଇ ପୂର୍ବତଟ ରେଳପଥ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଥିଲା। ଶନିବାର କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଥିଲା। ହେଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଦେହାନ୍ତ ଯୋଗୁ ଏହି କାର୍ଯ୍ୟକ୍ରମକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। କେବଳ ଏହାର ଶୁଭାରମ୍ଭ ହେବ ସେସଂକ୍ରାନ୍ତରେ ପୁନଃ ନୋଟିଫିକେଶନ ଜାରି କରାଯିବ ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

# ପ୍ରତିଦ୍ୱନ୍ଦ୍ୱିତାରେ ବିଶ୍ୱାସ ନାହିଁ

ମୁମ୍ବାଇ: ବଲିଉଡରେ ବହୁ ନୂଆ ମୁହଁ ଆବିର୍ଭାବ ହେଉଥିଲେ ବି ଅଭିନେତ୍ରୀ ରାଧିକା ମଦନ ପ୍ରତିଦ୍ୱନ୍ଦ୍ୱିତାରେ ବିଶ୍ୱାସ କରନ୍ତି ନାହିଁ। ହିଟ୍ ଟିଭି ଶୋ' 'ମେରୀ ଆଶିକ୍ ତୁମ୍ ସେ ହେଁ'ରେ ଅଭିନୟ କରିବା ଏବଂ ପରେ କିଛି ରିୟଲିଟି ଶୋ'ରେ ନିଜର କଳାନୈପୁଣ୍ୟ ପ୍ରଦର୍ଶନ କରିବା ପରେ ସେ ଗତବର୍ଷ 'ପଟାଖା'ରେ ଅଭିନୟ କରି ବଲିଉଡ କଳାକାରର ମାନ୍ୟତା ପାଇଥିଲେ। ଏଥିରେ ତାଙ୍କୁ ଦର୍ଶକଙ୍କ ପକ୍ଷରୁ ଢେର ପ୍ରଶଂସା ମିଳିଥିଲା। ସଫଳତାର ମନ୍ତ୍ର ସମ୍ପର୍କରେ ସେ କହିଲେ, 'ମୁଁ ସବୁବେଳେ ନିଜର ଦକ୍ଷତା ଉପରେ ନିର୍ଭର କରେ। ଅନ୍ୟ କାହାପରି ହେବାକୁ କିମ୍ବା କାହା ସହିତ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚାହେଁନାହିଁ।' ବର୍ତ୍ତମାନର ସାମାଜିକ ଗଣମାଧ୍ୟମ ଯୁଗରେ ଅନେକ ଲୋକ ଚଟୁଳ ବାକ୍ୟରେ ଅନ୍ୟମାନଙ୍କୁ ପ୍ରଭାବିତ କରିପାରୁଛନ୍ତି। ଆମର ସାଧୁତାପୂର୍ଣ୍ଣ କାର୍ଯ୍ୟ, ବିଶ୍ୱାସ ଓ ସ୍ୱପ୍ନ ଆମକୁ ସଫଳତା ଦିଗରେ ବାଟ କଢ଼ାଇନେବ। ରାଧିକା ଏବଂ 'ଷ୍ଟୁଡେଣ୍ଟ ଅଫ୍ ଦି ଇୟର ୨' ଅଭିନେତା ଆଦିତ୍ୟଙ୍କୁ ନିକଟରେ 'ଟାଇମ୍ସ ଫ୍ରେଶ୍ ଫେସ୍'ର ଶେଷ ସଂସ୍କରଣ ଲଞ୍ଚ୍ ଅବସରରେ ଏକତ୍ର ଦେଖିବାକୁ ମିଳିଥିଲା।



ରାଧିକା ମଦନ



## ଜିଲ୍ଲା ଚିଠି
## କେନ୍ଦୁଝର

# ତଥାପି ଉଜୁଡୁଛି ଜଙ୍ଗଲ

କେନ୍ଦୁଝର ଜିଲାରେ ବିଭିନ୍ନ କାରଣରୁ ଜଙ୍ଗଲ ପରିସୀମା ଓ ଘନତ୍ୱ ହ୍ରାସ ପାଇବାରେ ଲାଗିଛି। ଏଥିସହିତ ତାଳଦେଇ ଜଳବାୟୁ ପରିବର୍ତ୍ତନ ସହିତ ଜଳାଭାବ ଗୁରୁତର ରୂପ ନେଇଛି। ଜଙ୍ଗଲ ସୃଷ୍ଟି ଓ ସୁରକ୍ଷା ପାଇଁ ବାର୍ଷିକ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ ସବୁଜିମା କମୁଛି। ଜଙ୍ଗଲ ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ବନୀକରଣ କରାଯାଉଛି। ହେଲେ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବ ଯୋଗୁ ଗଛଗୁଡିକ ବଞ୍ଚୁ ନାହିଁ। କେବଳ କାଗଜପତ୍ରରେ ଜଙ୍ଗଲ ସୃଷ୍ଟି କରାଯାଉଥିବା ଦର୍ଶାଯାଉଥିବା ବେଳେ ବାସ୍ତବ ଚିତ୍ର ଅଲଗା ବୋଲି ସାଧାରଣରେ ଅଭିଯୋଗ ହେଉଛି। ବନ ବିଭାଗ ତଥ୍ୟ ଅନୁଯାୟୀ ୨୦୦୦-୦୧ରୁ ୨୦୧୮-୧୯ ଆର୍ଥିକ ବର୍ଷ ମଧ୍ୟରେ କେନ୍ଦୁଝର ବନଖଣ୍ଡରେ ସମୁଦାୟ ୧,୯୩,୯୨,୦୨୦ ଟି ଚାରା ରୋପଣ ହୋଇଛି। ଏବାବଦରେ ଅଦ୍ୟାବଧି ୭୦ କୋଟି ୬୪ ଲକ୍ଷ ୪୨ ହଜାର ୫୯୦ ଟଙ୍କା ବ୍ୟୟ କରାଯାଇଛି। ସେଥିମଧ୍ୟରୁ ଖଣିସଂସ୍ଥା ଦ୍ୱାରା ୧୪୦୦୫.୯୦୧୪ ହେକ୍ଟର ଜମିରେ ବନୀକରଣ କରାଯାଇଛି। ୩୦.୪୪ କି.ମି. ରାସ୍ତାପାର୍ଶ୍ୱରେ ବନୀକରଣ କରାଯାଇ ସମୁଦାୟ ୬୧ଲକ୍ଷ ୩୧ହଜାର ୮୯୪ ଟି ଚାରା ରୋପଣ କରାଯାଇଛି। ଏଥିପାଇଁ ୧୮ କୋଟି ୭୩ ଲକ୍ଷ ୭୬ ହଜାର ୯୬୬ ଟଙ୍କା ଖର୍ଚ୍ଚ କରାଯାଇଛି। ସେହିପରି ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ୧୦ ଲକ୍ଷ ୭୫ ହଜାର ୯୧୧ ଟଙ୍କା ବ୍ୟୟରେ ବଡବିଲ ଅଞ୍ଚଳରେ ୩୦୦୦ ଚାରା ରୋପଣ କରାଯାଇଛି। ଏହାପରେ ବି ଜଙ୍ଗଲ ଓ ଘନତ୍ୱ ବୃଦ୍ଧି ପାଉନାହିଁ। ଜିଲାରେ ସମୁଦାୟ ୩୮୮୪୧୫.୬୭୦୫ ହେକ୍ଟର ବିଭିନ୍ନ କିସମର ଜଙ୍ଗଲ ଜମିରୁ ୨୩୯୧୭.୨୩୧୬ ହେକ୍ଟର ଖଣି କମ୍ପାନୀକୁ ଦିଆଯାଇଛି। ସେଥିରୁ ୭୦୧୬.୧୯୨୨ ହେକ୍ଟର ଜମିରେ ଖନନ ଚାଲିଛି। ଜିଲାର ଖଣିସଂସ୍ଥାଙ୍କୁ ସମୁଦାୟ ୧୧୦୮୦.୦୮୨ ହେକ୍ଟର ସଂରକ୍ଷିତ ଜଙ୍ଗଲ ଜମି ଲିଜ୍ ଦିଆଯାଇଛି। ସେଥିମଧ୍ୟରୁ ୧୦୬୧.୫୬୨୨ ହେକ୍ଟର ଜମିରେ ଖନନ ଅନୁମତି ଦିଆଯାଇଛି। ସେହିପରି ୧୭୫୫.୭୦୨ ହେକ୍ଟର ପିଆରଏଫ୍ (ପ୍ରୋଟେକ୍ଟେଡ ରିଜର୍ଭ ଫରେଷ୍ଟ) ଜଙ୍ଗଲ ଜମି ଖଣିସଂସ୍ଥାକୁ ଲିଜ୍ ସୂତ୍ରରେ ଦିଆଯାଇଥିବାବେଳେ ୧୦୬୧.୫୬୨୨ ହେକ୍ଟର ଜମିରେ ଖନନ ପାଇଁ ଅନୁମତି ଦିଆଯାଇଛି। ଏହା ଛଡା ୪୮୨୧.୦୮୫ ହେକ୍ଟର ଗ୍ରାମ୍ୟ ଜଙ୍ଗଲ ଜମି ଲିଜ୍ ସୂତ୍ରରେ ଦିଆଯାଇଥିବା ବେଳେ ସେଥିରୁ ୧୪୫୦.୩୭୦୪ ହେକ୍ଟର ଜମିରେ ଖଣି ଖନନ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇଛି। ୪୯୨୩.୯୦୩୬ ହେକ୍ଟର ଡିଏଲ୍‌ସି (ଡିଷ୍ଟ୍ରିକ୍ଟ ଲେବଲ କମିଟି) ଦ୍ୱାରା ଘୋଷିତ ଜଙ୍ଗଲ ଜମି ଖଣି ସଂସ୍ଥାମାନଙ୍କୁ ଲିଜ୍ ଦିଆଯାଇଥିବା ବେଳେ ୧୭୮୮.୭୨୩୬ ହେକ୍ଟର ଜମିରେ ଖଣି ଖନନ ଅନୁମତି ମିଳିଥିବା ଜଣାପଡିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା କେନ୍ଦୁଝର ଜଙ୍ଗଲରେ ଶାଳ, ପିଆଶାଳ, ଅସନ, କେନ୍ଦୁ, ଶିଶୁ, ଧଉରା, ଶିମିଳି, ବର, ଅଶ୍ୱତ୍ଥ, କୁସୁମ, ନିମ୍ବ, ଜାମୁ, ଆମ୍ବ, ମହୁଲ, ଚାର ଆଦି ବହୁ ଜାତିଜାତିକା ଗଛ ରହିଛି। ଜଙ୍ଗଲ ପଦା ହେବା ଫଳରେ ଏହି ସବୁ କିସମର ଗଛ ନଷ୍ଟ ହୋଇଯାଇଛି। ଏହା ବଦଳରେ ଶାଗୁଆନ, ଇଉକାଲିପଟାସ, ଆକାଶିଆ ଆଦି ଭଳି ଗଛ ଲଗାଯାଉଥିବାରୁ ଅସନ୍ତୋଷ ବଢୁଛି। ଗଛ ନଷ୍ଟ ହେବା ଫଳରେ ଜଳସ୍ତର ହ୍ରାସ ପାଉଛି ଏବଂ ମୃତ୍ତିକା କ୍ଷୟ ହେଉଛି। ଫଳରେ ବନ୍ୟପ୍ରାଣୀ ବାସହରା ହୋଇ ପଡୁଛନ୍ତି। ଖାଦ୍ୟାଭାବ ଯୋଗୁ ବନ୍ୟଜନ୍ତୁ ଜନବସତି ମୁହାଁ ହେଉଛନ୍ତି। ବହୁ ପ୍ରଜାତିର ପକ୍ଷୀ, ଜୀବଜନ୍ତୁ, ସରୀସୃପ ତଥା କୀଟ ପତଙ୍ଗ ଲୋପ ପାଇବାକୁ ବସିଲେଣି। ଜଳାଭାବ ଯୋଗୁ ମାଟି ଶୁଷ୍କ ହୋଇ ଯାଉଥିବାରୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଜଳସ୍ତର ହ୍ରାସ ପାଉଥିବାରୁ ଜଳ ସଙ୍କଟ ଧୀରେ ଧୀରେ ଉଗ୍ର ରୂପ ଧାରଣ କରୁଛି। ଏଣୁ ବେଳଥାଉଁ ଜଙ୍ଗଲର ସୁରକ୍ଷା କରିବା ଜରୁରୀ ହୋଇପଡିଛି। ପ୍ରାକୃତିକ ଜଙ୍ଗଲକୁ ସୁରକ୍ଷା ଦେବା ସହ ଜଗାରଖା କରାଗଲେ ଜଙ୍ଗଲ ସୃଷ୍ଟି ହୋଇ ପାରିବ ଏବଂ ଘନତ୍ୱ ବଢିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

– ନରେଶ ଚନ୍ଦ୍ର ପଟ୍ଟନାୟକ

# ଚାଷଜମିରେ ବୃଦ୍ଧଙ୍କୁ ଦଳିଦେଲା ହାତୀ

ପରଜଙ୍ଗ, ୨୪।୮ (ଡି.ଏନ.ଏ.)

ଢେଙ୍କାନାଳ ବନଖଣ୍ଡ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ମୁକ୍ତାପଶି ସେକ୍ସନ ଅଧୀନ ବସୋଇ ଉପରସାହିର କୃଷ୍ଣଚନ୍ଦ୍ର ସାହୁ (୮୦) ଶନିବାର ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ଜମିକୁ ଫସଲ ଦେଖିବାକୁ ଯାଇଥିବାବେଳେ ସେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ତେନ୍ତୁଳିପଶି ଅଞ୍ଚଳରେ କୃଷ୍ଣଚନ୍ଦ୍ରଙ୍କ ଚାଷଜମି ରହିଛି। ସକାଳେ ସେ ଜମିକୁ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି ହୋଇଥିଲା। ନାତି ଶୁଭେନ୍ଦ ଜମିକୁ ଯାଇ ଦେଖିବାବେଳକୁ କୃଷ୍ଣଚନ୍ଦ୍ରଙ୍କ ମୃତଦେହ ପଡ଼ିଥିଲା। ମୃତକଙ୍କ ଛାତି ଏବଂ ଆଖପାଖରେ ହାତୀର ପାଦଚିହ୍ନ ଥିଲା। ନିକଟରେ ଥିବା ଜଙ୍ଗଲରେ ହାତୀପଲ ଗର୍ଜନ କରୁଥିଲେ। ଶୁଭେନ୍ଦୁଙ୍କଠାରୁ ସୂଚନା ପାଇ ଗ୍ରାମବାସୀ ଏବଂ ପରିବାର ଲୋକେ ଘଟଣାସ୍ଥଳକୁ ଯାଇ ମୃତଦେହ ଉଦ୍ଧାର କରିଥିଲେ।

ରେଞ୍ଜର ବିଭୂଦାନନ୍ଦ ମିଶ୍ର, ଫରେଷ୍ଟର ଚନ୍ଦ୍ରଶେଖର ବେହେରା, ଗାର୍ଡ ପ୍ରହ୍ଲାଦ ପ୍ରଧାନ ଓ ପୋଲିସ ଏଏସ୍‌ଆଇ ଗୋପବନ୍ଧୁ ବେହେରା ସଦଳବଳ ପହଞ୍ଚି ତଦନ୍ତ କରିଛନ୍ତି। ବନ ବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦକୁ ୪୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଏବଂ ଅନ୍ୟାନ୍ୟ କାଗଜପତ୍ର ଦାଖଲ ପରେ ଅବଶିଷ୍ଟ ୩ ଲକ୍ଷ ୬୦ ହଜାର ଟଙ୍କା ଦିଆଯିବ ବୋଲି ରେଞ୍ଜର ସୂଚନା ଦେଇଛନ୍ତି। ଏ ନେଇ ନଂ. ୨୯/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ଏହାକୁ ନେଇ ଅଞ୍ଚଳବାସୀ ଭୟରେ ଦିନ କାଟୁଛନ୍ତି। ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ହାତୀଙ୍କୁ ଘଉଡ଼ାଇବାକୁ ଦାବି ହେଉଛି।

# ପୋଖରୀରେ ବୁଡ଼ି ୨ ଶିଶୁ ମୃତ

ଆଳି, ୨୪।୮ (ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ଲୋକାପଡା(ଖରାଖାଇ ଗଳି)ରେ ଶନିବାର ପୋଖରୀରେ ବୁଡ଼ି ୨ ଶିଶୁଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଏହି ଗ୍ରାମର ମହମ୍ମଦ ଫରିଦଙ୍କ ପୁଅ ସେକ୍ ଫରହାନ(୨) ଏବଂ ତାଙ୍କ ସାନ ଭଉଣୀ ନସିମା ଖାତୁନଙ୍କ ପୁଅ ଆବୁବକର(୨)। ସକାଳ ପ୍ରାୟ ୮ଟାରେ ଉଭୟ ଶିଶୁ ସାଙ୍ଗହୋଇ ଘର ବାହାରେ ଖେଳୁଥିବା ବେଳେ ଅସାବଧାନତାବଶତଃ ନିକଟରେ ଥିବା ପୋଖରୀରେ ବୁଡ଼ି ଯାଇଥିଲେ। ଖେଳୁଥିବା ସ୍ଥାନରେ ଶିଶୁଦ୍ୱୟଙ୍କୁ ନ ପାଇ ପରିବାର ଲୋକେ ବହୁ ସମୟ ଧରି ଅନ୍ୟ ସ୍ଥାନଗୁଡିକରେ ଖୋଜାଖୋଜି କରିଥିଲେ। କେଉଁଠି ନ ପାଇ ଶେଷରେ ନିକଟସ୍ଥ ପୋଖରୀରେ ଖୋଜିଥିଲେ। ସେଠାରୁ ଗୁରୁତର ଅବସ୍ଥାରେ ଦୁହିଁଙ୍କୁ ଉଦ୍ଧାର କରି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଜୁନାଗଡ଼ରୁ ଭୁବନେଶ୍ୱରକୁ ସ୍ୱତନ୍ତ୍ର ଟ୍ରେନ ଚାଲିଲା

**ଅରୁଣ ଜେଟଲୀଙ୍କ ବିୟୋଗ ଯୋଗୁ ବାତିଲ ହେଲା ଉଦ୍‌ଘାଟନୀ ଉତ୍ସବ**

ଜୁନାଗଡ଼, ୨୪।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ସହରଠାରୁ ଭୁବନେଶ୍ୱରକୁ ଶନିବାର ସ୍ୱତନ୍ତ୍ର ଟ୍ରେନ୍ ଚାଲିଛି। ଅପରାହ୍ନ ସାଢେ ୪ଟାରେ ଜୁନାଗଡ଼ ରୋଡ-ଭୁବନେଶ୍ୱରକୁ ଏକ୍ସପ୍ରେସ ଟ୍ରେନ(ନଂ.୧୮୪୩୭-୧୮୪୩୮) ଯାତ୍ରା ଆରମ୍ଭ କରିଥିଲା। ଅପରାହ୍ନ ୩ଟାରେ ରେଳ ବିଭାଗ ପକ୍ଷରୁ ଏହି ଟ୍ରେନର ଶୁଭାରମ୍ଭ ପାଇଁ ଜୁନାଗଡ଼ ରୋଡ ଷ୍ଟେଶନ ପରିସରରେ ଏକ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ରଖାଯାଇଥିଲା। ମଧ୍ୟାହ୍ନରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅରୁଣ ଜେଟଲୀଙ୍କ ବିୟୋଗ ଖବର ମିଳିବା ପରେ ଏହି କାର୍ଯ୍ୟକ୍ରମ ବାତିଲ କରାଯାଇଥିଲା। ତେବେ ଉକ୍ତ ଟ୍ରେନ ଯାତ୍ରା ଆରମ୍ଭ ସମୟରେ ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର, ବିରୋଧୀ ଦଳ ନେତା ତଥା ଭବାନୀପାଟଣା ବିଧାୟକ ପ୍ରଦୀପ୍ତ କୁମାର ନାଏକ, କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ଜୁନାଗଡ଼ ତହସିଲଦାର ଉପେନ୍ଦ୍ର ଲୁହା, ବିଡିଓ ଦୁଲାରାମ ମାରାଣ୍ଡି, ମୁକେଶ ଅଗ୍ରୱାଲ, ବିଶ୍ୱନାଥ କର, ରୂପେଶ କୁମାର ଜୈନ, ମହେଶ ସାହୁ, ମନୋଜ କୁମାର ମେହେରଙ୍କ ସହ ରେଳବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ପୂର୍ବରୁ ହୀରାଖଣ୍ଡ ଏକ୍ସପ୍ରେସ୍ ସହ ଯୋଡି ହୋଇ ଏହି ଟ୍ରେନ୍ ଜୁନାଗଡ଼ ଯାଉଥିଲା। ପ୍ରଥମେ ଟ୍ରେନ ରାୟଗଡା ଯିବା ପରେ ସେଠାରୁ ଅଲଗା ହୋଇ ଆଉ ଏକ ଇଞ୍ଜିନ ସହ ଜୁନାଗଡ଼ ଯାତ୍ରା କରୁଥିଲା। ହେଲେ ଯାତ୍ରୀଙ୍କୁ ଏଣିକି ସ୍ୱତନ୍ତ୍ର ଟ୍ରେନ ସେବା ମିଳିବ। ଯାହାକୁ ନେଇ ଜିଲାବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏହି ଟ୍ରେନ ପ୍ରତିଦିନ ଭୁବନେଶ୍ୱରରୁ ରାତି ୧୦ଟା୩୫ ମିନିଟ୍‌ରେ ବାହାରି ପରଦିନ ସାଢ଼େ ୧୧ଟାରେ ଜୁନାଗଡରେ ପହଞ୍ଚିବ। ସେହିପରି ଜୁନାଗଡ ରୋଡରୁ ଅପରାହ୍ନ ସାଢେ ୪ଟାରେ ଯାତ୍ରା ଆରମ୍ଭ କରି ପରଦିନ ସକାଳ ସାଢେ ୬ଟାରେ ଭୁବନେଶ୍ୱର ମୁଖ୍ୟ ରେଳଷ୍ଟେଶନରେ ପହଞ୍ଚିବ।




ଭୁବନେଶ୍ୱରକୁ ସ୍ୱତନ୍ତ୍ର ଟ୍ରେନ ଯାତ୍ରା କରିବା ସମୟରେ ଉପସ୍ଥିତ ଅତିଥିବୃନ୍ଦ।









ପ୍ରଭୁ ! ଆମ ଭିତରେ ଯାହାକିଛି କୃତ୍ରିମତା ଓ ମିଥ୍ୟାଚାର ରହିଛି– ଯାହାକିଛି ରହିଛି ପ୍ରତାରଣା, ଛଳନା– ସେସବୁ କିଛି ଏହି ବର୍ଷଟି ସହିତ ଲୋପ ପାଇଯାଉ। ଯାହାକିଛି ସଂପୂର୍ଣ୍ଣ ସତ୍ୟ, ନିଷ୍ଠାପର, ସରଳ ଓ ଶୁଦ୍ଧ ତାହା ଯେପରି ଆଗାମୀ ବର୍ଷଟି ଆମ ପ୍ରକୃତି ଭିତରେ ସଂଚାରିତ ହେଉ।

–ଶ୍ରୀମା



# ନିର୍ଣ୍ଣାୟକ ନେତୃତ୍ୱ



ଆକାର ପଟେଲ

ଚଳିତ ସପ୍ତାହରେ ଏପରି କିଛି ଘଟଣା ଘଟିଛି, ଯାହା ଭାରତ ଅର୍ଥନୀତିରେ ଭଲ କରୁଛି ବୋଲି ଧାରଣା ରଖିଥିବା ଲୋକମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ବାସ୍ତବରେ ପରିସ୍ଥିତି ଏବେ ସଂକଟଜନକ ସ୍ଥିତିରେ ପହଞ୍ଚିଲାଣି ଏବଂ ନୀତି ଆୟୋଗ ଅଧ୍ୟକ୍ଷ କହିଛନ୍ତି ଯେ ୨୦୧୯ରେ ଭାରତ ଯେଉଁ ଆର୍ଥିକ ସଂକଟର ସାମ୍ନା କରୁଛି ତାହା ଅତୀତରେ କେବେ ଘଟି ନ ଥିଲା। ବ୍ୟବସାୟ କରିବା ପାଇଁ ଟଙ୍କାର ଉପଲବ୍ଧତା ୭୦ ବର୍ଷରେ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ବ୍ୟବସ୍ଥା ଉପରେ ବିଶ୍ୱାସର ଅଭାବ ଯୋଗୁ ଏପରି ହୋଇଛି।

ଭାରତର ଜିଡିପି ଅଭିବୃଦ୍ଧି ପ୍ରଥମ ତ୍ରିମାସୀରେ ୬ ପ୍ରତିଶତ ତଳକୁ ଖସିଯାଇଥିବା ବେଳେ ଦ୍ୱିତୀୟ ତ୍ରିମାସୀରେ ଆହୁରି ଖସିବ ବୋଲି ଆଶଙ୍କା କରାଯାଉଛି। ତେଣୁ ଅର୍ଥମନ୍ତ୍ରୀ ବିଭିନ୍ନ ପଦକ୍ଷେପ ଓ ବଡ଼ ପ୍ୟାକେଜ୍ ଘୋଷଣା କରିବା ସହ କେଇମାସ ତଳେ ନେଇଥିବା ନିଷ୍ପତ୍ତିକୁ ଲେଉଟାଇଛନ୍ତି। ଉଦାହରଣସ୍ୱରୂପ ବଜେଟ ଉପସ୍ଥାପନ ବେଳେ ସେ ନିବେଶକମାନଙ୍କ ଉପରେ ଏକ ଟିକସ ଲଗାଇଥିଲେ, ଯାହାକୁ ଏବେ ପ୍ରତ୍ୟାହାର କରିନେଇଛନ୍ତି। ସାମାଜିକ ଉତ୍ତରଦାୟିତ୍ୱ ତୁଲାଉ ନ ଥିବା କମ୍ପାନୀଗୁଡ଼ିକୁ ଦଣ୍ଡ ଦେଲା ଭଳି ଏକ ନୂଆ ନିୟମ କରିଥିଲେ, ଯାହାକୁ ଏବେ ହଟାଇ ନିଆଯାଇଛି। ଷ୍ଟାର୍ଟ–ଅପ୍ କମ୍ପାନୀଗୁଡ଼ିକ ଉପରେ ନିକଟରେ ଲଗାଯାଇଥିବା ଟିକସ, ଯାହାକୁ ପୂର୍ବେ ପ୍ରକ୍ରିୟା ମାଧ୍ୟମରେ କୋହଳ କରାଯାଇଥିଲା, ତାକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିନିଆଯାଇଛି। ପୁନଶ୍ଚ ବଡ଼ ବଡ଼ ବ୍ୟବସାୟୀମାନଙ୍କୁ ଆଶ୍ୱାସନା ଦିଆଯାଇଛି ଯେ, ଟିକସ କର୍ତ୍ତୃପକ୍ଷଙ୍କ ଦ୍ୱାରା କଡ଼ା କାର୍ଯ୍ୟାନୁଷ୍ଠାନକୁ କୋହଳ କରାଯିବ ଏବଂ ସେମାନଙ୍କୁ ଅନୁଚିତ ହରକତର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ।

ଏଥିରୁ ଜଣାପଡୁଛି ଯେ ବଜେଟରେ ଯେଉଁସବୁ ନିଷ୍ପତ୍ତି ନିଆଯାଇଥିଲା, ସେଗୁଡ଼ିକ ଭୁଲ୍ ଥିଲା ଏବଂ ସେଥିଯୋଗୁ ଅନେକ କ୍ଷତି ଘଟିଛି। ଏବେ ଦେଖିବାକୁ ବାକି ରହିଲା ଉକ୍ତ ଭୁଲ୍ ନିଷ୍ପତ୍ତିଗୁଡ଼ିକ ପ୍ରତ୍ୟାହାର କରିନେବା ପରେ ସଂକଟ ଟଳୁଛି କି ନା। ଆମେ ଭାବୁଛୁ ଏକ ବଳିଷ୍ଠ ଓ ନିର୍ଣ୍ଣାୟକ ନେତୃତ୍ୱ ଭଲ ଓ ଆବଶ୍ୟକ। ବର୍ତ୍ତମାନର ରାଜନୈତିକ ନେତୃତ୍ୱକୁ ନେଇ ଦାବି କରାଯାଉଛି ଯେ ଏହା ବଳିଷ୍ଠ ଓ ନିର୍ଣ୍ଣାୟକ ଏବଂ ଏହାକୁ ସମର୍ଥକମାନେ ଗ୍ରହଣ କରୁଛନ୍ତି। ଜମ୍ମୁ–କଶ୍ମୀର ସମ୍ବନ୍ଧିତ ନିଷ୍ପତ୍ତି, ସୀମାରେ ସାମରିକ କାର୍ଯ୍ୟାନୁଷ୍ଠାନ, ବିମୁଦ୍ରୀକରଣ ପ୍ରଭୃତି ଏହାର ପ୍ରମାଣ। ଏକ ନିଷ୍ପତ୍ତିମୂଳକ ଓ ବଳିଷ୍ଠ ନେତୃତ୍ୱ କାହାକୁ କୁହାଯାଏ ? ଏହା ହେଉଛି ସେହିସବୁ କାର୍ଯ୍ୟ କରିବାର କ୍ଷମତା, ଯାହା ସମାନ ପରିସ୍ଥିତିରେ ଅନ୍ୟ ସରକାରମାନେ କରିବାକୁ କୁଣ୍ଠାବୋଧ କରିଥାନ୍ତି। କିନ୍ତୁ ଏ ନିଷ୍ପତ୍ତି ଯଦି ଅପରିଣାମଦର୍ଶୀ ହୁଏ, ତେବେ ତାହା ଖରାପ ପ୍ରଭାବ ପକାଇଥାଏ। ସେପରି ନିଷ୍ପତ୍ତି ନେବା ଭଲ ଯାହାର ଫଳାଫଳ ଭଲ ହୋଇଥାଏ। ନିଷ୍ପତ୍ତି ନେବା ପୂର୍ବରୁ ଏହାର ସମ୍ଭାବ୍ୟ ଭଲମନ୍ଦ ଦିଗ ସମ୍ପର୍କରେ ବିଚାର କରିବା ଉଚିତ। ଆମର ନିଷ୍ପତ୍ତି ଅନ୍ୟମାନଙ୍କ ଉପରେ କି ପ୍ରଭାବ ପକାଇବ ଏବଂ ସେମାନେ କିଭଳି ପ୍ରତିକ୍ରିୟା ପ୍ରକାଶ କରିବେ, ନିଷ୍ପତ୍ତି ନେବା ପୂର୍ବରୁ ସେ ବିଷୟରେ ଚିନ୍ତା କରିବା ଦରକାର। ବିଶେଷତଃ ଯୁଦ୍ଧ ଓ ଅର୍ଥନୀତି ସମ୍ବନ୍ଧରେ ଠିକ୍ ନିଷ୍ପତ୍ତି ନେବା ସବୁବେଳେ ସହଜ ହୋଇ ନ ଥାଏ। ଏପରି ପରିସ୍ଥିତିରେ ନିର୍ଣ୍ଣାୟକତ୍ୱ ମୂଲ୍ୟହୀନ। ଅଭିଧାନରେ ଶୀଘ୍ର ଓ ଦୃଢ଼ ଭାବରେ ନିଷ୍ପତ୍ତି ନେବାର କ୍ଷମତାକୁ ନିର୍ଣ୍ଣାୟକତ୍ୱ କୁହାଯାଇଛି। ଏଠାରେ ଦୃଢ଼ଭାବରେ ମାନେ ବିରୋଧୀମାନଙ୍କ ବା ବିଶେଷଜ୍ଞମାନଙ୍କ ମତାମତକୁ ଖାତିର ନ କରି।

ମୋ ମତରେ ଉଭୟ ଶୀଘ୍ର ଓ ଦୃଢ଼ଭାବରେ ନିଷ୍ପତ୍ତି ନେବା ବିପଦପୂର୍ଣ୍ଣ ହୋଇପାରେ। ସେଇ ନେତାମାନେ ଏପରି ନିଷ୍ପତ୍ତି ନେଇଥାନ୍ତି, ଯେଉଁମାନେ ସାଧାରଣତଃ ଶକ୍ତିଶାଳୀ ହୋଇଥାନ୍ତି ଏବଂ ସେମାନଙ୍କ ଚାରିପଟେ ବେଢ଼ିଥିବା ଲୋକମାନେ ତାଙ୍କୁ ବିରୋଧ କରନ୍ତି ନାହିଁ। ଏହାର କାରଣ ଭିନ୍ନ ମତାବଲମ୍ବୀମାନେ ବିରୋଧ କରି କିଛି ଲାଭ ହେବ ନାହିଁ ଭାବି ଚୁପ୍ ରହନ୍ତି ଏବଂ ସମାନ ମାନସିକତାର ଲୋକମାନଙ୍କର ବିରୋଧ କରିବାର କୌଣସି କାରଣ ନ ଥାଏ। ଅନ୍ୟ ପକ୍ଷରେ ଜଣେ ସତର୍କ ନେତା ସବୁକିଛିକୁ ମାପିଚୁପି ବିଚାର କରନ୍ତି ଏବଂ ସେ ଏପରି ଉପଦେଷ୍ଟା ରଖନ୍ତି, ଯାହାଙ୍କର ଯୁକ୍ତିନିଷ୍ଠ ଭିନ୍ନମତ ପୋଷଣ କରିବାର ସତ୍ସାହସ ଥାଏ।

ମାତ୍ରାଧିକ ଆତ୍ମବିଶ୍ୱାସ ଥିବା ନେତାମାନେ ହିଁ ନିର୍ଣ୍ଣାୟକ ହୋଇଥାନ୍ତି। ଅର୍ଥାତ୍ ଏହି ନେତାମାନେ ପ୍ରଥମତଃ ବୌଦ୍ଧିକତା ଅପେକ୍ଷା ନିଜର ଆବେଗ ଓ ବିଶ୍ୱାସ ଦ୍ୱାରା ପରିଚାଳିତ ହୁଅନ୍ତି। ସେମାନେ ଯାହା ବୁଝିଥାନ୍ତି, ତା'ଠୁ ଭିନ୍ନ ଦୃଷ୍ଟିକୋଣ ନେଇ ବିଚାର କରିପାରନ୍ତି ନାହିଁ। ନିର୍ଣ୍ଣାୟକ ନେତୃତ୍ୱର ଏହି ପରିଭାଷାରୁ ଆମେ ବର୍ତ୍ତମାନର ନେତା ଓ ସରକାରଙ୍କୁ ପୁନଃସମୀକ୍ଷା କରିବା ଆବଶ୍ୟକ। ଏହାରି ଭିତ୍ତିରେ ଆମେ ଆମ ଅର୍ଥ ମନ୍ତ୍ରଣାଳୟର ନିର୍ଣ୍ଣାୟକ ଦିଗ ସମ୍ବନ୍ଧରେ ବିଚାର କରିବା ଉଚିତ। ଅବଶ୍ୟ ଏଥିରେ କର୍ପୋରେଟ ଜଗତ ଜଡ଼ିତ ଥିବାରୁ ସହଜରେ ଭୁଲ୍ ନିଷ୍ପତ୍ତି ଧରାପଡ଼ିଲା ଏବଂ ସରକାର ସେଗୁଡ଼ିକୁ ପ୍ରତ୍ୟାହାର କରିନେବାକୁ ବାଧ୍ୟ ହେଲେ। କିନ୍ତୁ ଅନ୍ୟ ଯେଉଁ କ୍ଷେତ୍ରରେ ଉକ୍ତ ନିର୍ଣ୍ଣାୟକତ୍ୱ ଯୋଗୁ ଭୁଲ୍ ନିଷ୍ପତ୍ତି ପାଇଁ ଦେଶର କ୍ଷତି ଘଟିଚାଲିଛି, ତାହା ଆମେ ବୁଝିବା ଆବଶ୍ୟକ।

Email: aakar.patel@gmail.com

# ଅଖୁସି ଭାରତ



ପ୍ରକାଶ ତ୍ରିପାଠୀ

ଭାଇ କେମିତି ଅଛନ୍ତି? ସବୁ ଭଲ ତ? ଚିହ୍ନା ପରିଚୟ ଭିତରେ କାହାକୁ ଏମିତି ପଚାରନ୍ତୁ। ଉତ୍ତର ଆସିବ–ହଁ ଭାଇ, ସେମିତି ସୁଖେଦୁଃଖେ ବଞ୍ଚିଛି। ମୁହଁ ନେଫେଡି ଏମିତି ଉତ୍ତର ଦେବେ ଯେ ସତେଯେମିତି ଦୁନିଆଯାକର ସବୁ ଦୁଃଖକଷ୍ଟରେ ସେ ଆକ୍ରାନ୍ତ। ଗାଁରେ ଚାଷବାସ କରି ଗୁଜୁରାଣ ମେଣ୍ଟାଉଥିବା ଲୋକଙ୍କୁ ପଚାରିଲେ ଉତ୍ତର ପାଇବେ ଭାଇ, ଖଟି ଖଟି ପ୍ରାଣ ଗଲାଣି। କ'ଣ ସରକାରୀ ଚାକିରି କରିଛି ଯେ ମାସ ଶେଷକୁ ଦରମା ଥୁଆ? ସରକାରୀ ଚାକିରିଆଙ୍କୁ ସେହି କଥା ପଚାରିଲେ ଉତ୍ତର ମିଳିବ– ଭାଇ, ଆଉ ଟେନ୍‌ସନ ନେଇ ହେବନି କି ପ୍ରେସରରେ କାମ କରିହେବନି। କେମିତି ଅବସର ମିଳିଯାଆନ୍ତା, ଦୁନିଆ ଯାକର ରୋଗ ବାହାରି ପଡ଼ିଲାଣି। କର୍ପୋରେଟ ସେକ୍ଟରରେ କାମ କରୁଥିବା ଲୋକଙ୍କୁ ପଚାରିଲେ ଉତ୍ତର ମିଳୁଛି– ଭାଇ, ଆମେ ହେଲୁ ଟେକନୋ–କୁଲି, ଦିନକୁ ୧୦ରୁ ୧୨ ଘଣ୍ଟା ଗଧ ଭଳି ଖଟିବୁ। ଚାକିରିର ସ୍ଥାୟିତ୍ୱ କି ପ୍ୟାକେଜ୍‌ର ଭରସା ନାହିଁ। ଗାଁରେ ସ୍କୁଲ ମାଷ୍ଟରଟିଏ ହୋଇଥିଲେ କି ବିଜ୍‌ନେସ କରିଥିଲେ ଭଲ ହୋଇଥାନ୍ତା। ବିଜ୍‌ନେସ କରୁଥିବା ଲୋକଙ୍କୁ ପଚାରିଲେ ଜବାବ ମିଳୁଛି–ଭାଇ, ବ୍ୟାଙ୍କରେ ସୁଧ ବଢ଼ି ବଢ଼ି ଚାଲିଛି। ନିଦବଟିକା ନ ଖାଇଲେ ରାତିରେ ଶୋଇହେଉନି। ଏଥିରୁ ବୁଝାପଡୁଛି ନିଜ ନିଜ ପେସାକୁ ନେଇ କେହି ଖୁସି ବା ସନ୍ତୁଷ୍ଟ ନୁହନ୍ତି। ନିଜ ପେସା ବ୍ୟତୀତ ଅନ୍ୟ ପେସାକୁ ମହତ ମାନୁଛନ୍ତି। ପିଲାଠାରୁ ବୁଢ଼ା, ସମସ୍ତେ ଅଖୁସି। ପିଲାଟିଏ ପାଠପଢ଼ା ବ୍ୟସ୍ତତା ଭିତରେ ଖେଳିବାକୁ ସମୟ ନ ପାଇ ଅଖୁସି। ବୟସ୍କ ବୁଢ଼ୀବୁଢ଼ାମାନେ ନିଃସଙ୍ଗପଣରେ ଅଖୁସି। ସତେଯେମିତି ଅଖୁସିର ବିଷବଳୟରେ ଆମେ ସବୁ ଘୂରିବୁଲୁଛୁ।

ଏହି ଅଖୁସି ପ୍ରସଙ୍ଗରେ ଲେଖିଲା ବେଳେ ନିକଟରେ ପ୍ରକାଶ ପାଇଥିବା ବିଶ୍ୱର ଖୁସି ଦେଶ ତାଲିକା ମନକୁ ଆସେ। ଜାତିସଂଘ ପକ୍ଷରୁ ପ୍ରକାଶିତ ଖୁସି ଦେଶ ୨୦୧୯ ତାଲିକାର ୧୫୬ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୧୪୦ ନମ୍ବରରେ ରହିଛି। ୨୦୧୨ରୁ ପ୍ରକାଶ ପାଇ ଆସୁଥିବା ଖୁସି ଦେଶ ତାଲିକାରେ ଭାରତର ସ୍ଥାନ କ୍ରମାଗତ ଭାବେ ତଳକୁ ତଳକୁ ଯିବାରେ ଲାଗିଛି। ଜାତିସଂଘ ପକ୍ଷରୁ ୨୦୧୨ରେ ପ୍ରକାଶିତ ପ୍ରଥମ ଖୁସି ଦେଶ ତାଲିକାରେ ଭାରତର ସ୍ଥାନ ଥିଲା ୧୧୧ରେ। ସର୍ବାଧିକ ଖୁସି ଦେଶର କ୍ରମିକ ସଂଖ୍ୟା ୧ ଥିବା ବେଳେ ସର୍ବାଧିକ ଅଖୁସି ଦେଶର କ୍ରମିକ ସଂଖ୍ୟା ଥିଲା ୧୫୬। ଏହା ପରେ ଖୁସି ଦେଶର ତାଲିକା ୨୦୧୫ରୁ ଅଦ୍ୟାବଧି ପ୍ରକାଶ ପାଇ ଆସୁଛି। ୨୦୧୫ରେ ଭାରତର କ୍ରମିକ ସଂଖ୍ୟା ୧୧୭, ୨୦୧୬ରେ ୧୧୮, ୨୦୧୭ରେ ୧୨୨ ଓ ୨୦୧୮ରେ ୧୩୩ ଥିଲା। ଗୋଟିଏ ଦେଶର ନାଗରିକ ନିଜକୁ କେତେ ଖୁସି ଅନୁଭବ କରୁଛନ୍ତି, ତାରି ଆଧାରରେ ଖୁସି ତାଲିକା ପ୍ରସ୍ତୁତ କରାଯାଇଥାଏ। ଉତ୍ପାଦନ, ସୁସ୍ଥ ଜୀବନ ପ୍ରତ୍ୟାଶା, ସାମାଜିକ ସମର୍ଥନ, ନିର୍ଣ୍ଣୟ ନେବାର ସ୍ୱାଧୀନତା, ବ୍ୟକ୍ତି ସ୍ୱାଧୀନତା, ବିଶ୍ୱାସ, ଭ୍ରଷ୍ଟାଚାର/ଦୁର୍ନୀତି ଓ ଉଦାରତା/ବଦାନ୍ୟତା ଆଦି ପ୍ରସଙ୍ଗ ଉପରେ ନାଗରିକଙ୍କ ମତାମତ ନିଆଯାଇ ଖୁସି ଦେଶର କ୍ରମ ତାଲିକା ପ୍ରସ୍ତୁତ ହୋଇଥାଏ। ଦୁଃଖ ଓ ଚିନ୍ତା କରିବାର କଥା ଯେ, ଭାରତ ନିରନ୍ତର ଖୁସି ତାଲିକାରେ ତଳକୁ ତଳକୁ ଖସି ଚାଲିଛି। ଦଶଟି ସର୍ବାଧିକ ଖୁସି ଦେଶ ନ ହେଲା ନାହିଁ, ଶହେଟି ଖୁସି ଦେଶର ତାଲିକା ଭିତରେ ବି ଭାରତ ସ୍ଥାନ ପାଇପାରୁ ନାହିଁ। ପ୍ରକାଶିତ ରିପୋର୍ଟ ଅନୁଯାୟୀ ଫିନ୍‌ଲାଣ୍ଡ ମୋଟ ୧୦ ନମ୍ବରରୁ ୭.୭୭ ନମ୍ବର ରଖି ସର୍ବାଧିକ ଖୁସି ଦେଶ ତାଲିକାର ପ୍ରଥମ ସ୍ଥାନରେ ରହିଥିଲା ବେଳେ ଡେନମାର୍କ ୭.୬୦ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଓ ନରୱେ ୭.୫୫ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛି। ଏହା ତଳକୁ ଯଥାକ୍ରମେ ଆଇସ୍‌ଲାଣ୍ଡ, ନେଦରଲାଣ୍ଡ, ସୁଇଜରଲାଣ୍ଡ, ସ୍ୱିଡେନ, ନ୍ୟୁଜିଲାଣ୍ଡ, କାନାଡା ଓ ଅଷ୍ଟ୍ରିଆ ଆଦି ଦେଶ ପ୍ରଥମ ଦଶଟି ଖୁସି ଦେଶ ତାଲିକାରେ ରହିଛନ୍ତି। ଖୁସି ତାଲିକାର ସବା ତଳେ ରହିଛି ଦକ୍ଷିଣ ସୁଦାନ, ଯାହାକୁ ମିଳିଛି ମାତ୍ର ୨.୮୫ ନମ୍ବର। ଦକ୍ଷିଣ ସୁଦାନର ଆଖପାଖରେ ଥିବା ରାଷ୍ଟ୍ରଗୁଡ଼ିକ ହେଉଛନ୍ତି ଆଫଗାନିସ୍ତାନ, ମଧ୍ୟ ଆଫ୍ରିକୀୟ ଗଣରାଜ୍ୟ, ତାଞ୍ଜାନିଆ, ରୁଆଣ୍ଡା, ସିରିଆ, ବୋଟ୍‌ସୱାନା ଓ ହାଇତି। ଏହିସବୁ ଦେଶରେ ଗୃହଯୁଦ୍ଧ ଯୋଗୁ ନାଗରିକମାନେ ଅଶାନ୍ତି ଓ ଅଭାବରେ ଜୀବନ କାଟୁଥିବାରୁ ଅଖୁସି ରହିବା ସ୍ୱାଭାବିକ।

ଏଥର ଆଲୋଚନା କରିବା ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକ ସମ୍ପର୍କରେ। ୧୪୦ତମ ସ୍ଥାନରେ ଥିବା ଭାରତକୁ ମିଳିଛି ମାତ୍ର ୪.୧ ନମ୍ବର। କିନ୍ତୁ ପାକିସ୍ତାନ ୫.୬୫ ନମ୍ବର ପାଇ ୬୭ତମ ସ୍ଥାନରେ, ଭୁଟାନ ୫.୦୮ ନମ୍ବର ପାଇ ୯୫ତମ ସ୍ଥାନରେ, ନେପାଳ ୪.୯୧ ନମ୍ବର ପାଇ ୧୦୦ତମ ସ୍ଥାନରେ, ବାଂଲାଦେଶ ୪.୪୫ ନମ୍ବର ପାଇ ୧୨୫ତମ ସ୍ଥାନରେ, ଶ୍ରୀଲଙ୍କା ୪.୩୭ ନମ୍ବର ପାଇ ୧୩୦ତମ ସ୍ଥାନରେ ରହିଛନ୍ତି। ଏକମାତ୍ର ଦେଶ ଆଫଗାନିସ୍ତାନ ୩.୨୦ ନମ୍ବର ପାଇ ୧୫୪ତମ ସ୍ଥାନରେ ରହିଛି। କେବଳ ଆଫଗାନିସ୍ତାନକୁ ଛାଡ଼ିଦେଲେ ଅନ୍ୟ ଦକ୍ଷିଣ ଏସୀୟ ଦେଶ ଭାରତର ଉପରେ ରହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କମ୍ ମୁଣ୍ଡ ପିଛା ଆୟ, ଶିକ୍ଷା ଓ ସ୍ୱାସ୍ଥ୍ୟରେ ଅନୁନ୍ନତ ଥାଇ ମଧ୍ୟ ପାକିସ୍ତାନ ଓ ଜାପାନ ମଧ୍ୟରେ ମାତ୍ର ୯ଟି କ୍ରମିକ ସଂଖ୍ୟାର ଦୂରତା ରହିଛି। ଏହାର ଅର୍ଥ ଅଭାବ ଓ ଅସୁବିଧାରେ ରହି ମଧ୍ୟ ପାକିସ୍ତାନବାସୀ ନିଜକୁ ଖୁସି ଅନୁଭବ କରୁଛନ୍ତି, ଯଦ୍ଦ୍ୱାରାକି ୨୦୧୮ରେ ୭୫ କ୍ରମିକ ସଂଖ୍ୟାରେ ଥିବା ପାକିସ୍ତାନ ୨୦୧୯ରେ ୬୭ତମ ସ୍ଥାନକୁ ଉନ୍ନୀତ ହୋଇଛି। ସେହିପରି ଚାଇନା ଓ ଭୁଟାନ ମଧ୍ୟରେ ଦୂରତା ମାତ୍ର ଦୁଇଟି ସଂଖ୍ୟା। ୨୦୧୮ ଖୁସି ଦେଶ ତାଲିକାରେ ବିଶ୍ୱର ଦ୍ୱିତୀୟ ବୃହତ୍ ଅର୍ଥନୈତିକ ଶକ୍ତି ଚାଇନାର ସ୍ଥାନ ୮୭ ଥିଲାବେଳେ ୨୦୧୯ ତାଲିକାରେ ତାହା ୯୩ତମ ସ୍ଥାନକୁ ଖସିଯାଇଛି। ଚିନ୍ତାର ବିଷୟ ଯେ ୨୦୨୪–୨୫ରେ ବିଶ୍ୱର ତୃତୀୟ ଅର୍ଥନୈତିକ ମହାଶକ୍ତି ହେବାକୁ ଯାଉଥିବା ଭାରତ ବର୍ଷକୁ ବର୍ଷ ଖୁସି ସୂଚକାଙ୍କରେ ତଳକୁ ତଳ ଖସିବାରେ ଲାଗିଛି। ମୁଣ୍ଡ ପିଛା ଆୟ ବୃଦ୍ଧି ଓ ମାନବ ବିକାଶ ସୂଚକାଙ୍କ ସ୍ଥିତିରେ ସୁଧାର ଘଟୁଥିବା ବେଳେ ଆମେ ଭାରତୀୟମାନେ ଏତେ ଅଖୁସି କାହିଁକି? ଉଦାସ, ଚିନ୍ତା ଓ ଚାପରେ ଏତେ ଆକ୍ରାନ୍ତ କାହିଁକି? ଆମର ପ୍ରତ୍ୟାଶା, ଆକାଂକ୍ଷା ଓ କାମନାର ପୂର୍ତ୍ତି ହୋଇପାରୁ ନାହିଁ ବୋଲି ଆମେ ଖୁସି ଅନୁଭବ କରିପାରୁ ନାହୁଁ। ଜୀବନ ଯେଉଁଭଳି ଭାବରେ ଆମ ସମ୍ମୁଖକୁ ଆସୁଛି, ତାକୁ ଆମେ ସେହିଭଳି ଭାବରେ ଗ୍ରହଣ କରିପାରୁ ନାହୁଁ। ବାହ୍ୟ ମନରେ ତ ଖୁସି ମନାଇପାରୁଛୁ। ଧର୍ମସ୍ଥଳୀକୁ ପୂଜାର୍ଚ୍ଚନା ପାଇଁ ଯାଉଛୁ। ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲୁଛୁ। ମନଲାଖି ବେଶପୋଷାକ ପିନ୍ଧୁଛୁ। ପୂଜାପାର୍ବଣ ପରିବାର ସହ ପାଳି ଖୁସି ହେଉଛୁ। ଏସବୁ ତ କ୍ଷଣିକ ଓ ବାହ୍ୟ ଖୁସି। କିନ୍ତୁ ଅନ୍ତର୍ମନରେ ଖୁସି ହୋଇପାରୁନୁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ଭାରତ ବିଶ୍ୱର ସର୍ବାଧିକ ବିଷାଦଗ୍ରସ୍ତ ରାଷ୍ଟ୍ର ତାଲିକାର ତୃତୀୟ ସ୍ଥାନରେ ରହିଛି। ଭାରତ ଉପରକୁ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଯଥାକ୍ରମେ ଅଛନ୍ତି ସମୃଦ୍ଧିଶାଳୀ ରାଷ୍ଟ୍ର ଚାଇନା ଓ ଆମେରିକା। ସେହିପରି ଆଉ ଏକ ରିପୋର୍ଟ ଅନୁଯାୟୀ ଗତ ଦଶବର୍ଷ ମଧ୍ୟରେ କର୍ପୋରେଟ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କର ଉଦାସ ଓ ବ୍ୟଗ୍ରତା ଶତକଡ଼ା ୫୦ ଭାଗ ବୃଦ୍ଧି ପାଇଛି। ଅର୍ଥାତ୍ ପ୍ରତି ଦୁଇଜଣ କର୍ମଚାରୀଙ୍କ ମଧ୍ୟରୁ ଜଣେ ଏହାର ଶିକାର ହେଉଛନ୍ତି।

ବର୍ତ୍ତମାନ ଜୀବନ ଏକ ଦୌଡ଼ ପ୍ରତିଯୋଗିତା ହୋଇଯାଇଛି ଓ ସମସ୍ତେ ଅଣନିଃଶ୍ୱାସୀ ହୋଇ ଦୌଡ଼ିବାରେ ଲାଗିଛନ୍ତି। ଟିକେ ଅଟକିଗଲେ ଅନ୍ୟମାନେ ଆଗକୁ ଚାଲିଯିବାର ଭୟ ବି ରହିଛି। ନିଜର ବଳ ଓ ସାମର୍ଥ୍ୟକୁ ନ ପରଖି ଆମେ କ୍ଷିପ୍ରଗତିରେ ଦୌଡ଼ିବାରେ ଲାଗିଛୁ। ଏ ଦୌଡ଼ ହେଉଛି ଅଧିକରୁ ଅଧିକ ଧନ ଉପାର୍ଜନ, କ୍ଷମତା ଆହରଣ, ପ୍ରତିପତ୍ତି ହାସଲ, ସାମାଜିକ ସ୍ୱୀକୃତି, ଖ୍ୟାତି ଓ ଯଶ ଆହରଣ ପାଇଁ। ଏ ଦୌଡ଼ରେ ଯିଏ ଯେତେ ଜୋରରେ ଦୌଡୁଛି, ସେ ସେତେ ଅଖୁସି ରହୁଛି। ଦୌଡ଼ିବା ଆମର ଅଭ୍ୟାସ ହୋଇଗଲାଣି ଓ ଦୌଡ଼ିବା ପାଇଁ ପ୍ରେରଣା ମିଳୁଛି ପାଖ ପଡ଼ୋଶୀଙ୍କଠାରୁ। ନିଜକୁ ନ ଦେଖି ଅନ୍ୟକୁ ଦେଖିବାରେ ଏପରି ଅଭ୍ୟସ୍ତ ହୋଇଗଲୁଣି ଯେ ଅନ୍ୟ ସହ ନିଜକୁ ସମକକ୍ଷ କରିବା ଲକ୍ଷ୍ୟରେ ଦୌଡ଼କୁ କ୍ଷିପ୍ରରୁ କ୍ଷିପ୍ରତର କରିଚାଲିଛୁ। ଏହି ଦୌଡ଼ ଭିତରେ ହାରିଯିବାର ବା ପାଇ ନ ପାରିବାର ଭୟରେ ଆକ୍ରାନ୍ତ ହୋଇଚାଲିଛୁ। ଆମ ଅଜାଣତରେ ମାନସିକ ସ୍ତରରେ ବିକାରଗ୍ରସ୍ତ ହୋଇ ଗଲା ପରେ ବି ଦୌଡ଼ରୁ ଅବ୍ୟାହତି ନେଉନାହୁଁ। ଆମର ଯେତେ ବ୍ୟାଙ୍କ ବାଲାନ୍ସ ଥାଉ, ଯେତେ ବଙ୍ଗଳା ଥାଉ ବା ଯେତେ ଦାମୀ ଗାଡ଼ି ଥାଉ ବଞ୍ଚିବା ପାଇଁ ଦିନକୁ ଦୁଇମୁଠା ଆହାର ଦରକାର। ଗୋଟିଏ ଜୀବନ ଜିଇବା ପାଇଁ ଏସବୁର ଯେତିକି ପ୍ରୟୋଜନ ନାହିଁ, ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଆମେ କେତେ ସମୟ ଖୁସିରେ ରହିପାରୁଛୁ ଓ କେତେ ଲୋକ ଆମ ପାଇଁ ଖୁସିରେ ଜିଇ ପାରୁଛନ୍ତି।

ମୋ–୯୪୩୭୨୩୨୪୬୩,
ଇମେଲ–prakastripathy09@gmail.com

# ସଚିବଙ୍କ ସଚିବ

ଭାରତ ସରକାରଙ୍କ ଉର୍ଦ୍ଧ୍ୱତମ ଅଧିକାରୀଙ୍କ କଥା ଉଠିଲେ କ୍ୟାବିନେଟ ସଚିବଙ୍କ ପଦବୀ ଆଖି ଆଗକୁ ଆସିଥାଏ। ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ରୁ ଆସିଥିବା ଏହି ଅଫିସର ପ୍ରଧାନମନ୍ତ୍ରୀଙ୍କ ସହ ସିଧାସଳଖ ଯୋଗାଯୋଗରେ ଥିବାରୁ ତାଙ୍କ କ୍ଷମତାକୁ ନେଇ ଚର୍ଚ୍ଚା ହୋଇଥାଏ। ସିଭିଲ ସର୍ଭିସ ବୋର୍ଡ ଓ କମିଟି ଅଫ୍ ସେକ୍ରେଟାରିଜ୍ ଅନ୍ ଆଡ୍‌ମିନିଷ୍ଟ୍ରେଶନର ଅଧ୍ୟକ୍ଷଠାରୁ ଆରମ୍ଭ କରି ରାଜ୍ୟଗୁଡ଼ିକର ମୁଖ୍ୟ ଶାସନ ସଚିବଙ୍କ ସମ୍ମିଳନୀରେ କ୍ୟାବିନେଟ ସଚିବ ଭାବେ ସେ ପୌରୋହିତ୍ୟ କରିଥାଆନ୍ତି। ପ୍ରଧାନମନ୍ତ୍ରୀଙ୍କ ବରିଷ୍ଠ ଉପଦେଷ୍ଟା ରହିବା ସହ କ୍ୟାବିନେଟ ବୈଠକ ବେଳେ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବା ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ଥିବାରୁ ଏହି ପଦବୀ ସର୍ବାଧିକ ଗୁରୁତ୍ୱ ରଖିଥାଏ। ସିଭିଲ ସର୍ଭିସ ପାଇଁ ପ୍ରସ୍ତୁତ ହେଉଥିବା ଆଶାୟୀଙ୍କ ସକାଶେ କ୍ୟାବିନେଟ ସଚିବ ପଦ ସର୍ବଦା ଏକ ପ୍ରେରଣା ଭାବେ ରହିଆସିଥିବାରୁ ଏଥିରେ ଅବସ୍ଥାପିତ ବ୍ୟକ୍ତିବିଶେଷଙ୍କ ବିଷୟରେ ଜାଣିବା ପାଇଁ ସେମାନଙ୍କ ଆଗ୍ରହ ରହିଥାଏ। ସ୍ୱରାଷ୍ଟ୍ର ସଚିବ ଥିବା ରାଜୀବ ଗୌବା ୩୦ ଅଗଷ୍ଟରେ କ୍ୟାବିନେଟ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରି ଦୁଇ ବର୍ଷ ଲାଗି ଏହି ପଦବୀରେ ରହିବେ। ନିକଟରେ ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ କମିଟି (ଏସିସି) ତାଙ୍କ ନାମ ଅନୁମୋଦନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏବେ ପି.କେ. ସିହ୍ନା କ୍ୟାବିନେଟ ସଚିବ ଅଛନ୍ତି।

ବ୍ୟକ୍ତିତ୍ୱ



ରାଜୀବ ଗୌବା

ରାଜୀବ ୧୫ ଅଗଷ୍ଟ ୧୯୫୯ରେ ପଞ୍ଜାବରେ ଜନ୍ମଗ୍ରହଣ କରିଥିଲେ। ସେ ପାଟନା ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ପଦାର୍ଥ ବିଜ୍ଞାନରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ରାଜୀବ ସିଭିଲ ସର୍ଭିସ ପ୍ରତି ମନ ବଳାଇଥିଲେ। ୧୯୮୨ ବ୍ୟାଚର ବିହାର (ଏବେ ଝାଡ଼ଖଣ୍ଡ) କ୍ୟାଡରର ଏହି ସର୍ବଭାରତୀୟ ଅଧିକାରୀ ଏବେ ସ୍ୱରାଷ୍ଟ୍ର ସଚିବ ଅଛନ୍ତି। ଲୋକ ସେବା କ୍ଷେତ୍ରରେ ନିୟୋଜିତ ରାଜୀବଙ୍କ କ୍ୟାରିୟର ଦେଖିଲେ ସେ ଉଭୟ ଝାଡ଼ଖଣ୍ଡ ଓ କେନ୍ଦ୍ର ସରକାରଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଆସିଛନ୍ତି। ବିହାର ବିଭାଜନ ହେବା ପୂର୍ବରୁ ସେ ଗୟା, ନାଳନ୍ଦା ଓ ମୁଜାଫରପୁର ଜିଲାର ମାଜିଷ୍ଟ୍ରେଟ ରହିଥିଲେ। ୨୦ ଜାନୁୟାରୀ ୨୦୧୫ରେ ରାଜୀବ ଝାଡ଼ଖଣ୍ଡର ମୁଖ୍ୟ ଶାସନ ସଚିବ ହୋଇଥିଲେ। ସେଠାରେ କାର୍ଯ୍ୟ କଲା ବେଳେ ଶ୍ରମ ସଂସ୍କାର ଏବଂ ବାମପନ୍ଥୀ ଉଗ୍ରବାଦ କମାଇବାରେ ତାଙ୍କ ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ ରହିଥିଲା। କେନ୍ଦ୍ର ସରକାରଙ୍କ ସଚିବ ଭାବେ ନିଯୁକ୍ତି ମିଳିବା ପରେ ତାଙ୍କ କାର୍ଯ୍ୟଦକ୍ଷତା ବରିଷ୍ଠଙ୍କ ଦୃଷ୍ଟିଆକର୍ଷଣ କରିଥିଲା। ପ୍ରତିରକ୍ଷା ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ, ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ଅତିରିକ୍ତ ସଚିବ, ସ୍ୱରାଷ୍ଟ୍ର ବ୍ୟାପାର ଅତିରିକ୍ତ ସଚିବ, ସହରାଞ୍ଚଳ ବିକାଶ ସଚିବ ରହିବା ପରେ ୨୨ ଜୁନ୍ ୨୦୧୭ରୁ ରାଜୀବ ସ୍ୱରାଷ୍ଟ୍ର ସଚିବ ଭାବେ କାର୍ଯ୍ୟ କରିଆସୁଛନ୍ତି। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ଉପଦେଷ୍ଟା ଭାବେ ମଧ୍ୟ ସେ କାର୍ଯ୍ୟ କରିଛନ୍ତି।

ସମ୍ବିଧାନରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ଦିଗରେ ସ୍ୱରାଷ୍ଟ୍ର ସଚିବ ଭାବେ ରାଜୀବ ଅନେକ ପଦକ୍ଷେପ ନେଇଛନ୍ତି। ୩୦ ଅଗଷ୍ଟରେ କ୍ୟାବିନେଟ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କୁ ସରକାରଙ୍କ ସହ ଉତ୍ତମ ସମନ୍ୱୟ ଆଣି କାର୍ଯ୍ୟ କରିବାକୁ ପଡ଼ିବ। ସଚିବଙ୍କ ସଚିବ କୁହାଯାଉଥିବା ଏହି ପଦବୀରେ ଥାଇ ସେ ଆଗକୁ ଅଭିନବ ପଦକ୍ଷେପ ନେବେ ବୋଲି ଆଶା ରହିବା ସ୍ୱାଭାବିକ।

**–ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ବର୍ଷକରେ ୫ଦିନ ସ୍ତ୍ରୀ–ସ୍ୱାମୀ ହସିବାକୁ ବାରଣ କରାଯାଇଥାଏ। ବାରାଣସୀର ମଣିକର୍ଣ୍ଣିକା ଘାଟ ଅଞ୍ଚଳରେ ଥିବା ପିଡି ଗାଁରେ କାହିଁ କେଉଁ କାଳରୁ ଚଳିଆସୁଛି ଏହି ନିଆରା ପରମ୍ପରା। ଦମ୍ପତିଙ୍କ ପାଇଁ ଏହି ପରମ୍ପରା ବେଶ କଡାକଡି ଭାବେ ପାଳନ କରାଯାଏ। କୌଣସି ବ୍ୟକ୍ତି ଏହାକୁ ପାଳନ ନ କଲେ ଏହାକୁ ଚରମ ଅବମାନନା ବୋଲି ଧରି ନିଆଯାଏ। ତେବେ ଏଠାରେ ବର୍ଷକୁ ୫ ଦିନ ଦମ୍ପତିଙ୍କୁ ଏହି ପରମ୍ପରା ପାଳନ କରିବାକୁ ପଡିଥାଏ। ଅଗଷ୍ଟ ୧୭ରୁ ୫ଦିନ ଧରି ଏପରି ଏକ ଅଜବ ପରମ୍ପରା ପାଳନ କରାଯାଇଥାଏ। ଏହି ସମୟରେ ସ୍ତ୍ରୀ–ସ୍ୱାମୀ କେହି କାହା ସହିତ ହସଖୁସି କରିବା ମନା। ପୁଣି ଏହି ୫ ଦିନ ମଦ୍ୟପାନ ବି ନିଷେଧ ହୋଇଥାଏ। ଗାଁ ଲୋକଙ୍କ କହିବା ଅନୁଯାୟୀ ଯେତେବେଳେ ଲାହୁଆ ଘୋଣ୍ଡ ଦେବତା ପିଡି ଗାଁକୁ ଆସିଥିଲେ ସେତେବେଳେ ଏଠାରେ ରାକ୍ଷସମାନଙ୍କର ରାଜୁତି ଚାଲିଥିଲା। ଏହି ରାକ୍ଷସମାନେ ମଣିଷଙ୍କୁ ମାରି ଦେଉଥିଲେ। ଲାହୁଆ ଘୋଣ୍ଡ ଦେବତା ଏହା ଦେଖିବା ପରେ ଏଠାରେ ଥିବା ରାକ୍ଷସମାନଙ୍କୁ ୫ ଦିନ ମଧ୍ୟରେ ବିନାଶ କରିଥିଲେ। ସେବେଠାରୁ ଆଜି ପର୍ଯ୍ୟନ୍ତ ଉକ୍ତ ୫ ଦିନକୁ ଏହିଭଳି ଢଙ୍ଗରେ ପାଳନ କରି ଆସୁଛନ୍ତି ଏଠାକାର ଅଧିବାସୀ। ପ୍ରାଚୀନ କାଳରୁ ଚଳିଆସୁଥିବା ଏହି ପରମ୍ପରା ଆଧୁନିକ ସମାଜ ପାଇଁ ଅଗ୍ରହଣୀୟ ହେଲେ ବି ଆନନ୍ଦଦାୟୀ।

## ଚିରନ୍ତନୀ

କେତେ ଉଲ୍‌କା ପଡ଼େ ଖସି ଗଗନର ପଥେ
ସକରୁଣ ହାସ ଏ ଜଗତେ
ନିମିଷରେ ଦେଖାଦେଇ ନିମିଷରେ ଯାଏ ନାହିଁ ଦ୍ରବି,
ଏ ଆକାଶେ ଚିହ୍ନ ତା'ର ରହେ କାହିଁ, ରହେ କାହିଁ ଛବି!

(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୨୫ ଅଗଷ୍ଟ ୧୯୯୪**

- ୧୯୯୪ ବିଶ୍ୱକପ ଫୁଟବଲ ଟୁର୍ନାମେଣ୍ଟରେ ଡ୍ରଗ୍‌ସ ବ୍ୟବହାର କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ ଆର୍ଜେଣ୍ଟିନା ଫୁଟବଲ ଦଳର ସୁପରଷ୍ଟାର ଡିଏଗୋ ମାରାଡୋନା ୧୫ ମାସ ପାଇଁ ଅନ୍ତର୍ଜାତୀୟ ଫୁଟବଲରୁ ବାସନ୍ଦ।
- ଉତ୍ତରପ୍ରଦେଶର ୮ଟି ପାର୍ବତ୍ୟ ଜିଲାକୁ ନେଇ ଏକ ସ୍ୱତନ୍ତ୍ର ଉତ୍ତରାଖଣ୍ଡ ରାଜ୍ୟ ଗଠନ ପ୍ରସ୍ତାବ ରାଜ୍ୟ ବିଧାନସଭାରେ ସର୍ବସମ୍ମତି କ୍ରମେ ଅନୁମୋଦିତ।

## su | do | ku   ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | | B | | | 6 | | | D | | | | 0 | C | |
| | | | | | 0 | | | 9 | | | | | | B |
| | | | | E | | C | | | | | | | 8 | |
| E | | | 5 | A | | 3 | | | | | | | | |
| 2 | | | 7 | | | | 4 | 5 | D | | | | 6 | 1 |
| | 9 | | | | A | D | | | 8 | 5 | 2 | 1 | | |
| | | | | | C | B | | 2 | | E | | 3 | | |
| | | | 3 | B | | | A | 4 | | | 6 | | 7 | 5 |
| | | | | | 4 | | | | | C | 7 | | | 9 |
| 8 | | 2 | | | | | | 6 | 9 | | | | | |
| 7 | | | | D | 2 | 4 | C | A | 3 | | | | 1 | |
| | | | | | | | | 1 | 6 | | | | 0 | |
| | D | | A | 0 | | | 2 | | | B | 9 | | | |
| C | | | 4 | | 1 | | 8 | | 2 | | | | 9 | |
| | | 9 | E | | 5 | 7 | | 3 | | | 0 | A | D | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 6 | 1 | D | 4 | 5 | 7 | 9 | 2 | A | E | B | 0 | 3 | C |
| D | 7 | E | 8 | C | 2 | B | 5 | 0 | 3 | 6 | 1 | 4 | A | 9 |
| A | 5 | B | 0 | 6 | 3 | E | C | 1 | 4 | D | 9 | 2 | 7 | 8 |
| 2 | 4 | 9 | 7 | E | A | 6 | 8 | 3 | 5 | 0 | C | 1 | B | D |
| C | 3 | 0 | 9 | B | 1 | D | A | 4 | 2 | 8 | 7 | 6 | 5 | E |
| B | 9 | D | 2 | 3 | 6 | 5 | E | 8 | 7 | 1 | A | C | 4 | 0 |
| E | 8 | 3 | 4 | A | C | 2 | 0 | 9 | 6 | B | D | 7 | 1 | 5 |
| 1 | C | A | E | 7 | 0 | 4 | 6 | D | 8 | 5 | 3 | B | 9 | 2 |
| 5 | 2 | 6 | B | 1 | 8 | 3 | 7 | C | 9 | 4 | 0 | E | D | A |
| 7 | 0 | 4 | 5 | D | 9 | A | 1 | B | C | 2 | E | 8 | 6 | 3 |
| 4 | D | 7 | 6 | 8 | B | C | 3 | A | 0 | 9 | 2 | 5 | E | 1 |
| 9 | A | C | 1 | 2 | 7 | 0 | 4 | 6 | E | 3 | 5 | D | 8 | B |
| 3 | B | 5 | C | 0 | E | 8 | D | 7 | 1 | A | 6 | 9 | 2 | 4 |
| 6 | E | 8 | 3 | 9 | D | 1 | 2 | 5 | B | C | 4 | A | 0 | 7 |
| 0 | 1 | 2 | A | 5 | 4 | 9 | B | E | D | 7 | 8 | 3 | C | 6 |

ଗତକାଲି ପ୍ରକାଶିତ ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଶାକୁ ମଦମୁକ୍ତ କରାଯାଉ

ମହାଶୟ,

ନିଶାପାନ ଉପରେ ମହାତ୍ମା ଗାନ୍ଧୀ ମତାମତ ଦେଇ କହିଥିଲେ ଲୋକେ ବରଂ ଭିକ୍ଷାବୃତ୍ତି କରନ୍ତୁ କିନ୍ତୁ ମଦ୍ୟପାନ ନ କରନ୍ତୁ। ଏକଥା ଲୋକେ ତଥା ସରକାର ଭୁଲିଗଲେଣି। ମଦରାକ୍ଷସ ସହର ସହ ଗ୍ରାମାଞ୍ଚଳରେ ବି ଆଡ୍ଡା ଜମାଇଲାଣି। ଆମ ପ୍ରଦେଶରେ ଏବେ ଏପରି ଗୋଟିଏ ବି ଗ୍ରାମ ନାହିଁ ଯେଉଁଠି ଖୋଲା ମଦ ବିକ୍ରି ହେଉନାହିଁ। ଅବକାରୀ ବିଭାଗ ଥାଇ ନ ଥିଲା ଭଳି। ଲୋକେ ନିଶାପାନ କରି ବିଭିନ୍ନ ଅପରାଧ କରିବାରେ ଲାଗିଛନ୍ତି। ସମାଜରେ ଆଇନ ଶୃଙ୍ଖଳା ନାହିଁ। ଅପରାଧ ସବୁ ପୋଲିସ ନିୟନ୍ତ୍ରଣ ବାହାରକୁ ଚାଲିଗଲାଣି। ସବୁଠାରୁ ବିଡ଼ମ୍ବନାର କଥା ଆମ ସମାଜରେ ପାରିବାରିକ ଶୃଙ୍ଖଳା ନାହିଁ କି ଶାନ୍ତି ନାହିଁ। ଓଡ଼ିଶାକୁ ମଦମୁକ୍ତ କରିବା ପାଇଁ ବିଧାନସଭାରେ ମଧ୍ୟ ବିରୋଧୀ ଦଳ ଦାବି ଉପସ୍ଥାପନ କଲେ। ମହିଳାମାନେ ଠାଏ ଠାଏ ମଦ ଦୋକାନ ଭାଙ୍ଗିବାରେ ଲାଗିଲେଣି। ଏହି ସମସ୍ୟାକୁ ସରକାର ଗମ୍ଭୀରତାର ସହ ବିଚାର କରିବା ସହ ଗାନ୍ଧୀ ଜୟନ୍ତୀ ପୂର୍ବରୁ ଓଡିଶାକୁ ମଦମୁକ୍ତ ରାଜ୍ୟ ଘୋଷଣା କରନ୍ତୁ।

ଡାକ୍ତର ନଟବର ନାୟକ, ଖେରସ, ଜଗତ୍‌ସିଂହପୁର

### ପୁରୁଣା ବୋତଲରେ ନୂଆ ମଦ

ପୂର୍ବରୁ ପ୍ରଚଳିତ ବିପିଏଲ ବ୍ୟବସ୍ଥା ତ୍ରୁଟିପୂର୍ଣ୍ଣ ମନେ ହେବାରୁ ନୂଆ କରି ରେଶନ କାର୍ଡ ପ୍ରଚଳନ ହେଲା। ମାତ୍ର ଦେଖାଯାଉଛି ସରକାରଙ୍କ ଅନେକ ଯୋଜନାରେ ପୁନଶ୍ଚ ବିପିଏଲ ହିତାଧିକାରୀଙ୍କୁ ଗ୍ରହଣ କରାଯାଉଛି। ଏହାଦ୍ୱାରା ଯେଉଁମାନେ ସ୍ୱଚ୍ଛଳ ବ୍ୟକ୍ତି ଓ ବିପିଏଲ କାର୍ଡ ହାତେଇଥିଲେ ସେମାନେ ଏହାର ଫାଇଦା ଉଠାଉଛନ୍ତି। ଉଦାହରଣସ୍ୱରୂପ ଯେଉଁ ବ୍ୟକ୍ତି ଷାଠିଏ ବର୍ଷରୁ ଅଧିକ ବୟସ୍କ ସେମାନେ ମଧୁବାବୁ ପେନସନ ଯୋଜନାରେ ପେନସନ ପାଇବେ ବୋଲି ବ୍ଲକ୍ ସ୍ତରରୁ ନିର୍ଦ୍ଦେଶ ଆସିବାରୁ ନୀଳ ଫର୍ମରେ ଦରଖାସ୍ତ କରିବାକୁ କୁହାଗଲା। ବିପିଏଲ ହିତାଧିକାରୀଙ୍କ ନିମନ୍ତେ କିଛି କରିବାର ନ ଥିଲା ମାତ୍ର ଯେଉଁମାନେ ବିପିଏଲ କାର୍ଡରୁ ବଞ୍ଚିତ ସେମାନେ ବାର୍ଷିକ ଟ୪୦,୦୦୦ରୁ କମ୍ ଆୟ ପ୍ରମାଣପତ୍ର ରାଜସ୍ୱ ନିରୀକ୍ଷକଙ୍କଠାରୁ ଆଣିବାକୁ ନିର୍ଦ୍ଦେଶ ଥିଲା। ଶନିବାର ଓ ରବିବାର ପରେ ଶେଷ ଦାଖଲ ତାରିଖ ସୋମବାର ଥିବାରୁ ଓ ରାଜସ୍ୱ ନିରୀକ୍ଷକ ନ ମିଳିବାରୁ ଅନେକ ବ୍ୟକ୍ତି ନିରାଶ ହୋଇଛନ୍ତି।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବେଳାଭୂମିରେ ଶିଶୁକନ୍ୟାକୁ ବଳାତ୍କାର ଅଭିଯୋଗ

**ପାରାଦୀପ,୨୪।୮(ସ୍ୱ.ପ୍ର.):** ପାରାଦୀପ ସମୁଦ୍ର ବେଳାଭୂମିରେ ଶନିବାର ଅପରାହ୍ନରେ ଜଣେ ଶିଶୁକନ୍ୟା (୬)ଙ୍କୁ ଜଣେ ନାବାଳକ(୧୭) ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକେ ଏହା ଦେଖି ଉଭୟ ଶିଶୁକନ୍ୟା ଓ ନାବାଳକଙ୍କୁ ପୋଲିସ ଜିମା ଦେଇଛନ୍ତି। ଏନେଇ ଜଟାଧାର ମୁହାଣ ସାମୁଦ୍ରିକ ଥାନାରେ ଏକ ମାମଲା (ନଂ.୫/୧୯) ରୁଜୁ ହୋଇଛି। ରବିବାର ଉଭୟଙ୍କ ଡାକ୍ତରୀ ମାଇନା କରାଯିବ ବୋଲି ଥାନା ଅଧିକାରୀ ଭରତ କୁମାର ବେହେରା କହିଛନ୍ତି। ସୂଚନା ଅନୁଯାୟୀ, ଶିଶୁକନ୍ୟାଙ୍କ ପରିବାର ଲୋକେ ଅଭିଯୁକ୍ତ ନାବାଳକଙ୍କ ଘରେ ଭଡ଼ାରେ ରହୁଛନ୍ତି। ଉଭୟ ପରିବାରଙ୍କ ମଧ୍ୟରେ ଭଲ ସମ୍ପର୍କ ଥିଲା। ଅପରାହ୍ନରେ ଅଭିଯୁକ୍ତ ନାବାଳକ ଜଣଙ୍କ ସମ୍ପୃକ୍ତ ଶିଶୁକନ୍ୟାଙ୍କୁ ବେଳାଭୂମି ଝାଉଁ ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ। ଏହି ଦୃଶ୍ୟକୁ କେତେଜଣ ଯୁବକ ମୋବାଇଲରେ ସୁଟିଂ କରିଥିବା ଜଣାଯାଇଛି। ଧରାପଡିବା ପରେ ନାବାଳକ ଜଣଙ୍କ ସତ କଥା ମାନି ଭୁଲ୍ ମାଗିଥିବାବେଳେ ସମ୍ପୃକ୍ତ ଯୁବକମାନେ ତାଙ୍କୁ ମାଡ଼ ମାରି ଥାନାକୁ ନେଇଥିଲେ। ଥାନାରେ ଶିଶୁକନ୍ୟାଙ୍କ ପରିବାର ଲୋକେ କାଳେ ଆପୋସ ସମାଧାନ ପାଇଁ ରାଜି ହୋଇଥିଲେ ବୋଲି କୁହାଯାଉଛି। ତେବେ ଘଟଣା ପ୍ରଘଟ ହୋଇଯାଇଥିବାରୁ ସ୍ଥାନୀୟ ଲୋକେ ସେଠାରେ ଜମା ହୋଇ ହୋହଲ୍ଲା କରିଥିଲେ। ଶେଷରେ ପୋଲିସ ବାଧହୋଇ ମାମଲା ରୁଜୁ କରିଥିବା ଜଣାଯାଇଛି।

### ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**ଏରସମା,୨୪।୮(ସ୍ୱ.ପ୍ର.):** ଏରସମା ବ୍ଲକ ଚଟୁଆ ଗ୍ରାମରେ ହେବାକୁଥିବା ଦୁର୍ଗାପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର ପୂଜା ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଛି। ଆୟୋଜକ ପୁରାତନ ଛାତ୍ର ସଂଘ ଓ ଦୁର୍ଗା ପୂଜା କମିଟି ପକ୍ଷରୁ ଜନ୍ମାଷ୍ଟମୀ ଦିନ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରାଯିବା ପାଇଁ ଭୂମିପୂଜା କରାଯାଇ ମାଟି ଉଠାଯାଇଛି। ସଭାପତି ମନୋଜ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଉପସଭାପତି ଅକ୍ଷୟ ସ୍ୱାଇଁ, ସମ୍ପାଦକ ସୁରେନ୍ଦ୍ର ସ୍ୱାଇଁ, ସହ ସମ୍ପାଦକ ଅଭୟ ପାଳ, ସୁଧାକର ବିଶ୍ୱାଳ, ଅନୀଲ ସାମନ୍ତରାୟ, ବସନ୍ତ ନାୟକ, କୈଳାସ ଚନ୍ଦ୍ର ମହାପାତ୍ର, ଅଂଶୁମାନ ମିଶ୍ର, ନୃସିଂହ ପ୍ରଧାନ ପ୍ରମୁଖ ପୂଜାକୁ ଆକର୍ଷଣୀୟ କରିବା ପାଇଁ ଆଲୋଚନା କରି ବିଭିନ୍ନ ନିଷ୍ପତ୍ତି ନେଇଥିଲେ।

## ■ ମଧ୍ୟାହ୍ନଭୋଜନ କେଳେଙ୍କାରୀ ମାମଲା

# ଅଖା ବାବଦ ଆଦାୟ ହେଲା ୮୦ ହଜାର

■ଅବଶିଷ୍ଟ ୪ ଲକ୍ଷ ଦେଇନାହାନ୍ତି ବିଦ୍ୟାଳୟ କର୍ତ୍ତୃପକ୍ଷ
■ବିଳମ୍ବ କଲେ କାର୍ଯ୍ୟାନୁଷ୍ଠାନ

**ଜଗତ୍‌ସିଂହପୁର ଅଫିସ,୨୪।୮**

ଜଗତ୍‌ସିଂହପୁର ଜିଲାରେ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ (ଏମ୍‌ଡିଏମ୍) କେଳେଙ୍କାରୀକୁ ନେଇ ଚର୍ଚ୍ଚା ଥମୁନି। ଜିଲାର ୫ ବ୍ଲକରେ ପ୍ରାୟ ୬୧ ଲକ୍ଷ ଟଙ୍କାର ଏମ୍‌ଡିଏମ୍ ଚାଉଳ, ଅଖା, ଏମ୍‌ଡିଏମ୍ ମେଳା, ରୋଷେୟା ମା'ମାନଙ୍କ ତାଲିମ ଆଦିରେ ଆହୁରି ପ୍ରାୟ ୭୧ ଲକ୍ଷ ଟଙ୍କା, ଏହିପରି ମୋଟ ୧.୩୨ କୋଟି ଟଙ୍କାର ଅନିୟମିତତା ହୋଇଥିବା ଖବର ପଦାକୁ ଆସିଥିଲା। ଏ ସମ୍ପର୍କିତ ଖବର ପ୍ରଥମେ ଧରିତ୍ରୀରେ ପ୍ରକାଶ ପାଇଲା ପରେ ସାଧାରଣରେ ଚର୍ଚ୍ଚା ଜୋର ଧରିଥିଲା। ଏଥିମଧ୍ୟରେ ବିଦ୍ୟାଳୟଗୁଡିକ ଚଳୁ କରିଥିବା ଅଖା ବାବଦ ୪.୮୯ ଲକ୍ଷ ଟଙ୍କା ମଧ୍ୟରୁ ଜଗତ୍‌ସିଂହପୁର ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ପାଖାପାଖି ୮୦ ହଜାର ଟଙ୍କା ଆଦାୟ କରିବାକୁ ସକ୍ଷମ ହୋଇଛନ୍ତି। ତଥାପି ଏହି ବ୍ଲକ ଅଞ୍ଚଳର ବିଦ୍ୟାଳୟଗୁଡିକ ଆଉ ପାଖାପାଖି ୫୮ ହଜାର ଟଙ୍କା ଫେରାଇ ନ ଥିବା ଜଣାଯାଇଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ବିଇଓ ମାନସ ରଞ୍ଜନ ଦାସ କହିଛନ୍ତି, ବିଦ୍ୟାଳୟଗୁଡିକୁ ତୁରନ୍ତ ଅଖା ଟଙ୍କା ଫେରାଇବା ପାଇଁ ତାଗିଦ କରାଯାଇଛି। ଯେଉଁ ଶିକ୍ଷାନୁଷ୍ଠାନ ଟଙ୍କା ଫେରାଇନାହାନ୍ତି ସେମାନେ ଯଥାଶୀଘ୍ର ଫେରାଇବେ ବୋଲି ଜଣାଇଛନ୍ତି। ବିଳମ୍ବ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବଡ଼କଥା ହେଲା ଅନ୍ୟ ବ୍ଲକ ଅଞ୍ଚଳରେ ଥିବା ବିଦ୍ୟାଳୟଗୁଡିକ ଟଙ୍କାଟିଏ ବି ଫେରାଇ ନ ଥିଲେ ସୁଦ୍ଧା ବିଭାଗ ସେମାନଙ୍କୁ ସମୟ ଦେଇଚାଲିଛି।

ସରକାରୀ ନିୟମ ଅନୁଯାୟୀ, ବିଦ୍ୟାଳୟଗୁଡିକ ଚାଉଳ ବ୍ୟବହାର ପରେ ଏହାର ଅଖା ପ୍ରତି ୮ ଟଙ୍କା ମୂଲ୍ୟରେ ବିକ୍ରି କରି ଏହି ଟଙ୍କାରେ ଛାତ୍ରୀଛାତ୍ରଙ୍କ ହାତ ସଫା ପାଇଁ ସାବୁନ କିମ୍ବା ଅନ୍ୟାନ୍ୟ ସାମଗ୍ରୀ କ୍ରୟ କରି ବିନିଯୋଗ ପ୍ରମାଣପତ୍ର ଦେବା କଥା। କିନ୍ତୁ ଜିଲାର ୮ ବ୍ଲକରେ ବିଦ୍ୟାଳୟଗୁଡିକ ଏହି ଟଙ୍କା ଚଳୁ କରି ଦେଇଥିବା ଅଭିଯୋଗ ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ୫ ବ୍ଲକ ନାଉଗାଁ, ଜଗତ୍‌ସିଂହପୁର, ବିରିଡ଼ି, ରଘୁନାଥପୁର ଓ ବାଲିକୁଦା ବ୍ଲକର ବିଦ୍ୟାଳୟଗୁଡିକ କେତେ ଟଙ୍କାର ବିନିଯୋଗ ପ୍ରମାଣପତ୍ର ଦେଇନାହାନ୍ତି ତାର ହିସାବ କରାଯାଇଥିଲା। ଜଣାଯାଇଥିଲା ଏହି ୫ ବ୍ଲକରେ ଅଖା ବାବଦ ୪,୮୯,୪୩୨ ଟଙ୍କା ଗାଏବ କରାଯାଇଛି। ନାଉଗାଁ ବ୍ଲକର ବିଭିନ୍ନ ବିଦ୍ୟାଳୟର ୫୩,୭୭୬ ଟଙ୍କା, ବିରିଡ଼ି ବ୍ଲକ ୬୫,୮୪୦, ଜଗତ୍‌ସିଂହପୁର ୧,୩୮,୭୫୨, ରଘୁନାଥପୁର ୮୬,୬୬୪ ଓ ବାଲିକୁଦା ବ୍ଲକର ବିଦ୍ୟାଳୟଗୁଡିକ ୧,୪୪,୪୦୦ ଟଙ୍କା ଚଳୁ କରିଥିବା ଜଣାଯାଇଥିଲା। ତେଣୁ ତୁରନ୍ତ ଅଖା ଟଙ୍କା ଫେରସ୍ତ କରିବାକୁ ଏହି ବିଦ୍ୟାଳୟଗୁଡିକୁ ଚିଠି କରାଯାଇଥିଲା। କିନ୍ତୁ କେବଳ ଜଗତ୍‌ସିଂହପୁର ବ୍ଲକର କେତେକ ଶିକ୍ଷାନୁଷ୍ଠାନକୁ ବାଦ ଦେଲେ ଅବଶିଷ୍ଟ ବିଦ୍ୟାଳୟ ଏ ପର୍ଯ୍ୟନ୍ତ ଟଙ୍କା ଫେରାଇବା ନାଁ ଧରୁନାହାନ୍ତି। ଏହାସତ୍ତ୍ୱେ ଜିଲା ଶିକ୍ଷା ବିଭାଗ ନୀରବ ରହିଛି। କେବଳ ଅଖା ନୁହେଁ, ପ୍ରାୟ ୬୧ ଲକ୍ଷ ଟଙ୍କାର ମଧ୍ୟାହ୍ନଭୋଜନ ଚାଉଳ ଅନିୟମିତତା ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନି। ଏହି ଟଙ୍କା ତୁରନ୍ତ ଫେରସ୍ତ ପାଇଁ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ୫ ବ୍ଲକର ଶିକ୍ଷା ଅଧିକାରୀ ଓ ପରିବହନ ସଂସ୍ଥାଗୁଡିକୁ ଚିଠି କରିଥିଲେ। ଧାର୍ଯ୍ୟ ସମୟ ମଧ୍ୟରେ ଅର୍ଥ ଫେରସ୍ତ ନ ହେବାରୁ ଡିଇଓ ଗତ ମାସ ୧୦ ତାରିଖରେ ପୁଣିଥରେ ବିଇଓ ଓ ପରିବହନ ସଂସ୍ଥାଗୁଡିକୁ ଜଣାଇଥିଲେ। ଏହାସତ୍ତ୍ୱେ ବିଦ୍ୟାଳୟଗୁଡିକ ଟଙ୍କା ଫେରାଉ ନାହାନ୍ତି କି ଡିଇଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଏ ସମ୍ପର୍କରେ ଡିଇଓ ପ୍ରତିଭା ମଞ୍ଜରୀ ଦାସ କହିଛନ୍ତି ଯେ, ବିଦ୍ୟାଳୟଗୁଡିକ ଟଙ୍କା ଫେରାଇ ଦେବେ ବୋଲି ବାରମ୍ବାର ଅନୁରୋଧ କରୁଥିବାରୁ ଅପେକ୍ଷା କରାଯାଇଛି। କିନ୍ତୁ କେତେଦିନ ଭିତରେ ଟଙ୍କା ଆଦାୟ ପାଇଁ ସମୟ ଧାର୍ଯ୍ୟ କରାଯାଇଛି ତା ଉପରେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ।

## ■ ମହିଳାଙ୍କୁ ହତ୍ୟା ଘଟଣା

# ପୋଲିସ ତଦନ୍ତରେ ଅବହେଳା ଅଭିଯୋଗ

**ତିର୍ତ୍ତୋଲ,୨୪।୮(ଡି.ଏନ.ଏ.)**

ତିର୍ତ୍ତୋଲ ଥାନା ବିଦ୍ୟାଧରପୁର ଗ୍ରାମର ଜଣେ ମହିଳାଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଘଟଣାର ଏକ ସପ୍ତାହ ପରେ ମଧ୍ୟ ପୋଲିସ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ନ ଥିବାରୁ ତଦନ୍ତରେ ଅବହେଳା କରାଯାଉଥିବା ମୃତ ମହିଳାଙ୍କ ଭାଇ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ କୋଳର ଗ୍ରାମର ବିଭୁତି ମଲିକଙ୍କ ଝିଅ ସରୋଜିନୀ ବିଦ୍ୟାଧରପୁର ଗ୍ରାମର ବାବୁଲିଙ୍କୁ ବିବାହ କରିଥିଲେ। ସେଠାରେ ଶାଶୁଘର ଲୋକେ ସରୋଜିନୀଙ୍କୁ ବିଭିନ୍ନ ସମୟରେ ନିର୍ଯାତନା ଦେଉଥିଲେ। ବାବୁଲି ନିଜ କାମରେ ବାହାରକୁ ଯିବା ପରେ ତାଙ୍କର ୨ଜଣ ପଡୋଶୀ ଫୋନ୍ କରି ତାଙ୍କୁ ସରୋଜିନୀଙ୍କ ବିରୋଧରେ ବିଭିନ୍ନ ମିଛକଥା କହୁଥିଲେ। ଏଥିରେ ବାବୁଲି ଉତ୍ତ୍ୟକ୍ତ ହୋଇ ସରୋଜିନୀଙ୍କୁ ଗାଳିଗୁଲଜ ଓ ମାରଧର କରୁଥିଲେ। ଏପରି କି ପଡୋଶୀ ଘରର କେତେଜଣ ଲୋକ ମଧ୍ୟ ତାଙ୍କୁ ଧମକ ଦେଉଥିଲେ। ଏ ସମ୍ପର୍କରେ ସରୋଜିନୀ ବାପଘର ଲୋକଙ୍କୁ ବହୁବାର ଜଣାଇଥିଲେ। ବାପଘର ଲୋକେ ଯାଇ ବୁଝାସୁଝା କରି ଆସିଥିଲେ। କିନ୍ତୁ ଗତ ୧୭ ତାରିଖରେ ସରୋଜିନୀଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ତାଙ୍କ ଭାଇ ଅମୂଲ୍ୟ ଘଟଣାସ୍ଥଳକୁ ଯାଇ ମୃତଦେହ ଦେଖିଥିଲେ। ସରୋଜିନୀଙ୍କ ନାକରୁ ରକ୍ତ ବାହାରିବା ଓ ବେକରେ ଦାଗ ଥିବା ଦେଖି ସେ ସନ୍ଦେହ କରିଥିଲେ। ତେଣୁ ତାଙ୍କ ଭଉଣୀଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ସହ ମାମଲା ନଂ.୨୨୯/୧୯ ରୁଜୁ କରିଥିଲା। କିନ୍ତୁ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ସରୋଜିନୀଙ୍କ ଫୋନକୁ ଜଣେ ବାହାର ଲୋକଙ୍କ ଫୋନ୍ ଆସିଥିବା ଜାଣି ତାଙ୍କ ଭାଇ ଉକ୍ତ ଫୋନ ପୋଲିସକୁ ହସ୍ତାନ୍ତର କରିଥିଲେ। ଏହାର କଲ ରେକର୍ଡ ଯାଞ୍ଚ କରିବାକୁ ସେ ଦାବି କରିଛନ୍ତି। ଏହି ହତ୍ୟାକାଣ୍ଡରେ ଶାଶୁଘର ଲୋକଙ୍କ ସହ ବାହାର ଲୋକଙ୍କ ସମ୍ପୃକ୍ତି ରହିଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ସୋମନାଥ ରାଉତ କହିଛନ୍ତି ଯେ, ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ଓ ଅଧିକ ତଦନ୍ତ ହେବ।

# ମା' ଦୁର୍ଗାଙ୍କ ମୂର୍ତ୍ତି ପାଇଁ ମାଟି ଅନୁକୂଳ

**ବିରିଡ଼ି,୨୪।୮(ଡି.ଏନ.ଏ)**

ପବିତ୍ର ନନ୍ଦୋତ୍ସବ ଅବସରରେ ବିରିଡ଼ି ବ୍ଲକ ହାଜିପୁର ଛକଠାରେ ଦଶହରା ନିମନ୍ତେ ମା' ଦୁର୍ଗାଙ୍କ ମୂର୍ତ୍ତି ଗଢିବା ପାଇଁ ମାଟି ଅନୁକୂଳ କରାଯାଇଛି। ଦେବୀ ନଦୀ କୂଳ ରାଶବଟ ନିକଟରେ ଯଥାରୀତି ପୂଜା ପରେ ମାଟି ଅନୁକୂଳ କରାଯାଇଥିଲା। ପଣ୍ଡିତ ବାଦଲ ମିଶ୍ର, ହରିହର ମିଶ୍ର ପୂଜାର୍ଚ୍ଚନା କରିଥିଲେ। ଦୁର୍ଗାଙ୍କ ପୂଜାରେ କର୍ତ୍ତା ହେଉଥିବା ବାସୁଦେବ ସେନାପତି କର୍ମରେ ବସି ରୀତିନୀତି ଅନୁଯାୟୀ କାର୍ଯ୍ୟ ସମାପନ କରିଥିଲେ।



ମା' ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ ନିମନ୍ତେ ପୂଜା କରାଯାଉଛି।

# ଉଦ୍ଭିଦ ବିଜ୍ଞାନ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

**ବାଲିକୁଦା,୨୪।୮(ସ୍ୱ.ପ୍ର.)**

ବାଲିକୁଦା ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ଉକ୍ତ ବିଭାଗର ପ୍ରଥମ ବର୍ଷର ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ଉଦ୍ଦେଶ୍ୟରେ ଏହି ଉତ୍ସବ ଆୟୋଜନ କରାଯାଇଥିଲା। ଏଥିରେ ବିଭାଗ ମୁଖ୍ୟ ଅଧ୍ୟାପକ ବିଭୁ ପ୍ରସାଦ ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାଣୀ ବିଜ୍ଞାନ ମୁଖ୍ୟ ଅଧ୍ୟାପକ ବିନୋଦ ବିହାରି ବେହୁରା, ମୁଖ୍ୟବକ୍ତା ଭାବେ ଇଂଲିଶ ଅଧ୍ୟାପକ ଆର୍ତ୍ତବନ୍ଧୁ ସ୍ୱାଇଁ ପ୍ରମୁଖ ଯୋଗଦେଇ ମନ ଲଗାଇ ପାଠ ପଢି ଭବିଷ୍ୟତରେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ବିଭାଗୀୟ ଅଧ୍ୟାପକ ପବିତ୍ର ମହାନ୍ତି ନିଜର ଗୁରୁଜନମାନଙ୍କୁ ଭକ୍ତି କରି ସେମାନଙ୍କ ଆଶୀର୍ବାଦର ପାତ୍ର ହେବା ପାଇଁ କହିବା ସହିତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ପରିସରରେ ଉକ୍ତ ବିଭାଗର ଛାତ୍ରୀଛାତ୍ରଙ୍କ ଦ୍ୱାରା ଚାରା ରୋପଣର କରାଯାଇଥିଲା। ଶରତ ମହାପାତ୍ର ଓ ପ୍ରଶାନ୍ତ ନାୟକ ସହାୟତା କରିଥିଲେ।

## ■ ଛାତ୍ର ସଂସଦ ନିର୍ବାଚନ ବନ୍ଦକୁ ବିରୋଧ

# କଲେଜ ଆଗରେ ଛାତ୍ରଙ୍କ ଧାରଣା



ଛାତ୍ରମାନେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କଲେଜ ଅଧକ୍ଷଙ୍କୁ ଦାବିପତ୍ର ଦେଉଛନ୍ତି।

**ନାଉଗାଁ,୨୪।୮(ସ୍ୱ.ପ୍ର.)**

ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନକୁ ରାଜ୍ୟ ସରକାର ବନ୍ଦ କରିଦେବାକୁ ନେଇ ଛାତ୍ରମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ନାଉଗାଁ ବ୍ଲକ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଛାତ୍ରମାନେ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧ କରି ଶନିବାର କଲେଜ ଆଗରେ ଧାରଣା ଦେଇଛନ୍ତି। ବିକାଶ କୁମାର ନାୟକ, ସ୍ମୃତିରଞ୍ଜନ ଜେନା, ବାଦଲ ନାୟକ, ହିରଣ୍ୟ ଜେନା, ଆଶୁତୋଷ ପରିଡ଼ା, ନିଗମାନନ୍ଦ ସ୍ୱାଇଁ, ସନ୍ଦୀପ ମହାନ୍ତି, ସଂଗ୍ରାମ ଖୁଣ୍ଟିଆ, କିଶୋର ବାଲ, ଆମଦଦୀପ ରାଉତ, ବିଶ୍ୱଜିତ ସ୍ୱାଇଁ, ଅଭିଜତ ସ୍ୱାଇଁ, ସରୋଜ ସାହୁ, ବିକାଶ ମହାନ୍ତି, ଲିପୁ ସ୍ୱାଇଁ, ବୁଲ ସ୍ୱାଇଁ, ସୌଭାଗ୍ୟ ସ୍ୱାଇଁ, ତାରକ ଜେନା ପ୍ରମୁଖ ଛାତ୍ରମାନେ ଧାରଣାରେ ବସିବା ସହ କଲେଜ ଅଧକ୍ଷ ଜଟାଧାରୀ ମହାନ୍ତିଙ୍କ ଜରିଆରେ ରାଜ୍ୟପାଳଙ୍କ ନିକଟକୁ ଏକ ଦାବିପତ୍ର ପଠାଇଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଛାତ୍ର ବିଜେଡିର ପରାଜୟ ଭୟରେ ଜାଣିଶୁଣି ଛାତ୍ର ସଂସଦ ନିର୍ବାଚନ ବାତିଲ କରାଯାଇଛି। ଏହା ଦ୍ୱାରା ଛାତ୍ରମାନଙ୍କ ଅଧିକାର କ୍ଷୁର୍ଣ୍ଣ ହୋଇଛି। ଛାତ୍ର ସଂସଦ ନିର୍ବାଚନ ଦ୍ୱାରା ଉତ୍ତମ ଶିକ୍ଷା ବ୍ୟବସ୍ଥା ସହ ଦକ୍ଷ ନେତୃତ୍ୱ ସୃଷ୍ଟି ହୋଇପାରିଥାଏ। ବିଶେଷ କରି ଆମ ମହାବିଦ୍ୟାଳୟରେ ପ୍ରତିବର୍ଷ କିଛି ୟୁଜିଏସ ଫି ସଂଗ୍ରହ କରାଯାଇଥାଏ ଓ ତାହା ମହାବିଦ୍ୟାଳୟର ଉନ୍ନତିମୂଳକ କାର୍ଯ୍ୟରେ ଲାଗିଥାଏ। ତେଣୁ ସରକାର ନିଷ୍ପତ୍ତି ପରିବର୍ତ୍ତନ କରି ଛାତ୍ର ସଂସଦ ନିର୍ବାଚନ କରାଇବାକୁ ସେମାନେ ଦାବି କରିଛନ୍ତି। ଦାବିପତ୍ରର ନକଲ ଜିଲାପାଳଙ୍କ ଅବଗତି ନିମନ୍ତେ ପ୍ରଦାନ କରାଯାଇଛି।

## ■ ନବନିର୍ମାଣ ଯୁବ ଛାତ୍ର ସଙ୍ଗଠନ ସମାବେଶ

# ଯୁବବର୍ଗ ସଜାଗ ନ ହେଲେ ଲୁଟି ଚାଲିବେ ନେତା

**ଜଗତ୍‌ସିଂହପୁର ଅଫିସ,୨୪।୮**

ସମ୍ପ୍ରତି ଯୁବ ଓ ଛାତ୍ର ସମାଜ ବିପଥଗାମୀ। ସେମାନଙ୍କ ଭିତରେ ନୀତି ଆଦର୍ଶ ଗୌଣ ହୋଇଗଲାଣି। ସେମାନେ ନିଶା କବଳରେ କବଳିତ। ଏହା କେବଳ ସେମାନଙ୍କର କ୍ଷତି କରୁନି, ସମାଜ ବିଶେଷକରି ରାଷ୍ଟ୍ର ପାଇଁ ମଧ୍ୟ ବିପଦ ସୃଷ୍ଟି କରୁଛି। ଦେଶର ପ୍ରଗତି ବାଧାପ୍ରାପ୍ତ ହେଉଛି। ସେମାନଙ୍କ ମନରେ ଦେଶ ମାତୃକା ପ୍ରତି ଆକର୍ଷଣ ସୃଷ୍ଟି କରିବା ଆବଶ୍ୟକ। ସେମାନେ ସଜାଗ ନ ହେଲେ ଆଜିକାଲିର ନେତା ଓ ଅମଲାମାନେ ସେମିତି ଦେଶକୁ ଲୁଟି ଚାଲିଥିବେ। ଶନିବାର ନବ ନିର୍ମାଣ ଯୁବଛାତ୍ର ସଙ୍ଗଠନର ଜିଲାସ୍ତରୀୟ ସମାବେଶରେ ସଙ୍ଗଠନର ପ୍ରତିଷ୍ଠାତା ବିଶିଷ୍ଟ କୃଷକ ନେତା ଅକ୍ଷୟ କୁମାର ଏହା ପ୍ରକାଶ କରିଛନ୍ତି। ସ୍ଥାନୀୟ ମାର୍କଣ୍ଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସଙ୍ଗଠନର ରାଜ୍ୟ ସଂଯୋଜକ ମନୱର ଅଲ୍ଲୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାବେଶରେ ସେ କହିଲେ ଯେ, ବ୍ୟବସ୍ଥାରେ ସୁଧାର ଓ ସମାଜରେ ପରିବର୍ତ୍ତନ ପାଇଁ ଯୁବ ସମାଜ ଆନ୍ଦୋଳନକୁ ଓହ୍ଲାଇବା ଆବଶ୍ୟକ। ସହ ପ୍ରତିଷ୍ଠାତା ଶେଷଦେବ ନନ୍ଦ ତାଙ୍କ ବକ୍ତବ୍ୟରେ ଯୁବ ଓ ଛାତ୍ର ନେତୃତ୍ୱର ଅଭାବକୁ ନେଇ ଦୁଃଖ ପ୍ରକାଶ କରିଥିଲେ। ସେ କହିଲେ ଯେ, ୩୦ ବର୍ଷ ତଳେ ଲଢେଇ ଭିତରୁ ନେତୃତ୍ୱ ବାହାରୁଥିଲେ। ଏବେ କେବଳ ଗୋଡାଣିଆ ନେତୃତ୍ୱ ବାହାରୁଛନ୍ତି। ଏମାନେ କେବେ ସମାଜ ନିର୍ମାଣରେ ଆଗେଇ ପାରିବେ ନାହିଁ।

ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ ଓଡ଼ିଶାର ଅମୂଲ୍ୟ ପ୍ରାକୃତିକ ସମ୍ପଦ ଲୁଟ୍ ହେଉଥିବା ସମ୍ପର୍କରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଓଡ଼ିଶା ନିର୍ମାଣରେ ଆମ ପ୍ରାକୃତିକ ସମ୍ପଦ ବିନିଯୋଗ ହେବା କଥା। କିନ୍ତୁ ଖଣି ମାଫିଆ ଓ ନେତା ଏହାକୁ ଲୁଟ୍ କରି ଚାଲିଛନ୍ତି। ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଯୁବ ଛାତ୍ର ସମାଜ ଏ ଦିଗରେ ସଜାଗ ରହିଲେ ଲୁଣ୍ଠନ ରୋକାଯାଇ ପାରିବ। ସଙ୍ଗଠନ ରାଜ୍ୟ ସଂଯୋଜକ ଅଲ୍ଲୀ ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ବେକାରଙ୍କ ଦୁର୍ଦ୍ଦଶା ସମ୍ପର୍କରେ କହିଥିଲେ। ଯୁବଛାତ୍ର ସମାଜକୁ ଯିଏ ଉପେକ୍ଷା କରିବ ସିଏ ଆସନ ଗାଦିରେ ରହିପାରିବେ ନାହିଁ ବୋଲି କହିଥିଲେ। ସଙ୍ଗଠନ ଯୁବଛାତ୍ର ପ୍ରଭାରି ଦେବଦତ୍ତ ସାହୁ, ଦେବୀ ପ୍ରସାଦ ମହାରଣା, ଦୁର୍ଗାଚରଣ ସ୍ୱାଇଁ ଓ ବିପ୍ଳବ ଭାରତ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସଙ୍ଗଠନ ଜିଲା ସଂଯୋଜିକା ମଧୁସ୍ମିତା ବସ୍ତିଆ, ପୂଜା ସ୍ୱାଇଁ, ରବୀନ୍ଦ୍ର ମଣ୍ଡଳ, ସିପୁନ ରାଉତ, ପ୍ରଜ୍ଞା ପରମିତା ସାହୁ, ଚିନ୍ମୟୀ ଆଚାର୍ଯ୍ୟ, ଶୁଭସ୍ମିତା ବିଶ୍ୱାଳ, କବିତା ଗିରି, ଦୀପକ କୁମାର, ସତ୍ୟବାନ ସାମଲ ପ୍ରମୁଖ ସମାବେଶରେ ଉପସ୍ଥିତ ଥିଲେ।



ସମାବେଶରେ ଉପସ୍ଥିତ ନବ ନିର୍ମାଣ ଛାତ୍ର ସଂଗଠନର କର୍ମକର୍ତ୍ତା।

DSPL-71

NATIONAL HEALTH MISSION

ଜାତୀୟ ଚକ୍ଷୁଦାନ ପକ୍ଷ

୨୫ ଅଗଷ୍ଟ - ୮ ସେପ୍ଟେମ୍ବର, ୨୦୧୯

ଚକ୍ଷୁଦାନ ସମ୍ପର୍କରେ ଜାଣିବା କଥା

- କୌଣସି ବ୍ୟକ୍ତିଙ୍କ ମୃତ୍ୟୁର ୬ ଘଣ୍ଟା ମଧ୍ୟରେ ଚକ୍ଷୁଦାନ କରାଯାଇପାରିବ।
- ଚକ୍ଷୁଦାନ ସମ୍ମତିପତ୍ର ସ୍ୱାକ୍ଷରିତ ହୋଇନଥିଲେ ମଧ୍ୟ ନିକଟ ସମ୍ପର୍କୀୟଙ୍କ ଲିଖିତ ସମ୍ମତି କ୍ରମେ ଚକ୍ଷୁଦାନ କରାଯାଇପାରିବ।
- ମୃତ୍ୟୁ ପରେ ଯଥାଶୀଘ୍ର ନିକଟସ୍ଥ ଚକ୍ଷୁଭଣ୍ଡାର (EYE BANK) ସହ ଯୋଗାଯୋଗ କରି ଚକ୍ଷୁଦାନ କରାଇପାରିବେ।

ଆମ ରାଜ୍ୟରେ ଥିବା ଚକ୍ଷୁବ୍ୟାଙ୍କ:

- ଏସ୍.ସି.ବି. ମେଡିକାଲ୍ କଲେଜ, କଟକ
- ଏମ୍.କେ.ସି.ଜି. ମେଡିକାଲ୍ କଲେଜ, ବ୍ରହ୍ମପୁର
- ଭି.ଏସ୍.ଏସ୍. ମେଡିକାଲ୍ କଲେଜ, ବୁର୍ଲା
- ଦୃଷ୍ଟିଦାନ, ଆଇ.ଜି.ଏଚ୍. ରାଉରକେଲା
- ଦୃଷ୍ଟିଦାନ, ଏଲ୍.ଭି. ପ୍ରସାଦ୍ ଆଇ ହସ୍‌ପିଟାଲ, ଭୁବନେଶ୍ୱର
- ସମ୍ ହସ୍‌ପିଟାଲ, ଭୁବନେଶ୍ୱର

ଅଧିକ ଜାଣିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କିମ୍ବା ଉପଖଣ୍ଡ ଚିକିତ୍ସାଳୟ (ଚକ୍ଷୁ ବିଭାଗ) ସହ ଯୋଗାଯୋଗ କରନ୍ତୁ।

ଆସନ୍ତୁ, ଚକ୍ଷୁଦାନ ପରି ଏକ ମହତ କାର୍ଯ୍ୟରେ ସାମିଲ୍ ହୋଇ ଦୃଷ୍ଟିହୀନ ବ୍ୟକ୍ତିଙ୍କୁ ସୁନ୍ଦର ଦୁନିଆ ଉପଭୋଗ କରାଇବାରେ ସହାୟକ ହେବା।

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

10003/13/0042/1920

## ସଂକ୍ଷେପରେ

### ଦୌଡିବାକୁ ଯାଇ ନାବାଳକ ନିଖୋଜ
## ସପ୍ତାହେ ପରେବି ମିଳୁନି ସନ୍ଧାନ

**ଆଳି, ୨୪।୮ (ଡି.ଏନ୍.ଏ): ସକାଳୁ** ଦୌଡିବାକୁ ଯାଇ ଆଳି ଥାନା ଅନ୍ତର୍ଗତ ଦେମାଳ ଗ୍ରାମର ଜଣେ ନାବାଳକ ଗତ ରବିବାରରୁ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ସେହି ଗ୍ରାମର ବବୁଲ ଦାସ(୧୪)। ଏନେଇ ତାଙ୍କ ଭାଇ ସୁନୀଲ ଦାସ ଗତ ସୋମବାର ଆଳି ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ଥାନାରେ ମାମଲା (ନଂ.୭୩/୧୯)ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ବବୁଲ ସବୁଦିନ ସକାଳେ ଆଳି ହାଇସ୍କୁଲର ମିନି ଷ୍ଟାଡିୟମକୁ ଦୌଡିବାକୁ ଯାଆନ୍ତି। ଗତ ରବିବାର ସକାଳ ପ୍ରାୟ ୬ଟା ବେଳେ ସେ ଏକ ଟ୍ରାକ ସୁଟ ଓ ଗାରପକା ଗଞ୍ଜି ପିନ୍ଧି ଦୌଡ଼ିବାକୁ ଯାଇଥିଲେ। କିନ୍ତୁ ଦିନ ୯ଟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଷ୍ଟାଡିୟମକୁ ଯାଇଥିବା ଅନ୍ୟ ପିଲାଙ୍କୁ ଓ ସାଙ୍ଗମାନଙ୍କୁ ପଚାରାଉଚୁରା କରିଥିଲେ। ମାତ୍ର କୌଣସି ସନ୍ଧାନ ନ ମିଳିବାରୁ ଶେଷରେ ଆଳି ଥାନାରେ ଖବର ଦିଆଯାଇଥିଲା। ଏହି ଘଟଣାକୁ ଏକ ସପ୍ତାହ ବିତିଯାଇଥିଲେ ମଧ କୌଣସି ସୂଚନା ମିଳି ନ ଥିବାରୁ ପରିବାର ସଦସ୍ୟ ଏବେ ଚିନ୍ତିତ ହୋଇଯାଇଛନ୍ତି। ଏସମ୍ପର୍କରେ ଆଳି ଥାନା ଅଧିକାରୀ ସନୀଲ କୁମାର ପ୍ରଧାନ କହିଛନ୍ତି, ଅଭିଯୋଗ ପରେ ପୋଲିସ ପକ୍ଷରୁ ଅନୁସନ୍ଧାନ ଜାରି ରହିଛି। ମାତ୍ର ଏପର୍ଯ୍ୟନ୍ତ ତାଙ୍କ ନିଖୋଜ ସମ୍ପର୍କିତ ଅଧିକ ତଥ୍ୟ ପୋଲିସକୁ ହସ୍ତଗତ ହୋଇନାହିଁ। ତୁରନ୍ତ ଏନେଇ ଅଧିକ ଅନୁସନ୍ଧାନ କରିବାକୁ ପରିବାର ଲୋକେ ଦାବି କରିଛନ୍ତି।

## ବିଦେଶୀ ମଦ ଜବତ



**କେନ୍ଦ୍ରାପଡ଼ା ଅଫିସ, ୨୪।୮:** କେନ୍ଦ୍ରାପଡା ସହରର ବଳଗଣ୍ଡି ଗ୍ରାମର ଶରତ କୁମାର ସାହୁଙ୍କ ଘରେ ଟାଉନ ପୋଲିସ ଶନିବାର ଚଢ଼ାଉ କରି ୭୫ ବୋତଲ ବିଦେଶୀ ମଦ ଜବତ କରଛି। ଏନେଇ ଥାନାରେ ମାମଲା (ନଂ.୧୫୯/୧୯)ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଶରତଙ୍କ ଘରୁ ୧୩.୬ ଲିଟର ବିଦେଶୀ ମଦ ଜବତ କରାଯାଇଛି ବୋଲି ଥାନା ଅଧିକାରୀ ଜ୍ୟୋତିରଞ୍ଜନ ସାମନ୍ତରାୟ ସୂଚନା ଦେଇଛନ୍ତି। ଏସ୍‌ଆଇ ସୌମ୍ୟରଞ୍ଜନ ଜାଲିଙ୍କ ନେତୃତ୍ୱରେ ଏଏସଆଇ ଶରତ କୁମାର ବାରିକ, ହାବିଲଦାର ନରେନ୍ଦ୍ର ନାଥ ସୋରେନ ଓ ବସନ୍ତ କୁମାର ବେହେରା ପ୍ରମୁଖ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

## ଜରାନିବାସରେ ମହିଳାଙ୍କୁ ମାଡ଼ ଅଭିଯୋଗ

**ସାଲେପୁର, ୨୪।୮ (ଡି.ଏନ.ଏ.):** ସାଲେପୁର ଥାନା ବାଲିସାହି ପଞ୍ଚାୟତ ମାଛୁଆତିସ୍ଥିତ ନଇଗୁଆଁ ରୋଡ୍‌ରେ ଥିବା ଏକ ଜରାନିବାସରେ ଜଣେ ମହିଳାଙ୍କୁ ମାଡ଼ ମରାଯାଇଛି। ଏନେଇ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ନିଶ୍ଚିନ୍ତକୋଇଲି ବ୍ଲକ କଟରପା ପଞ୍ଚାୟତ ପିଠାପଡ଼ା ଗ୍ରାମର ମହିଳା କାଞ୍ଚନ ସ୍ୱାଇଁ ଏହି ଜରାନିବାସରେ ରହୁଥିଲେ। ସେହି ଜରାନିବାସର ରହୁଥିବା ପ୍ରଫୁଲ୍ଲ ଲେଙ୍କା ତାଙ୍କୁ ଠେଙ୍ଗାରେ ମାଡ଼ ମାରିଛନ୍ତି। କାଞ୍ଚନଙ୍କ ଡାହାଣ ହାତ ଓ ପିଠିରେ ମାଡ଼ ଦାଗ ରହିଛି। ଜରାନିବାସ ସୁପରଭାଇଜର୍ ବିଚିତ୍ର ରାଉତ ଏ ସମ୍ପର୍କରେ କହିଛନ୍ତି, ଉଭୟଙ୍କ ଭିତରେ ପାଟିତୁଣ୍ଡ ହୋଇଥିଲା। ହେଲେ ମହିଳାଙ୍କୁ ମାଡ଼ ମରା ଯାଇନାହିଁ। ଘଟଣା ପରେ ପ୍ରଫୁଲ୍ଲ ଜରାନିବାସରୁ ଫେରାର ହୋଇ ଯାଇଥିବା ସୁପରଭାଇଜର ରାଉତ ସୂଚନା ଦେଇଛନ୍ତି। କ'ଣ ପାଇଁ ଏହି ଘଟଣା ଘଟିଛି ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## ଶ୍ରଦ୍ଧାଞ୍ଜଳି ସଭା

**ତିିରିଆ, ୨୪।୮ (ଡି.ଏନ.ଏ.):** ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଜଗନ୍ନାଥ ମାଝିଙ୍କ ସ୍ତ୍ରୀ ପଦ୍ମାବତୀଙ୍କ ବିୟୋଗରେ ସଂଗ୍ରାମୀ ପରିବାରର ଏକ ଅପୂରଣୀୟ କ୍ଷତି ଘଟିଲା। ପଦ୍ମାବତୀ ଜଣେ ପରୋପକାରୀ ଓ ମିଷ୍ଟଭାଷୀ ଥିଲେ ବୋଲି ପଦ୍ମାବତୀ ମାଝି ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରକାଶ କରିଛନ୍ତି। ଏଥିରେ ପୂର୍ବତନ ବ୍ଲକ ଅଧକ୍ଷ ଭାଗିରଥୀ ନନ୍ଦଙ୍କ ପୌରୋହିତ୍ୟରେ ଏହି ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ସମ୍ମାନିତ ଅତିଥି ଅଚ୍ୟୁତାନନ୍ଦ ଜେନା, ରଶ୍ମିତା ପରିଡ଼ା, ବ୍ଲକ ଉପାଧକ୍ଷ ଗୌରହରି ପରିଡ଼ା, କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବ ପ୍ରସାଦ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

# ଦ୍ୱୀପାଞ୍ଚଳରେ ସମସ୍ୟା ବୁଝିଲେ ଜିଲାପାଳ

**ରାଜକନିକା, ୨୪।୮ (ଡି.ଏନ୍.ଏ.)**

କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା ଶନିବାର ଅଚାନକ ରାଜକନିକା ବ୍ଲକ ଅନ୍ତର୍ଗତ ଗଙ୍ଗାଧରପ୍ରସାଦଡିଆ ଗ୍ରାମ ଗସ୍ତ କରିଥିଲେ। ତ୍ରୈଲୋକ୍ୟପୁର ପଞ୍ଚାୟତର ଦ୍ୱୀପାଞ୍ଚଳ ଭାବେ ପରିଚିତ ଏହି ଗ୍ରାମରେ ବର୍ମା ପହଞ୍ଚି ଲୋକଙ୍କ ବିଭିନ୍ନ ସମସ୍ୟା ବୁଝିଥିଲେ। ସେଠାକାର ଦୈନନ୍ଦିନ ଚଳଣି ସମ୍ପର୍କରେ ଅବଗତ ହୋଇଥିଲେ। ସୂଚନାଯୋଗ୍ୟ, ଖରସ୍ରୋତା ନଦୀକୂଳରେ ଅବସ୍ଥିତ ଏହି ରାଜସ୍ୱଗ୍ରାମର ଚାରିପଟୁ ନଦୀ ଘେରି ରହିଛି। ଏଥିଯୋଗୁ ଗ୍ରାମବାସୀ ସବୁବେଳେ ଡଙ୍ଗା ଉପରେ ନିର୍ଭରଶୀଳ। ଗ୍ରାମର ୨ଟି ୱାର୍ଡରେ ୧୪୨ ଘର ରହିଥିବା ବେଳେ ୧୪୫୬ ଜଣ ଏଠାରେ ବସବାସ କରୁଛନ୍ତି। ଏହାସତ୍ତ୍ୱେ ଏହି ଗ୍ରାମକୁ ଅଦ୍ୟାବଧି ସଡ଼କ ପଥ ସହ ସଂଯୋଗ କରାଯାଇନାହିଁ। ଜିଲାପାଳ ବର୍ମା ଏହି ଗ୍ରାମକୁ ଯାଇ ଏସବୁ ସମସ୍ୟା ଶୁଣିବା ସହ ସ୍ଥାନୀୟ ବିଦ୍ୟାଳୟରେ ଶିକ୍ଷକ ଅଭାବ ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ବିଦ୍ୟାଳୟର ପାଚେରି ନିର୍ମାଣ ଓ କୁମ୍ଭୀର ଉପଦ୍ରବରୁ ରକ୍ଷା ପାଇବା ପାଇଁ ନଈର ଗାଧୁଆ ତୁଠରେ ତାର ଜାଲି ଲଗାଇବାକୁ ବନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ନଈରେ ଅଧିକ ୪ଟି ଗାଧୁଆ ତୁଠ ନିର୍ମାଣ କରିବାକୁ ଗୁରୁତ୍ୱ ଦେଇଥିଲେ। ଏଥିସହ ଆଲୋକୀକରଣ ପାଇଁ ୧୫ ଦିନ ମଧ୍ୟରେ ୬ଟି ଷ୍ଟ୍ରିଟଲାଇଟ ସ୍ଥାପନ, ଏମ୍‌ଜିଏନଆରଇଜିଏସ୍‌ରେ ଅନୁମୋଦିତ ହୋଇଥିବା କାର୍ଯ୍ୟାରମ୍ଭ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମର କଂକ୍ରିଟ ରାସ୍ତା କାଦୁଅ ହୋଇଯାଇଥିବାରୁ ପଞ୍ଚାୟତପାଣ୍ଠିରୁ ୭ ଦିନ ମଧ୍ୟରେ ସେହି ରାସ୍ତା ଉପରେ ଢ଼ଳେଇ କରିବାକୁ ନିର୍ଦ୍ଦେଶ ଦେଇଥିଲେ।



ଜିଲାପାଳ ସମର୍ଥ ବର୍ମା ଗ୍ରାମବାସୀଙ୍କ ସମସ୍ୟା ବୁଝୁଛନ୍ତି।

## ଜ୍ଞାନବିଜ୍ଞାନ ମେଳାରେ ୧୦୧ ପ୍ରକଳ୍ପ ପ୍ରଦର୍ଶିତ

**କେନ୍ଦ୍ରାପଡା ଅଫିସ, ୨୩।୮**

କେନ୍ଦ୍ରପଡା ବ୍ଲକ ତ୍ରିଲୋଚନପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଇତିମଧ୍ୟରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଅଛି। ଏହି ମେଳାରେ ୧୦୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ପ୍ରଧାନ ଆଚାର୍ଯ୍ୟା ଭାରତୀ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜନ ହୋଇଥିଲା। ଏଥିରେ ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ଅଜୟ କୁମାର ସ୍ୱାଇଁ, ରତ୍ନାକର ବରାଳ, ବିଜୟ କୁମାର ସାମଲ ଯୋଗ ଦେଇଥିଲେ। ଅତିଥିମାନେ ସାମ୍ପ୍ରତିକ ସମୟରେ ବିଜ୍ଞାନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପ୍ରସନ୍ନ କୁମାର ପ୍ରଧାନ ଓ ମିନତୀ ବେହେରା ସଭା ପରିଚାଳନା କରିଥିଲେ। ସସ୍ମିତା ପ୍ରଧାନ, ନୀରଜା ବଳ, ଶ୍ରୀଧର ନାୟକ, ନିବେଦିତା ଦାଶ ଓ ଦୀପା ବରାଳ ପ୍ରମୁଖ ବିଜ୍ଞାନ ମେଳାରେ ସହଯୋଗ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛାଞ୍ଚୁଣି ବିକିଲି, ଦରପଣ କଲି**
**କୁଲା ବିକି କଲି ଚାଦର**
**ମାଆ ବିକୁଥିଲା ତାମ୍ପଡ଼ା ଶୁଖୁଆ**
**ବାପ ବିକୁଥିଲା ପତର।**

ସାଧାରଣତଃ ଅନେକ ବ୍ୟକ୍ତି ଛୋଟରୁ ବଡ଼ ହୋଇସାରିବା ପରେ ଅତୀତର ଦାରିଦ୍ର୍ୟ ଅବସ୍ଥାକୁ ପାସୋରି ଦେଇଥାନ୍ତି। ବର୍ତ୍ତମାନର ସୁଖ ସ୍ୱାଚ୍ଛନ୍ଦ୍ୟ ଅବସ୍ଥାକୁ ନେଇ ଗର୍ବ ପ୍ରକାଶ କରିଥାନ୍ତି। ଧନ ଗର୍ବରେ ମତୁଆଲା ହୋଇ ଅହଂକାର କରି କରନ୍ତି। ତେବେ ପୂର୍ବ ଦାରିଦ୍ର୍ୟ ଅବସ୍ଥାକୁ ବ୍ୟକ୍ତି କିଭଳି ଅତିକ୍ରମ କରିଆସିଛି ତାହା ସେ ମନରୁ ପାସୋରି ନ ଦେବା ଉଚିତ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଛି ଲୋ ଛି**
**ବୁଢ଼ି ନ ମରି ପହଁରୁଛି।**

ଯେଉଁମାନେ ଅଲାଜୁକ ଶ୍ରେଣୀର ତାଙ୍କ ମୁହଁରେ କିଛି ଲାଜ ସରମ ନ ଥାଏ। ତାଙ୍କ କାର୍ଯ୍ୟକଳାପ କାହାର ପସନ୍ଦଯୋଗ୍ୟ ହୋଇ ପାରି ନ ଥାଏ। ଯେତେ କହିଲେ ମଧ ତାଙ୍କ ହାବଭାବରେ କୌଣସି ପରିବର୍ତ୍ତନ ଘଟୁ ନ ଥିବା ସ୍ଥଳେ ଏପରି ଅଲାଜୁକ ବେସରମ ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

### ■ ୩୧ ପଞ୍ଚାୟତରେ ମୋ ପଞ୍ଚାୟତ କାର୍ଯ୍ୟକ୍ରମ
# ଜିଲାରେ ଭୂତଳ ଜଳ ହ୍ରାସ ପାଉଥିବାରୁ ଉଦ୍‌ବେଗ

**ପଟ୍ଟାମୁଣ୍ଡାଇ, ୨୪।୮ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକର ୩୧ ପଞ୍ଚାୟତରେ ଇତିମଧ୍ୟରେ ରାଜ୍ୟ ସରକାରଙ୍କ 'ମୋ ପଞ୍ଚାୟତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜଳଶକ୍ତି ଅଭିଯାନ, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ବୃକ୍ଷରୋପଣ, ସଫେଇ ଓ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏନେଇ ଆୟୋଜିତ ବୈଠକରେ କେନ୍ଦ୍ରାପଡା ଜିଲାରେ ଭୂତଳ ଜଳ ହ୍ରାସ ପାଉଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ବାଛରା ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ପଟ୍ଟାମୁଣ୍ଡାଇ ବିଡିଓ ପବିତ୍ର ମୋହନ କାନୁନଗୋ ଯୋଗ ଦେଇ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ସଫଳ ରୂପାୟନ ପାଇଁ ମତବ୍ୟକ୍ତ କରିଥିଲେ। ଏଥିରେ ପଞ୍ଚାୟତ ସରପଞ୍ଚ ସମୀର କୁମାର ପ୍ରଧାନ, ସ୍ୱେଚ୍ଛାସେବୀ ସଂଗଠନ ଅନ୍ୱେଷଣର ସମ୍ପାଦକ ଅନନ୍ତ କର, ସମିତି ସଭ୍ୟ ଜ୍ୟୋତିକାନ୍ତ ବେହୁରା, ପଞ୍ଚାୟତ ହିସାବରକ୍ଷକ ଶୁଶ୍ରୀ ସଙ୍ଗୀତା ପ୍ରଧାନ ଓ ପିଇଓ ବେଲ ମାଝି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଗ୍ରାମରେ ସଫେଇ କରିଥିଲେ। ଏଥିସହ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯାଇଥିଲା। ସେହିପରି ବ୍ଲକ ଅନ୍ତର୍ଗତ ଡାମରପୁର, ବଳଭଦ୍ରପୁର, ଶ୍ରୀରାମପୁର, ସଂସାରଫଳ, ଶାସନ, ଚନ୍ଦନନଗର, ଦୋଷିଆ, ବିଲିକଣା, ଓଉପଦା, ଖଣତା, ବଡପଡା, ଦିହୁଡ଼ିପୁର ଆଦିରେ ମୋ ପଞ୍ଚାୟତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାଛଡା ବଡପଡା, ସାନଜରିଆ, ଗଙ୍ଗାରାମପୁର, ଅରଡପଲ୍ଲୀ, ଖଡିଅଙ୍କ, କଖାରୁଣୀ, ନରସିଂହପୁର, ଡିହାପଡା, ବଡମୂଳବସନ୍ତ, ଅଳପୁଆ, ଅଣରା, ଅମୃତମଣୋହୀ, ବଲୁରିଆ, ସିଂହଗାଁ, ପେଣ୍ଠପାଳ ଓ ତରଡିପାଳ ଆଦି ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତ ସମ୍ପାଦକ, ପିଇଓ, ବ୍ଲକର ବିଭିନ୍ନ କର୍ମଚାରୀ, ପୂର୍ବତନ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଓ ସ୍ଥାନୀୟ ଲୋକେ ଯୋଗଦେଇଥିଲେ।

## 'ଦୁର୍ନୀତିମୁକ୍ତ ହେବ ପଞ୍ଚାୟତିରାଜ ବିଭାଗ'

**ନିଶ୍ଚିନ୍ତକୋଇଲି, ୨୪।୮ (ସ୍ୱ.ପ୍ର.)**

ପଞ୍ଚାୟତିରାଜ ବିଭାଗକୁ ଦୁର୍ନୀତିମୁକ୍ତ କରାଯିବ। ଏଥିସହିତ ବିଭାଗ ପକ୍ଷରୁ ସାଧାରଣ ଲୋକଙ୍କୁ ତ୍ୱରିତ ସହାୟତା ପ୍ରଦାନ କରାଯିବ ବୋଲି ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ଶନିବାର ନିଶ୍ଚିନ୍ତକୋଇଲି ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର କାର୍ଯ୍ୟାଦେଶ, ଫନୀ ବାତ୍ୟା ଘରଭଙ୍ଗା ସହାୟତା ରାଶି ଓ ପରିବାର ମଙ୍ଗଳ ଯୋଜନାରେ ସହାୟତା ସହ ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏକଥା ପ୍ରକାଶ କରିଛନ୍ତି। ଏଥିସହିତ ସରକାରୀ କର୍ମଚାରୀ ୫ ଟି' ଅନୁସାରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ତେଣୁ ବିଭାଗରୁ ଦୁର୍ନୀତି ହଟାଇ ସ୍ୱଚ୍ଛତା ଆଣିବା ପାଇଁ ସମସ୍ତ ଲୋକପ୍ରତିନିଧି ଓ ବିଭାଗୀୟ କର୍ମଚାରୀ ଉଦ୍ୟମ କରିବାକୁ ମନ୍ତ୍ରୀ ନିବେଦନ କରିଛନ୍ତି। ଉତ୍ସବରେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସୁଶାନ୍ତ ରଣା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ବ୍ଲକ ଅଧକ୍ଷା ସବିତା ଓଝା, ଜିଲାପରିଷଦ ସଭ୍ୟା ସବିତା ସାମଲ, ଗୀତାଞ୍ଜଳି ପଣ୍ଡା, ତହସିଲଦାର ଜିତେନ୍ଦ୍ର ପାତ୍ର, ଉପାଧକ୍ଷାଙ୍କ ପ୍ରତିନିଧି ରମାକାନ୍ତ ମହାନ୍ତି, ଅଶୋକ ଓଝା, ପ୍ରାକ୍ତନ ବ୍ଲକ ଅଧକ୍ଷ ଗିରିଶ ମହାପାତ୍ର, ଯୁବ ବିଜେଡି ସଭାପତି ମିହିର ମିଶ୍ର ପ୍ରମୁଖ ଯୋଗଦେଇ ସରକାରଙ୍କ ଯୋଜନା ଉପରେ ଆଲୋକପାତ କରିଥିଲେ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

FINANCE
UNB ଋଣ ଲିମିଟେଡ୍ ଭରସାର ପ୍ରତିକ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ବେରୋଜଗାର ଏବଂ ସମସ୍ତ ଋଣ ମାତ୍ର ୫ ଘଣ୍ଟାରେ ଘରେବସି ପାଆନ୍ତୁ। 2% ସୁଧ 45% ଛାଡ
No File Charge No Guarantor
Vasundhara Mall, West Boring Canal Rd, Rajapur, Patna, Bihar 800001
7298510688
7055901278

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୪୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ୍, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ ୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

!! ଋଣ ଋଣ ଋଣ !!
୧ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
7052572586
Add :- 41/14, Sec-1 Pushp Vihar, Delhi

LOAN ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା 1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ଋଣ | ବ୍ୟବସାୟ | ଗ୍ରୁପ ଋଣ
ଏଗ୍ରିକଲ୍‌ଚର ଋଣ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ସତ୍ୟମ ଫାଇନାନ୍ସ
72910-60977
72910-46520
H.No-798, Block H, Jaitpur Extn Part-2, Badarpur, South Delhi

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ। ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
- ସ୍ପେଶାଲିଷ୍ଟ -
ବଶୀକରଣ ଓ ମୁଠ୍‌କରଣ
ପ୍ରେମ ବିବାହ, ମନମୁତାବକ ପ୍ରେମ, ବଶୀକରଣ, ଯାଦୁ ଟୋନା, ମୁଠୀକରଣୀ, ବିଦେଶ ଯାତ୍ରା ଓ ବ୍ୟବସାୟରେ ପ୍ରତିବନ୍ଧକ, ବିବାହ-ପ୍ରେମରେ ବାଧା, କ୍ରୋଧି ଲୋକଙ୍କୁ ବଶୀଭୂତ କରିବା, ପୁରୁଣା ରୋଗରେ ଔଷଧ କାମ ନ କରିବା, ପତି-ପତ୍ନୀଙ୍କ ମଧ୍ୟରେ ମତାନ୍ତର, ଦୁଷ୍ଟ ଲୋକ ଏବଂ ଶତ୍ରୁଠାରୁ ମୁକ୍ତି।
ବି.ଦ୍ର: ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିୟା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

EDUCATION

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

HEALTH CARE

AT PURI AT PURI AT PURI
ଗୁପ୍ତ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ବୈବାହିକ ସମସ୍ୟା, ଶୀଘ୍ର ସ୍ଖଳନ, ପୁରୁଷ ସମସ୍ୟା, ମୂତ୍ରରେ ଧାତୁ ପଡିବା, ସ୍ତ୍ରୀ ରୋଗ - ଋତୁସ୍ରାବ ଅନିୟମିତତା, ଧଳାସ୍ରାବ, ସନ୍ତାନ ହୀନତା, ମୁଖବ୍ରଣ, ରୁପି ଏବଂ ସମସ୍ତ ଚର୍ମ ରୋଗର ଉତ୍ତମ ପରାମର୍ଶ ଏବଂ ଚିକିତ୍ସା।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm

BUSINESS

Hi-Tech Telecom Company Ltd.
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ। ଜଣଙ୍କୁ ଚାକିରି ମିଳିବ। ଦରମା - 20,000/- ଓ ଅନ୍ୟାନ ସୁବିଧା ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ କରନ୍ତୁ
ଠକ ମାନ ଙ୍କୁ ସାବଧାନ !
345/4, Bhattarahalli, Old Madras Road, K.R. Puram, Bengaluru, Karnataka-560049
9430814236
6393626894


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ସଂସ୍କୃତ ଦିବସ ପାଳିତ

**ଡେରାବିଶ ୨୪।୮(ସ୍ୱ.ପ୍ର.):** ଡେରାବିଶ ବ୍ଲକ ଖମୋଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡାଳିଜୀସ୍ଥିତ ବାଗ୍‌ଦେବୀ ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ ହୋଇଯାଇଛି । ଏହି ମହାବିଦ୍ୟାଳୟର ଅଧକ୍ଷ ଆଲୋକ ରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ରାଜକିଶୋର ଜେନା ମୁଖ୍ୟଅତିଥି ଓ ଶ୍ରୀବତ୍ସ ନାଥଶର୍ମା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଅଧାପକ ମୀନକେତନ ଖୁଣ୍ଟିଆ ଅତିଥି ପରିଚୟ ପ୍ରଦାନ କରିବା ସହ ସଂସ୍କୃତ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଅତିଥିମାନେ ସଂସ୍କୃତକୁ ଆଦି ଭାଷା ତଥା ଦେବଭାଷା ବୋଲି ବର୍ଣ୍ଣନା କରି ଏହି ଭାଷାର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ । ଅଧାପକ ସୁଧାଂଶୁ ଶେଖର ନାୟକ, କବିତା ଜେନା, ସ୍ନେହଲତା ମିଶ୍ର, ଅରୁଣବାଳା ବେଜ, ବିଜୟ କୁମାର କର ଓ କର୍ମଚାରୀ କୈଳାସ ଚନ୍ଦ୍ର ପ୍ରଧାନ, ଭାଗ୍ୟଧର ନାୟକ, ପ୍ରଶାନ୍ତ କୁମାର ଭୂୟାଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଅଧାପକ ରମେଶ ଚନ୍ଦ୍ର ଭଞ୍ଜ ଧନ୍ୟବାଦ ଦେଇଥିଲେ ।

### ସ୍ୱାଗତ ଉତ୍ସବ




**ମାର୍ଶାଘାଇ,୨୪।୮(ଡି.ଏନ.ଏ.) :** ମାର୍ଶାଘାଇ ମହାବିଦ୍ୟାଳୟ ଶିକ୍ଷା ସମ୍ମାନ ବିଭାଗର ନୂତନ ଛାତ୍ରୀଛାତ୍ରମାନଙ୍କ ପାଇଁ ସ୍ୱାଗତ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷ ଡ. ଅମୀୟ କୁମାର ଜେନା, ସମ୍ମାନିତ ଅତିଥି ଭାବେ ଓଡିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଅଧାପକ ସୁକାନ୍ତ କୁମାର ପ୍ରଧାନ, ଶିକ୍ଷା ବିଭାଗ ମୁଖ୍ୟ ଅଧାପକ ବସନ୍ତ କୁମାର ମିଶ୍ର, ଅଧାପିକା ଡ.ଲକ୍ଷ୍ମୀପ୍ରିୟା ମଲ୍ଲ ଯୋଗ ଦେଇଥିଲେ। ୪୦ଜଣ ନବାଗତ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ଦ୍ୱିତୀୟ ବର୍ଷ ଏବଂ ତୃତୀୟ ବର୍ଷର ୬୪ ଜଣ ଛାତ୍ରୀଛାତ୍ର ପୁଷ୍ପ ଦେଇ ସ୍ୱାଗତ କରିଥିଲେ।

### ମାର୍ଶାଘାଇ ଯାଦବ ସମାଜ ତରଫରୁ ନନ୍ଦୋତ୍ସବ

**ମାର୍ଶାଘାଇ,୨୪।୮(ଡି.ଏନ.ଏ.):** ଶନିବାର ମାର୍ଶାଘାଇ ଯାଦବ ସମାଜ ତରଫରୁ ନନ୍ଦୋତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। ଜନ୍ମାଷ୍ଟମୀ ଉପଲକ୍ଷେ ଆଣ୍ଠୁଆ ଗୋପାଳଙ୍କ ମୃଣ୍ମୟ ମୂର୍ତ୍ତିକୁ ଗାଁ ମାର୍ଶାଘାଇ ଗ୍ରାମର ପୂଜାମଣ୍ଡପରେ ପୂଜା କରାଯାଇଥିଲା। ଶନିବାର ସେହି ମୂର୍ତ୍ତିକୁ ଏକ ସୁସଜ୍ଜିତ ଝୁଲଣ ବିମାନରେ ରଖାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା । ଏହି ଅବସରରେ ଗୋପାଳ ଓଗାଳ ,ଲଉଡି ଖେଳ ଓ କାଠିଖେଳ କରାଯାଇଥିଲା । ସଦସ୍ୟମାନେ ନନ୍ଦରାଜା ଏବଂ ଗୋପପୁରବାସୀଙ୍କ ଭଳି ସଜ୍ଜିତ ହୋଇ ଶୋଭାଯାତ୍ରାରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା । ସନ୍ଧ୍ୟାରେ ଶୋଭାଯାତ୍ରାକାରୀମାନେ ଶିବମନ୍ଦିର ରାସ୍ତାରେ ମାର୍ଶାଘାଇ ବଜାରର ବନମାଳୀ ଛକ, କୁମ୍ଭାରସାହି ଛକ, ମେଡିକାଲ ଛକ, କଲେଜଛକ, ଜୁଣଛକ ପରିକ୍ରମା କରିଥିଲେ । ଯାଦବ ସମାଜ ତରଫରୁ ବିଜୟ କୁମାର ଦାସ,ବିନୋଦ କୁମାର ଦାସ,ପ୍ରକାଶ ଦାସ,ସୁଶାନ୍ତ ଦାସ,ବଳଭଦ୍ର ଦାସ,ବିପିନ ଦାସଙ୍କ ସମେତ ଗ୍ରାମବାସୀଙ୍କ ତରଫରୁ ବିକ୍ରମ ସ୍ୱାଇଁ,ନରେନ୍ଦ୍ର ରାଉତ, ସୁଶାନ୍ତ ସାହୁ,ବିକନ ସାହୁ,ଟୁକୁ ବେଉରା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ନଷ୍ଟ ହେଉଛି ଭିତରକନିକା ପରିବେଶ

# ବସା ବାନ୍ଧିନାହାନ୍ତି ଦେଶୀୟ ପକ୍ଷୀ, ଗଣନା ଦିବସ ଘୁଞ୍ଚିବ

- ଗତ ଶୁକ୍ରବାରଠାରୁ ପକ୍ଷୀ ଗଣନା ହେବାର ଥିଲା
- ପରିବେଶବିତ୍ ଚିନ୍ତାରେ : ଚିଙ୍ଗୁଡ଼ି ଘେରି ଉଚ୍ଛେଦ ଦାବି

**କେନ୍ଦ୍ରାପଡା ଅଫିସ,୨୪।୮**

ଜାତୀୟ ଉଦ୍ୟାନ ଭିତରକନିକାରେ ଗତ ଶୁକ୍ରବାର ଠାରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଦେଶୀୟ ପକ୍ଷୀଙ୍କ ଗଣନା ହେବା ପାଇଁ ଦିନ ଧାର୍ଯ୍ୟ ହୋଇଥିଲା । ତେବେ ଏଠାକୁ ଆସିଥିବା ପକ୍ଷୀମାନେ ବସା ବାନ୍ଧି ନ ଥିବାରୁ ଚଳିତବର୍ଷ ପକ୍ଷୀ ଗଣନା କାର୍ଯ୍ୟ ଘୁଞ୍ଚିବ ବୋଲି ସୂଚନା ମିଳିଛି । ଏବର୍ଷ ପକ୍ଷୀ ଗଣନା ପାଇଁ ଏସିଏଫ ତଥା କନିକା ରେଞ୍ଜ ଅଧିକାରୀ ସୁବ୍ରତ ପାତ୍ର ଓ ଫରେଷ୍ଟର ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଦୁଇଟି ଟିମ୍ ଗଠନ କରାଯାଇଥିଲା । ପ୍ରତ୍ୟେକ ଟିମ୍‌ରେ ୫ଜଣ ଲେଖାଏଁ ବନ କର୍ମଚାରୀଙ୍କୁ ରଖାଯାଇଥିଲା । ଭିତରକନିକାର ବଗଗହନ ଠାରୁ ମଠଆଡିଆ ୧୦ କିଲୋମିଟର ଅଞ୍ଚଳରେ ଏହି ଗଣନା କାର୍ଯ୍ୟ ହେବାର ଥିଲା ।

ବନ ବିଭାଗର ସୂଚନା ଅନୁଯାୟୀ, ଗତବର୍ଷ କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକରେ ଥିବା ଭିତରକନିକା ଜାତୀୟ ଉଦ୍ୟାନରେ ମୋଟ ୯୧୨୪୪ଟି ୧୧ ପ୍ରଜାତିର ଦେଶୀୟ ପକ୍ଷୀ ଥିବା ଜଣାପଡିଥିଲା । ଏଥିମଧ୍ୟରୁ ୫୧,୪୪୪ଟି ପକ୍ଷୀ ଛୁଆ ଥିବା ବେଳେ ୧୯୮୯୦ ବସା ଚିହ୍ନଟ ହୋଇଥିଲା । ତେବେ ଚଳିତବର୍ଷ ବର୍ଷା ଅଭାବରୁ ପକ୍ଷୀଙ୍କ ବସା ବାନ୍ଧିବା ଆରମ୍ଭ ହୋଇନାହିଁ । ଏଥିପାଇଁ ଧାର୍ଯ୍ୟ ହୋଇଥିବା ଦିନରେ ଗଣନା ବନ୍ଦ ରଖି ପୁର୍ନବାର ପକ୍ଷୀ ଗଣନା ପାଇଁ ସମୟ ନିର୍ଘଣ୍ଟ କରିବାକୁ ଡିଏଫଓଙ୍କୁ ଚିଠି ଲେଖା ହୋଇଛି ବୋଲି ରେଞ୍ଜ ଅଧିକାରୀ ପାତ୍ର କହିଛନ୍ତି ।

ସୂଚନାଯୋଗ୍ୟଯେ, ଏହି ସମୟ ମଧ୍ୟରେ ଗେଣ୍ଡାଳିଆ, ପାଣିକୁଆ, ରାଣୀବଗ, ଅନ୍ଧାରିଆ, କପରଖାଇ, ଧୋବଣୀ ମାଛରଙ୍କା, କଳାଟୋପିଆ, ମାଛରଙ୍କା, ଛୋଟ ନୀଳ ମାଛରଙ୍କା, ସାରଙ୍ଗ, ଧଳାବାଜେଣି, ଗରୁଡ ପକ୍ଷୀ, ଚାମଚଥଣ୍ଟିଆ, ଉରବଳ, ହାଡଗିଲା ଆଦି ପକ୍ଷୀ ବଗଗହନରେ ବସା ବାନ୍ଧିଥାନ୍ତି । ତେବେ ଖାଦ୍ୟାଭାବ ଯୋଗୁ ପକ୍ଷୀମାନେ ଏହି ସ୍ଥାନକୁ ଅନୁକୂଳ ମନେ କରୁ ନ ଥିବା ବହୁ ପରିବେଶବିତ୍ ମତ ପ୍ରକାଶ କରିଛନ୍ତି । ଚିଙ୍ଗୁଡି ଘେରି, ମତ୍ସ୍ୟଜୀବୀଙ୍କ ଅବାଧ ପ୍ରବେଶ ଓ ଜଙ୍ଗଲ ଧ୍ୱଂସ ଯୋଗୁ ଭିତରକନିକା ପରିବେଶ ନଷ୍ଟ ହେଉଥିବା ସେମାନେ ଦର୍ଶାଇଛନ୍ତି । ଅପରପକ୍ଷରେ ଚଳିତବର୍ଷ ଦେଶୀୟ ପକ୍ଷୀଙ୍କ ବସା ବଗଗହନ ଓ ମଠଆଡିଆରେ ଦେଖିବାକୁ ମିଳୁନାହିଁ ବୋଲି ରାଜନଗର ଅଞ୍ଚଳର ପରିବେଶବିତ୍ ବାରହାପୁର ଗ୍ରାମର ହେମନ୍ତ କୁମାର ରାଉତ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଏହି ଅଞ୍ଚଳରେ ଏବର୍ଷ ସମୁଦାୟ ୧୦ କିଲୋମିଟର ଅଞ୍ଚଳ ମଧ୍ୟରେ ପକ୍ଷୀଙ୍କ ବସା ସଂଖ୍ୟା ୫୦୦ରୁ କମ୍ ରହିବ । ପକ୍ଷୀ ଖାଉଥିବା ଖାଦ୍ୟ କମି ଯାଉଥିବାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସେ ମତ ଦେଇଛନ୍ତି । ଚିଙ୍ଗୁଡି ଘେରି ସଂଖ୍ୟା ବୃଦ୍ଧି, ସମୁଦ୍ର ଓ ନଦୀ ନାଳ ଅଞ୍ଚଳରେ ମତ୍ସ୍ୟଜୀବୀମାନେ ଅବାଧରେ ପଶିବା ଫଳରେ ପକ୍ଷୀଙ୍କ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡୁଛି । ଯଥାଶୀଘ୍ର ଏହି ସମସ୍ୟାର ପ୍ରତିକାର କରା ନ ଗଲେ ଭିତରକନିକାର ଜୈବ ବିବିଧତା ନଷ୍ଟ ହୋଇଯିବ ବୋଲି ସେ ଚେତାଇ ଦେଇଛନ୍ତି । ଏ ସମ୍ପର୍କରେ ପରିବେଶବିତ୍ ଅଭିମନ୍ୟୁ ରାଉତ କୁହନ୍ତି ଯେ, ଏହି ଜାତୀୟ ଉଦ୍ୟାନ ଏବେ ମତ୍ସ୍ୟ ବ୍ୟବସାୟୀଙ୍କ କବଜାରେ ଅଛି । ଜଗତଜୋର ଓ ବଣପାଡରେ ରାଜ୍ୟ ସରକାର ଚିଙ୍ଗୁଡି ଘେରି କରିବାକୁ ଲିଜ୍ ଦେବା ଫଳରେ ଏହି ଅଞ୍ଚଳର ପରିବେଶ ନଷ୍ଟ ହେଉଛି । ଭିତରକନିକା ନିଷିଦ୍ଧାଞ୍ଚଳ ସମେତ ସମୁଦ୍ର ତଟବର୍ତ୍ତୀ ପ୍ରାୟ ୧୫ କିଲୋମିଟର ପରିଧିରେ ବେଆଇନ ଭାବେ ୨୯୦୦ ହେକ୍ଟର ଅଞ୍ଚଳରେ ଚିଙ୍ଗୁଡି ଘେରି ନିର୍ମାଣ ହୋଇଛି । ଏହି ଘେରିରୁ ନିର୍ଗତ ବିଷାକ୍ତ ରାସାୟନିକ ଦ୍ରବ୍ୟ ଜଳରେ ମିଶି ଭିତରକନିକା ଅଞ୍ଚଳରେ ପ୍ରବାହିତ ହେଉଛି । ନଦୀ, ନାଳ, ନଳା, ଜୋର ଆଦିରେ ଏହି ଜଳ ପ୍ରବାହିତ ହେବା ଫଳରେ କୁଜି ଗେଣ୍ଡା, ଶାମୁକା, ଛୋଟମାଛ ଆଦି ସମୂଳେ ନଷ୍ଟ ହେଉଛି । ଏଥିଯୋଗୁ ପକ୍ଷୀଙ୍କ ପାଇଁ ଖାଦ୍ୟ ଅଭାବ ହେଉଛି । ପକ୍ଷୀ ଅଭୟାରଣ୍ୟ ଭାବେ ପରିଚିତ ବଗଗହନରେ ପୂର୍ବରୁ ଦେଶୀୟ ପକ୍ଷୀଙ୍କ ବସା ଦେଖିବାକୁ ମିଳୁଥିବା ବେଳେ ଗତବର୍ଷ ଏମାନଙ୍କ ସଂଖ୍ୟା ଖୁବ ସୀମିତ ଥିଲା । କେବଳ ମଠଆଡିଆରେ ଏମାନେ ବସା ବାନ୍ଧିଥିଲେ । ଚଳିତବର୍ଷ ଏମାନଙ୍କ ସଂଖ୍ୟା ହ୍ରାସ ପ୍ରକୃତିପ୍ରେମୀଙ୍କୁ ନିରାଶ କରିଛି । ଜିଲା ପ୍ରଶାସନ ଏଥିପ୍ରତି ସଜାଗ ନ ହେଲେ ପର୍ଯ୍ୟଟକଙ୍କ ସଂଖ୍ୟା କମିବା ସହିତ ଜାତୀୟ ଉଦ୍ୟାନ ମାନ୍ୟତା ବିପଦରେ ପଡିବ । ଚିଙ୍ଗୁଡି ଘେରି ଉଚ୍ଛେଦ ପାଇଁ ସେ ଦାବି କରିଛନ୍ତି । ସେହିପରି ପରିବେଶବିତ ସେକ୍ ଚାନ୍ଦ କୁହନ୍ତି ଯେ, ଭିତରକନିକାର ପରିବେଶ ଅନୁକୂଳ ପାଇଁ ଦେଶ ବିଦେଶର ପକ୍ଷୀଙ୍କ ସମାଗମ ହେଉଛି । ତେବେ ଦିନକୁ ଦିନ ଏହାର ପରିବେଶ ବିଗିଡି ଯାଉଛି । ନଦୀ ,ନାଳ ପାଣି ପ୍ରଦୂଷିତ ଯୋଗୁ ପକ୍ଷୀଙ୍କୁ ଖାଦ୍ୟ ମିଳୁ ନ ଥିବା ବେଳେ ଏଥିରୁ ଗଛ ମଧ୍ୟ ବାଦ ପଡୁନାହିଁ । ଏହାଛଡା ଲୋକେ ଜଙ୍ଗଲରୁ ଗଛ କାଟିନେବା ଫଳରେ ପକ୍ଷୀଙ୍କ ବସା ବାନ୍ଧିବାକୁ ସ୍ଥାନ ରହୁନାହିଁ ବୋଲି ସେ କହିଛନ୍ତି ।

## ଅନ୍ତର୍ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ରାଜନଗରର ସଦ୍ୟସ୍ମିତାଙ୍କୁ ରୌପ୍ୟ ପଦକ

**ରାଜନଗର,୨୪।୮(ଡି.ଏନ୍.ଏ.)**

ରାଜନଗର ବ୍ଲକ ବନ୍ଧପଡା ଗାଁର ସଦ୍ୟସ୍ମିତା ନାୟକ(୧୩)ଙ୍କୁ ଦିଲ୍ଲୀରେ ଆୟୋଜିତ ଅନ୍ତର୍ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାର ଜୁନିୟର ବିଭାଗରେ ରୋପ୍ୟ ପଦକ ଜିତିଛନ୍ତି। ସେ ବନ୍ଧପଡା ଗ୍ରାମର ପ୍ରତାପ କୁମାର ନାୟକଙ୍କ ଝିଅ ହୋଇଥିବା ବେଳେ ମଦନପୁର ମହାବୀର ମଧ ଇଂରାଜୀ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ରୀ । ଏହି ଖବର ପ୍ରସାରିତ ହେବାପରେ ରାଜନଗର ଅଞ୍ଚଳରୁ ତାଙ୍କୁ ଶୁଭେଚ୍ଛାରୁ ସୁଅ ଛୁଟିଛି । ସଦ୍ୟସ୍ମିତା ମାର୍ଶାଲ ସ୍ପୋର୍ଟ୍ସ ସୋସାଇଟିର ଏମ୍‌କେ କ୍ଲାସିକ ଓପନ ଇଣ୍ଟରନ୍ୟାଶନାଲ ଟାଏକୋଣ୍ଡୋ ଚାମ୍ପିୟନଶିପରେ ଅଂଶଗ୍ରହଣ କରି ଏହି ପୁରସ୍କାର ଜିତିଛନ୍ତି।




କୃତୀ ପ୍ରତିଯୋଗୀଙ୍କ ମଧ୍ୟରେ ରୌପ୍ୟ ବିଜୟିନୀ ସଦ୍ୟସ୍ମିତା ନାୟକ।

### ଭିତରକନିକା : ବେଆଇନ ନିର୍ମାଣକାରୀଙ୍କୁ ନୋଟିସ

**ରାଜନଗର, ୨୪।୮(ଡି.ଏନ.ଏ.)**

ଭିତରକନିକା ଅଭୟାରଣ୍ୟ ସୀମା ସରହଦରେ ବେଆଇନ ଭାବରେ ଗଢି ଉଠିଥିବା ଏକ କୋଠାଘରକୁ ଭାଙ୍ଗିବା ପାଇଁ ଶନିବାର ରାଜନଗର ବନବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଛି। ଭିତରକନିକା ଦାୟିତ୍ୱରେ ଥିବା ଅତିରିକ୍ତ ବନ ସଂରକ୍ଷକ ସୁବ୍ରତ କୁମାର ପାତ୍ର ଏହି ବେଆଇନ ନିର୍ମାଣକୁ ତୁରନ୍ତ ଭାଙ୍ଗିବା ପାଇଁ ଏହାର ନିର୍ମାଣକାରୀ ତାଳଚୁଆ ଅଞ୍ଚଳର ମାଛ ବ୍ୟବସାୟୀ ମଦନ ଦେବନାଥଙ୍କୁ ନୋଟିସ ଜାରି କରିଛନ୍ତି । ଏହାଛଡା ବେଆଇନ ଭାବରେ ଗଢି ଉଠିଥିବା ଏହି କୋଠାଘର ତାଳଚୁଆସ୍ଥିତ ବନପାଳ କାର୍ଯ୍ୟାଳୟ ଠାରୁ ମାତ୍ର ଅଳ୍ପଦୂରରେ କିଭଳି ନିର୍ମାଣ ହୋଇପାରିଲା ଓ ବନବିଭାଗ ଜାଣିପାରିଲା ନାହିଁ ଏ ନେଇ ଏସିଏଫ ପାତ୍ର ତାଳଚୁଆ ବନପାଳଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିଛନ୍ତି। ଏହି ନିର୍ମାଣ ସିଆରଜେଡ ଆଇନ ଓ ଅଭୟାରଣ୍ୟ ଆଇନକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରୁଛି ବୋଲି ଏସିଏଫ ପାତ୍ର ସୂଚନା ଦେଇଛନ୍ତି ।

## ପାଲାଗାୟକଙ୍କୁ କେନ୍ଦ୍ର ସରକାରଙ୍କ ମାନ୍ୟତା

**କେନ୍ଦ୍ରାପଡା ଅଫିସ, ୨୪।୮**

କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଂଗୀତ ଓ ଡ୍ରାମା ବିଭାଗରେ ସ୍ୱୀକୃତିପ୍ରାପ୍ତ କଳାକାର ଭାବେ ମା' ବୁଢୀ ଜାଗୁଳାଇ ପାଲା ସଂଘର ସମ୍ପାଦକ ତଥା ପାଲାଗାୟକ ଗଗନ ବିହାରୀ ସିଂହଙ୍କୁ ମାନ୍ୟତା ପ୍ରଦାନ କରାଯାଇଛି। ପୂର୍ବରୁ ସେ ଆକାଶବାଣୀ ଓ ଦୂରଦର୍ଶନରେ ପାଲା ପରିବେଷଣ କରି ଆଦୃତ ଲାଭ କରିଥିବାବେଳେ ପରେ ଏକ ଓଡିଆ ଆଧ୍ୟାତ୍ମିକ ଚ୍ୟାନେଲରେ ପାଲା ପରିବେଷଣ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ । ତାଙ୍କର ପ୍ରଥମ ଓ ୨ୟ ପାଲାଗୁରୁ ହେଲେ ଗାୟକ ଦୋଳଗୋବିନ୍ଦ



ଗଗନ ସିଂହ

ମିଶ୍ର ଓ ଗାୟକ ସମ୍ରାଟ ବୈଷ୍ଣବ ଚରଣ ପ୍ରଧାନ। ଏବେ କଳାକାର ଭାବେ କେନ୍ଦ୍ର ସରକାରଙ୍କ ଠାରୁ ସ୍ୱୀକୃତି ଲାଭ କରିବା ପରେ ପାଲାଗାୟକ ସିଂହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ ସଚେତନତାଧର୍ମୀ କାର୍ଯ୍ୟକ୍ରମକୁ ପାଲା ମାଧ୍ୟମରେ ବହୁଳ ଭାବେ ପ୍ରଚାରପ୍ରସାର କରିପାରିବେ । ସ୍ୱୀକୃତି ମିଳିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ସୂଚନାଯୋଗ୍ୟ, ତାଙ୍କ ସହଯୋଗୀ ତଥା ଗାୟକ ଭାଗବତ ପ୍ରସାଦ ମହାନ୍ତି, ଶ୍ରୀପାଳିଆ ଶାରଦା ପ୍ରସନ୍ନ ରଣା, ପାଳିଆ ଧରଣୀଧର ମୁଦୁଲି, ମଧୁସୂଦନ ସାମଲ, ଗୋପୀନାଥ ରଣା, କାର୍ତ୍ତିକ ଚନ୍ଦ୍ର ପତି ଓ ଚଣ୍ଡେଶ୍ୱର ବେହେରା ମଧ ପାଲା ପରିବେଷଣ କରି ବିଭିନ୍ନ ସ୍ଥାନରେ ପ୍ରଶଂସିତ ହୋଇଛନ୍ତି ।

### ସଫେଇ କର୍ମଚାରୀ ସଂଘର ନିର୍ବାଚନ

**କେନ୍ଦ୍ରାପଡା ଅଫିସ, ୨୪।୮**

କେନ୍ଦ୍ରାପଡ଼ା ପୌରାପାଳିକା ସଫେଇ କର୍ମଚାରୀ ସଂଘର କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଭାପତି ଭାବେ ଜିଲା ଭାଜପା ବରିଷ୍ଠ ନେତା ଦୁର୍ଯ୍ୟୋଧନ ସାହୁ ଓ ସମ୍ପାଦକ ଭାବେ ଦିଲୀପ ସିଂହଙ୍କୁ ମନୋନୀତ କରାଯାଇଛି। ସେହିପରି ଗଜି ନାୟକ, ଅମର ନାୟକ, ରବି ନାୟକ, ଲକ୍ଷ୍ମଣ ନାୟକ, ଅର୍ଜୁନ ନାୟକ, ମନି ଦେଇ, ବୀଣା ଦେଇଙ୍କୁ ସଂଘ ସଦସ୍ୟ ଭାବେ ମନୋନୀତ କରାଯାଇଛି ।

## ଏ ସପ୍ତାହର କାର୍ଯ୍ୟକ୍ରମ

### ୨୫।୮।୨୦୧୯ (ରବିବାର)

- ମଦମୁକ୍ତି ଯୁବବାହିନୀର ବୈଠକ। **ସ୍ଥାନ–** ଶନିଦେବ ମନ୍ଦିର, କଳାବୁଦା, ଗରଦପୁର, **ସମୟ–** ପୂର୍ବାହ୍ନ ୯ଟା।
- ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘର ୨୩ତମ ବାର୍ଷିକ ଉତ୍ସବ। **ସ୍ଥାନ–** ସାନ୍ଧ୍ୟ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା, **ସମୟ–** ପୂର୍ବାହ୍ନ ୧୦ଟା।
- କେନ୍ଦ୍ରାପଡ଼ା ସେବା ସମିତି ବୈଠକ। **ସ୍ଥାନ–**ପଥପ୍ରାନ୍ତ ଆଶ୍ରୟସ୍ଥଳ, ଚାନ୍ଦୋଳ, ଡେରାବିଶ, **ସମୟ–** ପୂର୍ବାହ୍ନ ୧୦ଟା।
- କେନ୍ଦ୍ରାପଡା ପୌରପାଳିକା ପକ୍ଷରୁ ଚିତ୍ର ଓ ଗୀତ ପ୍ରତିଯୋଗିତା। **ସ୍ଥାନ–** ଉର୍ଦ୍ଧ୍ୱ ଲାଇବ୍ରେରୀ, କେନ୍ଦ୍ରାପଡ଼ା, **ସମୟ–** ପୂର୍ବାହ୍ନ ୧୦ଟା।
- ଶାଳିଅଣ୍ଟା ଭାଗବତ ଟୁଙ୍ଗି ଓ ନ୍ୟୁଜ ୧୧ ପକ୍ଷରୁ ବୃକ୍ଷରୋପଣ। **ସ୍ଥାନ–** ଅର୍ଜୁନପୁରଠାରୁ ଲୋକନାଥ ମହାବିଦ୍ୟାଳୟ, **ସମୟ–**ସକାଳ ୮ଟା।

### ୨୬।୮।୨୦୧୯ (ସୋମବାର)

- ପ୍ରଶାସନିକ ଜନଶୁଣାଣି ଶିବିର। **ସ୍ଥାନ–**ବ୍ଲକ କାର୍ଯ୍ୟାଳୟ, ରାଜନଗର, **ସମୟ–**ପୂର୍ବାହ୍ନ ୧୦ଟା।
- ବାସଗୃହ ଯୋଜନା ଓ ଭତ୍ତା ବଣ୍ଟନ ମେଳା। **ସ୍ଥାନ–** ପଞ୍ଚାୟତ ସମିତି ଗୃହ, ମାର୍ଶାଘାଇ, **ସମୟ–** ପୂର୍ବାହ୍ନ ୧୦ଟା।
- ଜଳଶକ୍ତି ଅଭିଯାନ କାର୍ଯ୍ୟକ୍ରମ। **ସ୍ଥାନ–** ଶୈଳେନ୍ଦ୍ର ନାରାୟଣ ଇଂଲିଶ ମିଡିୟମ ସ୍କୁଲ, ରାଜନଗର, **ସମୟ–** ୧୧ଟା।
- କେନ୍ଦ୍ରାପଡ଼ା ପୌରପାଳିକା ପକ୍ଷରୁ ବିତର୍କ ଓ ପ୍ରବନ୍ଧ ପ୍ରତିଯୋଗିତା। **ସ୍ଥାନ–** ଉର୍ଦ୍ଧ୍ୱ ଲାଇବ୍ରେରୀ, କେନ୍ଦ୍ରାପଡା, **ସମୟ–** ପୂର୍ବାହ୍ନ ୧୦ଟା।
- ମଦର ଟେରେସା ଜୟନ୍ତୀ ପାଳନ। **ସ୍ଥାନ–** ତୁଳସୀ ନର୍ସିଂ ବିଦ୍ୟାଳୟ, ଗୋପ, କେନ୍ଦ୍ରାପଡା, **ସମୟ–** ପୂର୍ବାହ୍ନ ୧୦ଟା।

### ୨୭।୮।୨୦୧୯ (ମଙ୍ଗଳବାର)

- କେନ୍ଦ୍ରାପଡା ପୌରପାଳିକା ପକ୍ଷରୁ ନୃତ୍ୟ ପ୍ରତିଯୋଗିତା। **ସ୍ଥାନ–**ଉର୍ଦ୍ଧ୍ୱ ଲାଇବ୍ରେରୀ, କେନ୍ଦ୍ରାପଡ଼ା, **ସମୟ–** ପୂର୍ବାହ୍ନ ୧୦ଟା।

### ୨୮।୮।୨୦୧୯ (ବୁଧବାର)

- ବ୍ଲକ ଅଞ୍ଚଳର ଉନ୍ନୟନ କାର୍ଯ୍ୟ ସମୀକ୍ଷା। **ସ୍ଥାନ–**ବ୍ଲକ କାର୍ଯ୍ୟାଳୟ, ଡେରାବିଶ, **ସମୟ–** ଅପରାହ୍ନ ୨ଟା।
- ବାବା ଗଗନ ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା। **ସ୍ଥାନ–**କଣ୍ଟିଆ ମଠ, କେନ୍ଦ୍ରାପଡ଼ା, **ସମୟ–** ପୂର୍ବାହ୍ନ ୯ଟା।
- ରାଜ୍ୟସ୍ତରୀୟ ଗୋ ନବରାତ୍ର ମହୋତ୍ସବ। **ସ୍ଥାନ–** ମହିଷାସୁର ହେଲିପ୍ୟାଡ ପଡ଼ିଆ, ରାଜନଗର, **ସମୟ–** ଅପରାହ୍ନ ୫ଟା।

### ୨୯।୮।୨୦୧୯ (ଗୁରୁବାର)

- ଜାତୀୟ କ୍ରୀଡା ଦିବସ ଉପଲକ୍ଷେ ସାଇକେଲ ରାଲି। **ସ୍ଥାନ–**ରାମମନ୍ଦିର ଠାରୁ ଇଛାପୁର ରଥ ଦାଣ୍ଡ, କେନ୍ଦ୍ରାପଡ଼ା, **ସମୟ–** ସକାଳ ୭ଟା।
- ରାଜ୍ୟସ୍ତରୀୟ ଗୋ ନବରାତ୍ର ମହୋତ୍ସବ। **ସ୍ଥାନ–** ମହିଷାସୁର ହେଲିପ୍ୟାଡ ପଡ଼ିଆ, ରାଜନଗର, **ସମୟ–** ଅପରାହ୍ନ ୫ଟା।
- ରକ୍ତଦାନ ଶିବିର। **ସ୍ଥାନ–**ବ୍ରାହ୍ମଣୀ ମହାବିଦ୍ୟାଳୟ, ଦାଣ୍ଡିସାହି, ପଟ୍ଟାମୁଣ୍ଡାଇ, **ସମୟ–** ସକାଳ ୯ଟା।

### ୩୦।୮।୨୦୧୯ (ଶୁକ୍ରବାର)

- ଜିଲା ପରିଷଦ ବୈଠକ । **ସ୍ଥାନ–**ଡିଆରଡିଏ ହଲ, କେନ୍ଦ୍ରାପଡ଼ା, **ସମୟ–** ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ଗୋ ନବରାତ୍ର ମହୋତ୍ସବ। **ସ୍ଥାନ–** ମହିଷାସୁର ହେଲିପ୍ୟାଡ ପଡ଼ିଆ, ରାଜନଗର, **ସମୟ–** ଅପରାହ୍ନ ୫ଟା।
- ସପ୍ତପୁରୀ ଅମାବାସ୍ୟା ଉତ୍ସବ। **ସ୍ଥାନ–**ଶ୍ରୀ ବଳଦେବଜୀଉ ମନ୍ଦିର, ଇଚ୍ଛାପୁର।

### ୩୧।୮।୨୦୧୯ (ଶନିବାର)

- ଗ୍ରହଣ ଖଣ୍ଡିଆ ଚିହ୍ନଟ ଶିବିର। **ସ୍ଥାନ–** ଜିଲା ମୁଖ୍ୟ ଚିକିତ୍ସାଳୟ, କେନ୍ଦ୍ରାପଡ଼ା, **ସମୟ–** ପୂର୍ବାହ୍ନ ୧୦ଟା।
- ତହସିଲସ୍ତରୀୟ ଆର୍ଥିକ ହିସାବର ସମୀକ୍ଷା ବୈଠକ। **ସ୍ଥାନ–** ତହସିଲ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ, **ସମୟ–** ଅପରାହ୍ନ ୨ଟା।
- ରାଜ୍ୟସ୍ତରୀୟ ଗୋ ନବରାତ୍ର ମହୋତ୍ସବ। **ସ୍ଥାନ–** ମହିଷାସୁର ହେଲିପ୍ୟାଡ ପଡ଼ିଆ, ରାଜନଗର, **ସମୟ–** ଅପରାହ୍ନ ୫ଟା।

| ସ୍ଥାନ | ଖବରଦାତାଙ୍କ ନାମ | ମୋବାଇଲ ନମ୍ବର |
|---|---|---|
| କେନ୍ଦ୍ରାପଡା ଅଫିସ | ଜଗନ୍ନାଥ ଧଳ | ୭୩୭୭୩୧୩୧୮୦ |
| ରାଜନଗର | ଭାସ୍କର ରାଉତରାୟ | ୯୪୩୭୫୦୬୪୮୪ |
| ଆଳି | ବନମାଳି ସେନାପତି | ୯୧୭୮୮୯୯୬୨୬ |
| ପଟ୍ଟାମୁଣ୍ଡାଇ | ଅକ୍ଷୟ ବିଶ୍ୱାଳ | ୯୦୯୦୮୨୪୨୦୦ |
| ପାଟକୁରା | ରବୀନ୍ଦ୍ର ବାରିକ | ୯୯୩୭୫୧୯୯୭୩ |
| ମାର୍ଶାଘାଇ | ଅକ୍ଷୟ ଜେନା | ୯୯୩୮୭୪୪୮୪୨ |
| ରାଜକନିକା | ରବୀନ୍ଦ୍ର ଦାସ | ୮୯୦୮୬୦୬୪୬୦ |
| ଡେରାବିଶ | ବେବର୍ତ୍ତା ଅଜୟ ଦାସ | ୯୬୬୮୫୩୭୬୬୦ |
| ମହାକାଳପଡା | ପ୍ରତାପ ଚନ୍ଦ୍ର ସ୍ୱାଇଁ | ୯୪୩୯୯୬୮୮୦୦ |

ଏଇ ସପ୍ତାହର କାର୍ଯ୍ୟକ୍ରମ ସ୍ତମ୍ଭରେ ଯଦି କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଛନ୍ତି ତେବେ ନିକଟସ୍ଥ ଧରିତ୍ରୀ ପ୍ରତିନିଧିଙ୍କ ସହ ଉପରୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।



ନନ୍ଦ ଉତ୍ସବ ଉପଲକ୍ଷେ ଶନିବାର ରାଜନଗର ବ୍ଲକ ସାନବଡ ଗୋପାଳପୁରସ୍ଥିତ ଶିବାନନ୍ଦ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରଙ୍କ ରାଧାକୃଷ୍ଣ ବେଶ ।

## ବାଲିପଡ଼ା ୮ନଂ. ୱାର୍ଡ ରାସ୍ତା ମରଣଯନ୍ତା

**ପଟ୍ଟାମୁଣ୍ଡାଇ, ୨୪।୮ (ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ଅନ୍ତର୍ଗତ ବାଲିପଡା ୮ନଂ ୱାର୍ଡ ପୂଜା ପଡିଆ ରାସ୍ତା ମରଣାଯନ୍ତା ପାଲଟିଛି । ଫଳରେ ଜନସାଧାରଣ ଯାତାୟାତ ଲାଗି ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ରାସ୍ତାକୁ ସବୁଦିନିଆ ରାସ୍ତାରେ ପରିଣତ କରିବାକୁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ ପୌର କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଲୋକେ ହୀନସ୍ତା ଭୋଗୁଛନ୍ତି ବୋଲି ଅଭିଯୋଗ ହୋଇଛି । ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଠାରୁ ମାତ୍ର ଅଧ କିଲୋମିଟର ଦୂରରେ ଥିବା ଏହି ରାସ୍ତା ଗତ ଚାରି ବର୍ଷ ହେଲା ନିର୍ମାଣ ହୋଇ ନ ପାରି ଅଧାପନ୍ତରିଆ ଭାବେ ପଡି ରହିଛି । ୮ନଂ ୱାର୍ଡର ୧୫ଶହ ଲୋକ ଏହି ରାସ୍ତା ଉପରେ ନିର୍ଭର କରୁଥିବା ବେଳେ ମାତ୍ର ୪ ଶହ ଫୁଟ ରାସ୍ତା ପାଇଁ ଘରୁ ବାହାରି ପାରୁନାହାନ୍ତି ବୋଲି ଅଭିଯୋଗ ହୋଇଛି । ପୂଜା ପଡିଆ ରାସ୍ତା ଦେଇ ଲୋକେ ବାଲୁଙ୍କେଶ୍ୱର ମହାଦେବ ମନ୍ଦିରକୁ ପୂଜା ପାଇଁ ଯାଇ ପାରୁ ନ ଥିବା ବେଳେ ପଡିଆଟି ମଧ ପିଲାମାନଙ୍କ ଖେଳ ଉପଯୋଗୀ ହେଇ ପାରୁନାହିଁ । ପୌର କର୍ତ୍ତୃପକ୍ଷ ଏହି ରାସ୍ତା ନିର୍ମାଣ କରିବା ପାଇଁ ଟେଣ୍ଡର ମାଧ୍ୟମରେ ଠିକାଦାରଙ୍କ ସହିତ ଚୁକ୍ତି କରିଥିଲେ ମଧ୍ୟ ଠିକାଦାର କାମ ନ କରି ପକାଇ ରଖିଛନ୍ତି । ଏବେ ବର୍ଷା ଋତୁ ହୋଇଥିବାରୁ ରାସ୍ତା କାଦୁଅ ହୋଇଯାଇଛି । ତୁରନ୍ତ ଏହି ରାସ୍ତାକୁ ଯାତାୟାତ ଉପଯୋଗୀ କରିବା ପାଇଁ ଗୌରାଙ୍ଗ ସାହୁ, ଚକାଡୋଳା ଦାସ, ନୃସିଂହ ଦାସ, ଗୌରାଙ୍ଗ ଦାସ, ପତିତପାବନ ଦାସ, ବଟକୃଷ୍ଣ ତ୍ରିପାଠୀ, ଶଶୀଭୂଷଣ ତ୍ରିପାଠୀ, ଗଣେଶ୍ୱର ମହାକୁଳ, ସମର ସାହୁଙ୍କ ସମେତ ଶତାଧିକ ଗ୍ରାମବାସୀ ଦାବି କରିଛନ୍ତି।



ଅଧାପନ୍ତରିଆ ହୋଇ ପଡିରହିଥିବା ରାସ୍ତା।

# ସଭିଙ୍କ ପ୍ରିୟଭାଜନ

ଉତ୍ତମ ବ୍ୟବହାର ଏବଂ କାର୍ଯ୍ୟକଳାପ ଦ୍ୱାରା ସମସ୍ତଙ୍କ ମନ ଜିଣିବା ମଣିଷର ଏକ କଳା, ଯାହା କି ଥାଏ ଖୁବ୍ କମ୍ ଜଣଙ୍କ ପାଖରେ । ହେଲେ କେବେ କେବେ ଅନେକ ଭଲ ଗୁଣ ଥାଇ ସୁଦ୍ଧା ଜଣେ ଜଣେ ଅନ୍ୟମାନଙ୍କ ହୃଦୟରେ ନିଜପ୍ରତି ଏହି ଭାବନା ସୃଷ୍ଟି କରିବାରେ ହୁଅନ୍ତି ବିଫଳ। ଆଉ ଯିଏ ଆତ୍ମସମୀକ୍ଷା କରି ଏହା ପଛରେ ଥିବା କାରଣ ଜାଣି ଯଥା ସମୟରେ ନିଜକୁ ସୁଧାରି ନିଏ ସିଏ ହିଁ ହୋଇପାରେ ସଭିଙ୍କ ପ୍ରିୟଭାଜନ...







ସମସ୍ତଙ୍କ ମନରେ ନିଜ ପ୍ରତି ଭଲ ଭାବନା ସୃଷ୍ଟି କରିବା ବା ସମସ୍ତଙ୍କର ପ୍ରିୟଭାଜନ ହେବା କାହାକୁ ବା ପସନ୍ଦ ନୁହେଁ। ହେଲେ କେବେ କେବେ ଅନେକ ଭଲ ଗୁଣ ଥିଲେ ସୁଦ୍ଧା ଅଧିକାଂଶ ଏଥିରୁ ବଞ୍ଚିତ ହୁଅନ୍ତି। ଯାହା ପଛରେ ନିଜର କିଛି ବଦଗୁଣ ବା ଅଭ୍ୟାସ ଦାୟୀ ବୋଲି ସେମାନଙ୍କୁ ଆଦୌ ଜଣା ନ ଥାଏ। ଆସନ୍ତୁ ଜାଣିବା ନିଜର କେଉଁ ଗୁଣ ଅବା ଅଭ୍ୟାସ ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ନକାରାତ୍ମକ ପ୍ରଭାବ ପକାଉଛି ଏବଂ ଏହାକୁ ସୁଧାରିବାର ଉପାୟ....

– ଅନ୍ୟର ସୁବିଧା ଅସୁବିଧା ସମୟରେ ପରାମର୍ଶ ଦେବା ଏବଂ ସାହାଯ୍ୟ କରିବା ଜଣେ ଭଲ ମଣିଷର ପରିଚୟ। ହେଲେ କାହାର ସାହାଯ୍ୟ ଲୋଡିବା ବିନା ଉପରେ ପଡି ପରାମର୍ଶ ଦେବା କିମ୍ବା ତାଙ୍କ ବ୍ୟକ୍ତିଗତ ଜୀବନରେ ଅଯଥାରେ ହସ୍ତକ୍ଷେପ କରିବାର ଅଭ୍ୟାସ ଆଦୌ ସ୍ୱାଗତଯୋଗ୍ୟ ନୁହେଁ। କାରଣ ଏହାଦ୍ୱାରା ନା କେବଳ ଆପଣଙ୍କ ବ୍ୟକ୍ତିତ୍ୱ ପ୍ରଭାବିତ ହେବ ବରଂ ଧୀରେ ଧୀରେ ଆପଣଙ୍କ ମୂଲ୍ୟବାନ୍ ପରାମର୍ଶକୁ ବି ଲୋକେ ହେୟଜ୍ଞାନ କରିବା ଆରମ୍ଭ କରିଦେବେ।

– ସବୁକାର୍ଯ୍ୟ ଏବଂ ଗୁଣ ଭଲ ହୋଇଥିଲେ ସୁଦ୍ଧା ସମୟାନୁବର୍ତ୍ତୀ ନ ହେବାର ଅଭ୍ୟାସଟି କେତେକଙ୍କୁ ସଭିଙ୍କର ଅପ୍ରିୟ କରାଇଥାଏ। କାରଣ କେବେ କେବେ ଆପଣଙ୍କ ସାମାନ୍ୟ ବିଳମ୍ବ ଯୋଗୁ ଅନ୍ୟମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ବି ପଡିପାରେ। ଯାହାକି ତାଙ୍କ ମନରେ ଆପଣଙ୍କ ପ୍ରତି ନକାରାତ୍ମକ ଭାବନା ସୃଷ୍ଟି କରିଥାଏ। ସେହିପରି କାହାକୁ ଭେଟିବା କିମ୍ବା କୌଣସି ଜରୁରୀ କାର୍ଯ୍ୟ ଲାଗି ସମୟ ଦେଇ ଯଥା ସମୟରେ ନ ପହଞ୍ଚିଲେ, ଅପେକ୍ଷାର ସମୟ ଖୁବ୍ ବିରକ୍ତିକର ହୋଇଥାଏ। ତେଣୁ ସମସ୍ତଙ୍କ ମନରେ ନିଜ ପାଇଁ ଭଲ ଭାବନା ସୃଷ୍ଟି କରିବା ଲାଗି ସମୟର ମୂଲ୍ୟ ବୁଝି କାର୍ଯ୍ୟ କରିବା ନିତାନ୍ତ ଆବଶ୍ୟକ।

– ପ୍ରଶଂସା କାହାକୁ ବା ଭଲ ନ ଲାଗେ। ଆଉ ମଣିଷର ବ୍ୟକ୍ତିତ୍ୱ ଭଲ ହୋଇଥିଲେ ଆପେ ଆପେ ସମସ୍ତଙ୍କ ମୁଖରୁ ପ୍ରଶଂସାର ସୁଅ ଛୁଟିଆସେ। ହେଲେ ଏମିତି ବି ଅନେକ ଅଛନ୍ତି ଯେଉଁମାନେ ନିଜ ପ୍ରଶଂସା ନିଜେ ଗାଇ ବୁଲନ୍ତି। କେବଳ ଏତିକି ନୁହେଁ ଅନେକେ କେବଳ ନିଜ କଥା ହିଁ ଠିକ୍ ବୋଲି ଭାବନ୍ତି ଏବଂ ଏହାକୁ ପ୍ରମାଣିତ କରିବାକୁ ଲାଗି ପଡନ୍ତି। ଆଉ ଏହି ଅଭ୍ୟାସ ହିଁ ଅନ୍ୟମାନଙ୍କ ମନରେ ତାଙ୍କ ପ୍ରତି ନକାରାତ୍ମକ ଭାବନା ସୃଷ୍ଟି କରିଥାଏ।

– ଅନ୍ୟର ଉନ୍ନତିରେ ଅସହିଷ୍ଣୁ ହୋଇ ପଡିବା, କାହାକୁ ଭଲ କାର୍ଯ୍ୟରେ ପ୍ରଶଂସା କରିବା ବଦଳରେ ଏଣୁତେଣୁ କହିବା କିମ୍ବା ସମସ୍ତ ଶ୍ରେୟ ନିଜେ ନେବା ଭଳି ବଦଭ୍ୟାସ ବି କେତେକଙ୍କଠାରେ ରହିଛି। ସେହିପରି ସର୍ବଦା ନିଜର ଭୁଲ ଲୁଚାଇବାକୁ ଯାଇ ଏହାକୁ ଅନ୍ୟ ମୁଣ୍ଡରେ ଲଦିଦେବା, ଅନ୍ୟ ପଛରେ ବାରମ୍ବାର ଗପିବା ଭଳି ମାନସିକତା ଥିବା ବ୍ୟକ୍ତି ସାଧାରଣତଃ କାହାରି ପ୍ରିୟଭାଜନ ହୋଇପାରନ୍ତି ନାହିଁ। ଯଦି କେବେ ଆପଣଙ୍କ ପ୍ରତି ଅନ୍ୟମାନଙ୍କ ଶ୍ରଦ୍ଧା ଓ ଭଲ ପାଇବା କମୁଛି ବୋଲି ହୃଦ୍‌ବୋଧ ହୁଏ ତେବେ ପ୍ରଥମେ ନିଜର କେଉଁ ବଦଗୁଣ ଏଥିପାଇଁ ଦାୟୀ ଜାଣିବାକୁ ଚେଷ୍ଟା କରି ଏହାକୁ ସୁଧାରିଲେ ସଭିଙ୍କ ପ୍ରିୟ ହୋଇପାରିବେ।

– କଥା କଥାରେ ରାଗିଯିବା, ହଠାତ୍ ଆଗପଛ ବିଚାର ନ କରି ଯୁକ୍ତି କରିବା କିମ୍ବା ଟାଣ କଥା କହିବା ଦ୍ୱାରା ଯେ ଅନ୍ୟର ମାନସିକତା ଆଘାତ ହେଉଥିବ ଏକଥା ଅନେକେ ବୁଝିପାରନ୍ତି ନାହିଁ। ଫଳରେ ଅଜାଣତରେ ସେମାନେ ନିଜ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆଣି ଅନ୍ୟମାନଙ୍କର ଅପ୍ରିୟ ହୋଇଯାଆନ୍ତି। ତେଣୁ ସର୍ବଦା ନିଜର କ୍ରୋଧ, ଅଯଥା ତର୍କକରିବା ଏବଂ ଆକ୍ରୋଶମୂଳକ ଆଚରଣ ଆଦିକୁ ନିୟନ୍ତ୍ରଣରେ ରଖିବା ଦ୍ୱାରା ହିଁ ସମସ୍ତଙ୍କ ହୃଦୟ ଜିତିବାର ମାଧ୍ୟମ।

– ମନରେ ଯେତେ କଷ୍ଟ କିମ୍ବା ଦୁଃଖ ଥାଉନା କାହିଁକି ଅନ୍ୟକୁ ଭଲ କଥା କହିବା, ମଜା, ଥଟ୍ଟା କରି ଅନ୍ୟମାନଙ୍କ ମନରେ ଖୁସି ଭରିଦେବାର ଗୁଣ ସମସ୍ତଙ୍କ ପାଖରେ ନ ଥାଏ। ଆଉ ଯେଉଁମାନଙ୍କ ପାଖରେ ଏହି ନିଆରା କଳା ଥାଏ ସେମାନଙ୍କୁ ସାଧାରଣତଃ ସମସ୍ତେ ଭଲ ପାଆନ୍ତି। ହେଲେ ଏମିତି ବି ଅନେକେ ଅଛନ୍ତି ଯେଉଁମାନେ ଥଟ୍ଟା ମଜାର ସଂଜ୍ଞା ପରିବର୍ତ୍ତନ କରିଦିଅନ୍ତି ଅର୍ଥାତ୍ ଥଟ୍ଟା ଆଳରେ ଅନ୍ୟକୁ ପରିହାସ କରିବା, ଅପମାନିତ କରିବା, କଷ୍ଟ ଦେବା କିମ୍ବା ଅସୁବିଧାରେ ପକାଇବା ଭଳି କାର୍ଯ୍ୟ କରିବାକୁ ପଛାନ୍ତି ନାହିଁ, ଯାହାଦ୍ୱାରା ନା କେବଳ ଅନ୍ୟମାନେ ମାନସିକ ସ୍ତରରେ ଆଘାତ ପାଆନ୍ତି ବରଂ କେବେକେବେ ଏଥିପାଇଁ ସମ୍ପର୍କରେ ଫାଟ ମଧ୍ୟ ସୃଷ୍ଟି ହୋଇଥାଏ। ତେଣୁ ଏପରି ବଦଭ୍ୟାସ ଥିଲେ ତୁରନ୍ତ ବଦଳାନ୍ତୁ।

## କ'ଣ କରନ୍ତି ଏମାନେ...



ସୋନାଲିନ୍

**ସୋନାଲିନ୍ ସେନାପତି** (ଛାତ୍ରୀ, ଫୁଲନଖରା, କଟକ)– ସମସ୍ତଙ୍କ ପ୍ରିୟ ହେବାକୁ କିଏ ବା ନ ଚାହେଁ। ତେଣୁ ଏଥିପାଇଁ ଯଥା ସମ୍ଭବ ନିଜ ଆଚରଣ ଏବଂ ଉଚ୍ଚାରଣ ଉଭୟ ଠିକ୍ ରଖିବାକୁ ଚେଷ୍ଟା କରେ। କୌଣସି ବି ପରିସ୍ଥିତିରେ କଟୁ କଥା କହି କାହାକୁ ମାନସିକ ଆଘାତ ପହଞ୍ଚାଇବାଠୁ ସର୍ବଦା ନିଜକୁ ଦୂରେଇ ରଖେ। ଆଉ କାହାର ଭଲ ଗୁଣ ଦେଖିଲେ ଅସହିଷ୍ଣୁ ନ ହୋଇ ପ୍ରଶଂସା କରେ ଏବଂ ସେଥିରୁ ନିଜେ ମଧ୍ୟ କିଛି ଶିଖିବାକୁ ଚେଷ୍ଟା କରେ।

**ଜ୍ୟୋତି ରଞ୍ଜନ ନାୟକ** (ଡିପ୍ଲୋମା ଛାତ୍ର, ଭଦ୍ରକ)– ଜଣେ ଭଲ ମଣିଷ ଭାବେ ସମସ୍ତଙ୍କ ପ୍ରିୟପାତ୍ର ହେବାକୁ ଚାହୁଁଥିଲେ ନିଜକୁ ହିଁ ପ୍ରୟାସ କରିବା ଦରକାର ବୋଲି ମୋର ମତ। ତେଣୁ ନିଜ କଥା ହେଉ ବା କର୍ଯ୍ୟାକଳାପରେ ଯେପରି ଅନ୍ୟକାହାର ମାନସିକତା ଆଘାତ ନ ହୁଏ ସେଥିପ୍ରତି ଦୃଷ୍ଟି ଦେଇଥାଏ। କୌଣସି କଥାରେ ହଠାତ୍ ରାଗି ନ ଯାଇ ବୁଝିବିଚାରି କାର୍ଯ୍ୟ କରେ। କେବଳ ଏତିକି ନୁହେଁ ଯଦି କେବେ କେହି ମୋ ଉପରେ ରାଗୁଥିବା ବା ବିରକ୍ତି ହେଉଥିବା ଅନୁଭବ କରେ ତେବେ ତୁରନ୍ତ ଏହା ପଛରେ ଥିବା କାରଣ ଖୋଜି ନିଜକୁ ସୁଧାରିବାକୁ ଚେଷ୍ଟା ବି କରେ।



ଜ୍ୟୋତି

## ୟୁ | ଥ୍ | ଆ | ଲ | ର୍ଟ

# ଦାନ୍ତ ବିନ୍ଧା ହେଉଥିଲେ



ବର୍ତ୍ତମାନର ଅସନ୍ତୁଳିତ ଖାଦ୍ୟାଭ୍ୟାସ ଏବଂ ପରିବର୍ତ୍ତିତ ଜୀବନଶୈଳୀର ନକାରାତ୍ମକ ପ୍ରଭାବରୁ ଅଳ୍ପ ବୟସରୁ ଅନେକଙ୍କଠାରେ ଦାନ୍ତ ସମସ୍ୟା ଦେଖିବାକୁ ମିଳୁଛି। ଏଥିରୁ ରକ୍ଷା ପାଇବା ଲାଗି ସେମାନେ ବିଭିନ୍ନ ପ୍ରକାର ମେଡିସିନ ଉପରେ ନିର୍ଭର କରୁଛନ୍ତି। ହେଲେ ଏହାର ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ରହିଛି। ତେଣୁ ଦାନ୍ତରେ ଯନ୍ତ୍ରଣା ହେଉଥିଲେ କେତେକ ଘରୋଇ ଉପାୟ ଆପଣାଇ ଏହାକୁ ଦୂରକରାଯାଇପାରିବ...

- ଲବଙ୍ଗରେ ଅନେକ ଔଷଧୀୟ ଗୁଣ ଭରି ରହିଛି। ତେଣୁ ବିନ୍ଧୁଥିବା ଦାନ୍ତ ଉପରେ ଏକ ଲବଙ୍ଗ ରଖିଦିଅନ୍ତୁ କିମ୍ବା ଲବଙ୍ଗ ତେଲ ଲଗାଇଲେ ତୁରନ୍ତ ଆରାମ ମିଳିବ।
- ଦାନ୍ତ ବିନ୍ଧୁଥିଲେ ପିଆଜକୁ ଛୋଟ ଛୋଟ କାଟି ଚୋବାଇବା ଦ୍ୱାରା ଶୀଘ୍ର ଉପଶମ ମିଳିଥାଏ।
- ସେହିପରି ଦାନ୍ତ ବିନ୍ଧୁଥିଲେ ରସୁଣ ସହ ଅଳ୍ପ ଲୁଣ ମିଶାଇ ଚୋବାଇଲେ ଉପକୃତ ହୋଇପାରିବେ। ଏହାକୁ ପ୍ରତିଦିନ ଖାଦ୍ୟ ତାଲିକାରେ ସାମିଲକଲେ ଦାନ୍ତ ସମସ୍ୟାରୁ ମୁକ୍ତି ପାଇପାରିବେ।
- ଲେମ୍ବୁରେ ଭିଟାମିନ 'ସି' ଭରପୂର ମାତ୍ରାରେ ରହିଛି। ତେଣୁ ଦାନ୍ତ ବିନ୍ଧୁଥିଲେ ଉକ୍ତ ସ୍ଥାନରେ ଲେମ୍ବୁ ଚୋପା ଲଗାଇ ହାଲ୍‌କା ଘଷିଲେ କଷ୍ଟ କମ୍ ହୋଇଥାଏ।
- ଗୋଲମରିଚ ଗୁଣ୍ଡରେ ଅଳ୍ପ ଲୁଣ ମିଶାଇ କିମ୍ବା ସୋରିଷ ତେଲରେ ଅଳ୍ପ ଲୁଣ ମିଶାଇ ଦାନ୍ତ ଘଷିଲେ ବି ବିନ୍ଧା କମ୍ ହୋଇଥାଏ।
- ଗରମ ଲୁଣପାଣି କୁଳିକରିବା ଦ୍ୱାରା ବି ଏହି ସମସ୍ୟାରୁ କିଛି ମାତ୍ରାରେ ଉପଶମ ମିଳିଥାଏ।
- ଦାନ୍ତ ବିନ୍ଧୁଥିଲେ ଦିନକୁ ଦୁଇ ତିନି ଥର ବରଫ ସେକ ଦେବା ବି ଲାଭଦାୟକ ହୋଇଥାଏ।



## ଏ ସପ୍ତାହର ପ୍ରଶ୍ନ

୧– ବିଶ୍ୱର ସର୍ବାଧିକ ରେଶମ ଉତ୍ପାଦନକାରୀ ଦେଶ..... ?
୨– କ୍ଷୁଦ୍ର ବ୍ୟବସାୟୀଙ୍କ ଲାଗି ଉପଲବ୍ଧ ପେନ୍‌ସନ୍ ଯୋଜନା............... ?
୩– ୱାର୍ଲ୍ଡ ୟୁଥ୍ ଚେସ୍ ଚାମ୍ପିୟନଶିପ୍ ୨୦୧୯........ଦେଶରେ ଆୟୋଜନ କରାଯାଇଛି।
୪– ହଜ୍‌ରତ୍‌ଗଞ୍ଜ ଚଉରା... ସହରରେ ଅବସ୍ଥିତ ?
୫– ଭାରତର ସବୁଠୁ .........ଓଭରବ୍ରିଜ୍ ବିଶ୍ୱେଶ୍ୱରାୟ ଫ୍ଲାଏଓଭ, ହାଇଦ୍ରାବାଦ ?

## ଗତ ଥରର ଉତ୍ତର

୧ ସମୀର ଅନ୍‌ଜାନ୍
୨ ରାଜସ୍ଥାନ
୩ ଫିଲିପାଇନ୍ସର ମାନିଲା
୪ ସେବା ଓ ସୁରକ୍ଷା
୫ ଟାଇମ୍ ଟ୍ରାଭେଲ୍ ଟନେଲ୍

## ଉତ୍ତର ଦାତା

– ଲିପିପ୍ରଭା ବେହେରା, କଟକ
– ଜଗତ ଜୀବନ ଓଝା, କୋରାପୁଟ
– ସଙ୍ଘମିତ୍ରା ମହାନ୍ତି, ବାଲେଶ୍ୱର
– ରୁଦ୍ରନାରାୟଣ ଖଟୁଆ, ଖୋର୍ଦ୍ଧା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ମହିଳା ଟେନିସ୍ ଖେଳାଳି–୨୦୧୯



| | |
|---|---|
| ୧. ନାଓମୀ ଓଷାକା | ଜାପାନ |
| ୨. ଆସ୍‌ଲିଫ୍ ବାର୍ଟୀ | ଅଷ୍ଟ୍ରେଲିଆ |
| ୩. କରୋଲିନା ପ୍ଲିସ୍କୋଭା | ଜେଚ୍ ରିପବ୍ଲିକ୍ |
| ୪. ସିମୋନା ହାଲେପ୍ | ରୋମାନିଆ |
| ୫. କିକି ବେର୍ଟେନ୍ସ | ନେଦରଲାଣ୍ଡ |
| ୬. ପେଟ୍ରା କିଟୋଭା | ଜେଚ୍ ରିପବ୍ଲିକ୍ |
| ୭. ଏଲିନା ସିଟୋଲିନା | ୟୁକ୍ରେନ୍ |
| ୮. ସେରେନା ୱିଲିଅମ୍ସ | ଆମେରିକା |
| ୯. ଏରିନା ସାବାଲେଙ୍କା | ବେଲାରୁଷ |
| ୧୦. ସ୍ଲୋଆନ୍ ଷ୍ଟିଫେନ୍ସ | ଆମେରିକା |

ନାଓମୀ ଓଷାକା

## ଅଭୁଲା ଅନୁଭୂତି

# ଆଶ୍ଚର୍ଯ୍ୟ ହେଲୁ ଏହା ଆମେରିକା ନା ଓଡ଼ିଶା!



ଡ. ଅଭୟ କୁମାର ନାୟକ
କୁଳସଚିବ, ନାଇଜର

୨୦୧୦ ମସିହା କଥା। ଏକ ସମ୍ମିଳନୀରେ ଯୋଗ ଦେବାପାଇଁ କେତେଜଣ ସହକର୍ମୀଙ୍କ ସହ ଆମେରିକାର ପ୍ରାଚୀନ ଉଇସ୍‌କନ୍‌ସିନ୍ ବିଶ୍ୱବିଦ୍ୟାଳୟକୁ ଯାଇଥାଏ। ଏହା ଚିକାଗୋ ସହରଠାରୁ ତିନି ଘଣ୍ଟାର ବାଟ। ଆମେ ରହୁଥାଉ ବିଶ୍ୱବିଦ୍ୟାଳୟର ଅତିଥିଶାଳାରେ। ସେଠାରେ ପହଁଚିଲାପରେ ଉକ୍ତ ସହରରେ କାମ କରୁଥିବା ସବୁ ଓଡିଆ ବନ୍ଧୁ ଆମକୁ ସ୍ୱାଗତ କଲେ। ଉକ୍ତ ବିଶ୍ୱବିଦ୍ୟାଳୟରେ ବୈଜ୍ଞାନିକ ଭାବେ କାର୍ଯ୍ୟରତ ଜଗତ୍‌ସିଂହପୁର ଜିଲ୍ଲା ବାଲିକୁଦା ଅଞ୍ଚଳର ଡ. ବିକାଶ ପଟ୍ଟନାୟକ ଆମକୁ ଏକ ରାତ୍ରିଭୋଜନ ପାଇଁ ନିମନ୍ତ୍ରଣ ଦେଲେ। ତାଙ୍କ ଅନୁରୋଧ ରକ୍ଷା କରି ଆମେ ଯିବାକୁ ମନସ୍ଥ କଲୁ। ସେ ଆମକୁ ଅପରାହ୍ନରେ ସାରା ସହର ଏବଂ ବିଶ୍ୱବିଦ୍ୟାଳୟର ପ୍ରମୁଖ ବ୍ୟବସ୍ଥାକୁ ବୁଲାଇ ଦେଖାଇଲେ। ଇତ୍ୟବସରରେ ସଂଧ୍ୟା ହୋଇ ସାରିଥିଲା। ସେ ଆମକୁ ତାଙ୍କ ଘରକୁ ରାତ୍ରୀଭୋଜନ ପାଇଁ ନେଇଗଲେ। ଯଦିଓ ତାଙ୍କୁ ଅଧିକ ସମୟ ଅପେକ୍ଷା କରାଇବା ଠିକ୍ ହେବ ନାହିଁ ବୋଲି ଆମେ ଅତିଥିଶାଳାରେ ଶୀଘ୍ର ଫ୍ରେସ୍ ହୋଇ ଚାଲି ଆସିଲୁ, ହେଲେ ସଂଧ୍ୟାରେ ମହାପ୍ରଭୁଙ୍କର ଗୀତଗୋବିନ୍ଦ ନ ଗାଇ ରାତ୍ରିଭୋଜନ କିପରି କରିବୁ ଭାବୁଥିଲୁ। ଆଜି ମହାପ୍ରଭୁଙ୍କର ଏ କି ପରୀକ୍ଷା! ଗୀତଗୋବିନ୍ଦ ନ ଗାଇ ଆମେ ଯଦି ରାତ୍ରିଭୋଜନ ନେଇଯାଉ ତାହା ମହାପ୍ରଭୁଙ୍କ ପ୍ରତି ଅବମାନନା ହେବ ଏବଂ ଆମର ଅପରାଧ ହେବ! ମନସ୍ତାପରେ ଥାଇ ଆମେ ପହଁଚିଲୁ ଡ. ପଟ୍ଟନାୟକଙ୍କ ଘରେ।

ସୁନ୍ଦର ଘରଟିଏ; ଚାରିପଟେ ବୃକ୍ଷଲତାରେ ଭରପୁର। ସତେ ଯେମିତି ଆଶ୍ରମଟିଏ! ଡ. ପଟ୍ଟନାୟକ ଆମକୁ ଗୃହମଧ୍ୟକୁ ପାଛୋଟି ନେଲେ ଏବଂ ବିଶ୍ରାମ କକ୍ଷରେ ସୋଫାରେ ବସାଇଲେ। ସେଇଠି ବସି ଆମେ ଯେତେବେଳେ ଚାରିପଟେ ଆଖି ବୁଲେଇ ଆଶ୍ଚର୍ଯ୍ୟ ହେଲୁ ଏହା ଆମେରିକା ନା ଓଡିଶା! ସ୍ୱାଗତ କକ୍ଷର ଗୋଟିଏ ପଟେ କାର୍ପେଟ ଉପରେ ରହିଛି ମୃଦଙ୍ଗ, ଡୁବି ତବଲା, ଗିନି, ହାରମୋନିୟମ, ବଂଶୀ ଆଦି ବାଦ୍ୟଯନ୍ତ୍ର। ପାଖରେ ମହାପ୍ରଭୁଙ୍କ ଚତୁର୍ଦ୍ଧା ବିଗ୍ରହ।

ଆମେ ପଚାରିଲୁ ଡ. ପଟ୍ଟନାୟକ ଏସବୁ ବାଦ୍ୟଯନ୍ତ୍ର କ'ଣ ପାଇଁ? ସେ କହିଲେ, 'ଆପଣମାନେ ସିନା ଓଡିଆ ସଂସ୍କୃତି ପରମ୍ପରାକୁ ଭୁଲିଯାଉଛନ୍ତି; ଆମେ ପ୍ରବାସୀମାନେ କିନ୍ତୁ ଭୁଲି ନାହୁଁ।' ଆମେ ତାଙ୍କୁ ଭୂୟସୀ ପ୍ରଶଂସା କଲୁ ତାଙ୍କର ଓଡିଶା ପ୍ରତି ଥିବା ମୋହକୁ ଦେଖି। କାଳବିଳମ୍ବ ନ କରି ଆମେ ମୃଦଙ୍ଗ ବଜେଇ ଗୀତଗୋବିନ୍ଦ ଗାଇବା ଆରମ୍ଭ କଲୁ। ଆମ ସଂଗେ ଯୋଗଦେଲେ ଡ. ପଟ୍ଟନାୟକ ଯିଏକି ଗିନି ବଜାଇଲେ ଏବଂ ତାଙ୍କ ପୁଅ ବଜେଇଲେ ବଂଶୀ। ଏତେ ଭାବପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା ସେଦିନ ସଂଧ୍ୟାରେ ତାହା କଳ୍ପନାତୀତ। ସମସ୍ତ ଓଡିଆ ବଂଧୁମାନେ ସେଠାରେ ପହଁଚି ସାରିଥିଲେ। ଗୀତଗୋବିନ୍ଦ ବ୍ୟତୀତ ଆମେ ଆହୁରି ଚାରିପାଂଚଟି ଭଜନ ଗାଇଲୁ। ଆଉ ଯେତେବେଳେ ମିସେସ୍ ପଟ୍ଟନାୟକ ଆମକୁ ତାଙ୍କ ପୁଜାଘରକୁ ନେଇ ମହାପ୍ରଭୁଙ୍କ ଦର୍ଶନ କରାଇଲେ ମନେ ହେଉଥିଲା ପ୍ରଭୁ ଆମକୁ କହୁଛନ୍ତି, 'ମୁଁ ଏମିତି ଆଜି ତୁମଠାରୁ ଗୀତଗୋବିନ୍ଦ ଶୁଣିବାକୁ ଚାହୁଁଥିଲି।' ସତରେ ସେଦିନର ସେ ଦିବ୍ୟ ଅନୁଭୂତି ମୋ ପାଇଁ ସର୍ବଦା ଅଭୁଲା।

– ଶ୍ରୀକାନ୍ତ ପରିଜା

## ସଂକ୍ଷେପରେ

### ଅନ୍‌ଲାଇନ୍ ଇପିଏଫ୍ ଉଠାଣ ନେଇ ସଚେତନତା

**ଭୁବନେଶ୍ୱର,୨୪।୮(ବ୍ୟୁରୋ):** କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍)କୁ ସମ୍ପୂର୍ଣ୍ଣ କାଗଜମୁକ୍ତ କରିବା ପାଇଁ କେନ୍ଦ୍ର ସରକାର ବ୍ୟାପକ ସଚେତନତାମୂଳକ କାର୍ଯ୍ୟକ୍ରମ ବିଭିନ୍ନ ଜିଲାରେ କରୁଛନ୍ତି। ତତ୍କାଳ ପାଣ୍ଠି ଉଠାଣ ଓ ବିଭିନ୍ନ ଅନ୍‌ଲାଇନ୍ ସୁବିଧାଗୁଡ଼ିକୁ ଲୋକାଭିମୁଖୀ କରିବାକୁ ଜୋରଦାର ପ୍ରୟାସ କରାଯାଉଛି। ଏହି ଅନ୍‌ଲାଇନ ପ୍ରକ୍ରିୟା ସରଳ ଓ ସମୟସାପେକ୍ଷ ହୋଇଥିବାବେଳେ ଏଥିପାଇଁ ହିତାଧିକାରୀମାନେ ଆଧାର, ବ୍ୟାଙ୍କ ଆକାଉଣ୍ଟ ନମ୍ବର ସେମାନଙ୍କ ୟୁଏଏନ୍ ସଂଖ୍ୟା ସହ ସଂଲଗ୍ନ କରିବା ଅପରିହାର୍ଯ୍ୟ। ଫଳରେ ସେମାନଙ୍କୁ ଟଙ୍କା ଉଠାଣ, ବ୍ୟକ୍ତିଗତ ତଥ୍ୟ ସଂଶୋଧନ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଇପିଏଫ୍ କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡ଼ିବ ନାହିଁ। ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ନିଯୁକ୍ତିଦାତା ଓ ହିତାଧିକାରୀମାନଙ୍କୁ ନେଇ ଏକ ସହାୟତା ଶିବିର ପାରାଦୀପ ପୋର୍ଟ ଟ୍ରଷ୍ଟ ସହାୟତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୋର୍ଟ ପରିସରସ୍ଥ ଅଫିସର୍ସ କ୍ଲବ୍‌ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ ଇପିଏଫ୍ ଆଞ୍ଚଳିକ କାର୍ଯ୍ୟାଳୟର ସହାୟକ କମିଶନର ମୟଙ୍କ ରାଜ, ପ୍ରବର୍ତ୍ତନ ଅଧିକାରୀ ସିତାଂଶୁ ଶେଖର ମିଶ୍ର, ବନ୍ଦର ସଚିବ ବି.କେ. ଝା ଓ ଜନମଙ୍ଗଳ ଅଧିକାରୀ ଆର. ସି. ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

### ଜେଟ୍‌ଲୀଙ୍କ ବିୟୋଗରେ ଶୋକ

**କୁଜଙ୍ଗ,୨୪।୮(ସ୍ୱ.ପ୍ର):** ପୂର୍ବତନ ଅର୍ଥମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା ଅରୁଣ ଜେଟ୍‌ଲୀଙ୍କ ବିୟୋଗରେ କୁଜଙ୍ଗ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ପାରାଦୀପ ନିର୍ବାଚନମଣ୍ଡଳୀର ଭାଜପା ନେତା ତଥା ଜିଲା ଯୁବ ମୋର୍ଚ୍ଚା ସଭାପତି ସମ୍ପଦ କୁମାର ସ୍ୱାଇଁ ଶୋକବ୍ୟକ୍ତ କରିବା ସହ ଦେଶ ଜଣେ ବିଚକ୍ଷଣ ଧୀସମ୍ପନ୍ନ ରାଜନେତାଙ୍କୁ ହରାଇଲା ବୋଲି କହିଛନ୍ତି। ସେହିପରି କୁଜଙ୍ଗ ମଣ୍ଡଳ ସଭାପତି ତପନ ତ୍ରିପାଠୀ, ଜିଲା ପରିଷଦ ସଭ୍ୟା ସୁଶ୍ରୀ ପ୍ରିୟଦର୍ଶିନୀ, ରଶ୍ମିରଞ୍ଜନ ଚୌଧୁରୀ ପ୍ରମୁଖ ଶୋକ ବ୍ୟକ୍ତ କରି ଜେଟ୍‌ଲୀଙ୍କ ବିୟୋଗ ଦେଶ ପାଇଁ ଅପୂରଣୀୟ କ୍ଷତି ବୋଲି କହିଛନ୍ତି।

■ ଶିର୍ଲୋ ମହାନଦୀ ସେତୁ

# ଶୁଭ ଦେବାର ୬ ମାସ ପରେ ଆରମ୍ଭ ହେଲାନି କାମ

**ରଘୁନାଥପୁର, ୨୪।୮ (ଡି.ଏନ.ଏ.)**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଶିର୍ଲୋସ୍ଥିତ ମହାନଦୀ ଉପରେ ୬ ମାସ ତଳେ ଏକ ସେତୁର ଶିଳାନ୍ୟାସ ପର୍ବ ଶେଷ ହୋଇଥିଲା। ବିଧାୟକ ଚନ୍ଦ୍ରସାରଥି ବେହେରା ମୁଖ୍ୟ ଅତିଥି ଭାବେ ଏହାକୁ ଶୁଭ ଦେଇଥିଲେ। ତେବେ ଅଦ୍ୟାବଧି ଏହାର ନିର୍ମାଣ କାମ ଆରମ୍ଭ ହୋଇନାହିଁ। ନଦୀ ଆର ପାର୍ଶ୍ୱକୁ ଯାତାୟାତ ପାଇଁ ଭରା ନଦୀରେ ଡଙ୍ଗା ଏକମାତ୍ର ସାହା ଭରସା ପାଲଟିଛି। ଏହି ଘାଟ ଦେଇ ଆଖପାଖ ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ଗାଁର ହଜାର ହଜାର ସଂଖ୍ୟକ ଲୋକ ଦୈନନ୍ଦିନ ଯାତାୟାତ ପାଇଁ ନିର୍ଭର କରିଥାନ୍ତି। ଦୀର୍ଘ ୨୦ ବର୍ଷ ତଳେ ଏହି ସ୍ଥାନରେ ଏକ ସେତୁ ନିର୍ମାଣ ପାଇଁ ଦାବି ହୋଇଆସୁଛି। ସୂଚନାଯୋଗ୍ୟ, ଶିର୍ଲୋ, ଇଶାଣିବ୍ରହ୍ମପୁର ଓ ମାଣପୁର ପଞ୍ଚାୟତ ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନରେ ରହିଛି। ଲୋକେ ବିଭିନ୍ନ କାମ ପାଇଁ ପ୍ରତିଦିନ ନଦୀ ପାର ହୋଇ ବ୍ଲକକୁ ଯାଇଥାନ୍ତି। ନଚେତ୍ କଟକ ଦେଇ ନିଶ୍ଚିନ୍ତକୋଇଲିରେ ପହଞ୍ଚିବାକୁ ୮୨ କି.ମି. ଯାତ୍ରା କରିବାକୁ ପଡେ। ଏହାଛଡା ଏଠାରେ ସେତୁ ନିର୍ମାଣ ହେଲେ କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଯାଜପୁର, ଲଳିତଗିରି, ଶାରଳା ଓ ଗୋରଖନାଥ ପୀଠ ସହ କୋଣାର୍କ ଏବଂ ପୁରୀ ଜଗନ୍ନାଥ ଧାମକୁ ଯାତାୟାତ ପାଇଁ ମାଧ୍ୟମ ପାଲଟିବ। ଏହି ଘାଟରେ ପ୍ରତିଦିନ ଡଙ୍ଗାରେ ପାଣିମାଣ୍ଡୁଅ, ସାହୁକେତ, ପାଟେଣିଗାଁ, ସୁଦ୍ଧୁଖଣ୍ଡ, ସାଇଲୋ. ଡମପଡା, ସମିତଙ୍ଗ, ଅରେଇ, ଉଦୟପୁର, ବନ୍ଧୁପୁର, ସାଆନ୍ତପୁର, ଓରତି, ପାଳଦା, ମାଣିକପୁର, କାଠୁଆଖଣ୍ଡ, ମାଣିକପୁର, ରଘୁନାଥପୁର ସମେତ ଅନେକ ଗାଁର ଲୋକ ଭରା ନଦୀରେ ବିପଦସଙ୍କୁଳ ଭାବେ ଯାତାୟାତ କରୁଛନ୍ତି। ନିର୍ଦ୍ଧାରିତ ସମୟରେ ଘାଟରେ ପହଞ୍ଚି ନ ପାରିଲେ ଲୋକେ ଡଙ୍ଗା ମଧ୍ୟ ପାଇ ନ ଥାନ୍ତି। ଖୁବ୍‌ଶୀଘ୍ର ସେତୁର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଅଞ୍ଚଳର ବୁଦ୍ଧିଜୀବୀ ତଥା ସାଧାରଣ ଜନତାଙ୍କ ପକ୍ଷରୁ କଟକ ଜିଲାପାଳ, ଆରଡ଼ିସି, ସ୍ଥାନୀୟ ବିଧାୟକ ଓ ମୁଖ୍ୟମନ୍ତ୍ରୀଙ୍କଠାରେ ଦାବି କରାଯାଇଛି।

**ଭରା ନଦୀରେ ଯାତାୟାତ ପାଇଁ ଡଙ୍ଗା ଏକମାତ୍ର ଭରସା**



ଡଙ୍ଗାରେ ଲୋକମାନେ ନଦୀ ପାର ହେଉଛନ୍ତି।



କୃଷ୍ଣ, ବଳରାମ ଓ ବିଭିନ୍ନ ବେଶରେ ସଜ୍ଜିତ ପିଲାମାନେ ଗ୍ରାମ ପରିକ୍ରମା କରୁଛନ୍ତି।

## ଯାଦବ ସଂଘ ପକ୍ଷରୁ ନନ୍ଦ ଉତ୍ସବ

**କୁଜଙ୍ଗ,୨୪।୮(ସ୍ୱ.ପ୍ର.)**

କୁଜଙ୍ଗ ରାଧାମାଧବ ଯାଦବ ସଂଘ ପକ୍ଷରୁ ଶୁକ୍ରବାର ଚତୁର୍ଦ୍ଦଶ ବାର୍ଷିକ ନନ୍ଦ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ସ୍ଥାନୀୟ ଯାଦବ ସମ୍ପ୍ରଦାୟର ଶତାଧିକ ଲୋକ ବିଶାଳ ଶୋଭାଯାତ୍ରାରେ ବଜାର ପରିକ୍ରମା କରିଥିଲେ। ନନ୍ଦ, ଯଶୋଦା, ଶ୍ରୀକୃଷ୍ଣ, ରାଧା ବେଶରେ କଳାକାରମାନେ ଜଗନ୍ନାଥପୁର, କୋଠିଆସାହି, ବଳରାମପୁର, ସମେତ କୁଜଙ୍ଗ ବଜାର ପରିକ୍ରମା କରିଥିଲେ। ଏହି ସମୟରେ ବିଭିନ୍ନ ଅଞ୍ଚଳରୁ ଆସିଥିବା କାଠିଲଉଡ଼ି ଦଳ ଲଉଡ଼ି ପରିବେଷଣ କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଦୁର୍ଗା ମଣ୍ଡପଠାରେ ସଂଘର ସଭାପତି ରାଜେନ୍ଦ୍ର ନାରାୟଣ ରାଜଗୁରୁଙ୍କ ଅଧ୍ୟକ୍ଷତାରେ ସାଂସ୍କୃତିକ ସଭା ହୋଇଥିଲା। ଏଥିରେ ଯାଦବ ସମ୍ପ୍ରଦାୟର ବିଶିଷ୍ଟ ନେତା ଏ.ଏନ.ଡି. ଯାଦବ ଓ କୁଜଙ୍ଗ ଓକିଲ ସଂଘ ସଭାପତି ଆଇନଜୀବୀ ରମେଶ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଯାଦବ ସଂଘର କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପସଭାପତି ଉମେଶ ସେନାପତି, ସମ୍ପାଦକ ଟିକନ ଗୁରୁ, କୋଷାଧ୍ୟକ୍ଷ ବିମଳ ନାୟକ, ରମେଶ ସେନାପତି, ଅମର ମହାପାତ୍ର, ଆଲୋକ ଗୁରୁ, ପ୍ରକାଶ ମହାପାତ୍ର, ସୋମନାଥ ମହାପାତ୍ର, ମାନସ ନାୟକ, ଅଲେଖ ପଲାଇ, ମହନୀ ପଲାଇ, ସୁରେନ୍ଦ୍ର ପ୍ରଧାନ, କ୍ଷୀର ପଲାଇ, ଅଭି ଦାସ, ସନ୍ତୋଷ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟାରେ ମେଲୋଡ଼ି ପରିବେଷଣ କରାଯାଇଥିଲା।

■ ନାବାଳିକା ଯୌନ ନିର୍ଯାତନା ମାମଲା

# ଅଭିଯୁକ୍ତଙ୍କୁ ଭଦ୍ରକରୁ ଉଠାଇ ଆଣିଲା ପୋଲିସ

**ଜଗତ୍‌ସିଂହପୁର ଅଫିସ,୨୪।୮**

ଗତ ୨୧ ତାରିଖରେ ଜଗତ୍‌ସିଂହପୁର ଥାନା ଅଞ୍ଚଳର ଜଣେ ନାବାଳିକା(୧୫)ଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଥିଲା। ପୀଡିତାଙ୍କ ଅଭିଯୋଗକ୍ରମେ ପୋଲିସ ଏନେଇ ଦଫା ୩୫୪ଡି/୨୯୪/୫୦୭/୩୮୪ ଆଇପିସି/୧୨ ପୋକ୍ସୋ ଆଇନରେ ମାମଲା ସଂଖ୍ୟା ୨୭୬/୧୯ ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ମାମଲାରେ ପୋଲିସ ଅଭିଯୁକ୍ତ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଅଟୋ ଗ୍ରାମର ଲକ୍ଷ୍ମୀକାନ୍ତ ଦାସ(୨୦)ଙ୍କୁ ଶନିବାର ଗିରଫ କରିଛି। ତାଙ୍କୁ ପୋକ୍ସୋ ସ୍ପେଶାଲ କୋର୍ଟ ତଥା ଏଡିଜେଙ୍କ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଆଲିପିଙ୍ଗଳ ଉପକାରାଗାରକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଅଭିଯୁକ୍ତଙ୍କଠାରୁ ବ୍ୟବହୃତ ମୋବାଇଲ ଜବତ ହୋଇଥିବା ଜଗତ୍‌ସିଂହପୁର ଆଇଆଇସି ରଜନୀକାନ୍ତ ମିଶ୍ର ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଆଇଆଇସି କହିଛନ୍ତି ଯେ, ନାବାଳିକା ଜଣଙ୍କ ଏକ ସରକାରୀ ବିଦ୍ୟାଳୟରେ ୧୦ମ ଶ୍ରେଣୀରେ ପଢୁଛନ୍ତି। ୩ ମାସ ତଳେ ଅଭିଯୁକ୍ତ ଲକ୍ଷ୍ମୀକାନ୍ତ ନାବାଳିକାଙ୍କ ମୋବାଇଲକୁ ଫୋନ୍ କରି ଚତୁରତାର ସହ ତାଙ୍କ ନାଁ ଓ ପରିବାର ବିଷୟରେ ବୁଝି ନେଇଥିଲେ। ପରେ କ୍ରମାଗତ ଫୋନ୍ କରି ଚାଲିଥିଲେ। ନାବାଳିକା କଥା ହେବାକୁ ଅନିଚ୍ଛା ପ୍ରକାଶ କରିଥିଲେ ସୁଦ୍ଧା ଲକ୍ଷ୍ମୀକାନ୍ତ ତାଙ୍କୁ ହଇରାଣ କରି ଚାଲିଥିଲେ। ତେଣୁ ତାଙ୍କ ମୋବାଇଲ ନମ୍ବରକୁ ନାବାଳିକା ବ୍ଲକ କରିଦେଇଥିଲେ। ଏହା ସତ୍ତ୍ୱେ ଅଭିଯୁକ୍ତ ଚୁପ୍ ରହି ନ ଥିଲେ। ଅନ୍ୟ ସିମ୍ ବ୍ୟବହାର କରି ପୁଣି କଥା ହେବାକୁ ଚେଷ୍ଟା କରିଥିଲେ। ପରେ ନାବାଳିକାଙ୍କ ସହ ବନ୍ଧୁତା କରିବାରେ ସଫଳ ହୋଇଥିଲେ। ପରବର୍ତ୍ତୀ ସମୟରେ ନାବାଳିକାଙ୍କ ସରଳତାର ସୁଯୋଗ ନେଇ ଭିଡିଓ ଚାର୍ଟ ମାଧ୍ୟମରେ କିଛି ନଗ୍ନ ଫଟୋ ସଂଗ୍ରହ କରିଥିଲେ। ଏହା ପରେ ଅଭିଯୁକ୍ତଙ୍କ ଅସଲ ମୁଖା ଖୋଲି ଯାଇଥିଲା। ସିଧାସଳଖ ୧ ଲକ୍ଷ ଟଙ୍କା ଦାବି କରିଥିଲେ। ନଚେତ ଏହି ଫଟୋ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ। ଏ ସମ୍ପର୍କରେ ନାବାଳିକା ନିଜ ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ଥାନାରେ ଅଭିଯୋଗ ହେବାରୁ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। କଲ ଡିଟେଲ୍ସ ରେକର୍ଡ/ସବ୍‌ସ୍କ୍ରାଇବର ଡିଟେଲ୍ସ ରେକର୍ଡ/କଷ୍ଟମର ଆପ୍ଲିକେଶନ ଫର୍ମ ଆଦି ଅନୁଧ୍ୟାନ ସମୟରେ ଅଭିଯୁକ୍ତ ବ୍ୟବହାର କରୁଥିବା ଫୋନ୍ ଓ ସିମ୍ ଆଦି ଜଣାଯାଇଥିଲା। ଏହା ପରେ ଏହି ମୋବାଇଲ ଓ ସିମ୍ ଜବତ କରିବାକୁ ପୋଲିସ ସଫଳ ହୋଇଛି।

କଟକ ଉନ୍ନୟନ କର୍ତ୍ତୃପକ୍ଷ
C.D.A
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି , ଅଭିନବ ବିଡାନାସୀ , କଟକ ( ମର୍କତ ନଗର ) ସେକ୍ଟର – 7 ରେ ପ୍ଲଟ ନଂ – G/293 ଟିକୁ ଶ୍ରୀମତୀ ବିଷ୍ଣୁପ୍ରିୟା ପାଇକ, ପିତା – ୰ ଗୋକୁଳ ଚନ୍ଦ୍ର ପାଇକ, ସ୍ୱାମୀ – ବ୍ରହ୍ମାନନ୍ଦ ସେଠୀ, ସା – ଦେଉଳସାହି, ପୋ – ତୁଳସୀପୁର, ଥା– ବିଡାନାସୀ, ଜିଲ୍ଲା – କଟକଙ୍କୁ ଉତ୍ତରାଧିକାରୀ ଆଧାରରେ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ବିଷ୍ଣୁପ୍ରିୟା ପାଇକ ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ସଲାମ ଅଲ୍ଲୀ ମଲ୍ଲିକ, ପିତା– ଅବଦୁଲ କାଲାମ ମଲ୍ଲିକ, ସା – ଦେଓ୍ୱାନପରା, ସିଂହଜୋର, ପୋ – ହୁଗୁଳି, ଭଗବତୀପୁର, ଥା –ଚଣ୍ଡିତାଲ, ରାଜ୍ୟ – ପଶ୍ଚିମବଙ୍ଗଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସଚିବ

# ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା



ବିଜ୍ଞାନ ମେଳାରେ ଜଣେ ଛାତ୍ରୀ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

**ବିରିଡ଼ି,୨୪।୮(ଡି.ଏନ.ଏ.)**

ବିରିଡ଼ି ବ୍ଲକ ୨୨ ମୌଜା ମଙ୍ଗୁଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଶନିବାର ଜଗତ୍‌ସିଂହପୁର ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି ଓଡ଼ିଶା ପକ୍ଷରୁ ଗୁଞ୍ଜ୍ ସହାୟତାରେ ହୋଇଥିବା ଏହି ମେଳାକୁ ଅଲକା ମହାବିଦ୍ୟାଳୟ ଅଧ୍ୟକ୍ଷ ବନମାଳି ବେହେରା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ସଭାପତିତ୍ୱ କରିଥିଲେ ମଙ୍ଗୁଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଭାପତି ଗୟାଧର ମହାନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଙ୍କୁଳ ସଂଯୋଜକ ମଦନମୋହନ ଷଡ଼ଙ୍ଗୀ, ପ୍ରଧାନ ଆଚାର୍ଯ୍ୟା ସ୍ୱପ୍ନାବିକା ମହାନ୍ତି ପ୍ରମୁଖ ଯୋଗଦେଇ ଶିଶୁ ମନ୍ଦିରରେ ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ଶିକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ଶିଶୁ ମନ୍ଦିରରେ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଓ ବୌଦ୍ଧିକ ଶିକ୍ଷା ଦିଆଯାଉଛି। ତେଣୁ ବିଦ୍ୟାର୍ଥୀମାନେ ଉପଯୁକ୍ତ ଶିକ୍ଷା ଆହରଣ କରି ଦେଶର ଉନ୍ନତିରେ ସାମିଲ ହେବାକୁ ସେମାନେ ଆହ୍ୱାନ ଦେଇଥିଲେ। ଏଥିରେ ଜଗତ୍‌ସିଂହପୁର ସଙ୍କୁଳ ଅଧୀନ ମୋଟ ୧୦ ଶିଶୁ ବିଦ୍ୟାମନ୍ଦିରର ୨୮୭ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏଥିରେ ଶିଶୁବର୍ଗ, ବାଲବର୍ଗ ଓ କିଶୋର ବର୍ଗର ପ୍ରକଳ୍ପ ସ୍ଥାନ ପାଇଥିଲା। ସେଥିମଧ୍ୟରୁ ୫୪ ଜଣ ଛାତ୍ରୀଛାତ୍ର ବିଭାଗସ୍ତରକୁ ମନୋନୀତ ହୋଇଥିଲେ। ଉଦ୍‌ଯାପନ ଉତ୍ସବରେ ପ୍ରଧାନ ଆଚାର୍ଯ୍ୟା ସ୍ୱପ୍ନାବିକା ମହାନ୍ତି ସଭାପତିତ୍ୱ କରିଥିଲେ। ଗୁଞ୍ଜର ଓଡ଼ିଶା ଓ ଝାଡଖଣ୍ଡର ସଂଯୋଜକ ସୁରେଶ କୁମାର, ସଙ୍କୁଳ ବିଜ୍ଞାନ ପ୍ରମୁଖ ଗୋବିନ୍ଦ ନାୟକ, ବସୁମାତାର ସମ୍ପାଦକ ଗୟାଧର ମହାନ୍ତି ଓ ସଙ୍କୁଳ ସଂଯୋଜକ ମଦନମୋହନ ଷଡ଼ଙ୍ଗୀ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଶେଷରେ ଉମେଶ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

# ରାହାଣ ସରପଞ୍ଚ ପଦବୀ ଅସିଦ୍ଧ ଘୋଷଣା

**ବାଲିକୁଦା,୨୪।୮(ସ୍ୱ.ପ୍ର.)**

ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ଅଭିଯୋଗରେ ବାଲିକୁଦା ବ୍ଲକ ରାହାଣ ପଞ୍ଚାୟତର ସରପଞ୍ଚ ଜୀବନ ମହାରଣାଙ୍କ ପଦବୀ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଅସିଦ୍ଧ ଘୋଷଣା କରିଛନ୍ତି। ମହାରଣା ରାହାଣ ସେବା ସମବାୟ ସମିତିରୁ ଶ୍ରୀରାମ ସ୍ୱୟଂସହାୟକ ଗୋଷ୍ଠୀ ନାମରେ ଏକ ଋଣ ନେଇ ଶୁଝି ନ ଥିବା ଦର୍ଶାଇ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସନାତନ ବେହେରା ଜିଲାପାଳଙ୍କ କୋର୍ଟରେ ଅଭିଯୋଗ କରିଥିଲେ। ମହାରଣାଙ୍କ ନାମରେ ଋଣ ଖିଲାପି ନୋଟିସ ଥାଇ ମଧ୍ୟ ସେ ନିର୍ବାଚନ ସମୟରେ ଦାଖଲ କରିଥିବା ସତ୍ୟପାଠରେ ତାହା ଉଲ୍ଲେଖ କରି ନ ଥିଲେ। ବେହେରା ଉକ୍ତ ତଥ୍ୟ ରାହାଣ ସେବା ସମବାୟ ସମିତିରୁ ହାତେଇବା ପରେ ତାଙ୍କ ବିରୋଧରେ ୨୦୧୭ ମସିହାରେ ଜିଲାପାଳଙ୍କ କୋର୍ଟରେ ମାମଲା ପାଇଁ ଆବେଦନ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ମହାନ୍ତି ଓ ସହକାରୀ ଓକିଲ ସୁଶିଲ କୁମାର ଦାସ ମାମଲା ପରିଚାଳନା କରୁଥିଲେ। ଶୁକ୍ରବାର ଜିଲାପାଳ ମହାପାତ୍ର ଏହାର ବିଚାର କରି ଉପରୋକ୍ତ ରାୟ ଶୁଣାଇଛନ୍ତି।

# ବିଶ୍ୱହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ

**ଜଗତ୍‌ସିଂହପୁର ଅଫିସ, ୨୪।୮**

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ସହିତ ବିଶ୍ୱହିନ୍ଦୁ ପରିଷଦର ଜୟନ୍ତୀ ଓ ବ୍ରହ୍ମଲୀନ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ବିଶ୍ୱହିନ୍ଦୁ ପରିଷଦ ସଭାପତି ଗୌରାଙ୍ଗ ଚରଣ ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅତିଥିଭାବେ ପଣ୍ଡିତ ପ୍ରଫୁଲ୍ଲ ସାହୁ ଓ ବିଶ୍ୱହିନ୍ଦୁ ପରିଷଦର ସମ୍ପାଦକ ମାନସ ରଞ୍ଜନ ସ୍ୱାଇଁ ଯୋଗଦେଇ ପରିଷଦର ପ୍ରତିଷ୍ଠା, ବଳିଦାନ ଦିବସ ଓ ଜନ୍ମାଷ୍ଟମୀ ଉପରେ ଆଲୋକପାତ କରିଥିଲେ। ଏହି ସଭାରେ ପରିଷଦର କାର୍ଯ୍ୟକର୍ତ୍ତାଙ୍କ ସମେତ ଶିଶୁ ମନ୍ଦିରର ଗୁରୁମା, ଗୁରୁଜୀ ଉପସ୍ଥିତ ଥିଲେ। ଶେଷରେ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ମଦନ ମୋହନ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ସକାଳେ କୁନି କୁନି ପିଲାମାନଙ୍କ ମଧ୍ୟରେ କୃଷ୍ଣ ବେଶ ଓ ପରେ ଭଗବାନ କୃଷ୍ଣଙ୍କ ଉପରେ ଏକ କଥା ପ୍ରତିଯୋଗିତା ହୋଇଥିଲା।

# କୃଷକ ନେତାଙ୍କ ଜନ୍ମ ଦିବସରେ ସମାବେଶ

**କୁଜଙ୍ଗ,୨୪।୮(ସ୍ୱ.ପ୍ର)**

କୁଜଙ୍ଗ ନିବାସୀ ତଥା ପାରାଦୀପ ବନ୍ଦର କ୍ଷତିଗ୍ରସ୍ତ କୃଷକ ସଂଘର ପ୍ରାକ୍ତନ ସଭାପତି ଗୌରମୋହନ ସାହୁଙ୍କ ୮୬ ତମ ଜନ୍ମ ଦିବସ ପାଳିତ ହୋଇଛି। ଏହି ଅବସରରେ ସଂଗ୍ରାମୀବାଗସ୍ଥିତ ତାଙ୍କ ବାସଭବନରେ ଏକ କୃଷକ ସମାବେଶ ହୋଇଥିଲା। ଗୌରହରି ସେବାଟ୍ରଷ୍ଟର ସମ୍ପାଦକ ଜଗନ୍ନାଥ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାବେଶରେ ବରିଷ୍ଠ ନାଗରିକ ମହାସଂଘ ସମ୍ପାଦକ ବାବୁରାମ ଚୌଧୁରୀ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ବୀରେନ୍ଦ୍ର ବିଶ୍ୱାଳ, ଶିକ୍ଷାବିତ୍ ନିଶାକର ମୁଦୁଲି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଜୟ ମାଝୀ, ପାରାଦୀପ ବନ୍ଦର କ୍ଷତିଗ୍ରସ୍ତ କୃଷକ ସଂଘ ସଭାପତି ଚିନ୍ମୟ ଦାସ, ସଂଗଠନ ସମ୍ପାଦକ ମିହିରକାନ୍ତ ସାହୁ ପ୍ରମୁଖ ଯୋଗଦେଇ କୃଷକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ କୁଜଙ୍ଗର ଗାନ୍ଧୀ ତଥା ମହାନ ସ୍ୱାଧୀନତା ସଂଗ୍ରାମୀ ନାରାୟଣ ବୀରବର ସାମନ୍ତଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ଏଥିପାଇଁ ଏକ ସର୍ବଦଳୀୟ କମିଟି ଗଠନ କରାଯିବ ବୋଲି କୃଷକ ନେତାମାନେ ଘୋଷଣା କରିଥିଲେ। ତୈଳିକ ମହାସଂଘର ଯୁଗ୍ମ ସମ୍ପାଦକ ବଂଶୀଧର ସାହୁ, ହିମାଂଶୁ ଶେଖର ଦାସ, କୁଜଙ୍ଗ ପ୍ରେସ୍ କ୍ଲବ୍ ସମ୍ପାଦକ ଦୁଷ୍ମନ୍ତ ମାଝି, ଶ୍ରମିକନେତା ସୁଧାକର ମନ୍ତ୍ରୀ, ଜୀବନାନନ୍ଦ ଅଧିକାରୀ, ବିଭୂତି ଭୂଷଣ ଦାସ, ବୈଷ୍ଣବ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରଷ୍ଟର ସଭାପତି ନବକିଶୋର ସାଧୁ ଧନ୍ୟବାଦ ଦେଇଥିଲେ।



କୃଷକ ନେତାଙ୍କୁ କର୍ମକର୍ତ୍ତାମାନେ ସମ୍ବର୍ଦ୍ଧନା ଦେଉଛନ୍ତି।

**OFFICE OF THE**
**REGULATED MARKET COMMITTEE**
**HINJILICUT (GANJAM)**
**E-Mail-rmchinj@rediffmail.com**
**No.707** **Dated: 21.08.2019**

**EXPRESSION OF INTEREST**

Applications are invited from interested firms/ persons having experience in “Design, testing and Certification of Cold Room and Allied Refrigeration Work”.

The Regulated Market Committee, Hinjilicut is going to install a 30MT capacity Cold Room at Main Market Yard, Hinjilicut.

Applications in hard copy with curriculum vitae and supporting documents in respect of qualification and experience along with offer price towards consultancy fees should reach to the address, The Secretary, Regulated Market Committee, Hinjilicut, At/Po-Hinjilicut, Dist- Ganjam, Odisha, Pin-761102 in sealed cover through Speed Post/ Registered Post only on or before 5 PM of 05.09.2019. The sealed covers shall be opened and scrutinized by the Sub-Committee on 06.09.2019 at 11 A.M in the office of the Regulated Market Committee, Hinjilicut.

The authority reserves the right to reject any or all applications without assigning any reason thereof.

**Sd./-**
**Sub- Collector, Chatrapur-cum-**
**Chairman, R.M.C., Hinjilicut**

**OFFICE OF THE**
**MUNICIPAL COUNCIL, UMERKOTE**
**Letter No.2260/MUN-UKT-2019** **Date : 22.08.2019**

**“e-PROCUREMENT NOTICE”**

**BID IDENTIFICATION NO.EO-UKT-MUNICIPALITY-01/2019-20**

Bid document consisting of specification the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tenderorissa.gov.in.**

| | | | |
|---|---|---|---|
| 1. | Nature of the work | : | Civil |
| 2. | No. of the works | : | 1 No. |
| 3. | Estimate cost | : | As per DTCN |
| 4. | Period of completion | : | As per DTCN |
| 5. | Date and time available of the bid documents in the portal | : | From 10.00 hours of 26.08.2019 to 17.00 hours of 04.09.2019 |
| 6. | Last Date / Time for receipt of bids in the portal | : | 04.09.2019, 17.00 hours |
| 7. | Last Date / Time for receipt of financial documents in the office through Registered / Speed Post only | : | 05.09.2019 to 10.09.2019 from 10.00 A.M. to 5.00 P.M. |
| 8. | Bids received online shall be opened on | : | 11.09.2019 at 11.00 A.M. hour at Umerkote Municipality |
| 9. | Name and address of the officer inviting bid | : | Executive Officer, Umerkote Municipality |

Further the details can be seen from the procurement portal **www.tenderorissa.gov.in.**

**Sd./- Executive Officer**
**Umerkote Municipality**

# SUNDAY classifieds




## BRIDE WANTED

Brahmin male 28/5'5" Jatni, searching bride (Any Location). 8338083380. D-14038

Wanted Science stream charming graduate bride 5'4"+ (Academic career) for Bhubaneswar, Viswakarma boy, 1993, 5'8", B.Tech, Engineer, Pune. Cashless marriage. Mobile: 9237023852. D-65679

Now Matrimonial ads. only on Wednesday & Sunday
Book 1 Get 1 FREE

## GROOM WANTED

Very beautiful SC (Pana) girl 1990, MBA "VAISNABI". 06742551286, 7008967858. D-66181

Muslim bride 34/5'2" Khorda, searching groom (Any Location). 8338083380. D-14037

Khandayat bride 37/5'4" Cuttack, searching groom (Odisha). 8338083380, 8480611745. D-14039

Bania 33/5' Assistant Professor, Bhubaneswar searching groom. 8338083380, 8480611745. D-14040

46 ବର୍ଷ Govt.ର administrator ଭାବରେ ଖଣ୍ଡାୟତ ଘରର divorcee ଝିଅପାଇଁ ଉପଯୁକ୍ତ ବୟସର ବରପାତ୍ର ଆବଶ୍ୟକ। ଯେକୌଣସି ଜାତିର ମଧ୍ୟମ ପରିବାରର ବରପାତ୍ର ଆବଶ୍ୟକ। 7377689793. D-63782

Khandayat girl M.A, M.Phil, English Lecturer, born 1993, parents professors inviting marriage proposal from deserving Khandayat / Karan / Brahmin groom. 9970119909. D-67046




## SALE

**4800 sft gharabari plot with house for sale at Pokharipur, Bhubaneswar. Contact Deepak: 9937329999.** D-66287

**Gharabari boundary plot Infocity-2 near 100ft. road side. Direct owner-8144391451.** D-66768

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-13351

**Bhubaneswar Sundarpada Xavier backside sqft.135/- Gangapada 1200sqft. 3,60,000/- spot possession. 9348232008, 9938841730.** D-66760

Booking 2BHK simplex 1500sqft. land 27,40,000/- Tankapani Road Sai Temple, Simplex BJEM-(2) 1200sqft. land 15,80,000/- 7735738102. D-13984

**2 Bedroom ready to move flat at Pokharipur, Bhubaneswar, genuine buyers directly contact Deepak: 9937329999.** D-66282

Own stithiban residential 1200 sqft. plot for sale. 9937816565, 9937568585. D-14041

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs Contact - 9937059891, 8908292617.** D-13932

**2/3BHK ready to move Premium Duplex and Flats at DHPL Sahoo Residency near Mancheswar Railway Station. Contact 9937059891, 8908292617.** D-13934

**ORERA registered 1BHK studio flats @ Narendrakona, Puri, construction in full-swing. Mobile: 9238356740, 9437030740.** D-67355

**Flats for sale at DHPL Crystal Raghunathpur Contact 9937059891, 8908292617.** D-13933

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66764

ଭୁବନେଶ୍ୱର Tamando Kendriyavihar ଠାରେ 30ft yellowzone plot କିଣନ୍ତୁ ଏବଂ ପିପିଲିରେ sqft-380/-ରେ plot କିଣନ୍ତୁ। 9348767829. D-66765

**Flat for sale of 3BHK flat at Patrapada (walkable distance from N.H), Bhubaneswar. Contact: 9861882233, 9437231479.** D-14004

Private plot sale near DN Regalia Mall, Patrapada, Bhubaneswar. 899/- sqft. 9437335686, 7008487006. D-14019

4BHK duplex with Gated Community at Balianta (Land-1400 construction- 2200 @ 55lakh and 2600 @ 65lakh) Contact Mplanets: 9938219397, 9861022055. D-13981

Corner plot (5,200 sqft. approx., stithiban status) with newly constructed three storied building with compound wall having two separate entry for vehicles on both sides. Suitable for Residence, Guest House, Holiday Home, Bank etc. Address: Jagannath Colony, near Railway Phatak, Puri-Konark Road, Puri- 752002 (Odisha) Approx. 2.5 km from Gundicha Mandir. Approx. roof area in Sqft.: 1st floor (1,500) + 2nd floor (1,500) + 3rd floor (500) + outhouse (540)= 4,040 Contact details: 9835532641, rajeshkrsarangi@gmail.com D-63781

Land on sale 3500 sqft. near Nandan Vihar, Patia, Bhubaneswar, conversion/mutation completed. Contact: 8902115304. D-14007

**Four storeyed building approx builtup 9000 sqft and land 7000 sqft near Patia Bigbazar (Approx 150 mtrs) at Patia Railway station road. Furnished with Hospital furniture, fixture & equipment. Suitable for Clinic/ Nurshing home or big retail counter. Cost above 4.0 crore. Contact: 9938810414, 9861022444.** D-66288

ପାତ୍ରପଡ଼ାରେ 40' ରୋଡ଼କୁ ଲାଗି 2300sqft. ଘରବାରି plot ବିକ୍ରିହେବ। Contact: 9778928492. D-65680

CV Raman ପାଖରେ 2.5 Acre plot ବିକ୍ରିହେବ। Contact: 9937910363. D-65681

Land requires on basis of outright/ sharing/ marketing. 9937816565, 9937568585. D-14036

**Plot for sale at Trisulia, total area 10440 sqft. 16ft road, 400 mtr from Trisulia square. Contact: 6371449544, broker excuse.** D-14034

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରୀ ପ୍ଲଟ୍ ବିକ୍ରିହେବ। 9178660666. D-14031

Good investment/residential Govt. approved plots in Visakhapatnam Andhra Pradesh. Contact: Gopal Krishna, 9642406518. D-14033

**Ready to move 2BHK flat premium construction rate-35lakh includes all. No extra cost near Pahala Pal Hight Hotel. Owner:9937071564.** D-66770

**ଭୁବନେଶ୍ୱର – ପୁରୀ ବାଇପାସ୍ କଡ଼ରେ ପାହାଳ, ନଖରା, ଚକେଇସିହାଣୀରେ Road, Electricity ପାଚେରୀ ଥାଇ plot ମିଳୁଅଛି। 9937749564, 9090142564.** D-66771

Gharabari plot at Atala near Hanspal square 30' road & plot at AMRI Hospital near Khandagiri square. 9438419823, 9437286655. D-67047

3BHK 1350 sqft. simplex for sale (SC property) land 1800 sqft. 1km. near SUM Hospital. Contact: 9861402539, 9938374731. D-65682

**କଟକ – ଗୋପାଳପୁର ଧାନ୍କୁଲେଇପିଠରୁ 3k.m sqft.250/-, ବାଲକାଟି ବଜାରରୁ 2k.m sqft. 550/- ନଖରା DPS ପାଖରେ 750/- ରେ ଘରବାରି ପ୍ଲଟ ମିଳୁଅଛି। 9348020724, 7978939440.** D-66769




Contact for interior design of ceiling, TV Unit, Wardrobe and modular kitchen from the experts call: 7008550473. D-13980

**Built your Residential & Commercial Project with best quality material @ 1349/- onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech - 9040008777.** D-14018

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66714

## PURCHASE

Wanted A 10 or 15 HP Generator. Contact: 7809525452, 8249851363. D-66947




Single furnished room for office near BDA, Keshari Talkies, plot-5, Bhubaneswar. Contact: 9238579309. D-66182

Studio apartment at Rajendra Enclave, Kumbharapada, Puri. Contact: 7008613550, 9861085302. D-67217

Ground floor with toilet at Chandinichowck, Cuttack, suitable for office, consultancy, Dr. Chamber, Diagnostic, medicine store, Parlour. Call: 7008813110. D-14008

3BHK Apartment with garage for rent, family only at Bomikhal, Bhubaneswar: 9238574993. D-14009

6000 sqft open commercial land for rent at Khandagiri. 9437100949. D-66946

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Shivam logistic packers movers. Household/ car relocation countrywide. 9777044177, 9338461133. D-13903




Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Kajal ayurvedic massage club fully relaxed by smart lady, home service available. 9937637219. D-66943

Herbal full body massage by smart / expert therapist. Contact: 8338067247. D-67356

Summer special mesmerizing offer expert therapeutic refreshing massage appointment. 9668374480. D-67357

Full body herbal massage with refreshment expert therapist. 7381239385, 06742540855. D-67358

Experience full body massage with us (expert). Call: 7377448581, 06742597822. D-67359

Newly open Herbal full body massage ladies & gents. 8018246332. D-66948

Kearalian Herbal full body massage smart trained lady therapist: 9437453813. D-66289

### ଜନ୍ମଦିନ ଶୁଭେଚ୍ଛା



**ବିଶ୍ୱଜିତ୍ (ସୋମ)**
ଗୌଡ଼ବାଡ଼ ସାହି, ପୁରୀ
ତୋର ଷଷ୍ଠ ଜନ୍ମବାର୍ଷିକ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଅଛୁ କି ତୋତେ ଦୀର୍ଘାୟୁ କରନ୍ତୁ ଓ ତୋର ଚଲାପଥ କୁସୁମିତ ହେଉ।
**ଶୁଭେଚ୍ଛା ସହ**
ଜେଜେମା, ଜେଜେବାପା, ଅଜା, ଆଈ, ବାପା, ମା, ରାଜୁ, ସୁନୀଲ, ସାନା, କାହ୍ନା, ଜସ୍ମିତା।
ଧ-୬୩୭୮୪

### ଜନ୍ମଦିନ ଶୁଭେଚ୍ଛା



**କାଦମ୍ବିନୀ ମେଣ୍ଟୁଲି (ରିତୁ)**
ଆଜି ତୁମର ଶୁଭ ଜନ୍ମଦିବସ ଅବସରରେ ଅନେକ ଅନେକ ଶୁଭେଚ୍ଛା। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମର ଦୀର୍ଘାୟୁ କାମନା କରୁଛୁ। ଭଲ ପାଠ ପଢି ବଡ ମଣିଷ ହୋଇ ଆମ ସମସ୍ତଙ୍କର ଟେକ ରଖିବ। ତୁମ ଚଲାପଥ କୁସୁମିତ ହେଉ।
**ଶୁଭକାମନା ସହ**
ଆଈ, କାହ୍ନା, ବାପି, ଗୋପୀ, ହାପି, ମାମା, ବାବା, ଅପା, ପିଉସା, କାକୀ, କାକା, ରିଣ୍ଟୁ ଭାଇ, ଭାଉଜ ଓ ସାଙ୍ଗସାଥୀ
ଧ-୧୪୦୩୦

### ଏକୋଇଶିଆ ଉପଲକ୍ଷେ



**'ସୋହା'**
ଭଗବାନ ତୁମକୁ ଦୀର୍ଘାୟୁ କରନ୍ତୁ ଏବଂ ନୀରୋଗ ରଖନ୍ତୁ। ତାଙ୍କ କୃପାରୁ ତୁମ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ।
**ଶୁଭେଚ୍ଛା ସହ**
ଜେଜେ ବାପା, ଜେଜେ ମା, ବାବା, ମାମା, ପିଉସୀମାନେ, ଶୁଭମ୍, ଇତୁ।
ଧ-୧୪୦୨୮

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

### 7th Birthday



**Aaryan Anshuman (Aanshu)**
Ratilo, Nimapara, Puri
**May you continue to improve as a person with each passing year.**
**Wishing you a very Happy Birthday**
D-67362

### ଜନ୍ମଦିନ ଶୁଭେଚ୍ଛା



**ଆଦ୍ୟାଶା (ତ୍ରିଶା)**
ତୋର ଏହି ପ୍ରଥମ ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରିବା ସହ ତୋତେ ଦୀର୍ଘାୟୁ କରନ୍ତୁ।
**ଶୁଭେଚ୍ଛା ସହ**
ପାପା, ମାମା, ଲିପି, ଲିଜା, ପୂଜା, ପାୟଲ୍, ମାମୁନ୍, ଅଂଶ, ସ୍ମିଥ୍, ବାବା, ବୋଉ।
ଧ-୧୪୦୪୨

## CLASSIFIED BOOKING STATIONS

**CUTTACK DHARITRI OFFICE**
Link Road, P. K. Ratha, Mob: 9437196416

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**OMM SARALA SERVICES**
At- Othaka, Po/PS- Nischintakoili, Dist- Cuttack, Contact : Ashok Ku. Mohapatra Ph : 9438283428

**APIC COMPUTERS**
Balagandi Chhak, Puri, Madhusudan Mishra, Mob: 9861235622

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BERHAMPUR DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**PADMINI LADIES CORNER**
Bhagban Sasmal, Sanjibani Market, Angul, Mob : 9668600631, 7788997720

**JAGADAMBA GIFT MALL**
Manoj Ku. Sahoo, Convent Road, Rayagada, Mob : 9439530999

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**MOHAPATRA JOB CENTRE**
C/o. Judhistir Mohapatra Saranda, Dist : Bargarh, Ph: 7894062647, 9338154701, E-mail : aeiodissabgh@gmail.com

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**PANI COMMUNICATION**
Suphan Ku. Pani, Dharmasal, Jarka, Jajpur. Mobile: 8280196228

**SABARI COMMUNICATION**
Bhejaput, Damanjodi, Koraput, Contact: Mr. Ashoka Khara, Mob: 9437182158, 9668847771.

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

**JOGESWAR DAS**
Rayagada Mob: 06856222611, 9437234611

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**JAGANNATH STUDIO**
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

**SAI TOUR TRAVEL**
402/996, Behind Goutam Petrol Pump, BBSR. Mr. Pradeep Kumar Mohanty, Mob: 9348861961, 9040056776.

**ORISSA RESEARCH FOUNDATION & EDUCATIONAL TRUST**
Plot No-1732/A, Gobinda Prasad, Bomikhal, BBSR-10 Mr. Pradeep Kumar Patra, Mob: 8270703878.

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**ORIYAPRESSMEDIA.COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph-2394630, 3254186, 9090835267

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Pabitra Ku. Behera, Mob: 9658693280

**ASWINI KUMAR PANDA**
Plot-969/3035, Prakruti Vihar, Dleta Square, Aswini Kumar Panda Routray, Ph : 9040020034

**SIVASHAKTI XEROX & BOOK STORE**
SBI Chhak, Mahatab Road, BBSR, Benudhar Mohapatra. Mob:9861446268, 8763174237.

**M/S. S.R. SERVICES**
228, Kedar Gouri Vihar, Bhubaneswar-14, Bishnu Pada Das, Ph: 0674- 2434134, 9439353453, 9937071176.

**SWAYAMVER**
Rath Road, Mausima Square, BBSR, M.R. Pradhan, Mob: 9778877018, 8093475794, 6002233




### ଦ୍ୱାଦଶାହ ଉପଲକ୍ଷେ



**୰ରାମ ଚନ୍ଦ୍ର ମିଶ୍ର**
କାଦୁଆପଡା, ଜଗତସିଂହପୁର
ତିରୋଧାନ:୧୪.୦୮.୨୦୧୯
ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ମା ଶାରଳାଙ୍କ ନିକଟରେ କାମନା କରୁଛୁ। ଆପଣଙ୍କ ଆତ୍ମା ଚିରଶାନ୍ତି ଲାଭ କରୁ। ଏହାହିଁ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ - ପରିବାର, ବନ୍ଧୁବାନ୍ଧବ ଓ ଆତ୍ମୀୟ ସ୍ୱଜନ।
ଧ-୧୪୦୨୯

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଡାକ୍ତର ହରିଶଙ୍କର ତରାସିଆ**
ତିରୋଧାନ: ୨୫।୦୮।୧୯୭୭
ଆପଣଙ୍କ ମଧୁମୟ ସ୍ମୃତି ଆମ ପ୍ରାଣରେ ଚିରକାଳ ସତେଜ ଓ ସଂଜୀବିତ ରହିଛି। ଦିବ୍ୟଧାମରୁ ଆମମାନଙ୍କୁ ଆଶୀର୍ବାଦ କରୁଥାନ୍ତୁ।
ପତ୍ନୀ, ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀମାନେ।
ଧ-୬୬୧୮୦

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତା ଶାନ୍ତିଲତା ପ୍ରଧାନ**
ଶାସମଲ କଲୋନୀ, ବାଛରା ରୋଡ, ଜଟଣୀ
ଆବିର୍ଭାବ: ୨୪।୦୭।୧୯୬୨
ତିରୋଧାନ: ୧୫।୦୮।୨୦୧୯
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ସ୍ୱାମୀ- ଭାସ୍କର ଚନ୍ଦ୍ର ପ୍ରଧାନ
ପୁତ୍ର- ବାପି, ପପୁ, ଟିକିଲା
ପୁତ୍ରବଧୂ- କୁଇ, ମିଲି
ନାତିନାତୁଣୀ- ତୁଡି, ତୁଗୁ, ଧନ,
ବନ୍ଧୁ ଓ ପରିବାରବର୍ଗ
ଧ-୧୪୦୨୭

### ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ବାସନ୍ତି ମିଶ୍ର**
ବାଲିସାହି, ପୁରୀ
ଆପଣ ଆମ୍ଭମାନଙ୍କୁ ଛାଡି ଚାଲିଯିବା ୧୨ଦିନ ବିତିଗଲାଣି, ଜମାରୁ ବିଶ୍ୱାସ ହେଉନି। ଆପଣଙ୍କ ଅମର ଆତ୍ମା ସଦ୍‌ଗତି ଲାଭ କରୁ ଏତିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
**ଶୋକସନ୍ତପ୍ତ**
ପୁଅ- ଶ୍ରୀକାନ୍ତ, ବୋହୂ- ସେଲି, ଝିଅ- କୁନା, ଜ୍ୱାଇଁ- ପପୁନି, ନାତି- ଗୁଡୁଲ୍, ନାତୁଣୀ- ଲାଡ୍‌ଲି, ଝିଅ- ପପନି, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୧୩୦୩୫



❝ ପ୍ରସ୍ତାବିତ ମୁକ୍ତ ବାଣିଜ୍ୟ ଚୁକ୍ତି ଆର୍‌ସିଇପି ଲାଗି ୧୦୦ ଅଂଶୀଦାରଙ୍କ ସହ ଇତିମଧ୍ୟରେ ଭାରତର ଆଲୋଚନା ଶେଷ ହୋଇଛି। ୧୬ ଦେଶ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷର କରାଯିବ।

– ପୀୟୂଷ ଗୋୟଲ, କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ



❝ ବିମୁଦ୍ରୀକରଣ ପରେ ଆନାରକ ପ୍ରପର୍ଟି କନ୍‌ସଲ୍‌ଟାଣ୍ଟର ଲକ୍‌ଜୁରି ଆବାସ ବିକ୍ରି କମିଯାଇଥିଲା। ଏବେ ଅତି ଧନୀ ଏବଂ ଏନ୍‌ଆର୍‌ଆଇଙ୍କ ମଧ୍ୟରେ ଏଥିପ୍ରତି ଆଗ୍ରହ ବଢୁଥିବାରୁ ଚାହିଦା ବଢ଼ିବାରେ ଲାଗିଛି।

– ଅନୁଜ ପୁରୀ, ଆନାରକ୍ ପ୍ରପର୍ଟି କନ୍‌ସଲ୍‌ଟାଣ୍ଟ ଅଧ୍ୟକ୍ଷ

## ସଂକ୍ଷେପରେ

### ଜଲାନ କମିଟି ରିପୋର୍ଟ ପ୍ରଦାନ

#### ସୋମବାର ଆର୍‌ବିଆଇର ବିଚାର

ମୁମ୍ବାଇ,୨୪-୮: ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ପୂର୍ବତନ ଗଭର୍ନର ବିମଳ ଜଲାନଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଶୁକ୍ରବାର ତାଙ୍କର ରିପୋର୍ଟ କେନ୍ଦ୍ରୀୟ ବ୍ୟାଙ୍କକୁ ପ୍ରଦାନ କରିଛନ୍ତି। ସୋମବାର ଆର୍‌ବିଆଇ ଏହାର ସୁପାରିସ ଉପରେ ବିଚାର କରିବ ବୋଲି ଜଣାପଡିଛି। ରିଜର୍ଭ ବ୍ୟାଙ୍କ ନିକଟରେ ରହିଥିବା ବଳକା ଅର୍ଥ ମଧ୍ୟରୁ କେତେ ପରିମାଣ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯାଇପାରିବ ସେ ସଂକ୍ରାନ୍ତରେ ସୁପାରିସ କରିବା ଲାଗି କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଜଲାନଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା। ଆର୍‌ବିଆଇର ବଳକା ଅର୍ଥ ପ୍ରଦାନକୁ ନେଇ କେନ୍ଦ୍ର ଓ କେନ୍ଦ୍ରୀୟ ବ୍ୟାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇଥିଲା। ଆର୍‌ବିଆଇର ଅର୍ଥ ନେଇ ଋଣ ପରିଶୋଧ ସହ ବ୍ୟାଙ୍କଗୁଡ଼ିକୁ ପୁଞ୍ଜି ପ୍ରଦାନ କରାଯିବ ବୋଲି ସରକାର ଯୁକ୍ତି ଦର୍ଶାଉଥିଲେ। ପର୍ଯ୍ୟାୟକ୍ରମେ ରିଜର୍ଭ ବ୍ୟାଙ୍କ ସରକାରଙ୍କୁ ଲାଭାଂଶ ପ୍ରଦାନ କରିବାକୁ କମିଟି ସୁପାରିସ କରିବ ବୋଲି ପୂର୍ବରୁ ଖବର ପ୍ରକାଶ କରାଯାଇସାରିଛି। ତେବେ କେନ୍ଦ୍ର ସରକାରଙ୍କୁ କେତେ ପରିମାଣ ଅର୍ଥ ଦିଆଯିବା ନେଇ ସୁପାରିସ ହୋଇଛି ସେନେଇ ଅଦ୍ୟାବଧି କିଛି ଜଣାପଡି ନାହିଁ। ଏବେ ସୁଦ୍ଧା ରିଜର୍ଭ ବ୍ୟାଙ୍କ ନିକଟରେ ପ୍ରାୟ ୯.୨ ଲକ୍ଷ କୋଟି ଟଙ୍କା ବଳକା ରହିଛି।

### ବିଦେଶକୁ ଟଙ୍କା ପଠାଇଛନ୍ତି ଗୋୟଲ: ଇଡି

ନୂଆଦିଲ୍ଲୀ,୨୪-୮: ଜେଟ୍ ଏୟାରୱେଜ୍ ପ୍ରତିଷ୍ଠାତା ନରେଶ ଗୋୟଲ ଟିକସ ଦେବାରୁ ରକ୍ଷା ପାଇବା ଲାଗି ଅନେକ ଯୋଜନା ପ୍ରସ୍ତୁତ କରିଥିଲେ। ଏହାରି ମାଧ୍ୟମରେ ସେ ଜାଲିଆତି କରି ବିଦେଶକୁ ଟଙ୍କା ପଠାଇବାରେ ସଫଳ ହୋଇଥିଲେ ବୋଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଶନିବାର କୁହାଯାଇଛି। ଗୋୟଲଙ୍କ ବାସଭବନ ଓ ଅନ୍ୟାନ୍ୟ ସ୍ଥାନରେ ଶୁକ୍ରବାର ଚଢ଼ାଉ ପରେ ଏ ସଂକ୍ରାନ୍ତରେ ଅନେକ ସନ୍ଦେହଜନକ ଦସ୍ତାବିଜ ତଥା ଡିଜିଟାଲ ପ୍ରମାଣ ମିଳିଛି। ଇଡି ପକ୍ଷରୁ କୁହାଯାଇଛି ଯେ, ଘରୋଇ ଓ ବିଦେଶୀ କମ୍ପାନୀ ଜରିଆରେ ଗୋୟଲ ଅନେକ ଯୋଜନା କରିଥିଲେ ଓ ଟିକସ ଦେବାରୁ ନିଜକୁ ରକ୍ଷା କରିପାରିଥିଲେ। ସେ ଅନେକ ବିଦେଶୀ କମ୍ପାନୀକୁ ପରୋକ୍ଷ ଭାବେ ନିୟନ୍ତ୍ରିତ କରୁଥିଲେ ବୋଲି ଇଡି ପକ୍ଷରୁ ଅଭିଯୋଗ କରାଯାଇଛି।

### ଏୟାର ଇଣ୍ଡିଆର ୧୦୦% ଅଂଶଧନ ବିକ୍ରି ଲାଗି ପ୍ରସ୍ତୁତି

ନୂଆଦିଲ୍ଲୀ,୨୪-୮: କେନ୍ଦ୍ର ସରକାର ଏୟାର ଇଣ୍ଡିଆର ୧୦୦ ପ୍ରତିଶତ ଅଂଶଧନ ବିକ୍ରି ଲାଗି ଜୋରଦାର ଉଦ୍ୟମ ଚଳାଇଛନ୍ତି। କମ୍ପାନୀର ଆର୍ଥିକ ସ୍ଥିତି ବେହାଲ ହୋଇଯାଇଥିବା ବେଳେ ତୈଳ କମ୍ପାନୀଙ୍କର ପ୍ରାୟ ୫ହଜାର କୋଟି ଟଙ୍କା ବାକି ରହିଛି। ଆସନ୍ତା ସପ୍ତାହରେ ବିକ୍ରି ସମ୍ପର୍କରେ ନୀତିଗତ ନିଷ୍ପତ୍ତି ନିଆଯିବ। ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ପୁରୀ କହିଛନ୍ତି ଯେ, ମନ୍ତ୍ରିଗୋଷ୍ଠୀର ବୈଠକ ଆରମ୍ଭ ହେବା ପୂର୍ବରୁ ଏକ ଆଭ୍ୟନ୍ତରୀଣ ବୈଠକ ଅନୁଷ୍ଠିତ ହେବ। ଏହାପରେ ସରକାର ଏୟାର ଇଣ୍ଡିଆର ବିକ୍ରି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବେ। କମ୍ପାନୀ ଅଧ୍ୟକ୍ଷ ଅଶ୍ୱିନୀ ଲୋହାନୀ କହିଥିଲେ ଯେ, ଏୟାର ଇଣ୍ଡିଆକୁ ପ୍ରତି ମାସରେ କର୍ମଚାରୀଙ୍କ ଦରମା ବାବଦରେ ଅତି କମ୍‌ରେ ୩୦୦ କୋଟି ଟଙ୍କା ଦରକାର। କମ୍ପାନୀ ନିକଟରେ କେବଳ ଅକ୍ଟୋବର ପର୍ଯ୍ୟନ୍ତ ଦରମା ଅର୍ଥ ରହିଛି।

### ୧୦୦ ଲକ୍ଷ କୋଟିର ଭିତ୍ତିଭୂମି ନିର୍ମାଣ ନେଇ ଟାସ୍କଫୋର୍ସ ଗଠନ

ନୂଆଦିଲ୍ଲୀ,୨୪-୮: କେନ୍ଦ୍ର ସରକାର ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଆସନ୍ତା ୫ ବର୍ଷରେ ୧୦୦ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବେ। ଏଥିପାଇଁ ଅଗ୍ରାଧିକାର ଭିତ୍ତିରେ ଭିତ୍ତିଭୂମିଗୁଡ଼ିକର ଚିହ୍ନଟ ପାଇଁ ସରକାରଙ୍କ ପକ୍ଷରୁ ଏକ ଆନ୍ତଃମନ୍ତ୍ରିସ୍ତରୀୟ ଟାସ୍କଫୋର୍ସ ଗଠନ କରାଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି ଯେ, ଆର୍ଥିକ ବ୍ୟାପାର ଅଧୀନରେ ଏହି ଟାସ୍କଫୋର୍ସ କାମ କରିବ। ପ୍ରକଳ୍ପଗୁଡ଼ିକର ନିର୍ମାଣରେ ହେଉଥିବା ଖର୍ଚ୍ଚ ଓ କାର୍ଯ୍ୟ ଉପରେ ତୀକ୍ଷ୍ଣ ନଜର ରଖାଯିବ ଏବଂ ସେଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଭିତ୍ତିଭୂମି ଓ ଗୃହ ପ୍ରକଳ୍ପଗୁଡ଼ିକୁ ଯେପରି ତ୍ୱରାନ୍ୱିତ ଭାବେ ଅର୍ଥ ମିଳିବ ସେଥିଲାଗି ଏକ ସଂସ୍ଥା ଗଠନ କରାଯିବ ବୋଲି ସେ କହିଛନ୍ତି।

# ଜିଏସ୍‌ଟିରୁ ଜନଧନ ଯାଏ...
# ମନେରହିବେ ଜେଟ୍‌ଲୀ

ନୂଆଦିଲ୍ଲୀ,୨୪-୮: ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କର ଶନିବାର ପରଲୋକ ହୋଇଯାଇଛି। ସେ ଜଣେ ବିଦ୍ୱାନ, ପ୍ରଖର ବକ୍ତା ଭାବେ ପରିଚିତ। ତାଙ୍କର ଅର୍ଥ, ଆଇନ ଓ ରାଜନୈତିକ କ୍ଷେତ୍ରରେ ଅସୀମ ଜ୍ଞାନ ଥିଲା। ଛାତ୍ର ରାଜନୀତିରୁ କ୍ଷମତାର କେନ୍ଦ୍ରବିନ୍ଦୁରେ ପାଦ ରଖିଥିବା ଜେଟ୍‌ଲୀ ଆଡିଶନାଲ ସଲିସିଟର ଜେନେରାଲରୁ କ୍ୟାରିୟର ଆରମ୍ଭ କରି କେନ୍ଦ୍ର ସରକାରରେ ଅର୍ଥମନ୍ତ୍ରୀ ଭାବେ ଦାୟିତ୍ୱ ସମ୍ଭାଳିଥିଲେ। ଉପା ଶାସନ କାଳରେ ବିରୋଧୀ ଦଳ ନେତା ଭାବେ ରାଜ୍ୟ ସଭାରେ ନିଜର ଦମଦାର ତଥା ତର୍କପୂର୍ଣ୍ଣ ଭାଷଣ ଜରିଆରେ ଅନେକ ଥର ଶାସକ ଦଳକୁ ବ୍ୟାକଫୁଟ୍‌କୁ ଯିବା ଲାଗି ବାଧ କରିଥିଲେ। ଆର୍ଥିକ କ୍ଷେତ୍ରରେ ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି), ଦେବାଳିଆ ଆଇନ ଲାଗୁକରିବା ଲାଗି ଦୃଢ଼ତାର ସହ ସେ ଆଗକୁ ବଢ଼ିଥିଲେ। ମୋଦି ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଜନଧନ ଯୋଜନା ଲାଗୁ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଏହାଛଡ଼ା ବିମୁଦ୍ରୀକରଣ, ଡିଜିଟାଲ ବ୍ୟାଙ୍କିଙ୍ଗ୍, ଆର୍ଥିକ କ୍ଷେତ୍ରରେ ତାଙ୍କର ୧୦ ସଂସ୍କାରମୂଳକ ପଦକ୍ଷେପ ଯୋଗୁ ଆଜି ଦେଶ ୫ଲକ୍ଷ କୋଟି ଡଲାର ଅର୍ଥନୀତି ଆଡ଼କୁ ଅଗ୍ରସର ହେଉଛି। ସେ ନେଇଥିବା ଆର୍ଥିକ ପଦକ୍ଷେପଗୁଡ଼ିକ ହେଲା...



### ବିମୁଦ୍ରୀକରଣ ନିଷ୍ପତ୍ତି

କେନ୍ଦ୍ରରେ ମୋଦି ସରକାର ୨୦୧୬ ନଭେମ୍ବର ୮ରେ ପ୍ରଚଳନରେ ଥିବା ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌କୁ ଅଚଳ ଘୋଷଣା କଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଏ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅଭୂତପୂର୍ବ ପଦକ୍ଷେପ ସମ୍ପର୍କରେ ଜେଟ୍‌ଲୀ ନିଷ୍ପତ୍ତି ନେଇଥିଲେ। ପ୍ରଧାନମନ୍ତ୍ରୀ, ଜେଟ୍‌ଲୀ, ଆର୍‌ବିଆଇର ପୂର୍ବତନ ଗଭର୍ନର ଉର୍ଜିତ ପଟେଲଙ୍କ ବ୍ୟତୀତ ହାତଗଣତି କେତେକ ଅଧିକାରୀଙ୍କୁ ଏ ସମ୍ପର୍କରେ ଜଣାଥିଲା।

### ଡିଜିଟାଲ ବ୍ୟାଙ୍କିଙ୍ଗ୍

ବିମୁଦ୍ରୀକରଣ ପରେ ସାରା ଦେଶରେ ନଗଦ ସଙ୍କଟ ଦେଖାଦେଇଥିଲା। ଏଥିରୁ ମୁକ୍ତି ପାଇବା ଲାଗି ଜେଟ୍‌ଲୀ ଡିଜିଟାଲ ବ୍ୟାଙ୍କିଙ୍ଗ୍ ଉପରେ ଜୋର୍ ଦେଇଥିଲେ। ତାଙ୍କରି ଉଦ୍ୟମରେ ସାରା ଦେଶରେ ମୋବାଇଲ ୱାଲେଟ୍, ପିଓଏସ୍ ମେଶିନ, ୟୁପିଆଇ ଭୀମ୍ ଆପ୍ ଭଳି ସେବା ଆରମ୍ଭ କରାଯାଇଥିଲା। ଫଳସ୍ୱରୂପ ଏବେ ନଗଦ କାରବାର ହ୍ରାସ ପାଇବାରେ ଲାଗିଛି ଓ ଡିଜିଟାଲ ଟ୍ରାଞ୍ଜାକ୍‌ଶନ ବଢ଼ିବାରେ ଲାଗିଛି।

### ଜିଏସ୍‌ଟି ଓ ଇ-ୱେ ବିଲ୍

ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ଅଦ୍ୟାବଧି ଦେଶର ସବୁଠାରୁ ବଡ଼ ଟିକସ ସଂସ୍କାର ବୋଲି ମନେକରାଯାଉଛି। ଏହି ଲାଗୁ କରାଇବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ଜେଟ୍‌ଲୀ। ବିରୋଧୀ ଦଳ ଶାସନରେ ଥିବା ରାଜ୍ୟ ସରକାରଗୁଡ଼ିକୁ ଏଥିପାଇଁ ରାଜିକରିବା ସହଜସାଧ୍ୟ ନ ଥିଲା। ତେବେ ଏଥିରେ ସେ ସଫଳ ହୋଇଥିଲେ। ୨୦୧୭ ଜୁଲାଇ ପହିଲାରୁ ଦେଶରେ ଏକକ ପରୋକ୍ଷ ଟିକସ ବ୍ୟବସ୍ଥା ଜିଏସ୍‌ଟି ଲାଗୁ ହେବା ପରେ ଆରମ୍ଭରେ ଅନେକ ସମସ୍ୟା ସୃଷ୍ଟି ହୋଇଥିଲା। ବ୍ୟବସାୟୀମାନେ ମାଲ ପରିବହନ ମାଧ୍ୟମରେ ଟିକସ ଫାଙ୍କୁଥିବା ଜଣାପଡିବା ପରେ ଜେଟ୍‌ଲୀଙ୍କ ଉଦ୍ୟମରେ ଇ–ୱେ ବିଲ୍ ସାରା ଦେଶରେ ପ୍ରଚଳିତ ହୋଇଛି।

### ଇନସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସୀ କୋଡ୍ (ଆଇବିସି)

ଜିଏସ୍‌ଟି ପରେ ଇନସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍(ଆଇବିସି) ବା ଦେବାଳିଆ ଆଇନ ଲାଗୁ କରାଯିବା ମହତ୍ତ୍ୱପୂର୍ଣ୍ଣ ଆର୍ଥିକ ସଂସ୍କାର ଭିତରେ ଅନ୍ୟତମ। ଏହାର ଶ୍ରେୟ ଜେଟ୍‌ଲୀଙ୍କୁ ଦିଆଯାଇପାରେ। ଉପା ସରକାରଙ୍କ ସମୟରେ ଲଗାମଛଡ଼ା ଋଣ ପ୍ରଦାନ ଯୋଗୁ ବ୍ୟାଙ୍କଗୁଡ଼ିକ ଅନାଦାୟ ଋଣ(ଏନ୍‌ପିଏ) ସମସ୍ୟା ସହ ସଂଘର୍ଷ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଢ଼ାଞ୍ଚାଗତ ସଂସ୍କାର ଆଣିବାକୁ ଯାଇ ସେ ଆଇବିସି ଆଇନ ଆଣିଥିଲେ।

### ଆର୍‌ବିଆଇ ମୁଦ୍ରାନୀତି କମିଟି ଗଠନ

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପକ୍ଷରୁ ଘୋଷଣା କରାଯାଉଥିବା ମୁଦ୍ରାନୀତିକୁ ସ୍ୱଚ୍ଛ ତଥା ଉତ୍ତରଦାୟୀ କରିବା ଉଦ୍ଦେଶ୍ୟରେ ଜେଟ୍‌ଲୀଙ୍କ ହସ୍ତକ୍ଷେପରେ ୨୦୧୬ରେ ମନିଟାରି ପଲିସି କମିଟି(ଏମ୍‌ପିସି) ବା ମୁଦ୍ରା ନୀତି କମିଟି ଗଠନ କରାଯାଇଥିଲା। ସେତେବେଳେ ଏହାକୁ ନେଇ ଅନେକ ବିରୋଧ ହୋଇଥିଲେ ମଧ୍ୟ ପୂର୍ବତନ ଅର୍ଥମନ୍ତ୍ରୀ ଏହାକୁ କର୍ଣ୍ଣପାତ କରି ନ ଥିଲେ।

### ବ୍ୟାଙ୍କ ମିଶ୍ରଣ

ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ଅଧିକ ଶକ୍ତିଶାଳୀ କରାଯିବା ଉଚିତ୍ ବୋଲି କ୍ଷମତାକୁ ଆସୁଥିବା ସରକାର କହି ଆସୁଥିଲେ ମଧ୍ୟ କେହି ଏ ଦିଗରେ ପଦକ୍ଷେପ ନେଇ ନ ଥିଲେ। କିନ୍ତୁ ଜେଟ୍‌ଲୀ ଏ ଦିଗରେ ସାହସ ପ୍ରଦର୍ଶନ କରି ବ୍ୟାଙ୍କଗୁଡ଼ିକୁ ଏକାଠି ମିଶାଇ ଦେବା ଲାଗି ଉଦ୍ୟମ ଆରମ୍ଭ କଲେ। ତାଙ୍କରି ଉଦ୍ୟମରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସହ ଏହାର ୫ ସହାୟକ ବ୍ୟାଙ୍କ ଏବଂ ମହିଳା ବ୍ୟାଙ୍କକୁ ମିଶାଇ ଦିଆଯାଇଥିଲା। ଏହାପରେ ଦେନା ବ୍ୟାଙ୍କ ଓ ବିଜୟା ବ୍ୟାଙ୍କକୁ ବ୍ୟାଙ୍କ ଅଫ୍ ବରୋଦା ସହ ମିଶିଥିଲା।

### ବିତ୍ତୀୟ ନିଅଣ୍ଟ ଓ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ

ମୋଦି ସରକାରଙ୍କ ପ୍ରଥମ କାର୍ଯ୍ୟକାଳରେ ବିତ୍ତୀୟ ନିଅଣ୍ଟ ଓ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ଜେଟ୍‌ଲୀଙ୍କ ଆଉ ବଡ଼ ଉପଲବ୍ଧି ଥିଲା। ୨୦୧୪ରେ ଦେଶର ବିତ୍ତୀୟ ନିଅଣ୍ଟ ପରିମାଣ ଜିଡିପିର ୪.୫% ରହିଥିଲା, ଯାହା ଏପ୍ରିଲ ୨୦୧୯ରେ ହ୍ରାସ ପାଇ ୩.୪% ରହିଛି। ସେହିଭଳି ୨୦୧୪ରେ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି ୯.୫% ରହିଥିବା ବେଳେ ଏପ୍ରିଲ ୨୦୧୯ ବେଳକୁ ଏହା ୨.୯୨ ପ୍ରତିଶତକୁ ହ୍ରାସ ପାଇଛି। ଏହା ଏକ ଉଲ୍ଲେଖଯୋଗ୍ୟ ସଫଳତା କୁହାଯାଇପାରେ।

### ଏଫଡିଆଇର ଉଦାରୀକରଣ

ଦେଶରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫଡିଆଇ) ବୃଦ୍ଧି ସପକ୍ଷରେ ମତ ରଖୁଥିବା ଅରୁଣ ଜେଟ୍‌ଲୀ ନିୟମ କୋହଳ କରିବା ସପକ୍ଷରେ ସର୍ବଦା ମତପ୍ରକାଶ କରୁଥିଲେ। ତାଙ୍କରି ପ୍ରୟାସ ଯୋଗୁ ପ୍ରତିରକ୍ଷା, ବୀମା ଓ ବେସାମରିକ ବିମାନ ଚଳାଚଳ ଭଳି ଗୁରୁତ୍ୱପୂର୍ଣ୍ଣ ସେକ୍ଟରରେ ଏଫ୍‌ଡିଆଇ ଲାଗି ଦ୍ୱାର ଉନ୍ମୁକ୍ତ କରାଯାଇଥିଲା। ଏହି ସମୟରେ ଫରେନ୍ ଇନ୍‌ଭେଷ୍ଟମେଣ୍ଟ ପ୍ରମୋଶନ ବୋର୍ଡ (ଏଫ୍‌ଆଇପିବି)କୁ ଭାଙ୍ଗି ଦିଆଯାଇଥିଲା। ତାଙ୍କର ଏହି ପଦକ୍ଷେପ ଯୋଗୁ ଭାରତକୁ ଏଫ୍‌ଡିଆଇ ପ୍ରବାହ ବେଶ ବୃଦ୍ଧି ପାଇଚାଲିଛି।

### ବଜେଟରେ ସଂସ୍କାର

ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ନେତୃତ୍ୱରେ ବଜେଟରେ ଗୁରୁତ୍ୱପୂର୍ଣ୍ଣ ସଂସ୍କାର କରାଯାଇଛି। ପୂର୍ବେ ରେଳ ବଜେଟ ଓ ସାଧାରଣ ବଜେଟ ଅଲଗା ଭାବେ ଉପସ୍ଥାପନ କରାଯାଉଥିଲା। ତେବେ ଜେଟ୍‌ଲୀ ଏଥିରେ ହସ୍ତକ୍ଷେପ କରି ରେଳ ବଜେଟକୁ ସାଧାରଣ ବଜେଟ ସହ ମିଶାଇ ଦେଇଥିଲେ। ସେହିପରି ଫେବୃୟାରୀ ମାସର ଶେଷ ଦିନରେ ପୂର୍ବରୁ ବଜେଟ ଉପସ୍ଥାପନ କରାଯାଉଥିବାର ପରମ୍ପରା ଥିଲା। ଜେଟ୍‌ଲୀ ଏଥିରେ ସଂସ୍କାର ଆଣି ସାଧାରଣ ବଜେଟକୁ ଫେବୃୟାରୀ ପହିଲାରେ ଉପସ୍ଥାପନ କରିବା ଆରମ୍ଭ କରିଥିଲେ।

### ଜନଧନ ଯୋଜନା

ଆର୍ଥିକ ଏକୀକରଣ ଲାଗି ପ୍ରଧାନମନ୍ତ୍ରୀ ମୋଦିଙ୍କ ମହତ୍ତ୍ୱାକାଂକ୍ଷୀ ଜନଧନ ଯୋଜନାର ସଫଳତାର ଶ୍ରେୟ ଜେଟ୍‌ଲୀଙ୍କୁ ଦିଆଯାଉଛି। ଗରିବଙ୍କ ପାଇଁ ବ୍ୟାଙ୍କଗୁଡ଼ିକ ଯେପରି ନିଜର ଦ୍ୱାର ବନ୍ଦ ନ କରନ୍ତି ସେ ତାହା ସୁନିଶ୍ଚିତ କରିଥିଲେ।

## ଝୁରିଲା ଶିଳ୍ପ ଜଗତ

**ପୂର୍ବତନ ଅର୍ଥମନ୍ତ୍ରୀ ତଥା ଭାଜପା ନେତା ଅରୁଣ ଜେଟ୍‌ଲୀଙ୍କ ମୃତ୍ୟୁରେ ଦେଶର ଶିଳ୍ପ ଜଗତ ପକ୍ଷରୁ ଗଭୀର ଶୋକପ୍ରକାଶ କରାଯାଇଛି। ତାଙ୍କ ବିୟୋଗରେ ଦେଶର ଶିଳ୍ପ ଲିଡର୍‌ମାନେ ଦେଇଥିବା ପ୍ରତିକ୍ରିୟା...**

❝ ନୂତନ ଭାରତ ଗଠନ ଦିଗରେ ଜେଟ୍‌ଲୀଙ୍କର ଲକ୍ଷ୍ୟ ଏବଂ ପ୍ରଗତିଶୀଳ ଚିନ୍ତାଧାରା ବେଶ୍ ପ୍ରଶଂସାଯୋଗ୍ୟ। ସେ ଜନମାନସରେ ସର୍ବଦା ମନେରହିବେ।

– ଗୌତମ ଆଦାନୀ, ଅଧ୍ୟକ୍ଷ, ଆଦାନୀ ଗ୍ରୁପ

❝ ଜିଏସ୍‌ଟି, ଆଇବିସି ଭଳି ଅର୍ଥନୈତିକ ସଂସ୍କାର ଧାରା ଲାଗୁ କରିବା ଦିଗରେ ଜେଟ୍‌ଲୀଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଦେଶର ଆର୍ଥିକ କ୍ଷେତ୍ର ତାଙ୍କ ଭଳି ଜଣେ ମହାନ୍ ମାର୍ଗଦର୍ଶକଙ୍କୁ ହରାଇଲା। ତାଙ୍କ ଅମର ଆତ୍ମାର ସଦଗତି କାମନା କରୁଛୁ।

– ରଜନୀଶ କୁମାର, ଏସ୍‌ବିଆଇ ଅଧ୍ୟକ୍ଷ

❝ ଆଇନ ଏବଂ ରାଜନୀତି କ୍ଷେତ୍ରରେ ଜଣେ ମହାନ୍ ଲିଡରଙ୍କୁ ଦେଶ ହରାଇଲା। ଜେଟ୍‌ଲୀ ସବୁ କ୍ଷେତ୍ରରେ ଜଣେ ଭଲ କ୍ରାଇସିସ ମ୍ୟାନେଜର ଥିଲେ।

– ସୁନୀଲ ଭାରତୀ ମିତ୍ତଲ, ଭାରତୀ ଏୟାରଟେଲ ଅଧ୍ୟକ୍ଷ

❝ ଦେଶ ପ୍ରତି ରହିଥିବା ତାଙ୍କର ତ୍ୟାଗ ଏବଂ ଅବଦାନ ଲାଗି ସେ ସବୁବେଳେ ମନେରହିବେ। ତାଙ୍କୁ ସାଲ୍ୟୁଟ କରୁଛି।

– ଆନନ୍ଦ ମହିନ୍ଦ୍ରା, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଗ୍ରୁପ ଅଧ୍ୟକ୍ଷ

❝ ଜିଏସ୍‌ଟି ଲାଗୁ କରାଇବା ଦିଗରେ ଜେଟ୍‌ଲୀଙ୍କ ଭୂମିକା ବେଶ୍ ଅତୁଳନୀୟ। ଦେଶ ଜଣେ ମହାନ୍ ଲିଡରଙ୍କୁ ହରାଇଲା।

– ଦୀପକ ପାରେଖ, ଏଚ୍‌ଡିଏଫ୍‌ସି ଲିମିଟେଡ ଅଧ୍ୟକ୍ଷ

❝ ଜେଟ୍‌ଲୀଙ୍କ ମୃତ୍ୟୁ ସାରାଦେଶ ଲାଗି ଏକ ଅପୂରଣୀୟ କ୍ଷତି। ରାଜନୀତି, ଆଇନ, ଅର୍ଥ କ୍ଷେତ୍ର ସହ ଜଣେ ମହାନ୍ ଅଗ୍ରଦୂତ ଭାବେ ତାଙ୍କ ଅବଦାନକୁ ଦେଶ ମନେରଖିବ।

– ଅନୀଲ ଅଗ୍ରୱାଲ, ଅଧ୍ୟକ୍ଷ, ବେଦାନ୍ତ ଅଧ୍ୟକ୍ଷ

❝ ଅର୍ଥନୈତିକ ଉଦାରୀକରଣ, ନୀତି ନିର୍ଦ୍ଧାରକ, ପ୍ରକୃତ ସଂସ୍କାରକ ଭଳି ବିଭିନ୍ନ ଅବଦାନ ଲାଗି ଦେଶର ଅର୍ଥନୈତିକ ଦୃଷ୍ଟିପଟରେ ସେ ସର୍ବଦା ମନେ ରହିବେ।

– ବିକ୍ରମ କିର୍ଲୋସ୍କାର, ସିଆଇଆଇ ସଭାପତି

❝ ଦେଶ ଜଣେ ବିଚକ୍ଷଣ ରାଜନେତାଙ୍କୁ ହରାଇଲା। ଦେଶର ବିକାଶ ଦୃଶ୍ୟପଟକୁ ତାଙ୍କର ଅବଦାନ ବେଶ ଉଲ୍ଲେଖଯୋଗ୍ୟ।

– କିରନ ମୁଜୁମଦାର ସ, ବାୟୋକନ ଅଧ୍ୟକ୍ଷ

❝ ଦେଶ ଜଣେ ପ୍ରଗତିଶୀଳ ରାଜନେତା ଏବଂ ସଂସ୍କାରକଙ୍କୁ ହରାଇଲା। ଶିଳ୍ପ ସଂଘ ଗୁଡିକ ପ୍ରତି ତାଙ୍କର ସମ୍ପର୍କ ସବୁବେଳେ ଭଲ ଥିଲା।

– ବି.କେ. ଗୋଏଙ୍କା, ଆସୋଚାମ ସଭାପତି

❝ ଦେଶର ବିତ୍ତୀୟ ଶୃଙ୍ଖଳା ଏବଂ ଆର୍ଥିକ କ୍ଷେତ୍ର ପ୍ରତି ଜେଟ୍‌ଲୀଙ୍କ ଅବଦାନ ଭାରତ ଲାଗି ବେଶ ଗୁରୁତ୍ୱପୂର୍ଣ୍ଣ। ଐତିହାସିକ ଆର୍ଥିକ ସଂସ୍କାର ଲାଗି ସବୁବେଳେ ମନେ ରହିବେ।

– ରାଜୀବ ତଲୱାର, ପିଏଚ୍‌ଡି, ଚାମ୍ବର୍ସ ଅଫ୍ କମର୍ସ ସଭାପତି

❝ ଦେଶ ତାର ଜଣେ ଯୋଗ୍ୟ ସନ୍ତାନଙ୍କୁ ହରାଇଲା। ଜେଟ୍‌ଲୀ ଜଣେ ଭଲ ମଣିଷ ଏବଂ ପରମ ବନ୍ଧୁ ଥିଲେ।

– ସଜ୍ଜନ ଜିନ୍ଦଲ, ଅଧ୍ୟକ୍ଷ, ଜେଏସ୍‌ଡବ୍ଲ୍ୟୁ ଗ୍ରୁପ

❝ ଭାରତ ଜଣେ ଜାତୀୟତାବାଦୀ ନେତା ଏବଂ ଦେଶପ୍ରେମୀ ଲିଡରଙ୍କୁ ହରାଇଲା।

– ସନ୍ଦୀପ ସୋମାନି, ଫିକି ସଭାପତି

# ରାଜ୍ୟରେ ସ୍ଥାପନ ହେବ ୧୫ କତା କ୍ଲଷ୍ଟର

ଭୁବନେଶ୍ୱର, ୨୪–୮(ବ୍ୟୁରୋ)

### ୫ କ୍ଲଷ୍ଟରର ଭିତ୍ତିପ୍ରସ୍ତର ଦେଲେ କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ରାଷ୍ଟ୍ରମନ୍ତ୍ରୀ

କେନ୍ଦ୍ର ଏମ୍‌ଏମ୍‌ଏମ୍‌ଇ ମନ୍ତ୍ରଣାଳୟର ସ୍କିମ୍ ଅଫ୍ ଫଣ୍ଡ ଫର୍ ରିଜେନେରେଶନ ଅଫ୍ ଟ୍ରାଡିଶନାଲ ଇଣ୍ଡଷ୍ଟ୍ରିଜ(ସ୍ଫୁର୍ତି) କାର୍ଯ୍ୟକ୍ରମ ଅନ୍ତର୍ଗତ ଓଡ଼ିଶାରେ ୧୫ କତା କ୍ଲଷ୍ଟର ସ୍ଥାପନ ନେଇ ଯୋଜନା ରହିଛି। ପ୍ରାଥମିକ ପର୍ଯ୍ୟାୟରେ ୫ କ୍ଲଷ୍ଟର ସ୍ଥାପନ କାର୍ଯ୍ୟ ଆରମ୍ଭ ହୋଇଛି। ସ୍ଥାନୀୟ ଏକ ହୋଟେଲରେ ଶନିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଭିଡିଓକନଫରେନ୍ସ ଯୋଗେ ୫ କ୍ଲଷ୍ଟରର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। କୋଣାର୍କଠାରେ ସ୍ପେଶାଲ ପର୍‌ପୋଜ ଭେଇକିଲ(ଏସ୍‌ପିଭି)ରେ ଏକ କ୍ଲଷ୍ଟର ନିର୍ମାଣ ହେବ। ସେହିଭଳି କେନ୍ଦ୍ରାପଡାର ରାଜକନିକା କଏର କ୍ଲଷ୍ଟର, ପୁରୀରେ ରାଧାରାଣୀ କଏର କ୍ଲଷ୍ଟର, ବ୍ରହ୍ମପୁରରେ ରଘୁନାଥ କଏର କ୍ଲଷ୍ଟର ଏବଂ ବାଲେଶ୍ୱରର ଭୋଗରାଇ କଏର କ୍ଲଷ୍ଟର ଏହା ମଧ୍ୟରେ ସାମିଲ ରହିଛି। ପ୍ରତି କ୍ଲଷ୍ଟର ପିଛା ଅଢେଇ କୋଟି ଟଙ୍କା ନିବେଶ କରିବାକୁ ଲକ୍ଷ୍ୟ ରଖାଯାଇଥିବା ମନ୍ତ୍ରୀ ଷଡଙ୍ଗୀ ସୂଚନା ଦେଇଛନ୍ତି।

ରାଜ୍ୟରେ କତା ଶିଳ୍ପର ବିକାଶ ନେଇ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ, ଏହି ଶିଳ୍ପର ବିକାଶ ଲାଗି କେନ୍ଦ୍ର ସରକାର ପଦକ୍ଷେପ ନେଉଛନ୍ତି। ରାଜ୍ୟରେ ସ୍ଥାପନ ହେବାକୁ ଥିବା ୫ କ୍ଲଷ୍ଟର ଲାଗି କେନ୍ଦ୍ର ସରକାର ୧୦ କୋଟି ଟଙ୍କା ମଞ୍ଜୁର ଲାଗି ଲକ୍ଷ୍ୟ ରଖିଛନ୍ତି। ତାଲିମ ଲାଗି ଏକ ଇନକ୍ୟୁବେଶନ ସେଣ୍ଟର ସ୍ଥାପନ ହୋଇଥିବା ବେଳେ ୧୦୦ ମହିଳା ରହି ତାଲିମ ନେବା ଲାଗି ହଷ୍ଟେଲ ସୁବିଧା କରାଯାଉଛି। ସେହିଭଳି ପିଏମ୍‌ଇଜିପି ଯୋଜନାରେ ଋଣ ଯୋଗାଣ, ଏସ୍‌ଏସ୍‌ଜିଗୁଡିକୁ କତାରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରିବାକୁ ପ୍ରୋତ୍ସାହନ କରାଯିବ। କତାରୁ ପ୍ରସ୍ତୁତ ସାମଗ୍ରୀ ଏବଂ ପରିବେଶ ଉପଯୋଗୀ ଖତ ବ୍ୟବହାର ସହ ପ୍ଲାଷ୍ଟିକର ଏକ ବିକଳ୍ପ ଭାବେ କତା ଶିଳ୍ପ ଉଭା ହେଉଥିବା ଷଡଙ୍ଗୀ ମତ ରଖିଛନ୍ତି। ସଡକ ନିର୍ମାଣ ଏବଂ ଖଣିରେ କତା ମ୍ୟାଟ ବ୍ୟବହାର ବଢୁଛି। ଫନୀରେ କ୍ଷତିଗ୍ରସ୍ତ ୟୁନିଟଗୁଡିକ ପ୍ରତ୍ୟକ୍ଷ ଭାବେ କିଭଳି ସୁବିଧା ପାଇ ପାରିବେ ସେ ନେଇ କେନ୍ଦ୍ର ସରକାରଙ୍କୁ ମନ୍ତ୍ରଣାଳୟ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ସେହିଭଳି କତା ସାମଗ୍ରୀର ମାର୍କେଟିଂ, ବିକ୍ରୟ ଲାଗି ନୂଆ କାଉଣ୍ଟର ବ୍ୟବସ୍ଥା ଏବଂ କ୍ଲଷ୍ଟରଗୁଡିକରେ ତାଲିମ ସୁବିଧା, ଏକ୍ଷେତ୍ରରେ କୃଷକଙ୍କର ଆୟବୃଦ୍ଧି ଏବଂ ସବୁ ସରକାରୀ ବିଭାଗରେ କତା ସାମଗ୍ରୀ ବ୍ୟବହାର ନେଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ ଶିଳ୍ପ ନିର୍ଦ୍ଦେଶକ ପ୍ରଣବ ଜ୍ୟୋତି ନାଥ କହିଛନ୍ତି ଯେ, କତା ଶିଳ୍ପରେ ରାଜ୍ୟର ୧୫ ହଜାର ମହିଳା ଏବଂ ୩ ଶହ ଏସ୍‌ଏସ୍‌ଜି ଏବଂ ୧୬ ପ୍ରାଥମିକ ସୋସାଇଟି କାର୍ଯ୍ୟ କରୁଛି। ସାରା ଦେଶରୁ ପ୍ରାୟ ୩ ହଜାର କୋଟି ଟଙ୍କାର କତା ସାମଗ୍ରୀ ରପ୍ତାନି ହେଉଛି। ଏପରିସ୍ଥିତିରେ ନୂଆ ଏସ୍‌ପିଭି ଗଠନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ।

ଏହି ଅବସରରେ ଓଡ଼ିଶା କୋଅପରେଟିଭ୍ କୟର କର୍ପୋରେଶନ ଲିମିଟେଡ(ଓସିସିସି) ଏମ୍‌ଡି ପି.କେ. ଜେନା କହିଛନ୍ତି, ରାଜ୍ୟରେ ମାତ୍ର ୨୦ ଲକ୍ଷ ଟଙ୍କାର କତା ସାମଗ୍ରୀ ମାର୍କେଟିଂ ହେଉଛି। ରାଜ୍ୟରେ ୩୨୫ ନିୟୁତ ନଡ଼( ନଡିଆ ଗୋଳା) ଉତ୍ପାଦନ ହେଉଛି। ଏହାର ମାତ୍ର ୧୭% ବ୍ୟବହାର ହେଉଛି। ଏକ୍ଷେତ୍ରରେ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଏଥିରେ କତା ବୋର୍ଡର ସେକ୍ରେଟାରି ଶ୍ରୀ ଏମ୍. କୁମାର ରାଜାଙ୍କ ସମେତ ଶିଳ୍ପ ଏବଂ ସରକାରଙ୍କ ପ୍ରତିନିଧି ଉପସ୍ଥିତ ଥିଲେ।

# ବିଏସ୍‌ଏନ୍‌ଏଲ–ଏମ୍‌ଟିଏନ୍‌ଏଲ୍‌ର ପୁନରୁଦ୍ଧାର ଯୋଜନାକୁ ମଞ୍ଜୁରୀ

ନୂଆଦିଲ୍ଲୀ,୨୪–୮




କେନ୍ଦ୍ର ସରକାର କ୍ଷତିରେ ଚାଲୁଥିବା ଟେଲିକମ୍ କମ୍ପାନୀ ଭାରତ ସଞ୍ଚାର ନିଗମ ଲିମିଟେଡ(ବିଏସ୍‌ଏନ୍‌ଏଲ୍) ଏବଂ ମହାନଗର ଟେଲିକମ୍ ନିଗମ ଲିମିଟେଡ(ଏମ୍‌ଟିଏନ୍‌ଏଲ୍)କୁ ମିଶାଇବେ ନାହିଁ। ଏହି ଦୁଇ ଟେଲିକମ କମ୍ପାନୀଙ୍କ ପୁନରୁଜ୍ଜୀବନ ଯୋଜନାକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ) ଅନୁମୋଦନ କରିଛନ୍ତି। ଯୋଜନା ଅନୁଯାୟୀ ଉଭୟ କମ୍ପାନୀଙ୍କୁ ସାରା ଦେଶରେ ୪ଜି ସେବା ଆରମ୍ଭ କରିବା ଲାଗି ଲାଇସେନ୍ସ ପ୍ରଦାନ କରାଯିବ। ଏହାଦ୍ୱାରା ସେମାନଙ୍କର ଖରାପ ଆର୍ଥିକ ସ୍ଥିତି ସୁଧୁରିଯିବ। ସେହିପରି ଦୁଇ କମ୍ପାନୀ ଭିଆର୍‌ଏସ ଯୋଜନାକୁ ଲାଗୁ କରିବେ। ଏଥିଲାଗି ପ୍ଲାନ୍ ପ୍ରସ୍ତୁତ ହେବ। ସେହିପରି କର୍ମଚାରୀଙ୍କ ଅବସର ବୟସ ସୀମାକୁ ୫୮ ବର୍ଷକୁ ହ୍ରାସ କରାଯିବ। ଏହାଦ୍ୱାରା ବହୁ ସଂଖ୍ୟାରେ କର୍ମଚାରୀ ହ୍ରାସ ପାଇବେ। ଏହାଛଡ଼ା ମିଶ୍ରଣ, ଋଣ ଓ ସମ୍ପତ୍ତି ବିକ୍ରି ପ୍ରସ୍ତାବକୁ ପିଏମ୍‌ଓ ଟାଳି ଦେଇଛନ୍ତି। ତେବେ ସମ୍ପତ୍ତି ବିକ୍ରି କରିବା ଅଥବା ଭଡ଼ାରେ ଦେବା ନେଇ ନିଷ୍ପତ୍ତି ନେବା ଲାଗି ଏକ ଯୁଗ୍ମ କମିଟି ଗଠନ କରିବାକୁ ଅନୁମୋଦନ କରାଯାଇଛି। ଏହି କମିଟିରେ ଟେଲିକମ ବିଭାଗ, ବିଏସ୍‌ଏନ୍‌ଏଲ୍, ପୁଞ୍ଜି ପ୍ରତ୍ୟାହାର ବିଭାଗର ବରିଷ୍ଠ ଅଧିକାରୀମାନେ ସାମିଲ ରହିବେ। ଏବେ ଏହି ସମସ୍ତ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ଲାଗି ପଠାଯିବ।

> ନ୍ୟୁୟର୍କର ବର୍ତ୍ତମାନର ଜଳବାୟୁ ଦୃଷ୍ଟିରୁ ଆସନ୍ତା ୟୁଏସ୍ ଓପନ୍‌ରେ ସିଙ୍ଗଲ୍ସ ଓ ମିକ୍ସଡ ଡବଲ୍ସ ବ୍ୟତୀତ ପୁରୁଷ ଡବଲ୍ସ ମୋ ପକ୍ଷେ ସମ୍ଭବ ନୁହେଁ।
> – କେଇ ନିଶିକୋରି, ଜାପାନିଜ ଟେନିସ ଖେଳାଳି



> ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଆଶେସ ଟେଷ୍ଟରେ ବୁଦ୍ଧି ନ ଖଟାଇ ବ୍ୟାଟିଂ କରିବାରୁ ଇଂଲଣ୍ଡକୁ ୬୭ ରନରେ ଅଲଆଉଟ ହେବାକୁ ପଡ଼ିଲା।
> –ଜେଫ୍ରି ବୟକଟ୍, ପୂର୍ବତନ ଇଂଲଣ୍ଡ ଓପନିଂ ବ୍ୟାଟ୍ସମ୍ୟାନ



## ସଂକ୍ଷେପରେ

ଏସିଆନ ଜୁନିୟର ଟେନିସ

### ନେମ୍‌ହାଙ୍କ ଡବଲ୍ସ ଟାଇଟଲ




**ଭୁବନେଶ୍ୱର, ୨୪।୮ (ସ୍ପୋର୍ଟ୍ସ ବ୍ୟୁରୋ):** ଆସାମର ଜୋର୍‌ହାଟଠାରେ ଅନୁଷ୍ଠିତ ଏସିଆନ ୧୪ ବର୍ଷରୁ କମ୍ ଏବଂ ଅଣ୍ଡର୍ ସିରିଜ ଟେନିସ ଟୁର୍ନାମେଣ୍ଟରେ ଓଡ଼ିଶାର ନେମ୍‌ହା ସାରା କିସ୍ପୋଟ୍ଟାଙ୍କୁ ସଫଳତା ମିଳିଛି। ଏହି ପ୍ରତିଯୋଗିତାର ବାଳିକା ଡବଲ୍ସରେ ନେମ୍‌ହା ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ନେମ୍‌ହା ଓ ତାଙ୍କ ଆସାମ ଯୋଡ଼ିଦାର ନମ୍ରତା ଦାସ ୬-୧, ୭-୬ (୮) ସେଟ୍‌ରେ ରିଦ୍ଧି ଚୌଧୁରୀ ପୋକା ଓ ଜ୍ୟୋଶିଥା ସୁରେଶ କୁମାର ଅମୁଥା ଯୋଡ଼ିଙ୍କୁ ପରାସ୍ତ କରିଛନ୍ତି। ପୂର୍ବରୁ ବାଳିକା ସିଙ୍ଗଲ୍ସରେ ନେମ୍‌ହା ୯ମ ସ୍ଥାନ ହାସଲ କରିଥିଲେ। ଏହା ଏସିଆନ୍ ଟେନିସ ଫେଡେରେଶନ ଅନୁମୋଦିତ ଟୁର୍ନାମେଣ୍ଟ ଥିଲା।

### କ୍ୱାର୍ଟରଫାଇନାଲରେ କିସ୍

**ଭୁବନେଶ୍ୱର, ୨୪।୮ (ସ୍ପୋର୍ଟ୍ସ ବ୍ୟୁରୋ):** ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ୬ ନମ୍ବର ହାଇସ୍କୁଲ ପଡ଼ିଆରେ ଚାଲିଥିବା ୟୁନିଲାଇଟ୍ କପ୍ ଆନ୍ତଃ ସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସ (କିସ୍) କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଶନିବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ କିସ୍ ୮-୦ ଗୋଲର ବୃହତ୍ ବ୍ୟବଧାନରେ ଆଇଆର୍‌ସି ଭିଲେଜ୍‌କୁ ପରାସ୍ତ କରିଛି। ବିଜୟୀ କିସ୍ ପକ୍ଷରୁ କୁନାରାମ ସୋରେନ୍ ସର୍ବାଧିକ ୪ଟି ଗୋଲସ୍କୋର କରିଥିଲେ। ସେ ମ୍ୟାଚ୍‌ର ୧୪, ୩୨, ୩୯ ଓ ୪୨ତମ ମିନିଟ୍‌ରେ ଏହି ୪ଟି ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିଲୀପ୍ କୁମାର ମୁର୍ମୁ (୩ୟ ଓ ୩୪ତମ ମିନିଟ୍) ଓ ଯଦୁନାଥ ହାଁସଦା (୨୧ତମ ଓ ୩୮ତମ) ୨ଟି ଲେଖାଏ ଗୋଲସ୍କୋର କରିଥିଲେ। ମ୍ୟାଚ୍ ଶେଷରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ୟୁନିଟ୍-୨ ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ବିଜୟଲକ୍ଷ୍ମୀ ପାଲ୍ ଅତିଥିଭାବେ ଯୋଗଦେଇ କିସ୍ ସ୍କୁଲର ଦିଲୀପ ମୁର୍ମୁଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ଶନିବାର ଅନୁଷ୍ଠିତ ଏହି ମ୍ୟାଚ୍‌କୁ ସରୋଜ ମହାରଣା, ଦେବଜ୍ୟୋତି ସିଂ, ଶ୍ରୀକାନ୍ତ ପଣ୍ଡା ଓ ରାଜେନ୍ଦ୍ର ବାରିକ ମ୍ୟାଚ୍ ପରିଚାଳନା କରିଥିଲେ। ସୁଶାନ୍ତ ମହାନ୍ତି ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ। ଆସନ୍ତା ୨୬ ଓ ୨୭ରେ କ୍ୱାର୍ଟର ଫାଇନାଲ ଏବଂ ୨୯ ଓ ୩୦ରେ ୨ଟି ଯାକ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ସେପ୍ଟେମ୍ବର ୧ରେ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ଜଣାପଡ଼ିଛି।

### ୧୯ ବର୍ଷରୁ କମ୍ ଫୁଟ୍‌ବଲ

### ତାହିଟିକୁ ହରାଇଲା ଭାରତ

**ନୂଆଦିଲ୍ଲୀ, ୨୪।୮ (ପି.ଟି.):** ଭାନୁଆଟୁର ପୋର୍ଟ ଭିଲାରେ ଚାଲିଥିବା ଓସେନିଆନ ଡେଭଲପମେଣ୍ଟାଲ ଟୁର୍ନାମେଣ୍ଟରେ ଭାରତର ୧୯ ବର୍ଷରୁ କମ୍ ଫୁଟ୍‌ବଲ ଦଳ ପ୍ରଥମ ସ୍ଥାନ ଅଧିକାର କରିଛି। ଶୁକ୍ରବାର ଖେଳାଯାଇଥିବା ଏକ ମ୍ୟାଚରେ ଦଳ ୨-୦ ଗୋଲରେ ତାହିଟିକୁ ପରାସ୍ତ କରିଛି। ଭାରତ ତରଫରୁ ଖେଳର ଦ୍ୱିତୀୟାର୍ଦ୍ଧରେ ମନବୀର ସିଂ (୭୧ତମ ମିନିଟ୍) ଏବଂ ବିକ୍ରମ ପ୍ରତାପ ସିଂ (୮୮ତମ) ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ତିନି ଦିନ ପୂର୍ବେ ନ୍ୟୁ କାଲେଡୋନିଆକୁ ପରାସ୍ତ କରିଥିବା ଏହି ଭାରତୀୟ ଦଳରେ ଶନିବାର ମ୍ୟାଚ ପାଇଁ କୌଣସି ଖେଳାଳି ପରିବର୍ତ୍ତନ ନ କରିବା ଲାଗି କୋଚ୍ ଫ୍ଲଏଡ୍ ପିଣ୍ଟୋ ନିଷ୍ପତ୍ତି ନେଇଥିଲେ। ମ୍ୟାଚରେ ଭାରତୀୟ ଦଳ ୧୨ଥର ବିପକ୍ଷ ଦଳର ଗୋଲ୍ ପୋଷ୍ଟ ଉପରେ ଆକ୍ରମଣ କରିବାରେ ସଫଳ ହୋଇଥିଲା। ଅନପକ୍ଷରେ ଭାରତର ରକ୍ଷଣଭାଗ ଖେଳାଳିଙ୍କ ଦୃଢ଼ ପ୍ରଦର୍ଶନ ଯୋଗୁ ତାହିଟି ଦଳ ଗୋଟିଏ ହେଲେ ସୁଯୋଗ ପାଇ ନ ଥିଲା।

# ସିନ୍ଧୁ ଫାଇନାଲରେ, ପ୍ରଣୀଥଙ୍କୁ ବ୍ରୋଞ୍ଜ

**ବାସେଲ (ସୁଇଜରଲାଣ୍ଡ), ୨୪।୮ (ପି.ଟି.)**

ଭାରତର ପି.ଭି. ସିନ୍ଧୁ କ୍ରମାଗତ ତୃତୀୟ ଥର ପାଇଁ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। କିନ୍ତୁ ପୁରୁଷ ସିଙ୍ଗଲ୍ସରେ କେଣ୍ଟୋ ମୋମୋଟାଙ୍କଠାରୁ ପରାସ୍ତ ହୋଇ ବି. ସାଇ ପ୍ରଣୀଥଙ୍କୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ସିନ୍ଧୁ ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ପୂର୍ବରୁ ଦୁଇଥର ବ୍ରୋଞ୍ଜ ଏବଂ ଗତ ଦୁଇଥର କ୍ରମାଗତ ଭାବେ ରୌପ୍ୟ ଜିତି ଆସିଛନ୍ତି। ଏଥର ସ୍ୱର୍ଣ୍ଣ ଜିତିବା ଲାଗି ଏକ ସୁଯୋଗ ରହିଛି। ଶନିବାର ୪୦ ମିନିଟରେ ଶେଷ ହୋଇଥିବା ଏକ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ସେ ବିଶ୍ୱର ୩ ନମ୍ବର ଓ ଅଲ ଇଂଲଣ୍ଡ ଚାମ୍ପିୟନ ଚାଇନାର ଚେନ୍ ୟୁ ଫେଇଙ୍କୁ ୨୧-୭, ୨୧-୧୪ ଗେମ୍‌ରେ ହରାଇ ଦେଇଛନ୍ତି। ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ୨୪ବର୍ଷୀୟା ଅଲିମ୍ପିକ ରୌପ୍ୟ ବିଜୟିନୀ ସିନ୍ଧୁ ୨୦୧୩ ବିଶ୍ୱ ଚାମ୍ପିୟନ ଥାଇଲାଣ୍ଡର ରାଚାନୋକ୍ ଇଣ୍ଟାନନ୍ କିମ୍ବା ଜାପାନର ନୋଜୋମି ଓକୁହାରାଙ୍କୁ ଭେଟିବେ। ସିନ୍ଧୁ କହିଛନ୍ତି, ମୁଁ ଭଲ ରୂପେ ପ୍ରସ୍ତୁତ ଥିଲି ଏବଂ ଆରମ୍ଭରୁ ଅଗ୍ରଣୀ ଲାଭ କରିପାରିଥିଲି। ଭଲରୂପେ ଫିନିଶ ମଧ୍ୟ କରିପାରିଥିଲି। ଦ୍ୱିତୀୟ ଗେମ୍‌ରେ ମୁଁ କେତୋଟି ଅପ୍ରତ୍ୟାଶିତ ତ୍ରୁଟି କରିଥିଲେ ହେଁ ପୁଣି ଅଗ୍ରଣୀ ଲାଭ କରିବାରେ ସଫଳ ହୋଇଥିଲି। ଏହା ମୋର ଆତ୍ମବିଶ୍ୱାସ ବୃଦ୍ଧିରେ ସହାୟକ ହୋଇଥିଲା। ଓଭର ଅଲ୍ ମୋର ପ୍ରଦର୍ଶନରେ ମୁଁ ଖୁସି। ରବିବାର ମ୍ୟାଚରେ ଏହି ପ୍ରଦର୍ଶନ ବଜାୟ ରଖିବି ବୋଲି ମୁଁ ଆଶା ରଖିଛି। ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସରେ ପ୍ରଣୀଥ ତାଙ୍କ ପ୍ରଭାବୀ ପ୍ରଦର୍ଶନ ବଜାୟ ରଖିବାରେ ସଫଳ ହୋଇପାରି ନ ଥିଲେ। ସେ ଆକ୍ରମଣାତ୍ମକ ଖେଳିଥିଲେ ହେଲେ ଫର୍ମରେ ଥିବା ଫର୍ମରେ ଥିବା ଗତଥରର ଚାମ୍ପିୟନ ମୋମୋଟା ତାଙ୍କୁ ଦୃଢ଼ ଜବାବ ଦେଇଥିଲେ। ବିଶ୍ୱର ନମ୍ବର ୱାନ ତଥା ଜାପାନୀ ଖେଳାଳିଙ୍କଠାରୁ ପ୍ରଣୀଥ ୧୩-୨୧, ୮-୨୧ରେ ପରାଜିତ ହୋଇଯାଇଥିଲେ। ସୂଚନାଯୋଗ୍ୟ, ଶୁକ୍ରବାର ପ୍ରଣୀଥ ଏକ ବିରଳ ସଫଳତା ହାସଲ କରିଥିଲେ। ସେମିଫାଇନାଲରେ ପ୍ରବେଶ କରି ଦୀର୍ଘ ୩୬ ବର୍ଷ ବ୍ୟବଧାନରେ ପ୍ରଥମ ଭାରତୀୟ ପୁରୁଷ ଖେଳାଳିଭାବେ ଟୁର୍ନାମେଣ୍ଟରେ ପଦକ ପକ୍କା କରିଥିଲେ। ପ୍ରକାଶ ପାଦୁକୋନ ପ୍ରଥମ ଭାରତୀୟ ଭାବେ ୧୯୮୩ ବିଶ୍ୱ ଚାମ୍ପିୟନଶିପ୍‌ରେ ଏକ ବ୍ରୋଞ୍ଜ ଜିତିଥିଲେ।



ସେମିଫାଇନାଲ୍‌ରେ ବିଜୟ ହାସଲ ପରେ ଉଲ୍ଲସିତ ପି.ଭି. ସିନ୍ଧୁ।



ପ୍ରମୋଦ ଭଗତ ଓ ମନୋଜ ସରକାର।

# ପ୍ରମୋଦଙ୍କ ବିଜୟଧାରା ଜାରି

**ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍**

**ଭୁବନେଶ୍ୱର, ୨୪।୮ (ସ୍ପୋର୍ଟ୍ସ ବ୍ୟୁରୋ)**

ସୁଇଜରଲାଣ୍ଡସ୍ଥିତ ବାସେଲଠାରେ ଅନୁଷ୍ଠିତ ବିଶ୍ୱ ପାରାବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଓଡ଼ିଶାର ପ୍ରମୋଦ ଭଗତ୍‌ଙ୍କ ବିଜୟ ଅଭିଯାନ ଜାରି ରହିଛି। ବ୍ୟାଡ୍‌ମିଣ୍ଟନର ଏହି ସର୍ବୋଚ୍ଚ ପ୍ରତିଯୋଗିତାରେ ପ୍ରମୋଦ ଉଭୟ ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଶନିବାର ଅନୁଷ୍ଠିତ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରମୋଦ ୨୧-୧୬, ୨୧-୧୨ ସିଧାସଳଖ ଗେମ୍‌ରେ ନିଜ ଦେଶର ଅନ୍ୟତମ ଖେଳାଳି ବିକ୍ରମ କୁମାରଙ୍କୁ ପରାସ୍ତ କରିଛନ୍ତି। ପୂର୍ବରୁ ପ୍ରି-କ୍ୱାର୍ଟର ଫାଇନାଲରେ ସେ ଚାଇନାର ଚେନ୍ ଚେନ୍ ଜିଆଓୟୁଙ୍କୁ ହରାଇଥିଲେ। ଅପରପକ୍ଷରେ ପୁରୁଷ ଡବଲ୍ସରେ ପ୍ରମୋଦ ଓ ତାଙ୍କ ଯୋଡ଼ିଦାର ମନୋଜ ସରକାର ୨୧-୧୫, ୨୧-୧୫ ସିଧାସଳଖ ଗେମ୍‌ରେ ଜର୍ମାନୀର ନିକୋଲାସ ପୋଟ୍ ଓ ପାସଲ ୱାଲଟରଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହ ପ୍ରମୋଦ ଏହି ସମ୍ମାନଜନକ ପ୍ରତିଯୋଗିତାରେ ୨ଟି ପଦକ ନିଶ୍ଚିତ କରିଛନ୍ତି।

# କଲସିଙ୍କ ୧୦୬, ନାୟାର ୯୯

**ଦୁଲୀପ ଟ୍ରଫି**



୯୯ ରନ୍ କରି ଆଉଟ୍ ହୋଇଥିବା କରୁଣ ନାୟାର।

**ବେଙ୍ଗାଲୁରୁ,୨୪।୮(ପି.ଟି.):** ଆଲୁରସ୍ଥିତ କର୍ନାଟକ ଷ୍ଟେଟ କ୍ରିକେଟ ଆସୋସିଏଶନ (କେ.ଏସ୍.ସି.ଏ.) ଗ୍ରାଉଣ୍ଡରେ ଚାଲିଥିବା ଇଣ୍ଡିଆ ରେଡ୍ ବିପକ୍ଷ ଦୁଲୀପ ଟ୍ରଫି ମ୍ୟାଚ୍‌ରେ ଇଣ୍ଡିଆ ବ୍ଲୁ ପ୍ରାରମ୍ଭିକ ବ୍ୟାଟି ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ରେଡ୍ ପ୍ରଥମ ଇନିଂସରେ କରୁନା ନାୟାର ଓ ଅଙ୍କିତ୍ କଲ୍‌ସିଙ୍କ ଦୃଢ଼ ବ୍ୟାଟିଂ ବଳରେ ୧୨୪ ଓଭରରେ ୨୮୫ ରନ କରି ଅଲଆଉଟ ହୋଇଛି। ନାୟାର ୯୯ ରନ କରି ଆଉଟ ହେବାସହ ଶତକ ହାସଲରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। ତେବେ କଲ୍‌ସି ୧୦୬ ରନର ଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ବ୍ଲୁ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୨୪ ଓଭରରେ ୩ ଉଇକେଟ ହରାଇ ୭୪ ରନ ସଂଗ୍ରହ କରିଛି। ଫଳରେ ବ୍ଲୁ ୭ ଉଇକେଟ ବାକି ରଖି ୨୧୧ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ଅଙ୍କିତ୍ ବାୱନେ ୧୫ ଓ ଅନମୋଲପ୍ରୀତ ସିଂ ୬ ରନ କରି ଅପରାଜିତ ରହିଛନ୍ତି। ଇନିଂସ ଆରମ୍ଭରୁ ବ୍ଲୁ ଝଟ୍‌କା ଖାଇଥିଲା। ଓପନର ସ୍ନେଲ ପଟେଲ ଖାତା ଖୋଲିବା ପୂର୍ବରୁ ଜୟଦେବ ଉନାଡକଟ୍‌ଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଏହାପରେ ଯୁବ ପ୍ରତିଭାସମ୍ପନ୍ନବ୍ୟାଟ୍ସମ୍ୟାନ ତଥା ଅଧିନାୟକ ଶୁବମନ ଗିଲ୍ ୯ ରନ କରିଥିବା ବେଳେ ଏଲ୍‌ବିଡବ୍ଲ୍ୟୁ ହୋଇ ଉନାଡ଼କଟଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଅନ୍ୟତମ ଓପନର ଋତୁରାଜ ଗାଏକ୍ୱାଡ ୩୭ ରନ କରିଥିବା ବେଳେ ଆଭେସ ଖାଁଙ୍କ ବଲ୍‌ରେ ନାୟାରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ରେଡ୍ ତରଫରୁ ଉନାଡକଟ ୨, ଆଭେସ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ପ୍ରଥମ ଦିବସର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୬୩/୨ରୁ ଖେଳ ଆରମ୍ଭ କରି ରେଡ୍ ଅଲଆଉଟ୍ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ନାୟାର ୯୨ରୁ ଖେଳ ଆରମ୍ଭ କରି ଆଉ ମାତ୍ର ୭ ରନ କରି ୯୯ ରନ କରିଥିବା ବେଳେ ସୌରଭ କୁମାରଙ୍କ ବଲ୍‌ରେ ଉଇକେଟକିପର ସ୍ନେଲ ପଟେଲଙ୍କ ଦ୍ୱାରା ଷ୍ଟମ୍ପ ଆଉଟ୍ ହୋଇ ୧ ରନ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ସେ ୨୧୬ଟି ବଲର ସମ୍ମୁଖୀନ ହୋଇ ୯ଟି ଚୌକା ମାରିଥିଲେ।

## ଲାହୋର, କରାଚୀରେ ଖେଳିବ ଶ୍ରୀଲଙ୍କା

**କରାଚୀ,୨୪।୮:** ଶ୍ରୀଲଙ୍କା ଦଳ ଦିନିକିଆ ସିରିଜ୍ ଖେଳିବା ପାଇଁ ପାକିସ୍ତାନ ଗସ୍ତ କରିବାକୁ ରାଜି ହୋଇଛି। ଏ ନେଇ ଦୁଇ ବୋର୍ଡ ମଧ୍ୟରେ ଚୁକ୍ତି ହୋଇଛି। ଏଥିଯୋଗୁ ଅକ୍ଟୋବରରେ ହେବାକୁ ଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଏବେ ଡିସେମ୍ବରକୁ ଘୁଞ୍ଚିଯାଇଛି। ଶ୍ରୀଲଙ୍କା ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୯ ତାରିଖ ପର୍ଯ୍ୟନ୍ତ କରାଚୀରେ ୩ ଦିନିକିଆ ଖେଳିବ। ପରେ ସମାନ ସଂଖ୍ୟକ ଟି୨୦ ମ୍ୟାଚ୍ ଲାହୋରଠାରେ ଖେଳାଯିବ। ପୂର୍ବରୁ ଅକ୍ଟୋବରରେ ଶ୍ରୀଲଙ୍କା ଦଳ ପାକିସ୍ତାନ ଗସ୍ତରେ ଆସି ଦୁଇ ଟେଷ୍ଟ ଖେଳିଥାନ୍ତା। ଏହାପରେ ଡିସେମ୍ବରରେ ସୀମିତ ଓଭର କ୍ରିକେଟ ସିରିଜ୍ ଆୟୋଜିତ ହେବାର ଥିଲା। ଦୁଇ ବୋର୍ଡ ସଭାପତି ଫୋନ ଯୋଗେ କଥାବର୍ତ୍ତା ହୋଇ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରିଛନ୍ତି। ପିସିବି ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଶ୍ରୀଲଙ୍କା କ୍ରିକେଟ ବୋର୍ଡ (ଏସ୍‌ଏଲ୍‌ସି) ମୁଖ୍ୟ ଶାମି ସିଲଭା ରାଜି ହୋଇଯାଇଛନ୍ତି ବୋଲି ପିସିବି ପକ୍ଷରୁ କୁହାଯାଇଛି। ଚଳିତ ମାସରେ ଏସ୍‌ଏଲ୍‌ସି ସୁରକ୍ଷା ବିଶେଷଜ୍ଞ ପାକିସ୍ତାନ ଗସ୍ତ କରି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ।

# ଅଲରାଉଣ୍ଡର ରେକର୍ଡ ଭାଙ୍ଗିଲେ ଗୋଥାମ




**ବାଙ୍ଗାଲୋର, ୨୪।୮:** କ୍ରୀଷ୍ଣପା ଗୋଥାମ ଶୁକ୍ରବାର ବୋଧହୁଏ କ୍ରିକେଟ ଇତିହାସରେ ଶ୍ରେଷ୍ଠ ଅଲରାଉଣ୍ଡର ପ୍ରଦର୍ଶନ କରିଛନ୍ତି। କର୍ନାଟକ ପ୍ରିମିୟର ଲିଗ୍(କେପିଏଲ)ରେ ବଲାରି ଟସ୍କର୍ସ ପାଇଁ ଖେଳୁଥିବା ଡାହାଣହାତୀ ବ୍ୟାଟ୍ସମ୍ୟାନ ୩୯ ବଲରୁ ଶତକ ଲଗାଇଛନ୍ତି। ମୋଟ ଉପରେ ୫୬ ବଲ ଖେଳି ୧୩୪ (୧୩ ଛକା, ୭ ଚୌକା) ରନ୍ କରି ନଟ୍‌ଆଉଟ୍ ଥିଲେ। ଏଥିସହ ସେ କେପିଏଲ ଗୋଟିଏ ଇନିଂସରେ ସର୍ବାଧିକ ଛକା ଲଗାଇବାର ରେକର୍ଡର ଅଧିକାରୀ ହୋଇଛନ୍ତି। ଏହାପରେ ବୋଲିଂରେ ସେ ଟି୨୦ ଇତିହାସର ଶ୍ରେଷ୍ଠ ସ୍ପେଲ ପକାଇଛନ୍ତି। ୪ ଓଭର ବୋଲିଂ କରି ୧୫ ରନ୍ ବିନିମୟରେ ୮ ଉଇକେଟ ନେଇଥିଲେ। ତାଙ୍କର ଏଭଳି ଅଲରାଉଣ୍ଡିଂ ଶୋ ଯୋଗୁ ଶିବମୋଗା ଲାୟନ୍ସ ୭୦ ରନ୍‌ରେ ପରାଜୟ ବରଣ କରିଥିଲା। ଚଳିତ ମାସରେ ଭିଟାଲିଟି ବ୍ଲାଷ୍ଟ ମ୍ୟାଚ୍‌ରେ କଲିନ ଆକରମାନ୍ (୭/୧୮)ଙ୍କ ସ୍ପେଲଠାରୁ ଗୋଥାମଙ୍କ ବୋଲିଂ ସ୍ପେଲ ଉନ୍ନତର। ହେଲେ ଏହାକୁ ଅଫିସିଆଲ ରେକର୍ଡ ବୁକ୍‌ରେ ସାମିଲ କରାଯିବ ନାହିଁ।

# ଦଳ ଚୟନର ନୂଆ ଫର୍ମୁଲା, ଚୟନକର୍ତ୍ତାଙ୍କୁ 'ଲାଞ୍ଚ'

**କଟକ ଅଫିସ,୨୪।୮**

ରାଜ୍ୟ କ୍ରିକେଟ ଦଳ ଚୟନରେ ସାଙ୍ଘାତିକ ଅନିୟମିତତା ଚାଲିଛି। ଖେଳାଳି ଚୟନ ପାଇଁ ଦିଆଯାଉଛି ମୋଟା ଅଙ୍କର ଟଙ୍କା। ସିଧାସଳଖ ଚୟନକର୍ତ୍ତାଙ୍କ ଘରେ ପହଞ୍ଚୁଛନ୍ତି ଅଭିଭାବକ ଓ ଖୋଲାଖୋଲି ଲାଞ୍ଚ ଯାଚୁଛନ୍ତି। ଲାଞ୍ଚ ଗ୍ରହଣ ନ କଲେ ଶୁଣିବାକୁ ମିଳୁଛି ତୁମେ ନେଲେ ନିଅ ନ ହେଲେ ନାହିଁ। ଆମର ଓସିଏ ବାଲା(ଓଡ଼ିଶା କ୍ରିକେଟ ଆସୋସିଏଶନର କିଛି କର୍ମକର୍ତ୍ତା) ଚିହ୍ନା ଅଛନ୍ତି। ତୁମ ଭାଇ(ଅନ୍ୟ କ୍ରିକେଟର)ମାନେ ବି ଆମର ଚିହ୍ନା। ଆମ ପିଲା ଏଥର ଖେଳିବ ମାନେ ଖେଳିବ.. ଏତିକି ନୁହେଁ କିଛି ନିର୍ଦ୍ଦିଷ୍ଟ ଅଭିଭାବକ ଚାଲିଥିବା ଟ୍ରାଏଲ ମ୍ୟାଚ ଭେନ୍ୟୁରେ ମଧ୍ୟ ପହଞ୍ଚି ଯାଉଛନ୍ତି। ସୁବିଧା ଦେଖି ଚୟନକର୍ତ୍ତାଙ୍କୁ ତୋସାମଦ କରୁଛନ୍ତି। ରାଜ୍ୟର ଜଣେ ପୂର୍ବତନ କ୍ରିକେଟ ଖେଳାଳି ନିଜ ସୋସିଆଲ ମିଡ଼ିଆରେ ଏହାକୁ ଭିତ୍ତିକରି ଏକ ପୋଷ୍ଟ କରିବା ଫଳରେ ଶନିବାର ରାଜ୍ୟ କ୍ରିକେଟ ଜଗତରେ ହଇଚଇ ସୃଷ୍ଟି ହୋଇଛି। ଆଉ କିଛି ଦିନ ଭିତରେ ପ୍ରମାଣ ସହିତ ସେ ଘଟଣାର ପର୍ଦ୍ଦାଫାଶ କରିବେ ବୋଲି ମଧ୍ୟ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। କିଛି ମିନିଟ ମଧ୍ୟରେ ପୂର୍ବତନ ଖେଳାଳି ଜଣଙ୍କ ଏହି ପୋଷ୍ଟକୁ ଡିଲିଟ କରି ଦେଇଥିଲେ। ହେଲେ ଫୋନ ଯୋଗେ ଘଟଣାର ସତ୍ୟାସତ୍ୟ ଜଣାଇଥିଲେ। ଓଡ଼ିଶା କ୍ରିକେଟ ଜଗତ ପାଇଁ ଏକ ଅବିଶ୍ୱସନୀୟ ଝଡ଼ ଏବେ ଅପେକ୍ଷା କରିଛି ବୋଲି କୁହାଯାଇପାରେ।

ବୟସ ଜାଲିଆତି କରି ଦଳରେ ସାମିଲ ହେଉଛନ୍ତି ବୋଲି ଅଭିଯୋଗ ପ୍ରମାଣିତ ହେବା ପରେ ଜୁନିୟର ବର୍ଗ ଦଳ ଚୟନରେ ନୂଆ ଫର୍ମୁଲା ଦେଖିବାକୁ ମିଳିଲାଣି। ଏବେ ଚାଲିଛି ଲାଞ୍ଚର ସମୟ। ଓରିଜିନାଲ ଜନ୍ମ ପ୍ରମାଣପତ୍ର ସତ୍ୟପାଠ ଜରିଆରେ ଦାଖଲ କରାଯାଉଛି।




ଓଡ଼ିଶା କ୍ରିକେଟ ଆସୋସିଏଶନ୍।

> କିଛି ଲୋକ ଓଡିଶା କ୍ରିକେଟକୁ ବଦନାମ କରିବାକୁ ଚାହୁଁଛନ୍ତି । ଚୟନକର୍ତାଙ୍କୁ ଖୋଲାଖୋଲି ଲାଞ୍ଚ ଯାଚୁଛନ୍ତି । ନିଜ ପୁଅ କୁ ଦଳରେ ନେବାକୁ ବାଧ କରୁଛନ୍ତି । ଏହାର ଯଥେଷ୍ଟ ପ୍ରମାଣ ମୋ ପାଖରେ ଅଛି । ଖୁବ ଶୀଘ୍ର ଏହାକୁ ପଦାରେ ପକାଇବି ।।

ସୋସିଆଲ ମିଡ଼ିଆରେ ଭାଇରାଲ ପୋଷ୍ଟ।

**ଓଡ଼ିଶା କ୍ରିକେଟ ଆସୋସିଏଶନ**

ପ୍ରମାଣପତ୍ରରେ ଏପଟସେପଟ ହେଲେ ଘଟଣା ସିବିଆଇ ହାତରେ ପହଞ୍ଚୁଛି। ଗତ ୪ବର୍ଷ ଭିତରେ ଏହାର ଅନେକ ଜ୍ୱଳନ୍ତ ଉଦାହରଣ ରହିଛି। ଏଣୁ ସାର୍ଟିଫିକେଟରେ ହେରଫେର ନକରି ସିଧାସଳଖ ଚୟନକର୍ତ୍ତାଙ୍କୁ ହାତେଇ ଦଳରେ ପଶିବାର ଉପାୟ ଅବଲମ୍ବନ କରାଗଲାଣି। କଟକ ଓ ଭୁବନେଶ୍ୱର କିଛି ନିର୍ଦ୍ଦିଷ୍ଟ ଅଭିଭାବକ ଏହି ଉପାୟ ଅବଲମ୍ବନ କରୁଛନ୍ତି। ଏହାର ଦେଖାଦେଖି ଯାଜପୁର, ରାଉରକେଲା ଓ କେନ୍ଦୁଝରର କିଛି ଅଭିଭାବକ ମଧ୍ୟ ଦଳ ଚୟନର ପ୍ରକ୍ରିୟାକୁ ବିଶୃଙ୍ଖଳିତ କରି ସାରିଲେଣି। ଗତ ଏକମାସ ହେବ ଏହି ବେନିୟମ ପ୍ରକ୍ରିୟାର ପ୍ରୟାସ ଚାଲିଛି। ପୂର୍ବତନ ଖେଳାଳି ଜଣଙ୍କ କହିଥିଲେ ଯେ, ସମସ୍ତେ ନୁହେଁ କିଛି ନିର୍ଦ୍ଦିଷ୍ଟ ଅଭିଭାବକ ଏଥି ପାଇଁ ଦାୟୀ। ଯେଉଁମାନେ ଖେଳ ପରିବେଶ ଓ ପରିଭାଷାକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରୁଛନ୍ତି। ସେମାନଙ୍କର ଓସିଏର କିଛି ଅଧିକାରୀଙ୍କ ସହ ବି ଲିଙ୍କ୍ ଅଛି। ସେମାନେ ଭାବୁଛନ୍ତି ଚାପ ପକାଇ ନିଜ ପିଲାଙ୍କୁ ଦଳରେ ଭର୍ତ୍ତି କରିନେବେ। ଯେତେବେଳେ ଏହା ନହେଉଛି ସେମାନେ ଅଯଥା କଥା କହି ଚୟନ ପ୍ରକ୍ରିୟାରେ ବାଧା ସୃଷ୍ଟି କରୁଛନ୍ତି। ଏହାଛଡ଼ା ଯଦି ସେମାନଙ୍କ ପିଲାକୁ ଦଳରେ ନିଆନଯାଏ ତାହେଲେ ଦଳ ଚୟନରେ ଜାଲିଆତି ଚାଲିଛି ବୋଲି ଗଣମାଧ୍ୟମରେ କହିବାର ମିଥ୍ୟା ଧମକ ଦେଉଛନ୍ତି। ତେବେ ଓସିଏର କେଉଁ ଅଧିକାରୀମାନେ ଏମାନଙ୍କୁ ସହଯୋଗ କରୁଛନ୍ତି ସେ ସମ୍ପର୍କରେ ଖୁବଶୀଘ୍ର ତଥ୍ୟ ଦେବେ ବୋଲି ଏହି ପୂର୍ବତନ ଖେଳାଳି କହିଛନ୍ତି। ଭୁବନେଶ୍ୱରର ଏକ ଘରୋଇ କ୍ଲିନିକରେ ପିଲାର ବୟସ କିପରି କମ୍ ଜଣାପଡ଼ିବ ତାହାର ବ୍ୟବସ୍ଥା କରାଯାଇ ପାରୁଛି। ଅର୍ଥାତ୍ ଶାରୀରିକ ବିକାଶକୁ ନଷ୍ଟ କରିଦିଆଯାଉଛି। ଯାହା ଫଳରେ ୧୬ବର୍ଷରୁ ଅଧିକ ବର୍ଷର ପିଲା ବୟସ ନିର୍ଦ୍ଧାରଣର ମାପକାଠି କୁହାଯାଉଥିବା ଟାନର ହ୍ୱାଇଟହାଉସ-୩(ଟିଡବ୍ଲ୍ୟୁ-୩) ପରୀକ୍ଷାରେ ସହଜରେ ଉତ୍ତୀର୍ଣ୍ଣ ହେବା ପାଇଁ ବାଟ ମିଳୁଛି। ଏ ସମ୍ପର୍କରେ ଓସିଏର ଜଣେ ଅଧିକାରୀ କହିଛନ୍ତି ଯେ, ଟିଡବ୍ଲ୍ୟୁ-୩ ପରୀକ୍ଷାରେ ପ୍ରକୃତ ବୟସ ଜଣାପଡ଼େନି। ଏହା କେବଳ ଏକ ଆନୁମାନିକ ହିସାବ।

## ପୁଣିଥରେ ଆଇଓଏ ବୈଠକ ଡକାଇଲେ କ୍ରୀଡ଼ାମନ୍ତ୍ରୀ

**ନୂଆଦିଲ୍ଲୀ,୨୪।୮(ପିଟି):** କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରନ ରିଜିଜୁ ଭାରତୀୟ ଅଲିମ୍ପିକ୍ ମହାସଂଘ (ଆଇଓଏ)କୁ ଆଉ ଥରେ ବୈଠକ ପାଇଁ ଡକାଇଛନ୍ତି। ବର୍ତ୍ତମାନ ଆଇଓଏ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଫେଡେରେଶନ (ସିଜିଏଫ୍) ମୁଖ୍ୟଙ୍କ ସହ ୨୦୨୨ କମନୱେଲ୍‌ଥ ଗେମ୍ସରୁ ଓହରିବାକୁ ଭାରତ ଚାହୁଁଥିବାରୁ ଏସମ୍ପର୍କରେ ଆଲୋଚନା ଚାଲିଛି। ଆଇଓଏ ସଭାପତି ନରିନ୍ଦର ବାତ୍ରା ଓ ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆର ମୁଖ୍ୟ ଅଜୟ ସିଂ ଶୁକ୍ରବାର କ୍ରୀଡ଼ାମନ୍ତ୍ରୀ ରିଜିଜୁଙ୍କୁ ଭେଟି ଆଲୋଚନା କରିଥିଲେ। ଆମେ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଂଶଗ୍ରହଣ କିମ୍ବା ଓହରିବୁ, ସେ ନେଇ ଆଲୋଚନା କରିଥିଲୁ। ସବୁକିଛି ଶୁଣିବା ପରେ କ୍ରୀଡ଼ାମନ୍ତ୍ରୀ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଫେଡେରେଶନ (ସିଜିଏଫ୍) ସଭାପତିଙ୍କୁ ଭେଟିବାକୁ କହିଥିଲେ। ସିଜିଏଫ୍ ସଭାପତି ଭାରତ ଆସି ଆଇଓଏ ସଭାପତି, ଜେନେରାଲ ସେକ୍ରେଟାରୀ ଓ କ୍ରୀଡ଼ାମନ୍ତ୍ରୀଙ୍କ ସହ ଆଲୋଚନା କରିବା ପାଇଁ ନିଜ ଆଡ଼ୁ ପ୍ରସ୍ତାବ ଦେଇଥିଲେ ବୋଲି ବାତ୍ରା କହିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପରବର୍ତ୍ତୀ ସଂସ୍କରଣରୁ ଶୁଟିଂ ଇଭେଣ୍ଟ ବାଦ୍ ଦିଆଯାଇଛି। ଏହାକୁ ବିରୋଧ କରି ଆଇଓଏ ବର୍ମିଂହାମ ଇଭେଣ୍ଟରୁ ଓହରିବାକୁ ପ୍ରସ୍ତାବ ଦେଇଥିଲା।



“ ଚଳିତ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟରେ ବୋଲିଂ ପାର୍ଟନର ଯଶପ୍ରୀତ ବୁମ୍‌ରାଙ୍କ କହିବା ଅନୁସାରେ କ୍ରସ୍-ସିମ୍ ବୋଲିଂ ବିଶେଷ ଫଳପ୍ରଦ ହେଉଛି ।

–ଇଶାନ୍ତ ଶର୍ମା, ଭାରତୀୟ ପେସ୍ ବୋଲର

“ କର୍ନାଟକ ପ୍ରିମିୟର ଲିଗ୍‌ର ଗୋଟିଏ ମ୍ୟାଚ୍‌ରେ ୧୩୪ ରନ କରିବା ଏବଂ ପରେ ୮ ଉଇକେଟ ହାସଲ କରିବା ମୋତେ ସ୍ୱପ୍ନ ଭଳି ଲାଗୁଛି ।

–କ୍ରିଷ୍ଣାପ୍ପା ଗୋଥାମ, କ୍ରିକେଟର



## ସଂକ୍ଷେପରେ

### ବୁମ୍‌ରା ଦ୍ରୁତତମ ଭାରତୀୟ

**ନର୍ଥ ସାଉଣ୍ଡ (ଆଣ୍ଟିଗୁଆ),୨୪।୮:** ଯଶପ୍ରୀତ ବୁମ୍‌ରା ଟେଷ୍ଟ ଫର୍ମାଟରେ ୫୦ ଉଇକେଟ ନେବାରେ ଦ୍ରୁତତମ ଭାରତୀୟ ବୋଲର ହୋଇଯାଇଛନ୍ତି। ଏଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଚାଲିଥିବା ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିନରେ ଡାରେନ ବ୍ରାଭୋଙ୍କୁ ଏଲବିଡବ୍ଲ୍ୟୁ କରାଇ ବୁମ୍‌ରା କ୍ୟାରିୟରର ୫୦ତମ ଉଇକେଟ ହାସଲ କରିଛନ୍ତି। ୨୫ ବର୍ଷୀୟ ପେସର କ୍ୟାରିୟରର ୧୧ତମ ଟେଷ୍ଟରେ ଏହି ସଫଳତା ପାଇଛନ୍ତି। ଏହି ଧାରାରେ ସେ ପୂର୍ବତନ ପେସର ଭେଙ୍କଟେଶ ପ୍ରସାଦ ଓ ମହମ୍ମଦ ସାମିଙ୍କୁ ପଛରେ ପକାଇଛନ୍ତି। ଦୁଇ ଦ୍ରୁତ ବୋଲର କ୍ୟାରିୟରର ୧୩ତମ ମ୍ୟାଚ୍‌ରେ ୫୦ ଉଇକେଟ ନେଇଥିଲେ। ଏହି ତାଲିକାରେ ପୂର୍ବତନ ପେସର ଇର୍ଫାନ ପଠାନ ଓ ଏସ୍. ଶ୍ରୀସନ୍ତ ରହିଛନ୍ତି। ଉଭୟେ ୧୪ତମ ମ୍ୟାଚ୍‌ରେ ଏହି ମାଇଲଷ୍ଟୋନ ସ୍ପର୍ଶ କରିଥିଲେ। ଉଲ୍ଲେଖଥାଉ କି, ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ୫୮ ରନ୍‌ର ଇନିଂସ ଯୋଗୁ ଭାରତୀୟ ଦଳ ପ୍ରଥମ ଇନିଂସରେ ୨୯୭ ରନ୍ କରିପାରିଛି। ଜବାବରେ ଘରୋଇ ଇଣ୍ଡିଜ ଦଳ ଦ୍ୱିତୀୟ ଦିନ ଶେଷ ସୁଦ୍ଧା ୮ ଉଇକେଟ ହରାଇ ୧୮୯ ରନ କରିଛି। ଦଳକୁ ଇନିଂସ ଅଗ୍ରଣୀ ପାଇଁ ବଳକା ଦୁଇ ଉଇକେଟରେ ୧୦୮ ରନ୍ ଦରକାର। ଭାରତ ପକ୍ଷରୁ ଈଶାନ୍ତ ଶର୍ମା ୫ ଉଇକେଟ ନେଇଛନ୍ତି।

### ଗୋକୁଲମ୍ କେରଳ ଜିତିଲା ଡୁରାଣ୍ଡ୍ କପ୍

**କୋଲକାତା, ୨୪।୮ (ପି.ଟି.):** ଟାଇଟଲ୍ ଫେଭରାଇଟ୍ ମୋହନ ବାଗାନକୁ ପରାସ୍ତ କରି ଗୋକୁଲମ୍ କେରଳ ଏଫ୍‌ସି ସମ୍ମାନଜନକ ଡୁରାଣ୍ଡ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ୧୨୯ତମ ସଂସ୍କରଣରେ ଚାମ୍ପିୟନ ହୋଇଛି। ଶନିବାର ଖେଳାଯାଇଥିବା ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ଗୋକୁଲମ୍ କେରଳ ୨-୧ ଗୋଲରେ ୧୬ଥରର ଚାମ୍ପିୟନ ମୋହନ ବାଗାନକୁ ପରାସ୍ତ କରିଛି। ବିଜୟୀ ଦଳର ଅଧିନାୟକ ତଥା ତ୍ରିନିଦାଦ୍‌ର ଫରୱାର୍ଡ ମାର୍କସ୍ ଜୋସେଫ୍ ଡବଲ୍ ଗୋଲ୍‌ସ୍କୋର କରି କେରଳକୁ ଚାମ୍ପିୟନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିସହ କୌଣସି କେରଳ କ୍ଲବ ଦୀର୍ଘ ୨୨ ବର୍ଷପରେ ଏସିଆର ଏହି ସର୍ବପୁରାତନ ଫୁଟ୍‌ବଲ ପ୍ରତିଯୋଗିତାରେ ବିଜୟୀ ମୁକୁଟ୍ ପିନ୍ଧିବାର ସୌଭାଗ୍ୟ ଲାଭ କରିଛି। ଶେଷଥର ପାଇଁ ଏଫ୍‌ସି କୋଚିନ୍ କ୍ଲବ ଡୁରାଣ୍ଡ କପ୍ ଜିତିଥିଲା। ଅପରପକ୍ଷରେ ମୋହନ ବାଗାନ ଶେଷଥର ପାଇଁ ୨୦୦୦ ମସିହାରେ ବିଶ୍ୱର ଏହି ୩ୟ ସର୍ବପୁରାତନ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଥିଲା।

# ଇଶାନ୍ତଙ୍କୁ ୫ ଉଇକେଟ: ଭାରତ ଅଗ୍ରଣୀ

**ନର୍ଥ ସାଉଣ୍ଡ (ଆଣ୍ଟିଗୁଆ),୨୪।୮(ପି.ଟି.)**

ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଭାରତ ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ୯୬.୪ ଓଭରରେ ୨୯୭ ରନକରି ଅଲଆଉଟ୍ ହୋଇଥିଲା। ଜବାବରେ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ ଆରମ୍ଭ କରି ୭୪.୨ ଓଭରରେ ୨୨୨ ରନ କରି ଅଲ୍‌ଆଉଟ ହୋଇଛି। ଫଳରେ ୭୫ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ଶନିବାର ତୃତୀୟ ଦିନ ଦ୍ୱିତୀୟ ସେସନ ସୁଦ୍ଧା ୨୨ ଓଭରରେ ଗୋଟିଏ ଉଇକେଟ ହରାଇ ୫୭ ରନ୍ ସଂଗ୍ରହ କରିଛି।

ଦ୍ୱିତୀୟ ଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୮୯/୮ରୁ ଖେଳ ଆରମ୍ଭ କରି ୱେଷ୍ଟଇଣ୍ଡିଜ ଅଲଆଉଟ ହୋଇଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ଜାସନ ହୋଲ୍ଡର ୧୦ ଓ ମିଗୁଏଲ କୁମିନ୍ସ ବିନା ସ୍କୋରରୁ ଖେଳ ଆରମ୍ଭ କରିଥିଲେ। ତେବେ ଏହି ଦୁଇ ବ୍ୟାଟ୍ସମ୍ୟାନ ଦୀର୍ଘ ସମୟଧରି ବ୍ୟାଟିଂ କରିବା ସହ ନବମ ଉଇକେଟରେ ୪୧ ରନ କରି ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ। ଏହିଯୋଡିଭାଙ୍ଗିବାକୁଭାରତକୁ ୧୦୫ଟି ବଲ୍ ଆବଶ୍ୟକ କରିଥିଲା। ହୋଲ୍ଡର ୬୫ଟି ବଲର ସମ୍ମୁଖୀନ ହୋଇ ୫ ଚୌକା ସହ ୩୯ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ମହମ୍ମଦ ସାମିଙ୍କ ଅଫଷ୍ଟମ୍ପ ବାହାର ବଲକୁ ଖେଳିବାକୁ ହୋଲ୍ଡର

### ପ୍ରଥମ ଟେଷ୍ଟ

ପ୍ରୟାସ କରିଥିଲେ। ତେବେ ବଲ୍ ବ୍ୟାଟ୍‌ର ଏଜ୍ ନେଇଥିଲା ଓ ଉଇକେଟକିପର ରିଷଭ ପନ୍ତ କ୍ୟାଚ୍ ଧରିବାରେ ତ୍ରୁଟି କରି ନ ଥିଲେ। ସାମି ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ। ଏହାପରେ କୁମିନ୍ସ ରବୀନ୍ଦ୍ର ଜାଡେଜାଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହେବା ପରେ ୱେଷ୍ଟଇଣ୍ଡିଜ ଅଲଆଉଟ ହୋଇଥିଲା। କୁମିନ୍ସ ଆଶ୍ଚର୍ଯ୍ୟଜନକ ଭାବେ ୪୫ଟି ବଲ୍ ଖେଳିଥିଲେ ମଧ ଖାତା ଖୋଲିପାରି ନ ଥିଲେ। ସାନନ୍ ଗାବ୍ରିଏଲ ୨ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ତରଫରୁ ଇଶାନ୍ତ ଶର୍ମା ସର୍ବାଧିକ ୫ ଉଇକେଟ ହାସଲ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାମି ଓ ଜାଡେଜା ୨ଟି ଲେଖାଏ, ଯଶପ୍ରୀତ ବୁମ୍‌ରା ଗୋଟିଏ ଉଇକେଟ ଅକ୍ତିଆର କରିଛନ୍ତି।

#### ସଂକ୍ଷିପ୍ତ ସ୍କୋର

- ଭାରତ ପ୍ରଥମ ଇନିଂସ- ୯୬.୪ ଓଭରରେ ୨୯୭ ଅଲଆଉଟ।
- ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ- ୭୪.୨ ଓଭରରେ ୨୨୨ ଅଲଆଉଟ, (ଚେଜ୍- ୪୮, ହୋଲ୍ଡର- ୩୯, ହେଟମେୟର- ୩୫, ହୋପ୍- ୨୪, କ୍ୟାମ୍ପବେଲ- ୨୩, ଇଶାନ୍ତ- ୫/୪୩, ସାମି- ୨/୪୮, ଜାଡେଜା- ୨/୬୪, ବୁମ୍‌ରା- ୧/୫୫)।



ଭାରତ ପକ୍ଷରୁ ୫ ଉଇକେଟ ଅକ୍ତିଆର କରିଥିବା ଇଶାନ୍ତ ଶର୍ମା।

#### କଳା ଆର୍ମ ବ୍ୟାଣ୍ଡ୍ ପିନ୍ଧିଲେ ଭାରତୀୟ ଖେଳାଳି

ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ଭେଟେରାନ କ୍ରିକେଟ ପ୍ରଶାସକ ଅରୁଣ ଜେଟ୍‌ଲୀଙ୍କର ଶନିବାର ଦେହାନ୍ତ ହୋଇଯାଇଛି। ତାଙ୍କୁ ସମ୍ମାନ ଜଣାଇ ଏଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ମ୍ୟାଚରେ ଭାରତୀୟ କ୍ରିକେଟ ଖେଳାଳିମାନେ କଳା ଆର୍ମବ୍ୟାଣ୍ଡ ପରିଧାନ କରି ପଡ଼ିଆକୁ ଓହ୍ଲାଇଥିଲେ। ଦିଲ୍ଲୀ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ (ଡିଡିସିଏ)ର ପୂର୍ବତନ ସଭାପତି ଜେଟ୍‌ଲୀ ଭାରତୀୟ କ୍ରିକେଟ କ୍ରିକେଟ କଣ୍ଟ୍ରୋଲ ବୋର୍ଡରେ ଜଣେ ପ୍ରଭାବଶାଳୀ ବ୍ୟକ୍ତି ଥିଲେ। କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାବେଳେ ତାଙ୍କ ପରାମର୍ଶ ନିଆଯାଉଥିଲା। ଡିଡିସିଏ ସଭାପତି ଥିବାବେଳେ ବୀରେନ୍ଦ୍ର ସେହ୍ୱାଗ, ଗୌତମ ଗମ୍ଭୀର ଏବଂ ପରବର୍ତ୍ତୀକାଳରେ ଈଶାନ୍ତ ଶର୍ମା, ବିରାଟ କୋହଲି ଏବଂ ଶିଖର ଧାୱନଙ୍କ ଭଳି ଖେଳାଳି ସୃଷ୍ଟି ହୋଇପାରିଛନ୍ତି।

## ଜେଟ୍‌ଲୀଙ୍କ ବିୟୋଗରେ କ୍ରୀଡ଼ାଜଗତରେ ଶୋକ

**ନୂଆଦିଲ୍ଲୀ,୨୪।୮:** ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ସ୍ଥାନୀୟ ଏମ୍‌ସ ମେଡିକାଲରେ ଶନିବାର ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଏହି ଦୁଃଖଦ ଘଟଣାରେ ସମ୍ପୂର୍ଣ୍ଣ କ୍ରୀଡ଼ାଜଗତ ଶୋକାକୁଳ ହୋଇପଡ଼ିଛି। ବହୁ ପୂର୍ବତନ ଓ ବର୍ତ୍ତମାନ କ୍ରୀଡ଼ାବିତ୍‌ମାନେ ସୋସିଆଲ ମିଡିଆରେ ଦୁଃଖ ପ୍ରକାଶ କରିଛନ୍ତି। ଜେଟ୍‌ଲୀ ଦିଲ୍ଲୀ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ (ଡିଡିସିଏ)ର ସଭାପତି ଥିବାବେଳେ ବହୁ କ୍ରିକେଟରଙ୍କ ସଂସ୍ପର୍ଶରେ ଆସିଥିଲେ। ମହିଳା କୁସ୍ତିଯୋଦ୍ଧା ଗୀତା ଫୋଗଟ ଟୁଇଟରରେ ଲେଖିଛନ୍ତି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜେଟ୍‌ଲୀଙ୍କ ପରଲୋକ ଖବର ଅତ୍ୟନ୍ତ ଦୁଃଖଦାୟକ। ଭଗବାନ ତାଙ୍କ ଆତ୍ମାଙ୍କୁ ଶାନ୍ତି ଦିଅନ୍ତୁ। ସେହିଭଳି ଜେଟ୍‌ଲୀଙ୍କ ପରିବାର ସହ ମୋର ଭଲପାଇବା ଓ ସମବେଦନା ରହିଛି ବୋଲି ଭାରତୀୟ ଓପନର ଶିଖର ଧାୱନ ଲେଖିଛନ୍ତି। ବିସିସିଆଇ କାର୍ଯ୍ୟକାରୀ ସଭାପତି ସି.କେ. ଖାନ୍ନା କଲେଜ ଦିନକୁ ମନେପକାଇ ଉଲ୍ଲେଖ କରିଛନ୍ତି। ଆମେ ଶ୍ରୀରାମ କଲେଜରେ ବାଣିଜ୍ୟ ବିଭାଗରେ ପଢୁଥିଲୁ। କଲେଜ ନିର୍ବାଚନରେ ସେ ଆମ ସଭାପତି, ମୁଁ ଜେନେରାଲ ସେକ୍ରେଟାରି ଥିଲି। ମୁଁ ତାଙ୍କ ସହ ଡିଡିସିଏରେ ମଧ କାର୍ଯ୍ୟ କରିଛି। କ୍ରିକେଟରେ ତାଙ୍କ ଯୋଗଦାନକୁ ସର୍ବଦା ମନେରଖାଯିବ। ଆଜି ଦେଶ ଜଣେ ମହାନ୍ ରାଜନେତା ଓ ମୁଁ ଜଣେ ଭଲ ବନ୍ଧୁ ହରାଇଛି ବୋଲି ଖାନ୍ନା ଲେଖିଛନ୍ତି। ଏହି ତାଲିକାରେ ପୂର୍ବତନ ଓପନର ବୀରେନ୍ଦ୍ର ସେହ୍ୱାଗ, ଗୌତମ ଗମ୍ଭୀର, ଭିଭିଏସ୍ ଲକ୍ଷ୍ମଣ, କୁସ୍ତିଯୋଦ୍ଧା ବବିତା ଫୋଗଟ, ଆକାଶ ଚୋପ୍ରା, ଡିଡିସିଏ ରହିଛନ୍ତି।



ଭୁବନେଶ୍ୱରସ୍ଥିତ ରେଲୱେ ଇନ୍‌ଡୋର ଷ୍ଟାଡ଼ିୟମ୍‌ରେ ଚାଲିଥିବା ଦଶମ ଅଲ୍ ଇଣ୍ଡିଆ ଓପନ କରାଟେ ପ୍ରତିଯୋଗିତାରେ ଶନିବାର ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

# ଦ୍ୱିତୀୟ ଟେଷ୍ଟ: ଲଥାମଙ୍କ ଶତକ

**କଲମ୍ବୋ, ୨୪।୮**

ସ୍ଥାନୀୟ ପି. ସାରା ଓଭାଲ ଗ୍ରାଉଣ୍ଡରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ତାରକା ଓପନର ଟମ୍ ଲଥାମଙ୍କ ଅପରାଜିତ ଶତକ ସହାୟତାରେ ଶ୍ରୀଲଙ୍କାକୁ ଦୃଢ଼ ଜବାବ ଦେଇଛି। ଟସ୍ ଜିତି ଶ୍ରୀଲଙ୍କା ପ୍ରଥମ ଇନିଂସରେ ଧନଞ୍ଜୟ ଡିସିଲଭାଙ୍କ ୧୦୯ ରନର ଶତକୀୟ ପାଳି ବଳରେ ୯୦.୨ ଓଭରରେ ୨୪୪ ରନ କରି ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ନ୍ୟୁଜିଲାଣ୍ଡ ଶନିବାର ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୬୨ ଓଭରରେ ୪ ଉଇକେଟ ହରାଇ ୧୯୬ ରନ ସଂଗ୍ରହ କରିଛି। ଫଳରେ ନ୍ୟୁଜିଲାଣ୍ଡ ୬ ଉଇକେଟ ହାତରେ ରଖି ୪୮ ରନରେ ପଛରେ ପଡିଛି।

ଷ୍ଟମ୍ପ ଅପସାରଣ ବେଳକୁ ଲଥାମ ୧୧୧ ରନର ଶତକୀୟ ପାଳି ଖେଳି ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ବିଜେ ୱାଟଲିଂ ୨୫ ରନ କରି ଅପରାଜିତ ରହିଛନ୍ତି। ଲଥାମ ୧୮୪ଟି ବଲ୍‌ର ସମ୍ମୁଖୀନ ହୋଇ ୧୦ଟି ଚୌକା ମାରିଛନ୍ତି। ଯୁବ ଓପନର ଜିତ ରାଭାଲ ଖାତା ଖୋଲିବା ପୂର୍ବରୁ ଦିଲରୁୱାନ ପେରେରାଙ୍କ ବଲ୍‌ରେ ଧନଞ୍ଜୟ ଡି'ସିଲଭାଙ୍କୁକ୍ୟାଚ୍‌ଦେଇପ୍ରଥମେଆଉଟ ହୋଇଥିଲେ। ସେହିପରି ଅଧିନାୟକ କେନ୍ ୱିଲିୟମସନ ୨୦ ରନ କରିଥିବା ବେଳେ ଲାହିରୁ କୁମାରାଙ୍କ ବଲ୍‌ରେ କୁଶଲ ମେଣ୍ଡିସ୍‌ଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଅଭିଜ୍ଞ ରସ୍ ଟେଲର ୨୩ ରନ କରି ଲାସିଥ ଏମ୍ବୁଲଡେନିୟାରଙ୍କ ବଲ୍‌ରେ ଡିସିଲଭା ଓ ହେନେରୀ ନିକୋଲ୍ସ ୧୫ ରନ କରିଥିବା ବେଳେ ଦିଲରୁୱାନ ପେରେରାଙ୍କ ବଲ୍‌ରେ ଡି'ସିଲଭାଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ପଞ୍ଚମ ଉଇକେଟରେ ଲଥାମ ଓ ୱାଟଲିଂ ଅପରାଜିତ ୭୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ଶ୍ରୀଲଙ୍କା ତରଫରୁ ପେରେରା ୨, କୁମାରା ଓ ଏମ୍ବୁଲଡେନିୟା ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ଦ୍ୱିତୀୟ ଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୪୪/୬ରୁ ଖେଳ ଆରମ୍ଭ କରି ଶ୍ରୀଲଙ୍କା ୨୪୪ ରନରେ ଅଲଆଉଟ ହୋଇଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ଧନଞ୍ଜୟ ଡିସିଲଭା ୩୨ରୁ ଖେଳ ଆରମ୍ଭ କରି ୧୦୯ ରନର ଶତକୀୟ ପାଳି ଖେଳି ପ୍ୟାଭିଲିୟନ ଫେରିଥିଲେ। ୧୪୮ଟି ବଲର ସମ୍ମୁଖୀନ ହୋଇ ସେ ୧୬ଟି ଚୌକା ଓ ୨ଟି ଛକା ମାରି ଟ୍ରେଣ୍ଟ ବୋଲ୍ଟଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ସେହିପରି ଦିଲରୁୱାନ ପେରେରା ୫ରୁ ଖେଳ ଆରମ୍ଭ କରି ୧୩ ରନ କରି ଆଉଟ ହୋଇଥିଲେ। ସେହିପରି ସୁରଙ୍ଗା ଲାକମଲ ୧୦, ଏମ୍ବୁଲଡେନିୟା ବିନା ସ୍କୋରରେ ଆଉଟ ହୋଇଥିବା ବେଳେ ଲାହିରୁ କୁମାରା ୫ ରନକରି ଅପରାଜିତ ରହିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଅଭିଜ୍ଞ ଦ୍ରୁତ ବୋଲର ଟିମ୍ ସୌଦି ସର୍ବାଧିକ ୪, ବୋଲ୍ଟ ୩, କଲିନ୍ ଡି ଗ୍ରାଣ୍ଡହୋମ, ୱିଲିୟମ ସମରଭିଲେ ଓ ଆଜାଜ ପଟେଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

# ଇଂଲଣ୍ଡ ସାମ୍ନାରେ ୩୫୯ ଟାର୍ଗେଟ

**ଲିଡ୍ସ, ୨୪।୮ (ଏଏଫ୍‌ପି)**

ସ୍ଥାନୀୟ ହେଡିଂଲେ ଗ୍ରାଉଣ୍ଡରେ ଇଂଲଣ୍ଡ ଓ ଭ୍ରମଣକାରୀ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ତୃତୀୟ ଆଶେସ ଟେଷ୍ଟ ରୋମାଞ୍ଚକ ମୋଡରେ ପହଞ୍ଚିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୫୨.୧ ଓଭରରେ ୧୭୯ ରନ କରି ଅଲଆଉଟ୍ ହୋଇଥିଲା। ଜବାବରେ ଇଂଲଣ୍ଡ ପ୍ରଥମ ଇନିଂସ ଆରମ୍ଭ କରି ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ୨୭. ୫ ଓଭରରେ ମାତ୍ର ୬୭ ରନ କରି ଅଲଆଉଟ ହେବା ସହ ୧୧୨ ରନ ପଛରେ ପଡ଼ିଥିଲା। ଦ୍ୱିତୀୟ ଇନିଂସ ଆରମ୍ଭ କରି ଅଷ୍ଟ୍ରେଲିଆ ୭୫.୨ ଓଭରରେ ୨୪୬ ରନ କରି ଆଲଆଉଟ ହୋଇଥିଲା। ଫଳରେ ଇଂଲଣ୍ଡ ସମ୍ମୁଖରେ ୩୫୯ ରନର ବିଜୟଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା।

ଜବାବରେ ଇଂଲଣ୍ଡ ଦ୍ୱିତୀୟ ଇନିଂସ ଆରମ୍ଭ କରି ତୃତୀୟ ଦିନ ଚା'ପାନ ବିରତି ସୁଦ୍ଧା ୩୮ ଓଭରରେ ୨ ଉଇକେଟ ବିନିମୟରେ ୯୦ ରନ ସଂଗ୍ରହ କରିଛି। ଅଧିନାୟକ ଜୋ ରୁଟ୍ ୪୧, ଜୋ ଡେନ୍‌ଲି ୩୦ ରନ କରି ବ୍ୟାଟିଂ ଜାରି ରଖିଛନ୍ତି। ତେବେ ଇନିଂସ ଆରମ୍ଭରେ ଇଂଲଣ୍ଡ ସଅଳ ୨ ଉଇକେଟ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଦୁଇ ଓପନର ରୋରି ବର୍ନ୍ସ ୭ ଓ ଜାସନ ରୟ ୮ ରନ କରି ପ୍ୟାଭିଲିୟନ ଫେରିଥିଲେ। ବର୍ନ୍ସ ଜୋଶ ହାଜେଲଉଡ୍‌ଙ୍କ ବଲ୍‌ରେ ୱାର୍ନରଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିବା ବେଳେ ରୟ ପ୍ୟାଟ୍ କୁମିନ୍ସଙ୍କ ଦ୍ୱାର କ୍ଲିନ୍ ବୋଲ୍ଡ ହୋଇଥିଲେ।

ଦ୍ୱିତୀୟ ଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୭୧/୬ରୁ ଅଷ୍ଟ୍ରେଲିଆ ଖେଳ ଆରମ୍ଭ କରି ଅଲଆଉଟ ହୋଇଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ମାର୍ନସ ଲାବୁସେନ ୫୩ରୁ ଖେଳ ଆରମ୍ଭ କରି ୮୦ ରନର ଗୁରୁତ୍ୱପୂର୍ଣ୍ଣ ପାଳି ଖେଳି ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ସେହିପରି ପାଟିନସନ ୨ ରନରୁ ଖେଳି ଆରମ୍ଭ କରି ୨୦ ରନ କରି ଜୋଫ୍ରା ଆର୍ଚରଙ୍କ ବଲ୍‌ରେ ଜୋ ରୁଟ୍‌ଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ୟାଟ କୁମିନ୍ସ ୬, ନାଥନ ଲିୟନ ୯ ରନ କରି ଆଉଟ ହୋଇଥିଲେ। ହାଜେଲଉଡକ ୪ ରନ କରି ଅପରାଜିତ ରହିଥିଲେ। ପାଟିନ୍‌ସନ ଓ ଲାବୁସେନ ସପ୍ତମ ଉଇକେଟରେ ୫୧ ରନ ସଂଗ୍ରହ କରିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ବେନ୍ ଷ୍ଟୋକ୍ସ ୩, ଆର୍ଚର ଓ ଷ୍ଟୁଆର୍ଟ ବ୍ରଡ ୨ଟି ଲେଖାଏ, କ୍ରିସ୍ ୱୋକ୍ସ ଓ ଜ୍ୟାକ ଲିଚ୍ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ପୂର୍ବରୁ ବର୍ମିଂହାମ୍‌ରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ୨୫୧ ରନରେ ବିଜୟୀ ହୋଇ ଅଷ୍ଟ୍ରେଲିଆ ୫ ମ୍ୟାଚ୍ ବିଶିଷ୍ଟ ୧–୦ରେ ଅଗ୍ରଣୀ ହାସଲ କରିଥିଲା। ତେବେ ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ଟେଷ୍ଟ ଅମୀମାଂସିତ ରହିଥିଲା।

#### ସଂକ୍ଷିପ୍ତ ସ୍କୋର

- ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୧୭୯ ରନରେ ଅଲଆଉଟ୍।
- ଇଂଲଣ୍ଡ ପ୍ରଥମ ଇନିଂସ- ୬୭ ରନ୍‌ରେ ଅଲଆଉଟ୍।
- ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ- ୭୫.୨ ଓଭରରେ ୨୪୬ ଅଲଆଉଟ୍, (ଲାବୁସେନ- ୮୦, ୱେଡ- ୩୩, ହେଡ- ୨୫, ଷ୍ଟୋକ୍ସ- ୩/୫୬, ଆର୍ଚର- ୨/୪୦, ବ୍ରଡ- ୨/୫୨)।



ଅଷ୍ଟ୍ରେଲିଆର ପ୍ୟାଟ୍ କୁମିନ୍ସଙ୍କ ଏକ ବଲ୍ ହେଲମେଟ୍‌ରେ ବାଜିବାପରେ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଜୋ ଡେନ୍‌ଲୀଙ୍କ ପ୍ରତିକ୍ରିୟା।

# ପ୍ରଥମ ରାଉଣ୍ଡରେ ଫେଡରରଙ୍କୁ ଭେଟିବେ ସୁମିତ୍

**ନ୍ୟୁୟର୍କ,୨୪।୮(ପିଟି)**

ଭାରତୀୟ ଟେନିସ ଖେଳାଳି ସୁମିତ ନାଗାଲ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଖେଳିବାର ସ୍ୱପ୍ନ ପୂରା କରିଛନ୍ତି। ଆସନ୍ତା ସପ୍ତାହରୁ ଆରମ୍ଭ ହେବାକୁ ଥିବା ସିଜନର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନର ମୁଖ୍ୟ ପର୍ଯ୍ୟାୟରେ ଖେଳିବା ପାଇଁ ସୁମିତ୍ ଯୋଗ୍ୟତା ଅର୍ଜନ କରିଛନ୍ତି।

### ୟୁଏସ୍ ଓପନ

ମୁଖ୍ୟ ପର୍ଯ୍ୟାୟର ପ୍ରଥମ ରାଉଣ୍ଡରେ ସୁମିତ୍‌ଙ୍କ ମୁକାବିଲା ଟେନିସର ଲିଜେଣ୍ଡ ତଥା ୨୦ଥର ଗ୍ରାଣ୍ଡସ୍ଲାମ ଟାଇଟଲ୍ ବିଜେତା ସୁଇଜରଲାଣ୍ଡର ରୋଜର ଫେଡରରଙ୍କ ସହ ହେବ। ଏହି ମ୍ୟାଚ୍ ସୋମବାର ଖେଳାଯିବ।

କ୍ୱାଲିଫାୟର୍ସର ଅନ୍ତିମ ରାଉଣ୍ଡରେ ନାଗାଲ ବ୍ରାଜିଲ ଜୋଆଓ ମେନେଜସଙ୍କୁ ହରାଇଛନ୍ତି। ମ୍ୟାଚ୍‌ରେ ପ୍ରଥମ ସେଟ୍ ୫–୭ ବ୍ୟବଧାନରେ ହାରିବା ପରେ ଦ୍ୱିତୀୟ ଓ ୩ୟ ସେଟ୍‌କୁ ୬–୪, ୬–୩ରେ ଜିତି ନେଇଛନ୍ତି। ଜିତିବା ପାଇଁ ତାଙ୍କୁ ୨ ଘଣ୍ଟା ୨୭ ମିନିଟ୍ ଲାଗିଥିଲା। ଗତ ଦଶନ୍ଧି ମଧ୍ୟରେ ଦେଶର ୫ମ ସିଙ୍ଗଲ୍ସ ଖେଳାଳି ଭାବେ ସେ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଖେଳିବା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ସୋମଦେବ ବର୍ମନ, ୟୁକି ଭାମ୍ବ୍ରି, ସାକେତ ମାଇନେନି ଓ ପ୍ରଜନେଶ ଗୁଣେଶ୍ୱରନ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଖେଳି ସାରିଛନ୍ତି। ନାଗାଲଙ୍କ ବ୍ୟତୀତ ପ୍ରଜନେଶ ମଧ ମୁଖ୍ୟ ପର୍ଯ୍ୟାୟରେ ଖେଳିବେ। ୧୯୯୮ ପରେ ପ୍ରଥମ ଥର ପାଇଁ ଭାରତର ଦୁଇ ଖେଳାଳି କୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ସିଙ୍ଗଲ୍ସ ବର୍ଗରେ ଖେଳିବାକୁ ଯାଉଛନ୍ତି। ଅନ୍ତିମ ଥର ଭେଟେରାନ ଲିଆଣ୍ଡର ପେସ ଓ ମହେଶ ଭୂପତି ୱିମ୍ବେଲଡନରେ ଖେଳିଥିଲେ। ପ୍ରଜନେଶ ପ୍ରଥମ ରାଉଣ୍ଡରେ ସିନସିନାଟି ମାଷ୍ଟର୍ସ ଚାମ୍ପିୟନ ତଥା ବିଶ୍ୱ ର୍ୟାଙ୍କିଂର ୫ମ ସ୍ଥାନରେ ଥିବା ଡାନିଏଲ ମେଡଭେଡେଭଙ୍କୁ ଭେଟିବେ।


ସୁମିତ ନାଗଲ ଓ ରୋଜର ଫେଡରର।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୫/୨୦୧୯ Bhubaneswar, Sunday, August 25/2019

## ସଂକ୍ଷେପରେ

### ମୋରମ ଗାଡ଼ିଆରେ ବୁଡ଼ିଗଲେ ନାବାଳକ

**ସଜନାଗଡ଼,୨୪।୮(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଥାନା ବାଘମରା ଗ୍ରାମର ଶମ୍ଭୁ ସିଂଙ୍କ ୭ ବର୍ଷର ପୁଅ ଅଜୟ (୭) ମୋରମ ଗାଡିଆରେ ବୁଡି ପ୍ରାଣ ହରାଇଛନ୍ତି। ସେ ପ୍ରତିଦିନ ଭଳି ଶନିବାର ସ୍କୁଲ ଯାଇଥିଲେ। ସେ ସ୍କୁଲ ସାରି ଘରକୁ ଫେରୁଥିଲା ବେଳେ ସାଙ୍ଗମାନଙ୍କ ସହିତ ଏକ ମୋରମ ଖଣି ଗାଡ଼ିଆକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଅସାବଧାନତାବଶତଃ ତାଙ୍କ ଗୋଡ଼ ଖସିଯିବା ସହ କଇଁ ନଟାରେ ଛନ୍ଦିହୋଇପଡିଥିଲେ। ଫଳରେ ସେ ଆଉ ବାହାରି ପାରି ନ ଥିଲେ। ବହୁ ସମୟ ପରେ ତାଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ତାଙ୍କ ମା'ବାପାଙ୍କୁ ଖବର ଦେଇଥିଲେ। ଏକ ମୋଟରସାଇକେଲରେ ତାଙ୍କୁ ନୀଳଗିରି ମେଡ଼ିକାଲ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନୀଳଗିରି ପୋଲିସ ମେଡ଼ିକାଲରେ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇବା ସହ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଅଜୟ ଦ୍ୱିତୀୟ ଶ୍ରେଣୀରେ ପଢୁଥିଲେ।

### କାର୍ଯ୍ୟକାରୀ ହୋଇପାରୁନି ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ନିର୍ଦ୍ଦେଶ

# ଆଇନ ଉଲ୍ଲଂଘନକାରୀଙ୍କୁ ଚେତାବନୀ

- ପ୍ରଭାବଶାଳୀ ଟ୍ରକ୍ ମାଲିକଙ୍କୁ ଦିଆଯାଉଛି ପ୍ରାଧାନ୍ୟ
- ମୋବାଇଲ ମେସେଜରେ ହୁଏ ଲୋଡିଂ
- ପ୍ରଶାସନର ସହନଶୀଳତାକୁ ଦୁର୍ବଳ ଭାବିବା ଭୁଲ୍: ଜିଲାପାଳ
- ୫ ଦିନ ହେଲା କ୍ରୋମ ପରିବହନ ବାଧା
- ବନ୍ଦ ଅପେକ୍ଷାରେ ଶିଳ୍ପ କାରଖାନା

**ଯାଜପୁର ଅଫିସ,୨୪।୮**

ଯାଜପୁର ଜିଲା ରତ୍ନଗର୍ଭା ସୁକିନ୍ଦା ଖଣି ଅଞ୍ଚଳରେ ଅରାଜକତା ସୀମା ଟପିଛି। ଦୁର୍ବଳ ଉପରେ ଅନ୍ୟାୟ ଅତ୍ୟାଚାର ହେବାର ଜ୍ୱଳନ୍ତ ଉଦାହରଣ ଏଠାରେ ଦେଖିବାକୁ ମିଳିଛି। ଏପରିକି ନିଜର ସ୍ୱାର୍ଥକୁ ଚରିତାର୍ଥ କରିବାକୁ ଯାଇ ରାଜ୍ୟ ସରକାରଙ୍କ ୫-ଟି ଶାସନ ସୂତ୍ରକୁ ମଧ୍ୟ ଦଳିଚକଟି ଛାରଖାର କରି ଦେବାକୁ କେତେକ ପ୍ରଭାବଶାଳୀ ରାଜନୈତିକ ବ୍ୟକ୍ତି ଉଦ୍ୟମ ଜାରି ରଖିଛନ୍ତି। ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ବ୍ୟବସ୍ଥା ଲାଗୁ ପାଇଁ ହାଇକୋର୍ଟ ଓ ଜିଲାପ୍ରଶାସନର ନିଷ୍ପତ୍ତିକୁ ନ ମାନି କ୍ରୋମ୍ ଖଣି ଅଞ୍ଚଳରେ ଏକପ୍ରକାର ଏକଛତ୍ରବାଦ ନୀତି ଚାଲିଛି। ତେବେ ଏହାକୁ ରୋକିବା ସହ ହାଇକୋର୍ଟ ଓ ଜିଲା ପ୍ରଶାସନର ନିଷ୍ପତ୍ତିକୁ କିପରି ଖଣି ଅଞ୍ଚଳରେ କାର୍ଯ୍ୟକାରୀ କରାଯାଇପାରିବ ସେନେଇ ଜିଲାପାଳ ଆଇନ ଉଲ୍ଲଂଘନକାରୀଙ୍କୁ ସତର୍କ କରାଇ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, କ୍ରୋମ୍ ଖଣିଜ ପଦାର୍ଥ ପରିବହନ ପାଇଁ ଯାଜପୁରରୋଡ ଓ ଚଣ୍ଡିଖୋଲ ଟ୍ରକ ମାଲିକଙ୍କୁ ମାତ୍ର ୬ ପ୍ରତିଶତ ଲେଖାଏ ସୁଯୋଗ ଦିଆଯାଉଛି। ଆଉ ରାଜନୈତିକ ପୃଷ୍ଠପୋଷକତାରେ ରହିଥିବା କେତେକ ନିର୍ଦ୍ଦିଷ୍ଟ ଟ୍ରକ ମାଲିକମାନଙ୍କୁ ବାକି ୮୮ପ୍ରତିଶତ କ୍ରୋମ୍ ପରିବହନ କରିବାକୁ ସୁବିଧା ଦିଆଯାଉଛି। ଯେଉଁମାନେ ଆବଶ୍ୟକ ଲୋଡିଂ ପାଉନାହାନ୍ତି ସେମାନେ ନିୟମିତ ଭାବେ ଗାଡ଼ି ଋଣ କିସ୍ତି ଦେବାରେ ମଧ୍ୟ ବିଫଳ ହେଉଛନ୍ତି। ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ନିୟମ କାର୍ଯ୍ୟକାରୀ ହେଉ ନ ଥିବାରୁ ଅନେକ ଟ୍ରକ୍ ମାଲିକ ନିୟମିତ ଲୋଡିଂ ପାଇବାରୁ ବଞ୍ଚିତ ହେଉଛନ୍ତି। ନିର୍ଦ୍ଦିଷ୍ଟ ସଂଘର କର୍ମକର୍ତ୍ତାଙ୍କ ଦ୍ୱାରା ମୋବାଇଲ ମେସେଜ ମାଧ୍ୟମରେ କେତେକ ମୁଷ୍ଟିମେୟ ଟ୍ରକ୍ ମାଲିକଙ୍କୁ ପ୍ରଥମେ ଲୋଡିଂ ମିଳୁଛି। ଏଥିପାଇଁ ଦୀର୍ଘଦିନ ହେଲା କୁହିକା ଟ୍ରକ୍ ମାଲିକ ସଂଘ ପକ୍ଷରୁ ପ୍ରତିବାଦ କରାଯାଇ ଆସୁଅଛି। ଯାହାକୁ ଯାଜପୁରରୋଡ ଓ ଚଣ୍ଡିଖୋଲ ଟ୍ରକ୍ ମାଲିକମାନେ ସମର୍ଥନ କରୁଛନ୍ତି। କିନ୍ତୁ ଏହି ଦାବିକୁ କେହି ମାନିବାକୁ ନାରାଜ। ଫଳରେ ବିବାଦ ଲାଗି ରହିଛି। ହାଇକୋର୍ଟଙ୍କ ନିଷ୍ପତ୍ତିକୁ ନ ମାନିବା ପଛରେ ଅନେକ କାରଣ ରହିଛି। ୬ଚକିଆ ଟ୍ରକ୍ ଫାଷ୍ଟ କମ୍ ଫାଷ୍ଟଲୋଡିଂ ଅନୁସାରେ ଚାଲିଥିବାବେଳେ ୧୦, ୧୨ ଓ ୧୪ ଚକିଆ ଟ୍ରକ୍‌ଗୁଡିକୁ ଏହି ଆଇନ ପରିସରଭୁକ୍ତ କରାଯାଇ ନାହିଁ। ଏଥିରେ ବହୁ ରାଜନୈତିକ ପ୍ରଭାବଶାଳୀ ବ୍ୟକ୍ତିଙ୍କ କୋଟି କୋଟି ଟଙ୍କା ଲାଭ ରହିଛି। ଯେଉଁମାନଙ୍କ ଟ୍ରକ୍ ଲୋଡିଂ ହେଉଛି ସେମାନଙ୍କ ଠାରୁ ଦୈନିକ ହଜାର ହଜାର ଟଙ୍କା ଆଦାୟ ହେଉଛି। ୬ଚକିଆ ଟ୍ରକରୁ ଦୈନିକ ୬୦୦ ଟଙ୍କା ଓ ଅନ୍ୟଗାଡିରୁ ପ୍ରାୟ ୧୮୦୦ ଟଙ୍କା ଆଦାୟ କରାଯାଉଛି। ଦୈନିକ ସମୁଦାୟ ପ୍ରାୟ ୧୨୦୦ ଗାଡ଼ି ଅନୁସାରେ ସାଢେ ୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରାଯାଉଛି। ଟାଟା ଷ୍ଟିଲ, ଓଏମ୍‌ସି, ଇମ୍ଫା, ବାଲେଶ୍ୱର ଆଲଏଜ, ଓସ୍ତପାଳ ପ୍ରଭୃତି ଖଣି ଖାଦାନରେ ଏହି ଅର୍ଥ ଆଦାୟ ପାଇଁ ଜଣେ ଲେଖାଏ ଏଜେଣ୍ଟଙ୍କୁ ନିଯୁକ୍ତି ଦିଆଯାଇଛି। ତେବେ ଏମାନଙ୍କୁ କିଏ ନିଯୁକ୍ତି ଦେଇ ବେଆଇନ ଭାବେ ଲକ୍ଷାଧିକ ଟଙ୍କା ଅସୁଲି କରୁଛି ତାହା ତଦନ୍ତ ସାପେକ୍ଷ। ଆରମ୍ଭରୁ ଏଭଳି ବେଆଇନ କାରବାର ଚଳାଇ କେତେକ ରାଜନୈତିକ ବ୍ୟକ୍ତି କୋଟିପତି ସାଜିଛନ୍ତି। ହେଲେ ଖଣି ଖାଦାନ ଓ ଶିଳ୍ପ ଯୋଗୁ ପ୍ରଭାବିତ ହୋଇଥିବା କେତେକ ବେକାର ଯୁବକ ଜୀବିକା ନିର୍ବାହ ପାଇଁ ଟ୍ରକ୍ କରିଥିବାବେଳେ ସେମାନେ ଏଥିଯୋଗୁ ସର୍ବହରା ହୋଇଛନ୍ତି। ଏଥିଯୋଗୁ କେତେକ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡିଛି। ଗତ ୫ ଦିନ ହେଲା ଏହି ବିବାଦ ପ୍ରଭାବରେ କଳିଙ୍ଗନଗର ଶିଳ୍ପାଞ୍ଚଳ ସମେତ ବିଭିନ୍ନ କାରଖାନା କ୍ରୋମ୍ ଅଭାବରୁ ବନ୍ଦ ହେବାକୁ ବସିଛି।

ସୁକିନ୍ଦା ଖଣି ଅଞ୍ଚଳରେ ମାଲ୍ ପରିବହନକୁ ନେଇ ହାଇକୋର୍ଟ ଫାଷ୍ଟ କମ ଫାଷ୍ଟ ଲୋଡିଂ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସେହି ଆଧାରରେ ଜିଲାପାଳ ରଞ୍ଜନ କୁମାର ଦାସ ହାଇକୋର୍ଟଙ୍କ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ଖଣି ଅଞ୍ଚଳର ସମସ୍ତ ସଂଗଠନର କର୍ମକର୍ତ୍ତାଙ୍କୁ ଅବଗତ କରାଇଥିଲେ। ଏହାକୁ ସମସ୍ତେ ମାନିବାକୁ ଜିଲାପାଳ ଅନୁରୋଧ କରିଥିଲେ। ମାତ୍ର ଏଯାବତ୍ ଉକ୍ତ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଯାହାକୁ ଗମ୍ଭୀରତାର ସହ ନେଇଛନ୍ତି ଜିଲାପାଳ। ସେ କହିଛନ୍ତି ଯେ, ହାଇକୋର୍ଟଙ୍କ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଇ ନ ଦେବାକୁ କେତେକ ଅସାମାଜିକ ତତ୍ତ୍ୱ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଅରାଜକତା ସୃଷ୍ଟିକାରୀ ତତ୍ତ୍ୱମାନେ ସମସ୍ତ ସୀମା ଅତିକ୍ରମ କରିବାକୁ ବସିଲେଣି। ସେମାନେ ମନେ ରଖିବା ଦରକାର ଯେ, କେହି ବି ଆଇନର ଊର୍ଦ୍ଧ୍ୱରେ ନୁହନ୍ତି। ଜିଲାପାଳ ଦାସ ଆହୁରି କହିଛନ୍ତି ଯେ, ହାଇକୋର୍ଟ ସମସ୍ତ ଘଟଣାକ୍ରମ ଉପରେ ନଜର ରଖିଛନ୍ତି। ପ୍ରଶାସନର ସହନଶୀଳତାକୁ ଯଦି କେହି ଦୁର୍ବଳତା ବୋଲି ଭାବୁଥାନ୍ତି ତେବେ ତାହା ସେମାନଙ୍କ ଭ୍ରମ ଧାରଣା। ରାଜ୍ୟ ସରକାର ୫-ଟି ସୂତ୍ର ପ୍ରଣୟନ କରିବା ପରେ ଏକଚାଟିଆ କାର୍ଯ୍ୟକଳାପ ଅକ୍ଷମଣୀୟ। ୫-ଟି ସୂତ୍ରର ଆଧାରରେ କାର୍ଯ୍ୟ କଲେ ତାହା ସମସ୍ତଙ୍କ ପାଇଁ ମଙ୍ଗଳ ବୋଲି ଜିଲାପାଳ ଦାସ କହିବା ସହ ସୁଧୁରି ଯିବା ଏବଂ ଆଇନକୁ ସମ୍ମାନ ଦେଲେ ଗଣତନ୍ତ୍ର ସୁଦୃଢ ହେବ ବୋଲି ଅନୁରୋଧ କରିଛନ୍ତି। ତେବେ ଜିଲାପାଳଙ୍କ ଏହି ପଦକ୍ଷେପ କେତେଦୂର ସଫଳ ହେଉଛି ତାହା ଦେଖିବାକୁ ବାକି ରହିଲା।

# କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲା ନିର୍ବାହୀ ସଂଘ

**ଯାଜପୁର ଅଫିସ,୨୪।୮**

### ସେଲ୍ ସହିତ ଏନ୍‌ଆଇଏନ୍‌ଏଲ୍‌ର ମିଶ୍ରଣ ଦାବି

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ଏକମାତ୍ର ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନୀଳାଚଳ ଇସ୍ପାତ ନିଗମ ଲିଃ(ଏନ୍‌ଆଇଏନ୍‌ଏଲ୍)ରୁ ଏମ୍‌ଏମ୍‌ସି ପୁଞ୍ଜି ପ୍ରତ୍ୟାହାର ନିଷ୍ପତ୍ତି ନେବା ପରେ କାରଖାନା ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରୁଛି। ସମ୍ପ୍ରତି କୋଇଲା ଅଭାବ ଦେଖା ଦେଇଥିବାରୁ କୋକୋଭେନ ୟୁନିଟ ବନ୍ଦ ହେବାର ସମ୍ଭାବନା ସୃଷ୍ଟି କରିଛି। ଅଧିକାରୀ, କର୍ମଚାରୀ ଓ ଶ୍ରମିକଙ୍କ ଜୀବନଜୀବିକା ମଧ୍ୟ ସଙ୍କଟରେ ଗତି କରୁଛି। ତେଣୁ ଏନ୍‌ଆଇଏନ୍‌ଏଲ୍ କାରଖାନାକୁ ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଲିଃ(ସେଲ) ସହିତ ମିଶ୍ରଣ କରିବାକୁ ଦାବି ହୋଇଛି। ଏହିକ୍ରମରେ ଶନିବାର ଏନ୍‌ଏଆଇଏନ୍‌ଏଲ୍‌ର ନିର୍ବାହୀ ସଂଘ ପକ୍ଷରୁ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଓ ପୂର୍ବତନ ଏମ୍‌ପି କଳିକେଶ



କେନ୍ଦ୍ର ମନ୍ତ୍ରୀଙ୍କ ସହ ନିର୍ବାହୀ ସଂଘର ସଦସ୍ୟ

ନାରାୟଣ ସିଂଦେଓଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ ଯେ, ଏନ୍‌ଆଇଏନ୍‌ଏଲ୍ କାରଖାନାରେ ଗତ ୪ ବର୍ଷ ହେଲା ପ୍ରାୟ ୨୦୧୦ କୋଟି ଟଙ୍କା କ୍ଷତିର ସମ୍ମୁଖୀନ ହୋଇଛି। ଏହା ପୂର୍ବରୁ କାରଖାନା ଚଳାଇବାକୁ ଏନ୍‌ଆଇଏନ୍‌ଏଲ ପକ୍ଷରୁ ରାଜ୍ୟ ସରକାରଙ୍କୁ ସହଯୋଗ କାମନା କରାଯାଇଥିଲା। ମାତ୍ର ରାଜ୍ୟ ସରକାର କୌଣସି ନିଷ୍ପତ୍ତି ନେଇ ନ ଥିବା ସୂଚନା ମିଳିଛି। ପୂର୍ବରୁ ସେଲ୍ ପକ୍ଷରୁ ନୀଳାଚଳ କାରଖାନା ସହିତ ମିଶ୍ରଣ ପାଇଁ ଅନେକ ଥର ଉଦ୍ୟମ ହୋଇଛି। ନୀଳାଚଳ କାରଖାନାକୁ ଗ୍ରହଣ କରିବାକୁ ୨୦୦୭, ୨୦୧୦ ଓ ୨୦୧୪ରେ ସେଲ୍ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଥିଲା। କିନ୍ତୁ ବିଭିନ୍ନ କାରଣରୁ ଏହା ସମ୍ଭବ ହୋଇ ପାରି ନ ଥିଲା। ବର୍ତ୍ତମାନ ଏମ୍‌ଏମ୍‌ସି ପୁଞ୍ଜି ପ୍ରତ୍ୟାହାର ନିଷ୍ପତ୍ତି ନେବା ପରେ ସେଲ୍ ପାଇଁ ବାଟ ଖୋଲିଛି। ସେଲ୍ ସହିତ ଏନ୍‌ଆଇଏନ୍‌ଏଲ୍‌ର ମିଶ୍ରଣ ହେଲେ ନୀଳାଚଳ କାରଖାନାର ବିକାଶ ହେବା ସହିତ କର୍ମଚାରୀଙ୍କ ଭବିଷ୍ୟତ ସୁରକ୍ଷିତ ହୋଇ ପାରିବ ବୋଲି କର୍ମଚାରୀମାନେ ଦାବିକରିଛନ୍ତି। ଏନ୍‌ଆଇଏନ୍‌ଏଲ୍‌ର ନିର୍ବାହୀ ଅଧିକାରୀ ଆସୋସିଏଶନର ସଭାପତି ସୁବାସ ଚନ୍ଦ୍ର ସାହୁ, ସମ୍ପାଦକ ବିଭୁପ୍ରସାଦ ପାଲ, ବସନ୍ତ ନାୟକ, ସ୍ୱରୁପାନନ୍ଦ ମହାପାତ୍ର, ମାନସ ରାୟ, ବି.ଡି. ତ୍ରିପାଠୀ ଏହି ମର୍ମରେ କେନ୍ଦ୍ରମନ୍ତ୍ରୀ ଷଡଙ୍ଗୀ ଓ ପୂର୍ବତନ ଏମପି ସିଂହଦେଓଙ୍କ ସହିତ ପୃଥକ ଭାବେ ଭେଟି ଆଲୋଚନା କରିଛନ୍ତି।

## ଅଜଣା ରୋଗରେ ୧୨ ହଜାରରୁ ଊର୍ଦ୍ଧ୍ୱ ଗୋରୁ ଆକ୍ରାନ୍ତ

**କଳିଙ୍ଗନଗର,୨୪।୮(ଡି.ଏନ୍.ଏ)**

ଦାନଗଦୀ ବ୍ଲକରେ ଗୋରୁଙ୍କଠାରେ ଅଜଣା ରୋଗ ଦେଖାଦେଇଛି। ଏହି ରୋଗ ଆରମ୍ଭ ହେବା ସମୟରେ ଗୋରୁଙ୍କ ଦେହରେ ଚକଡା ଚକଡା ହୋଇ ଫୁଲିଯିବା ସହ ସେଥିରୁ ମାଂସ ବାହାରି ପଡୁଛି ଓ ପ୍ରଚୁର ରକ୍ତସ୍ରାବ ହେଉଛି। ଫଳରେ ଗୋରୁ ଖାଦ୍ୟ ଖାଉ ନାହାନ୍ତି। ବାଛୁରୀଗୁଡ଼ିକ ମା'ଠାରୁ କ୍ଷୀର ମଧ୍ୟ ଖାଉ ନାହାନ୍ତି। ଏହି ଅଜଣା ରୋଗରେ ତ୍ରିଜଙ୍ଗା ଗାଁର ମନ୍ମଥ ଧୀର ଓ ଜଗନ୍ନାଥ ଧୀରଙ୍କ ବାଛୁରୀର ମୃତ୍ୟୁ ଘଟିଛି। ପଞ୍ଚାୟତରେ ଆହୁରି ଅନେକ ଗୋରୁ ଓ ବାଛୁରୀ ରୋଗାଗ୍ରସ୍ତ ଅବସ୍ଥାରେ ଗୁହାଳରେ ପଡ଼ି ରହିଛନ୍ତି। ସେହିପରି ଧୂଳିଗଡ, ରଣାଗୁଣ୍ଡି, ଓଲଳ, ରାଣିପଡା, ଜଖପୁରା, ପଙ୍କପାଳ, କୁମ୍ଭିରଗାଡିଆ, ଖପୁରିଆପଦା, ରାଛିପୁର, ମଙ୍ଗଳପୁର, ଚିତ୍ରୀ, ନଛିପୁରା, ଉଛବାଲି, କିଆଝର, ଓସ୍ତପାଳ, ଶାଳିଜଙ୍ଗା, ଦେଉଳକଣ, ନଡିଆଭଙ୍ଗା, ଚାନ୍ଦିଆ ଆଦି ୨୩ଟି ପଞ୍ଚାୟତରେ ଗତ ଦେଢ ମାସ ହେବ ଏହି ରୋଗ ବ୍ୟାପିବାରେ ଲାଗିଛି। ଏ ସମ୍ପର୍କରେ ଦାନଗଦୀ ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ବିଭୁପ୍ରସାଦ ନାୟକଙ୍କୁ ପଚାରିବାରୁ, ସେ ଏହା ଏକ ଭୂତାଣୁଜନିତ ରୋଗ ବୋଲି କହିଛନ୍ତି। ଯାହାକି ଦାନଗଦୀ ବ୍ଲକରେ ଦିନକୁ ଦିନ ବ୍ୟାପି ଚାଲିଥିବାବେଳେ ପ୍ରାୟ ୧୨ହଜାରରୁ ଊର୍ଦ୍ଧ୍ୱ ଗୋରୁ ଏଥିରେ ଆକ୍ରାନ୍ତ ହୋଇଛନ୍ତି। ଏହାର ପ୍ରତିକାର ପାଇଁ କୌଣସି ପ୍ରତିଷେଧକ ବାହାରି ନାହିଁ ବୋଲି ନାୟକ କହିଛନ୍ତି।







# ୪ ଆନ୍ତଃ ରାଜ୍ୟ ଡକାୟତ ଗିରଫ

### ବନ୍ଧୁକ, ଜୀବନ୍ତ ଗୁଳି ସହ ବହୁ ମାରଣାସ୍ତ୍ର ଜବତ

**ଧର୍ମଶାଳା ୨୪।୮(ଡିଏନଏ)**

ଧର୍ମଶାଳା ପୋଲିସ ଶୁକ୍ରବାର ରାତିରେ ୪ଜଣ କୁଖ୍ୟାତ ଡକାୟତଙ୍କୁ ଗିରଫ କରିଛି। ଏଥିସହ ତାଙ୍କ ନିକଟରୁ ବହୁ ମାରଣାସ୍ତ୍ର ଜବତ କରିଛି। ଜାରକା ଅଞ୍ଚଳରେ ଏକ ବଡ଼ଧରଣା ଲୁଟ ପାଇଁ ନିକଟସ୍ଥ ଦେଉଳି ପାହାଡ଼ରେ ଏହି ଡକାୟତ ଗ୍ୟାଙ୍ଗ ଯୋଜନା ପ୍ରସ୍ତୁତ କରୁଥିବାନେଇ ପୋଲିସ କୌଣସି ସୂତ୍ରରୁ ଖବର ପାଇ ସେଠାରେ ଚଢ଼ାଉ କରିଥିଲା। ଏହି ସମୟରେ ପୋଲିସ ଚାରି ଜଣ ଡକାୟତଙ୍କୁ କାବୁ କରିବା ସହ ସେମାନଙ୍କ ନିକଟରୁ ଏକ ଦେଶୀ ବନ୍ଧୁକ, ୫ଟି ଜୀବନ୍ତ ଗୁଳି, ଭୁଜାଲି, ବଡ଼ କଟୁରୀ, ଲୁହାରଡ, ୫ଟି ମୋବାଇଲ, ଗୋଟିଏ ଟର୍ଚ୍ଚ ଜବତ କରିବା ସହିତ ସେମାନେ ବ୍ୟବହାର କରୁଥିବା ୪ଗୋଟି ବାଇକକୁ ଜବତ କରିଥିଲା। ଗିରଫ ଅଭିଯୁକ୍ତ



ଗିରଫ ୪ ଆନ୍ତଃ ରାଜ୍ୟ ଡକାୟତ।

ହେଲେ ପୁରୀ ସଦର ଥାନା ଅନ୍ତର୍ଗତ ଅଳିକିଆ ଗ୍ରାମର ନରେଶ ପ୍ରଧାନ(୨୭),ମହାରାଷ୍ଟ୍ର ଆକୋଲା ଜିଲା ମାଗିରି ଖଣ୍ଡାଲା ଗ୍ରାମର ଅମର ଓଁକାର ଶୋଲେଙ୍କି (୨୨), ଗଞ୍ଜାମ ଜିଲା ସୋରଡା ଥାନା ଅନ୍ତର୍ଗତ ଲଥିପଡ଼ାଗ୍ରାମର ବାବୁସାନ ସ୍ୱାଇଁ (୨୦), ଖୋର୍ଦ୍ଧା ଜିଲା ଧଉଳୀ ଥାନା ଅନ୍ତର୍ଗତ ରଘୁନାଥପୁର ଗ୍ରାମର ସନ୍ଦୀପ ଭୋଇ(୨୨)। ଏ ନେଇ ଯାଜପୁର ଅତିରିକ୍ତ ଏଏସ୍‌ପି ଅକ୍ଷୟ କୁମାର ଦାସ ଓ ଥାନା ଅଧିକାରୀ ସରୋଜ କୁମାର ସାହୁଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ଗିରଫ ଡକାୟତମାନେ ଧର୍ମଶାଳା ଥାନା ଅନ୍ତର୍ଗତ ସେରବାଲି ପେଟ୍ରୋଲପମ୍ପରେ ଡକାୟତ କରିବା ପାଇଁ ପ୍ରସ୍ତୁତ ହେଉଥିଲା ବେଳେ ପୋଲିସ ୪ଜଣଙ୍କୁ ଧରିଥିଲା। ଗିରଫ ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ଥିବା ପୋଲିସ ସୂଚନା ଦେଇଛି। ମହାରାଷ୍ଟ୍ରର ଅମର ଶୋଲେଙ୍କି ଏକ କୁଖ୍ୟାତ ଡକାୟତ ହୋଇଥିବାବେଳେ ତାଙ୍କ ନାମରେ ବିଭିନ୍ନ ରାଜ୍ୟରେ ମାମଲା ରହିଛି। ଏପରି କି ସେ ଏନ୍‌କାଉଣ୍ଟର ମାମଲାରେ ମଧ୍ୟ ସମ୍ପୃକ୍ତ ଥିବା ଯାଜପୁର ଅତିରିକ୍ତ ଏସ୍‌ପି ସୂଚନା ଦେଇଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ.୩୩୬/୧୯) ରୁଜୁ କରି ଅଭିଯୁକ୍ତ ୪ଆନ୍ତଃରାଜ୍ୟ ଡକାୟତଙ୍କୁ ଶନିବାର ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି।




### ଭୁଶୁଡିଲା ନିର୍ମାଣାଧୀନ ସେତୁ

# ରାତାରାତି ମାଟି ପକାଇ ପୋତି ଦେବାକୁ ପ୍ରୟାସ

**ଯାଜପୁର ଟାଉନ,୨୪।୮(ଡିଏନଏ)**

### ନିମ୍ନମାନର କାର୍ଯ୍ୟ ଅଭିଯୋଗ

ଯାଜପୁର ବ୍ଲକ ଚଇନପୁର ପଞ୍ଚାୟତ ବେଲେଶ୍ୱର ପୀଠଠାରେ ନିର୍ମାଣାଧୀନ ସେତୁର ଏକ ସ୍ଲାବ୍ ଖସିପଡିଛି। ସୌଭାଗ୍ୟବଶତଃ ଏହି ସମୟରେ ଘଟଣାସ୍ଥଳରେ କେହି ଶ୍ରମିକ ନ ଥିବାରୁ ଏକ ବଡଧରଣର ଦୁର୍ଘଟଣା ଏଡାଇ ଯାଇଛି। ଏହି ଘଟଣାକୁ ଲୁଚାଇବା ପାଇଁ ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥାଧିକାରୀମାନେ ରାତାରାତି ସ୍ଲାବ୍ ଉପରେ ମାଟି ପକାଇଥିବା ଦେଖିବାକୁ ମିଳିଛି। ମାତ୍ର ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ନିମ୍ନମାନର କାର୍ଯ୍ୟ ଯୋଗୁ ଏଭଳି ହୋଇଛି ବୋଲି ଅଞ୍ଚଳବାସୀ କହିବା ସହିତ ଏହାର ତଦନ୍ତ କରିବାକୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି କରିଥିଲେ। ମାତ୍ର କେହି କର୍ଣ୍ଣପାତ କରି ନ ଥିଲେ। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଗ୍ରାମବାସୀମାନେ ଜିଲାପାଳ ଓ ବିଧାୟକଙ୍କ ନିକଟରେ ଦାବି କରିଛନ୍ତି।

ସୂଚନା ଯେ, ଚଇନପୁର ପଞ୍ଚାୟତ ବେଲେଶ୍ୱରଠାରୁ ପଣସା ପଞ୍ଚାୟତର କୁଶି, ବାରଭାଗିଆ, ବେହେରାପାଟଣା, କୁଞ୍ଜବିହାରୀପୁର ଗ୍ରାମକୁ ସଂଯୋଗ କରିବାକୁ ବୈତରଣୀ ନଦୀରେ ଏକ ସେତୁ ନିର୍ମାଣ ପାଇଁ ସ୍ଥାନୀୟ ବାସିନ୍ଦା ଦୀର୍ଘଦିନ ଧରି ଦାବି କରି ଆସୁଥିଲେ। ଏହି ସେତୁ ନିର୍ମାଣ ହେଲେ ବେଲେଶ୍ୱର ଛକରୁ କୁଶି, ବାରଭାଗିଆ, ବେହେରାପାଟଣା, କୁଞ୍ଜବିହାରୀପୁର ଗ୍ରାମକୁ ଯାଜପୁର, ଷଠିପୁର ମୁଖ୍ୟରାସ୍ତାକୁ ସଂଯୋଗ ହୋଇପାରିବ। ୨୦୧୬ରେ କୁଶି ସେତୁର କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଥମେ ୨କୋଟି ୮୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନଦୀରେ ଏକ ସେତୁ ନିର୍ମାଣ ହୋଇଥିଲା। କିନ୍ତୁ ଏହି ସେତୁ ନିର୍ମାଣ ପରେ ଲୋକଙ୍କ ସମସ୍ୟା ଦୂର ହୋଇପାରି ନ ଥିଲା। ବନ୍ୟା ସମୟରେ ଲୋକେ ଯାତାୟାତ ପାଇଁ ଘୋର ସମସ୍ୟାରେ ପଡ଼ିଥିଲେ। ପରେ ଏହି ସେତୁକୁ କେନାଲ ବନ୍ଧ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ପାଇଁ ଗ୍ରାମ ଉନ୍ନୟନ ସଂସ୍ଥା ଦ୍ୱାରା ୨୦୧୮ ଅଗଷ୍ଟ ୪ରେ ଶୈଳବାଳା କନ୍‌ଷ୍ଟ୍ରକ୍‌ଶନ୍ ୩କୋଟି ୭୨ଲକ୍ଷ ୬୫ହଜାର ଟଙ୍କା ବ୍ୟୟ ଅଟକଳରେ ଏହି ସେତୁ କାର୍ଯ୍ୟ ଚୁକ୍ତି ହୋଇଥିଲା। କାର୍ଯ୍ୟ ଆରମ୍ଭ ଦିନରୁ ଗ୍ରାମବାସୀମାନେ ନିମ୍ନମାନର କାର୍ଯ୍ୟ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ବିଭାଗୀୟ ଅଧିକାରୀ ଏହାକୁ କର୍ଣ୍ଣପାତ କରିନଥିଲେ। ସେତୁର ସମସ୍ତ ପିଲର ସରିବା ପରେ ୨ଟି ପିଲର ମଧ୍ୟରେ ଛାତ ପଡୁଥିଲା। ନିମ୍ନମାନର କାର୍ଯ୍ୟ ଯୋଗୁ ବୁଧବାର ସନ୍ଧ୍ୟାରେ ନିର୍ମାଣାଧୀନ ସେତୁ ଛାତ ଖସି ପଡିଥିଲା। କେହି ଜାଣିବା ପୂର୍ବରୁ ଏହାକୁ ଲୁଚାଇ ଦେବାକୁ ଚେଷ୍ଟା କରାଯାଇଥିଲା। ଖସି ପଡିଥିବା ଛାତ ଉପରେ ରାତାରାତି ମାଟି ପକାଇ ପୋତି ଦିଆଯାଇଥିଲା। ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯିବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନାହିଁ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ମା’ ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି,
ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
- ସନ୍ଥ ତୁଳସୀ ଦାସ

# ମଠ, ମନ୍ଦିର ପାଲଟିଛି ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳ

## ନୀରବଦ୍ରଷ୍ଟା ପାଣିକୋଇଲି ପୋଲିସ ଓ ଅବକାରୀ ବିଭାଗ

କୋରେଇ,୨୪।୮(ସ୍ୱ.ପ୍ର)

ଦିନକୁ ଦିନ ଗ୍ରାମାଞ୍ଚଳରେ ନିଶାଗ୍ରସ୍ତ ତଥା ଅସାମାଜିକ ଲୋକଙ୍କ ପାଦୁର୍ଭାବ ବଢ଼ିବାରେ ଲାଗିଛି। ଗାଁ ଗଣ୍ଡାରେ ଥିବା ପାନ ଦେକାନରେ ଚୋରା ମଦ ବିକ୍ରି ହେବାକୁ ଲାଗିଥିବାବେଳେ ଗଞ୍ଜେଇ ବେପାର ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ପାନ ଦେକାନୀମାନେ ଗଞ୍ଜେଇ ବେପାରର ନୂଆ ଫଣ୍ଡା ଆପଣାଇବାରେ ଲାଗିଛନ୍ତି। ସେମାନେ ଗଂଜେଇକୁ ସିଗାରେଟରେ ଭର୍ତ୍ତି କରି ୧୦ରୁ ୨୦ ଟଙ୍କାରେ ବିକୁଛନ୍ତି, ଯାହା ଫଳରେ ଯୁବପିଢ଼ି ଏହାପ୍ରତି ଆକୃଷ୍ଟ ହେବାରେ ଲାଗିଥିବା କୁହାଯାଉଛି। ଏହି ବେପାରରୁ ବାଦ୍ ପଡିନାହିଁ ଯାଜପୁରର ଜଣାଶୁଣା ଅଞ୍ଚଳ ଶଙ୍ଖଚିଲା। ଶଙ୍ଖଚିଲା ମା’ ହେଙ୍ଗୁଳାଙ୍କ ପାଇଁ ସାରା ରାଜ୍ୟରେ ପରିଚିତ। ଏହି ପୀଠରେ ମା’ଙ୍କୁ ଦର୍ଶନ କରିବା ପାଇଁ ରାଜ୍ୟର ବହୁ ଅଞ୍ଚଳରୁ ଭକ୍ତ ଆସିଥାନ୍ତି। କିନ୍ତୁ ଏହି ପୀଠକୁ ବଦନାମ କରିବାରେ ଲାଗି ପଡ଼ିଛନ୍ତି କେତେଜଣ ନିଶା ସାମଗ୍ରୀ ବିକ୍ରି କରୁଥିବା ବେପାରୀ। ବ୍ରାଉନସୁଗାର ଭଳି ନିଶା ସାମଗ୍ରୀ ମଧ୍ୟ ଏହି ଅଞ୍ଚଳରେ ବିକ୍ରି ଆରମ୍ଭ ହୋଇଯାଇଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ମଦ ଗଂଜେଇ ଅପେକ୍ଷା ବ୍ରାଉନସୁଗାରର କାରବାରର ପେଣ୍ଠସ୍ଥଳ ପାଲଟିବାକୁ ବସିଲାଣି ଶଙ୍ଖଚିଲା ଅଞ୍ଚଳ। ଏପରି କି, ଅସାମାଜିକ ଲୋକ ବ୍ରାଉନସୁଗାର, ମଦ, ଗଂଜେଇ ଆଦି ସେବନ କରିବା ପାଇଁ ଅଞ୍ଚଳରେ ଥିବା ମଠ ମନ୍ଦିରକୁ ବି ଛାଡୁ ନାହାନ୍ତି। ବ୍ରାଉନସୁଗାର ବେପାରୀମାନେ ବାଇକ୍ ଯୋଗେ ଆସି ସିମ୍ କାର୍ଡ ସାଇଜ ପୁଡିଆକୁ ୨୦୦ରୁ ୩୦୦ ଟଙ୍କାରେ ନିଶାଗ୍ରସ୍ତ ଲୋକଙ୍କୁ ଯୋଗାଇ ଦେଉଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଫଳରେ ଏହି ଅଞ୍ଚଳର ଯୁବପୀଢ଼ି ଏବେ ବ୍ରାଉନସୁଗାର ନିଶା କବଳରେ ଛନ୍ଦି ହେବାକୁ ବସିଲେଣି। କିନ୍ତୁ ଏହି ଅଞ୍ଚଳର ବ୍ରାଉନସୁଗାର, ଗଂଜେଇ, ମଦ ବେପାରୀଙ୍କ ଉପରେ ପାଣିକୋଇଲି ପୋଲିସ କିମ୍ବା ଅବକାରୀ ବିଭାଗର ଦୃଷ୍ଟି ପଡୁ ନ ପଡ଼ିବା ପରିତାପର ବିଷୟ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ଶଙ୍ଖଚିଲା ଫାଣ୍ଡି ଅଧିକାରୀ ଅଭୟ କୁମାର ନାଏକଙ୍କୁ ପଚାରିବାରୁ, ଏ ସମ୍ପର୍କରେ ସେ ଅବଗତ ନ ଥିଲେ। ଯଦି ସେଠାରେ ଏଭଳି ବେଆଇନ କାର୍ଯ୍ୟ ଚାଲିଥାଏ ତେବେ ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

## ସଂକ୍ଷେପରେ

### ‘ଚାଳଘର’ ସାହିତ୍ୟ ସଂସଦର ଆତ୍ମପ୍ରକାଶ ଉତ୍ସବ

ବରୀ, ୨୪।୮ (ସ୍ୱ.ପ୍ର)- ବରୀ ବ୍ଲକ କାଇପଡ଼ା କାଶିନାଥ ମହାବିଦ୍ୟାଳୟ ପରିସରରେ ‘ଚାଳଘର’ ସାହିତ୍ୟ ସଂସଦର ଆତ୍ମ ପ୍ରକାଶ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବର୍ଷୀୟାନ୍ ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ସାରଦା ପ୍ରସାଦ ମହାନ୍ତି, ସମ୍ମାନିତ ଅତିଥି ଖବରଦାତା କୈଳାସ ନାୟକ ପ୍ରମୁଖ ଯୋଗଦେଇ ଚାଳଘର ସାହିତ୍ୟ ସଂସଦ କିପରି ଦୀର୍ଘାୟୁ ହୋଇ ବରୀ ଅଞ୍ଚଳରେ କାର୍ଯ୍ୟ କରିବ ସେ ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରୀ ସାହିତ୍ୟ ସଂସଦ ସଭାପତି ଆଶୁତୋଷ ପରିଡ଼ା, ପୁଷ୍ପଗିରି ପରିଷଦ ସଭାପତି ବିଷ୍ଣୁଚରଣ ମହାନ୍ତି, କବୟିତ୍ରୀ ଭାରତୀ ଦାସ, ସାମାଜିକ କର୍ମୀ ଦେବେନ୍ଦ୍ର ଦାସ, ଗଗନ ବିହାରୀ ଯେନା, ମନୀନ୍ଦ୍ର ସାମଲ, କର୍ଣ୍ଣଚନ୍ଦ୍ର ଘଡ଼େଇ ପ୍ରମୁଖ ଶତାଧିକ ସାହିତ୍ୟିକ, ବୁଦ୍ଧିଜୀବୀ, ଶିକ୍ଷାବିତ୍‌ମାନେ ଯୋଗଦାନ କରି ନିଜର ମନ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ ପ୍ରତାପ ଚନ୍ଦ୍ର ଦାସ ବିବରଣୀ ପାଠ କରିଥିଲାବେଳେ ବିରଜା ପ୍ରସାଦ ପରିଡ଼ା ସଭାପତିତ୍ୱ କରିଥିଲେ। କବୟିତ୍ରୀ ଭାରତୀ ଦାସଙ୍କ ହାତ ତିଆରି ଚାଳ ଘରକୁ ମଞ୍ଚ ଉପରେ ମୁଖ୍ୟ ଅତିଥି ସାମଲ ଉଦ୍‌ଘାଟନ କରିଥିଲେ।

### କେନାଲରେ ବୁଡ଼ି ଶିଶୁକନ୍ୟାର ମୃତ୍ୟୁ

ଯାଜପୁର ଟାଉନ,୨୪।୮(ଡିଏନଏ)- ଯାଜପୁର ବ୍ଲକ ଜାହାନପୁର ପଞ୍ଚାୟତର ଶଙ୍ଖନାଳୀ ଗ୍ରାମର ଜଣେ ୫ବର୍ଷର ଶିଶୁ କନ୍ୟା କେନାଲରେ ବୁଡି ଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ପ୍ରକାଶ ଯେ, ଯାଜପୁର ଥାନା ଶଙ୍ଖାନଳୀ ଗ୍ରାମର ଶିବପ୍ରସାଦ ବେହେରାଙ୍କ ଝିଅ ସୋନାଲି କେନାଲ ନିକଟରେ ଥିବା ଏକ ମନ୍ଦିରକୁ ଭୋଗ ଖାଇବାକୁ ଯାଇଥିଲେ। ସେଠାରେ ସେ କେନାଲ ଭିତରକୁ ଗଳି ପଡିଥିଲେ। କେନାଲ ଦୁଇ ପାର୍ଶ୍ୱରେ ସିମେଣ୍ଟ କଂକ୍ରିଟ ହୋଇଥିବାରୁ ସେ ଉଠି ପାରି ନ ଥିଲେ। ପରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା।

### ଅରୁଣ ଜେଟ୍‌ଲିଙ୍କ ବିୟୋଗରେ ପ୍ରଫୁଲ୍ଲ ଘଡ଼େଇଙ୍କ ଶୋକ

କଳିଙ୍ଗନଗର,୨୪।୮(ଡି.ଏନ.ଏ) ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲିଙ୍କ ବିୟୋଗରେ ଓଡ଼ିଶାର ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ଭାରତୀୟ ଅର୍ଥନୀତି କ୍ଷେତ୍ରରେ ଜେଟଲିଙ୍କ ପ୍ରମୁଖ ଭୂମିକା ରହିଥିଲା ବୋଲି ସେ ପ୍ରକାଶ କରିଛନ୍ତି। ତାଙ୍କ ସମୟରେ ଭାରତୀୟ ଅର୍ଥନୀତିରେ ନୋଟବନ୍ଦୀ, ଜିଏସଟି ପ୍ରଚଳନ, ଡିବିଟି ଏବଂ ଡିଜିଟାଲ ପେମେଣ୍ଟ ଇତ୍ୟାଦି ଅନେକ ପଦକ୍ଷପ ନିଆଯାଇଥିଲା। ଫଳରେ ଭାରତୀୟ ଅର୍ଥନୀତିକୁ ନୂତନ ଦିଗନ୍ତ ଦେଖାଇଥିଲା। ଆଜି ଦେଶ ଜଣେ ମହାନ ରାଜନେତାଙ୍କୁ ହରାଇଲା। ଏହି ଅବସରରେ ଘଡ଼େଇ ଈଶ୍ୱରଙ୍କ ନିକଟରେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

### ସଂକୀର୍ତ୍ତନ ଗୁରୁଙ୍କ ପରଲୋକ

ଛତିଆ,୨୪।୮(ଡିଏନ୍ଏ)- ଛତିଆ ଅଞ୍ଚଳର ସର୍ବପୁରାତନ ସଂକୀର୍ତ୍ତନ ଗୁରୁ ଭାବେ ପରିଚିତ କାଳନ୍ଦୀ ଷେଣ୍ଡଙ୍କର ୮୫ବର୍ଷ ବୟସରେ ପରଲୋକ ହୋଇଯାଇଛି। ପରିଣତ ବୟସରେ ବି ସେ ତାଙ୍କ ସ୍ୱରର ଯାଦୁରେ ସବୁ ବର୍ଗର ଶ୍ରୋତାଙ୍କୁ ବାନ୍ଧି ରଖିବାରେ ଥିଲେ ସିଦ୍ଧହସ୍ତ। ସେ ଛତିଆ ସମେତ ବିଭିନ୍ନ ଗ୍ରାମରେ କଳା ପରିବେଷଣ କରି ପୁରସ୍କୃତ ମଧ ହୋଇଛନ୍ତି। ସେ ଅନେକ କଳାକାର ମଧ୍ୟ ତିଆରି କରିଛନ୍ତି। ତାଙ୍କ ମୃତ୍ୟୁ ଖବର ପ୍ରଚାର ହେଲାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ତାଙ୍କ ସଂକୀର୍ତ୍ତନ ପାଇଁ ଛତିଆ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ହଠାତ ଶନିବାର ସକାଳେ ତାଙ୍କ ଦେହ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ତୁରନ୍ତ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମର ଶରୀର ଗ୍ରାମରେ ପହଞ୍ଚିବା ପରେ ଅନେକ ବ୍ୟକ୍ତି ତାଙ୍କ ବାସ ଭବନରେ ପହଞ୍ଚି ତାଙ୍କୁ ଶେଷ ସମ୍ମାନ ଜଣାଇଥିଲେ ଏବଂ ନାମ ସଂକୀର୍ତ୍ତନ ସହ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା।

# ଭଗତ୍ ସିଂ ଯୁବକ ସଂଘ ପକ୍ଷରୁ ବୃକ୍ଷରୋପଣ

ଯାଜପୁର ରୋଡ,୨୪।୮(ନି.ପ୍ର)

ବୃକ୍ଷ ବିନା ଜୀବଜଗତ ଏହି ଧରାପୃଷ୍ଠରେ ତିଷ୍ଠିବା ଅସମ୍ଭବ। ବିଶ୍ୱରେ ପ୍ରଦୂଷଣ ହାର ବୃଦ୍ଧି ପାଇବା ସହିତ ଜଙ୍ଗଲ କ୍ଷୟ ହେଉଛି। ଏହା ବିଶ୍ୱବାସୀଙ୍କ ପାଇଁ ଅଧିକ ବିପଦାପନ୍ନ ହୋଇଛି। ବୃକ୍ଷରୋପଣ କରି ଧରାପୃଷ୍ଠକୁ ବଞ୍ଚାଇବା ପାଇଁ ସବୁବେଳେ ସଚେତନ ନାଗରିକ ଓ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଏହାକୁ ପାଥେୟ କରି ଶହୀଦ୍ ଭଗତ୍ ସିଂ ଯୁବକ ସଂଘ ଯାଜପୁର ରୋଡ ସହରକୁ ସବୁଜିମା କରିବା ପାଇଁ ଆଗେଇ ଆସିଛି। ଶନିବାରଠାରୁ ସହରର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ କରିଛି। ସ୍ଥାନୀୟ ଯୋଡ଼ାବର (୧ନମ୍ବର ୱାର୍ଡ)ର ହନୁମାନ ମନ୍ଦିର, ଶିବ ମନ୍ଦିର, ଯୋଡାବର ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣ ଏବଂ ରାସ୍ତା କଡ଼ରେ ସଂଘ ପକ୍ଷରୁ ବୃକ୍ଷରୋପଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ସଂଘ ସଭାପତି ରାଜେନ୍ଦ୍ର ବିଶ୍ୱାଳ ବିଦ୍ୟାଳୟର କୁନିକୁନି ପିଲାଙ୍କୁ ବାୟୁ ମଣ୍ଡଳକୁ ସ୍ୱଚ୍ଛ ରଖିବାକୁ ହେଲେ ଗଛଟିଏ ଲଗାଇବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ପ୍ରତେକ ପିଲା ନିଜ ବାଡିରେ ଗଛଟିଏ ଲଗାଇ ତାହାର ଯତ୍ନ ନେବାକୁ ପରାର୍ମଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସଂଗଠନର ଉପଦେଷ୍ଟା ଚନ୍ଦ୍ରମଣୀ ସାମଲ, ନାରାୟଣ ଚନ୍ଦ୍ର ନାୟକ, ପ୍ରଫୁଲ୍ଲ ନାୟକ, ସମ୍ପାଦକ ହେମନ୍ତ କୁମାର ଧିର୍, ସହ-ସମ୍ପାଦକ ଅକ୍ଷୟ ନାୟକ, ଉପସଭାପତି କଳିଙ୍ଗ ପହି, ମାଣିକ ଗାଗରାଇ, ମହେଶ୍ୱର ନାୟକ, ସୁଚିସ୍ମିତା ପହି, ବିଜୟ ନନ୍ଦୀ, ଗୋବିନ୍ଦ ବାରିକ୍, ଉପେନ୍ଦ୍ରନାଥ ମହାନ୍ତି, ଚିନ୍ତାମଣି ମଲ୍ଲିକ, ଶିକ୍ଷୟିତ୍ରୀ ସୁଷମା ପହି, ଅଙ୍ଗନୱାଡି ଦିଦି ବିଷ୍ଣୁପ୍ରିୟା ସାମଲ ପ୍ରମୁଖ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ।



ବୃକ୍ଷରୋପଣ କାର୍ଯକ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର, ସଂଘର ସଦସ୍ୟମାନେ ।

## ନିଶା ଦେଇ ଲୁଟ୍ ଅଭିଯୋଗ, ଯୁବକ ଉଦ୍ଧାର

ଛତିଆ,୨୪।୮(ଡିଏନ୍ଏ)

ବୈରୀ ଥାନା ଛତିଆ ୧୬ନଂ ଜାତୀୟ ରାଜପଥ ଚଟିଘର ଛକ ନିକଟରେ ଶନିବାର ସକାଳେ ନିଶାଗ୍ରସ୍ତ ଅବସ୍ଥାରେ ପଡ଼ିଥିବା ଜଣେ ଯୁବକଙ୍କୁ ଉଦ୍ଧାର କରାଯାଇଥିଲା। ଉକ୍ତ ଯୁବକ ହେଲେ କଟକ ଜିଲା ସାଲେପୁର ଥାନା କାଶିପୁରା ଗ୍ରାମର ମନୋଜ ଦାସ (୩୨)। ତାଙ୍କୁ ମିଟୁ ବାରିକ ନାମକ ଦୋକାନୀ ଉଦ୍ଧାର କରି ମନୋଜଙ୍କ ମୋବାଇଲ ଯୋଗେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚିବା ପରେ ତାଙ୍କୁ ହସ୍ତାନ୍ତର କରିଥିଲେ। ସେ ଜିନ୍ଦଲ କମ୍ପାନୀରେ ଗାଡ଼ି ଚାଳକ ଭାବେ କାର୍ଯ୍ୟ କରୁଥିଲେ ବୋଲି ଜଣାପଡିଛି। ସେ ଶୁକ୍ରବାର ଜଗତପୁର ବସ୍‌ଷ୍ଟାଣ୍ଡରୁ ଜୁବୁରୀ ଯାଉଥିଲେ। ବସ୍ ନ ମିଳିବାରୁ ସେ ଏକ ବୋଲେରୋକୁ ଲିଫ୍ଟ ମାଗି ଫେରୁଥିବାବେଳେ ବାଟରେ ଜଳଖିଆ କରିଥିଲେ। ଏହାପରେ ସେ କିଛି ଜାଣି ନ ଥିବା କହିଛନ୍ତି। ତେବେ ତାଙ୍କ ପାଖରେ ଥିବା ଟଙ୍କା, ଏଟିଏମ୍ କାର୍ଡ ଆଦି ଗାଏବ ଥିବା ସେ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛାଞ୍ଚୁଣି ବିକିଲି, ଦରପଣ କଲି**
**କୁଲା ବିକି କଲି ଚାଦର**
**ମାଆ ବିକୁଥିଲା ତାମ୍ପଡ଼ା ଶୁଖୁଆ**
**ବାପ ବିକୁଥିଲା ପତର ।**

ସାଧାରଣତଃ ଅନେକ ବ୍ୟକ୍ତି ଛୋଟରୁ ବଡ଼ ହୋଇସାରିବା ପରେ ଅତୀତର ଦାରିଦ୍ର୍ୟ ଅବସ୍ଥାକୁ ପାସୋରି ଦେଇଥାନ୍ତି। ବର୍ତ୍ତମାନର ସୁଖ ସ୍ୱାଚ୍ଛନ୍ଦ୍ୟ ଅବସ୍ଥାକୁ ନେଇ ଗର୍ବ ପ୍ରକାଶ କରିଥାନ୍ତି। ଧନ ଗର୍ବରେ ମତୁଆଲା ହୋଇ ଅହଂକାର କରି କରନ୍ତି। ତେବେ ପୂର୍ବ ଦାରିଦ୍ର୍ୟ ଅବସ୍ଥାକୁ ବ୍ୟକ୍ତି କିଭଳି ଅତିକ୍ରମ କରିଆସିଛି ତାହା ସେ ମନରୁ ପାସୋରି ନ ଦେବା ଉଚିତ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଛି ଲୋ ଛି**
**ବୁଡ଼ି ନ ମରି ପହଁରୁଛି ।**

ଯେଉଁମାନେ ଅଲାଜୁକ ଶ୍ରେଣୀର ତାଙ୍କ ମୁହଁରେ କିଛି ଲାଜ ସରମ ନ ଥାଏ। ତାଙ୍କ କାର୍ଯ୍ୟକଳାପ କାହାର ପସନ୍ଦଯୋଗ୍ୟ ହୋଇ ପାରି ନ ଥାଏ। ଯେତେ କହିଲେ ମଧ୍ୟ ତାଙ୍କ ହାବଭାବରେ କୌଣସି ପରିବର୍ତ୍ତନ ଘଟୁ ନ ଥିବା ସ୍ଥଳେ ଏପରି ଅଲାଜୁକ ବେସରମ ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

# ନୂଆ ମୋଡ଼ ନେଲା ସାଦକପୁର ପଞ୍ଚାୟତ ଦୁର୍ନୀତି ମାମଲା

କୋରେଇ,୨୪।୮(ସ୍ୱପ୍ର)

କୋରେଇ ବ୍ଲକ ସାଦକପୁର ପଞ୍ଚାୟତର ଅର୍ଥ ହେରଫେର ମାମଲା ଏବେ ନୂଆ ମୋଡ଼ ନେଇଛି । ପଞ୍ଚାୟତ ଚର୍ତୁଦଶ ଅର୍ଥ କମିଶନ ଅର୍ଥ ଉଠାଣକୁ ନେଇ ସରପଞ୍ଚ ଓ ପିଇଓ (ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ) ମୁହାଁମୁହିଁ ହୋଇଥିବାବେଳେ ସମସ୍ତେ ନିଜ ଉପରୁ ଦୋଷ ଛଡାଇବା ପାଇଁ ପରସ୍ପରକୁ ଦୋଷାରୋପ କରିବାରେ ଲାଗି ପଡ଼ିଛନ୍ତି। ଜାଲ୍ ଦସ୍ତଖତ କରାଯାଇଥିବା ନେଇ ପିଇଓ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିବାବେଳେ ସରପଞ୍ଚ ରଶ୍ମିରେଖା ଗାହାଣ ମଧ କୋରେଇ ଥାନାରେ ତାଙ୍କ ଦସ୍ତଖତ ନକଲି ବୋଲି ଅଭିଯୋଗ କରିଛନ୍ତି । ଉଭୟେ ଉଭୟଙ୍କୁ ଦୋଷାରୋପ କରୁଥିବାବେଳେ ଉଭୟଙ୍କ ଦସ୍ତଖତ ନକଲି ବୋଲି ଉଭୟ ପ୍ରକାଶ କରିଛନ୍ତି। ପଞ୍ଚାୟତ ଜମାଖାତାରୁ ଦୁଇ ଜଣଙ୍କ ନାମରେ ୧ଲକ୍ଷ ୭୦ହଜାର ଟଙ୍କା ବ୍ୟାଙ୍କ ଜରିଆରେ ପଠାଯାଇଛି। ପଞ୍ଚାୟତର ପିଇଓ ଓ ସରପଞ୍ଚ ଏହା ଜାଣି ନ ଥିବାବେଳେ ଏହି ଟଙ୍କା ଲୋକଙ୍କ ଜମାଖାତାକୁ ଗଲା କିପରି ବୋଲି ତାହା ଏବେ ତଦନ୍ତର ମୁଖ୍ୟ ବିଷୟ ପାଲଟିଛି। ପିଇଓ ସତ୍ୟଭାମା ସାହୁ ଜିଲାପାଳଙ୍କ ନିର୍ଦ୍ଦେଶରେ ନିଲମ୍ବିତ ହୋଇଥିବାବେଳେ ସରପଞ୍ଚଙ୍କ ଅଜାଣତରେ ଚେକ ଆସିଲା କିପରି, ଚେକରେ ନକଲି ଦସ୍ତଖତ କିଏ କଲା, ବ୍ୟାଙ୍କରୁ ଟଙ୍କା ପଠାଗଲା କେମିତି ଭଳି ଅନେକ ପ୍ରଶ୍ନ ଉଠୁଛି।


CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

FINANCE
UNB ଋଣ ଲିମିଟେଡ୍ ଭରସାର ପ୍ରତିକ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ବେରୋଜଗାର ଏବଂ ସମସ୍ତ ଋଣ ମାତ୍ର ୫ ଘଣ୍ଟାରେ ଘରେବସି ପାଆନ୍ତୁ। 2% ସୁଧ 45% ଛାଡ
No File Charge No Guarantor
Vasundhara Mall, West Boring Canal Rd, Rajapur, Patna, Bihar 800001
7298510688
7055901278

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି
ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

!! ଋଣ ଋଣ ଋଣ !!
୧ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
7052572586
Add :- 41/14, Sec-1 Pushp Vihar, Delhi

LOAN ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା
1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ଋଣ | ବ୍ୟବସାୟ | ଗ୍ରୁପ ଋଣ
ଏଗ୍ରିକଲ୍‌ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ସତ୍ୟମ ଫାଇନାନ୍ସ
72910-60977
72910-46520
H.No-798, Block H, Jaitpur Extn Part-2, Badarpur, South Delhi

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1984ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ। ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
- ସ୍ପେଶାଲିଷ୍ଟ -
ବଶୀକରଣ ଓ ମୁଠକରଣ
ପ୍ରେମ ବିବାହ, ମନମୁତାବକ ପ୍ରେମ, ବଶୀକରଣ, ଯାଦୁ ଟୋନା, ମୁଠୀକରଣୀ,ବିଦେଶ ଯାତ୍ରା ଓ ବ୍ୟବସାୟରେ ପ୍ରତିବନ୍ଧକ, ବିବାହ-ପ୍ରେମରେ ବାଧା, କ୍ରୋଧି ଲୋକଙ୍କୁ ବଶୀଭୂତ କରିବା, ପୁରୁଣା ରୋଗରେ ଔଷଧ କାମ ନ କରିବା, ପତି-ପତ୍ନୀଙ୍କ ମଧ୍ୟରେ ମତାନ୍ତର, ଦୁଷ୍ଟ ଲୋକ ଏବଂ ଶତ୍ରୁଠାରୁ ମୁକ୍ତି ।
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

EDUCATION

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

HEALTH CARE

AT PURI AT PURI AT PURI
ଗୁପ୍ତ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ବୈବାହିକ ସମସ୍ୟା, ଶୀଘ୍ର ସ୍ଖଳନ, ପୁରୁଷ ସମସ୍ୟା, ମୂତ୍ରରେ ଧାତୁ ପଡିବା, ସ୍ତ୍ରୀ ରୋଗ - ରକ୍ତସ୍ରାବ ଅନିୟମିତତା, ଧଳାସ୍ରାବ, ସନ୍ତାନ ହୀନତା, ମୁଖବ୍ରଣ, ରୁପି ଏବଂ ସମସ୍ତ ଚର୍ମ ରୋଗର ଉତ୍ତମ ପରାମର୍ଶ ଏବଂ ଚିକିତ୍ସା।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm

BUSINESS

Hi-Tech Telecom Company Ltd.
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ। ଦରମା - 20,000/- ଓ ଅନ୍ୟାନ ସୁବିଧା ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ କରନ୍ତୁ
ଠକ ମାନ ଙ୍କୁ ସାବଧାନ !
345/4, Bhattarahalli, Old Madras Road, K.R. Puram, Bengaluru, Karnataka-560049
9430814236
6393626894


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୫ ଅଗଷ୍ଟ, ୨୦୧୯



ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
-ବୁକର ଟି. ୱାଶିଂଟନ



## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

ଧର୍ମଶାଳା/ ଚଢ଼େଇଧରା,୨୪।୮(ଡି.ଏନ୍.ଏ.): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ କୃଷ୍ଣପଶି ଗ୍ରାମରେ ଜଣେ ବିବାହିତ ଯୁବକ ବେକରେ ଦୌଡ଼ି ଦେଇ ଆତ୍ମହତ୍ୟା କରିଛନ୍ତି। କୃଷ୍ଣପଶି ଗ୍ରାମର ଅନନ୍ତ ଦାସ (୩୨) ଶୁକ୍ରବାର ରାତିରେ ଘର ଭିତରେ ଦୌଡ଼ି ଦେଇ ଆତ୍ମହତ୍ୟା କରିଥିଲେ। ଏଖବର ଜଣାପଡ଼ିବା ପରେ ଶନିବାର ସକାଳେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୦/୧୯) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଘଟଣାର ତଦନ୍ତ କରୁଛି। ଏଠାରେ ସୁଚନା ଯୋଗ୍ୟ ଯେ, ମୃତ ଅନନ୍ତଙ୍କ ଘର ଗୋପାଳପୁର ଗ୍ରାମରେ । ସେ ପ୍ରେମ ବିବାହ କରି ଶଶୁର ଘରେ କୃଷ୍ଣପଶିରେ ରହୁଥିଲେ। ତେବେ ପାରିବାରିକ କଳହ କାରଣରୁ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି।

# ସୌନ୍ଦର୍ଯ୍ୟ ହରାଉଛି ଓଳାଶୁଣୀ ପାହାଡ଼

### ଚାଲିଛି ବ୍ୟାପକ ଗଛ କଟା

ଚଣ୍ଡିଖୋଲ,୨୪।୮(ଡି.ଏନ.ଏ)

ରାଜ୍ୟର ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ଭାବେ ପରିଚିତ ଓଳାଶୁଣୀ ପାହାଡ଼ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ। ସେଥିପାଇଁ ଏଠାକୁ ଦୈନିକ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି। ବଡ଼ଚଣା ବ୍ଲକ ଅନ୍ତର୍ଗତ ଏହି ପାହାଡ଼ରେ ଜଙ୍ଗଲ ବିଭାଗ ତରଫରୁ ବ୍ୟାପକ ବୃକ୍ଷରୋପଣ କରାଯାଇଛି। ବୈରୀ ଡାଳିଯୋଡ଼ା ରେଞ୍ଜ ତରଫରୁ ଏହି ବୃକ୍ଷରୋପଣ କରାଯାଇଥିବାବେଳେ ଚଣ୍ଡିଖୋଲ ଫରେଷ୍ଟ ସେକ୍ସନ ଅଧୀନରେ ଏହାର ସୁରକ୍ଷା ଦାୟିତ୍ୱ ଦିଆଯିବା ସହ ଜଗୁଆଳି ନିଯୁକ୍ତ କରାଯାଇଛି। ପାହାଡ଼ଟି ସମ୍ପୂର୍ଣ୍ଣ ବୃକ୍ଷରାଜିରେ ଶୋଭା ପାଉଥିଲାବେଳେ ଏବେ କେତେକ କାଠ ମାଫିଆ ଜଙ୍ଗଲ ମଧ୍ୟରୁ ଗଛ କାଟି ବିକ୍ରି କରୁଛନ୍ତି।



ଯାହାଦ୍ୱାରା ଜଙ୍ଗଲ ନଷ୍ଟ ହେବାକୁ ବସିଛି। ବର୍ଷାଦିନ ପୂର୍ବରୁ ଏହି ପାହାଡ଼ର ସମ୍ପୂର୍ଣ୍ଣ ଅଂଶରେ ଗଛ ଲଗାଯାଇଥିଲା। ଏହି ଗଛଗୁଡ଼ିକ ବଢିଯିବା ଦ୍ୱାରା ଏହା ଘଞ୍ଚ ଜଙ୍ଗଲରେ ପରିଣତ ହୋଇଛି। ପରିବେଶର ସୁରକ୍ଷା ସହ ପର୍ଯ୍ୟଟନ କ୍ଷେତ୍ରର ସୌନ୍ଦର୍ଯ୍ୟକୁ ଏହି ଗଛଗୁଡ଼ିକ ବଢାଉଥିଲା। ମାତ୍ର ସେଠାରୁ ଗଛ କଟା ଯିବା ଦ୍ୱାରା ପାହାଡ଼ଟି ସୌନ୍ଦର୍ଯ୍ୟ ହରାଉଛି। ୨୦୧୮ରେ ଏହି ପାହାଡ଼ରେ ଲଗାଯାଇଥିବା ଗଛଗୁଡ଼ିକ ବର୍ତ୍ତମାନ ବଢି ୧୫ଫୁଟରୁ ୨୦ଫୁଟ ଉଚ୍ଚତା ବିଶିଷ୍ଟ ହୋଇସାରିଛି। ଏହା ମଧ୍ୟରୁ କାଠ ମାଫିଆମାନେ ବଡ଼ବଡ଼ ଗଛଗୁଡ଼ିକ କାଟି ବହ୍ଲା ତିଆରି କରିବା ପାଇଁ ନେଇ ଯାଉଛନ୍ତି। ମାସକ ମଧ୍ୟରେ ଏଠାରୁ ଦୁଇ ଟ୍ରକରୁ ଅଧିକ ଗଛ କଟାଯାଇ ଚୋରା ଚାଲାଣ ହୋଇଛି। ତୁରନ୍ତ ଜଙ୍ଗଲ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଗଛ କଟା ବନ୍ଦ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଚଣ୍ଡିଖୋଲ ଫରେଷ୍ଟର ଶଶିକାନ୍ତ ବେହେରାଙ୍କୁ ପଚାରିବାରୁ ସେ ବିଭାଗୀୟ କର୍ମଚାରୀଙ୍କୁ ପଠାଇ ଏହାର ତଦନ୍ତ କରିବେ ଓ ଯେଉଁମାନେ ଗଛ କାଟୁଥିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

#### ପୂରଣ ହେଲାନି ସିଆର୍‌ପିଏଫ୍‌ରେ ଯୋଗଦେବା ସ୍ୱପ୍ନ

## ଶାରୀରିକ ପରୀକ୍ଷାବେଳେ ଚାଲିଗଲା ଯୁବକଙ୍କ ଜୀବନ

ଚଣ୍ଡିଖୋଲ,୨୪।୮(ଡି.ଏନ.ଏ)

ସିଆରପିଏଫରେ ଯୋଗଦେବା ପାଇଁ ଶୁକ୍ରବାର ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା ଶାରୀରିକ ପରୀକ୍ଷା। ଏଥିରେ ପରୀକ୍ଷାର୍ଥୀମାନେ ୫ କିଲୋମିଟର ଦୌଡୁଥିବାବେଳେ ସେମାନଙ୍କ ମଧ୍ୟରୁ ହଠାତ୍ ଟଳି ପଡ଼ିଥିଲେ ମେଧାବୀ ଛାତ୍ର ପ୍ରୀତମ କୁମାର ବାରିକ(୨୩)। ସେ ଚଣ୍ଡିଖୋଲର କିଶୋର ବାରିକଙ୍କ ବଡ଼ପୁଅ। ତାଙ୍କର ଏଭଳି ଆକସ୍ମିକ ବିୟୋଗ ସମଗ୍ର ଅଞ୍ଚଳରେ ଦୁଃଖର ଛାୟା ଖେଳାଇ ଦେଇଛି।

ପ୍ରୀତମ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଶାରୀରିକ ପରୀକ୍ଷା ଦେଉଥିଲେ। ୫ କି.ମି. ଦୌଡ଼ିବାକୁ ଥିବାବେଳେ ସେ ୨ କି.ମି. ଅତିକ୍ରମ କରିବା ପରେ ହଠାତ୍ ତଳେ ପଡ଼ିଯାଇଥିଲେ। ତାଙ୍କୁ ସଙ୍ଗେସଙ୍ଗେ ସିଆରପିଏଫ କର୍ମଚାରୀମାନେ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ତେବେ ସେଠାରେ



ପ୍ରୀତମ କୁମାର ବାରିକ

ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଥିଲା। ଦୌଡୁଥିବାବେଳେ ତାଙ୍କର ରକ୍ତଚାପ ଜନିତ ବ୍ରେନ ଷ୍ଟ୍ରୋକ ହୋଇଥିବା ଜଣାପଡ଼ିଛି। ତାଙ୍କ ମରଶରୀର ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପ୍ରୀତମ ଜଣେ ମେଧାବୀ ଛାତ୍ର ଭାବେ ଜଣାଶୁଣା ଥିଲେ। ସେ ଏବେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ହିନ୍ଦୀ ଭାଷାରେ ସ୍ନାତକୋତ୍ତର ଅଧ୍ୟୟନ କରୁଥିଲେ।

### ଶିଲଂରେ ଉତ୍କଳ ସାଂସ୍କୃତିକ ସମାଜ ପକ୍ଷରୁ ଜନ୍ମାଷ୍ଟମୀ ପାଳିତ

ବିଞ୍ଝାରପୁର,୨୪।୮(ଡି.ଏନ.ଏ): ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମଉତ୍ସବ ବେଶ୍ ଆଡମ୍ବରରେ ଶୁକ୍ରବାର ଦେଶବ୍ୟାପୀ ପାଳିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ବାହାରେ ଥିବା ଓଡ଼ିଆମାନେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ ମହାଆଡମ୍ବରରେ ପାଳନ କରୁଥିବା ଦେଖିବାକୁ ମିଳିଛି। ଯାଜପୁର ଜିଲା ବିଞ୍ଝାରପୁର, ଦଶରଥପୁର ଅଞ୍ଚଳ ସହିତ କଟକ, କେନ୍ଦ୍ରାପଡ଼ା, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ଖୋର୍ଦ୍ଧା, ଜଗତସିଂହପୁର, ପୁରୀ, ଅନୁଗୋଳ ଆଦି ଅଞ୍ଚଳରୁ ମେଘାଳୟର ଶିଲଂଠାରେ ବସବାସ କରୁଥିବା ଶହ ଶହ ଓଡିଆମାନେ ସେଠାରେ ପ୍ରବାସୀ ଉତ୍କଳ ସାଂସ୍କୃତିକ ସମାଜ ଗଠନ କରି ଓଡ଼ିଶାର ବିଭିନ୍ନ ପର୍ବପର୍ବାଣି ପାଳନ ପରମ୍ପରା ସହିତ ପାଳନ କରିଥାନ୍ତି। ଚଳିତ ବର୍ଷ ମଧ ଏହି ଉତ୍କଳ ସାଂସ୍କୃତିକ ସମାଜ ପକ୍ଷରୁ ପବିତ୍ର ଜନ୍ମାଷ୍ଟମୀ ଉତ୍ସବକୁ ବେଶ ଧୁମଧାମରେ ଶିଲଂ ସ୍ଥିତ ଓକଲ୍ୟାଣ୍ଡ ପୂଜା ମଣ୍ଡପରେ ପାଳନ କରିଛନ୍ତି। ଭୁବନେଶ୍ୱରସ୍ଥିତ କଳାବିକାଶ କେନ୍ଦ୍ରର ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନୀୟ ଭାଷାବାସୀଙ୍କୁ ଓଡିଶାର ପରମ୍ପରା ପ୍ରତି ଆକୃଷ୍ଟ କରିପାରିଥିଲା। ଏହି ପୂଜା ଉତ୍ସବ ତିନିଦିନ ବ୍ୟାପୀ ମହା ସମାରୋପହରେ ପାଳିତ ହେଉଛି। ରବିବାର ଭଷାଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୁଚନା ମିଳିଛି। ଏହି ସମସ୍ତ କାର୍ଯ୍ୟକ୍ରମକୁ ପ୍ରବାସୀ ଉତ୍କଳ ସାଂସ୍କୃତିକ ସମାଜର ସଭାପତି ଆର.କେ ଶତପଥି, ସମ୍ପାଦକ ଚିତ୍ତ ରଞ୍ଜନ ସାମଲ, କୋଷାଧ୍ୟକ୍ଷ ସଞ୍ଜୀବ ମିଶ୍ର, ସାଂସ୍କୃତିକ ବିଭାଗ ସମ୍ପାଦକ ନକୁଳଚନ୍ଦ୍ର ସାମଲ, ପ୍ରଦୀପ କୁମାର ଦାସ, ରବୀନ୍ଦ୍ର କୁମାର ଧଳଙ୍କ ସମେତ ଅନୁଷ୍ଠାନର ସମସ୍ତ ସଭ୍ୟାସଭ୍ୟ ପରିଚାଳନା କରିଥିଲେ।

#### କ୍ରୋମ ଖଣିରେ ଫାଷ୍ଟ କମ୍ ଫାଷ୍ଟ ଲୋଡ୍ ବିବାଦ

## ଟ୍ରକ୍ ଭଙ୍ଗାରୁଜା ଅଭିଯୋଗରେ ମାମଲା ରୁଜୁ

କାଳିଆପାଣି,୨୪।୮(ଡିଏନଏ)

ସୁକିନ୍ଦା କ୍ରୋମ ଉପତ୍ୟାକାରେ ଫାଷ୍ଟ କମ୍ ଫାଷ୍ଟ ଲୋଡ ନିୟମ ଲାଗୁ ପାଇଁ ହାଇକୋର୍ଟ ଦେଇଥିବା ଆଦେଶକୁ ବିରୋଧ କରି ଗୁରୁବାର କିଛି ଟ୍ରକ ମାଲିକ କ୍ରୋମ ଲୋଡିଂ ପାଇଁ ଆସିଥିବା ଗାଡିଗୁଡିକୁ ଭଙ୍ଗାରୁଜା କରିବା ସହିତ ସମ୍ପୃକ୍ତ ଗାଡି ଚାଳକଙ୍କୁ ଆକ୍ରମଣ କରିଥିଲେ। ଏ ନେଇ କାଳିଆପାଣି ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଯାହାକୁ ନେଇ କାଳିଆପାଣି ଥାନା ପକ୍ଷରୁ ୫୦୬/୪୨୩ ଦଫାରେ ମାମଲା (ନଂ.୭୭/୨୦୧୯) ରୁଜୁ କରାଯାଇଛି। ଏହି ଘଟଣାରେ ପୋଲିସ ପ୍ରାଥମିକ ତଦନ୍ତ କରୁଥିବା ଜଣାପଡ଼ିଛି। ସୂଚନା ଥାଉକି, ଗୁରୁବାର ଭଙ୍ଗାରୁଜା ପଛରେ ସୁକିନ୍ଦା ମିନେରାଲ ଟ୍ରକ ମାଲିକ ସଂଘର ହାତ ଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ସଂଘ ସଭାପତି ଓ ଅନ୍ୟ କିଛି କର୍ମକର୍ତ୍ତାଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ଅଞ୍ଚଳର କିଛି ଗାଡି ମାଲିକ ୨ଟି ମୋଟର ସାଇକେଲ ଯୋଗେ ଆସି ଯାଜପୁରରୋଡ ଛୋଟରାୟ ଗ୍ରାମର ସାଧନ ଚନ୍ଦ୍ର ଘଡେଇଙ୍କ ୧୪ ଚକିଆ ଟ୍ରକ ସହିତ ଅନ୍ୟ ୨ଟି ଗାଡି ଉପରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ସମ୍ପୃକ୍ତ ଗାଡିଗୁଡିକର ଆଗ କାଚ ଓ ଡୋର୍ ଭାଙ୍ଗି ଯାଇଥିଲା। ଯାଜପୁରରୋଡ, ସୁକିନ୍ଦା, କୁହିକା, ଚଣ୍ଡିଖୋଲ ଅଞ୍ଚଳର ଶତାଧିକ ଟ୍ରକ ମାଲିକ ଏହା ପ୍ରତିବାଦରେ କାଳିଆପାଣି ଥାନା ଘେରାଉ କରିବା ସହିତ ଘଟଣାରେ ସମ୍ପୃକ୍ତ ସଂସ୍ଥା ଓ ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଥିଲେ। ହାଇକୋର୍ଟ ଫାଷ୍ଟ କମ୍ ଫାଷ୍ଟ ଲୋଡ ବ୍ୟବସ୍ଥା ଲାଗୁ ପାଇଁ ଜିଲା ପ୍ରଶାସନ ଓ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ ହେଁ ଲୋଡ଼ିଂ ପାଇଁ ଆସୁଥିବା ଗାଡିଗୁଡିକ ଉପରେ ଏପରି ଆକ୍ରମଣ ହେବା ଫଳରେ ଖଣି ଅଞ୍ଚଳରୁ କୌଣସି କ୍ରୋମ ପରିବହନ ହୋଇପାରି ନାହିଁ। କାଳିଆପାଣି ପୋଲିସ ପକ୍ଷରୁ ଟମକା ଓ କଲରଙ୍ଗୀଠାରେ ପୋଲିସ ମୁତୟନ କରାଯାଇ ଖଣି ଅଞ୍ଚଳକୁ ଆସୁଥିବା ଟ୍ରକଗୁଡ଼ିକୁ ଫେରାଇ ଦେଉଥିବାରୁ ଫାଷ୍ଟ କମ୍ ଫାଷ୍ଟ ଲୋଡ ନିୟମ ଲାଗୁ କରିବା ସପକ୍ଷରେ ନା ବିପକ୍ଷରେ ପୋଲିସ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ କାଳିଆପାଣି ଥାନାଧିକାରୀଙ୍କୁ ପଚାରିବାରୁ, ତଦନ୍ତ ଚାଲିଛି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



ଶ୍ରୀଲଙ୍କା ହାଇକମିଶନର ଅଷ୍ଟିଣ୍ ଫର୍ନାଡୋ ଓ ସ୍ତ୍ରୀ ସିଲ୍‌ଭା ଫର୍ନାଡୋ ଶନିବାର ବିଶ୍ୱପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରି ପରିଦର୍ଶନରେ ଆସିଛନ୍ତି।

### ଏଟିଏମ୍ କାର୍ଡ ବଦଳ କରି ୨୩ହଜାର ଲୁଟ

ବିଞ୍ଝାରପୁର,୨୪।୮(ଡି.ଏନ୍.ଏ.)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଛୋଳ ଗ୍ରାମର ନିରାକାର ସାମଲ ସିଂହପୁର ବଜାରସ୍ଥିତ ଏସ୍‌ବିଆଇ ଏଟିଏମ୍‌ରୁ ଟଙ୍କା ଉଠାଉଥିବାବେଳେ ଜଣେ ଅଜଣା ବ୍ୟକ୍ତି ଚତୁରତାର ସହ ଏଟିଏମ୍ କାର୍ଡକୁ ବଦଳ କରିନେଇ ୨୩ହଜାର ଟଙ୍କା ଲୁଟ କରି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ନିରାକାର ଜଣେ ଦିନମଜୁରିଆ ଅଟନ୍ତି। ତାଙ୍କର ସିଂହପୁର ଏସ୍‌ବିଆଇ ଶାଖାରେ ଜମାଖାତା ଅଛି। ନିରାକାର ଏଟିଏମ୍ କାର୍ଡ ମାଧ୍ୟମରେ ଅର୍ଥ ଉଠାଣ କିପରି ହୁଏ ଠିକ୍ ଭାବରେ ଜାଣି ନ ଥିବାବାରୁ ସେ ବିଭିନ୍ନ ସମୟରେ ଅନ୍ୟମାନଙ୍କ ସହାୟତାରେ ଟଙ୍କା ଉଠାଣ କରିଥାନ୍ତି। ଗତ ଶନିବାର ତାଙ୍କର ହଠାତ ଅର୍ଥ ଦରକାର ହେବାରୁ ସେ ସିଂହପୁରବଜାରସ୍ଥିତ ଏସବିଆଇ ଏଟିଏମ୍‌ରୁ ଅର୍ଥ ଉଠାଣ ସମୟରେ ଜଣେ ଅଜଣା ବ୍ୟକ୍ତିଙ୍କ ସହାୟତା ନେଇ ୫୫୦୦ଟଙ୍କା ଉଠାଣ କରିଥିଲେ। ହେଲେ ୫ଦିନ ପରେ ଅର୍ଥାତ ଶୁକ୍ରବାର ଅପରାହ୍ନରେ ପୁନଃ ଅର୍ଥ ଉଠାଣ କରିବାକୁ ଯାଇ ଜାଣିବାକୁ ପାଇଲେ ଯେ ତାଙ୍କ ଏଟିଏମ କାର୍ଡଟି ଉକ୍ତ ଦିନ ଚତୁରତାର ସହ ସେହି ଅଜଣା ବ୍ୟକ୍ତି ଜଣକ ବଦଳାଇ ନେଇଯାଇଛନ୍ତି । ଖାଲି ସେତିକି ନୁହେଁ ଦୁଇଥରରେ ତାଙ୍କ ଜମା ଖାତାରୁ ୨୩ହଜାର ଉଠାଣ ହୋଇଥିବା ଜାଣିବାକୁ ପାଇଥିଲେ। ଏହି ଘଟଣାକୁ ନେଇ ନିରାକାର ବିଞ୍ଝାରପୁର ଥାନାରେ ଅଭିଯୋଗ କରିଥିବା ଜଣାପଡିଛି।

### ୧୦୦ ସଫଳ କୃଷି ଉଦ୍ୟୋଗୀଙ୍କୁ ପ୍ରମାଣପତ୍ର



ସଫଳ କୃଷି ଉଦ୍ୟୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ରସୁଲପୁର,୨୪।୮(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ମୂଳାପାଳ ଛକ ନିକଟରେ ଶନିବାର ସେଞ୍ଚୁରିଆନ ୟୁନିଭର୍ସିଟି ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ୧୦୦ଜଣ ସଫଳ କୃଷି ଉଦ୍ୟୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ପ୍ରଥମାଖଣ୍ଡି ଓ ରାଜେନ୍ଦ୍ରପୁର ପଞ୍ଚାୟତର ଏହି ଚାଷୀଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ଗ୍ରାମତରଙ୍ଗ-ଭୁବନେଶ୍ୱର ଅନୁଷ୍ଠାନ ପକ୍ଷରୁ ତାଲିମ ପ୍ରଦାନ କରାଯାଇଥିଲା। ଛତୁ ଚାଷ ଉପରେ ତାଲିମ ପ୍ରଦାନ ପରେ ସେମାନଙ୍କୁ ଏଠାରେ ପ୍ରମାଣପତ୍ର ପ୍ରଦାନ ସହ ଚାଷୀ ଲୋଗୋ, ଜାକେଟ ଓ ଟୋପି ପ୍ରଦାନ କରାଯାଇଥିଲା।

ଚଳିତବର୍ଷ ଜାନୁୟାରୀ ମାସରେ ଏହି ଦୁଇ ପଞ୍ଚାୟତର ଚାଷୀଙ୍କୁ ନେଇ ଛତୁ ଚାଷ ସମ୍ପର୍କିତ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ୟୁନିଭର୍ସିଟି ପକ୍ଷରୁ ସମ୍ବଲ ଅଧିକାରୀ ଭାବରେ ଶ୍ରଦ୍ଧାଞ୍ଜଳି ମହାନ୍ତି, ବିନୟ କୁମାର ପ୍ରମୁଖ ଯୋଗଦେଇ ଛତୁ ଚାଷ ପ୍ରଣାଳୀ ସମ୍ପର୍କରେ ବୁଝାଇଥିଲେ। ବିଶେଷକରି ପାଳ ଛତୁ ଓ ଧିଙ୍ଗିରି ଛତୁ ଚାଷ କରି ଚାଷୀମାନେ କିଭଳି ଭାବରେ ଆତ୍ମ ନିର୍ଭଶୀଳ ହୋଇପାରିବେ ସେ ସମ୍ପର୍କରେ ପରାମର୍ଶ ଦିଆଯାଇଥିଲା। ଏଥିସହ ଛତୁ ଚାଷ କେବେ ଆରମ୍ଭ ହୋଇ ଶେଷ ହେବ। ଏଥିରେ ରୋଗପୋକ ନିରାକରଣ ଓ ତାର ଯତ୍ନ କିପରି ନିଆଯିବ, ଉତ୍ପାଦନ ବଢାଇବା ଦିଗରେ କ'ଣ ଉପାୟ ଅବଲମ୍ବନ କରାଯିବ, ପ୍ରତ୍ୟେକ ଦିନ ୨/୩ ଘଣ୍ଟା ସମୟ ଅପଚୟ କରି ମାସିକ ୧୦ /୧୫ ହଜାର ଟଙ୍କା ପର୍ଯ୍ୟନ୍ତ ଆୟ କରାଯାଇ ପାରିବ ବୋଲି ସୂଚନା ପ୍ରଦାନ କରିଥିଲେ। ଏଥିରେ ସଫଳ ହୋଇଥିବା ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା । ଏଥିସହ ଚାଷୀଙ୍କୁ ଗସ୍ତ ଖର୍ଚ୍ଚ ବାବଦକୁ ୫୦୦ଟଙ୍କା ଲେଖାଏ ସେମାନଙ୍କ ଖାତାକୁ ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରତମାଖଣ୍ଡି ପ୍ରାଥମିକ ସେବା ସମବାୟ ସମିତିର ନିର୍ଦ୍ଦେଶକ ପ୍ରମୋଦ କୁମାର ପଣ୍ଡା, ସମାଜସେବୀ ଲକ୍ଷ୍ମୀଧର ଭୋଇ, ମା' ସନ୍ତୋଷି ଫାଉଣ୍ଡେଶନର ମୁଖ୍ୟ ପ୍ରଭାସ ଜ୍ୟୋତି ମହାନ୍ତି ପ୍ରମୁଖ ଅତିଥି ଭାବରେ ଯୋଗଦେଇ ସଫଳ ଛତୁ ଚାଷୀଙ୍କୁ ବିଭିନ୍ନ ଜାତୀୟକରଣ ବ୍ୟାଙ୍କରୁ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନର ସୁବିଧା ମିଳି ପାରିବ ବୋଲି ସୂଚନା ପ୍ରଦାନ କରିଥିଲେ।

## ଇଚ୍ଛାପୁରରେ ଭାଙ୍ଗିଲେ ଦଧି ହାଣ୍ଡି



ଇଚ୍ଛାପୁରରେ ଯୁବକମାନେ ଦଧିହାଣ୍ଡି ଭାଙ୍ଗୁଛନ୍ତି।

ରସୁଲପୁର,୨୪।୮(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ଇଚ୍ଛାପୁର ଗ୍ରାମରେ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପର୍ବ ପାଳିତ ହୋଇଛି। ଏହି ଅବସରରେ ଗାଁର ମା' ଜାଗୁଳାଇ ପୀଠ ଓ ନନ୍ଦଉତ୍ସବ ମଣ୍ଡପରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମ ବୃତାନ୍ତ ଉପରେ ଆଧାରିତ ମୃଣ୍ମୟ ମୂର୍ତ୍ତିମାନ ପୂଜା ପାଉଛନ୍ତି। ଏଠାରେ ପାରମ୍ପରିକ ନୀତିକାନ୍ତ ସହ ପୂଜା ଅର୍ଚ୍ଚନା କରାଯାଉଛି। ପୁରୋହିତ ଲକ୍ଷ୍ମୀଧର ପାଢୀ ପୂଜାକାର୍ଯ୍ୟକୁ ପରିଚାଳନା କରୁଛନ୍ତି । ପ୍ରତ୍ୟେହ ଠାକୁରଙ୍କୁ ଷୋଡ଼ଶ ଉପଚାର ପୂଜା ଅର୍ପଣ କରାଯିବା ସହ ମଧ୍ୟାହ୍ନରେ ନୀତି ଭୋଗ ଲାଗି କରାଯାଉଛି। ସନ୍ଧ୍ୟାରେ ଆରତୀ ଉତ୍ସବ ଓ ସଂକୀର୍ତ୍ତନମଣ୍ଡଳୀ ଦ୍ୱାରା ଭଜନକୀର୍ତ୍ତନ ପରିବେଷଣ କରାଯାଉଛି। ନନ୍ଦ ଉତ୍ସବ କମିଟି ପକ୍ଷରୁ ରାତିରେ ପାଲା, ଦାସକାଠିଆ, ମେଲୋଡି, ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ପ୍ରସ୍ତୁତି ସରିଛି। ପ୍ରତ୍ୟେକ ଦିନ ଏହି ସ୍ଥାନକୁ ଆସୁଥିବା ଶହ ଶହ ଶ୍ରଦ୍ଧାଳୁଙ୍କୁ ଅନ୍ନଦାନ କରାଯାଉଛି।

## ଗାଁ ବୁଲିଲେ ନନ୍ଦ ରାଜା, କୃଷ୍ଣ, ବଳରାମ



### ମାଣତୀରରେ ଜନ୍ମାଷ୍ଟମୀ, ନନ୍ଦ ଉତ୍ସବ

#### ପୂଜ୍ୟପୂଜା, ପ୍ରତିଭାଙ୍କୁ ସମ୍ମାନ, ଦରିଦ୍ର ନାରାୟଣ ସେବା, କୃତି ପ୍ରତିଯୋଗୀ ପୁରସ୍କୃତ

ରସୁଲପୁର,୨୪।୮(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ମାଣତୀର ଗ୍ରାମରେ ପାରମ୍ପାରିକ ପର୍ବ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ଖୁବ୍ ଯାକଜମକର ସହ ପାଳିତ ହେଉଛି। ଗାଁ ମଦନମୋହନ ଜୀଉ ମନ୍ଦିରରେ ଶୁକ୍ରବାର ଜନ୍ମାଷ୍ଟମୀ ଉତ୍ସବ ପାଳନ ହୋଇଥିଲା। ଏହି ଅବସରରେ ବିଧି ମୁତାବକ ପୂଜାନୀତି ଅନୁଷ୍ଠିତ ହୋଇଥିଲା। ମଦନମୋହନ ଜୀଉ ସାଂସ୍କୃତିକ ପରିଷଦ ପକ୍ଷରୁ ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ନାନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶନିବାର ନନ୍ଦ ଉତ୍ସବ ଅବସରରେ ନନ୍ଦରାଜା ପ୍ରମୋଦ କୁମାର ରାଉତ ଓ କୃଷ୍ଣ, ବଳରାମ, ସୁଦାମା, ହନୁମାନ ଆଦି ବେଶରେ ଗାଁ ପରିକ୍ରମା କରିଥିଲେ। ନନ୍ଦରାଜା ଘର ଘର ବୁଲି ଜନସାଧାରଣଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିବା ସହ ଗାଁ ଛକରେ ଦଧିଭାଣ୍ଡ ଭଙ୍ଗା ଯାଇଥିଲା। ଏଦିଗରେ ଗ୍ରାମର ଆବାଳବୃଦ୍ଧ ବ,ନିତାଙ୍କ ମଧ୍ୟରେ ବିଶେଷ ଉତ୍ସାହ ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟାରେ ମଞ୍ଚରେ ପୂଜ୍ୟପୂଜାକୁ ସମ୍ମାନିତ କରାଯାଇଥିଲା। କଳା, ସାହିତ୍ୟ, ବିଜ୍ଞାନ, କ୍ରୀଡା, ଚିକିତ୍ସା, ସାମାଜିକ ସେବା ଆଦି କ୍ଷେତ୍ରରେ ପାରଦର୍ଶିତା ଲାଭକରିଥିବା ୪ଜଣ ବ୍ୟକ୍ତିଙ୍କୁ ପୂଜ୍ୟପୂଜା ସମ୍ମାନ ମିଳିଥିଲା। ସେମାନଙ୍କ ମଧ୍ୟରେ କ୍ରୀଡ଼ା ଓ ଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ପାଇଁ ପୂର୍ବତନ ଜିଲା ଶାରିରୀକ ନୀରିକ୍ଷକ ରାଧାକାନ୍ତ ବୋଷ, ଚିକିତ୍ସା ବିଜ୍ଞାନି ଭାବରେ ପୂର୍ବତନ ଜିଲା ଚିକିତ୍ସାଧିକାରୀ ଡାକ୍ତର ରମେଶ ଚନ୍ଦ୍ର ସାହୁ, ସାହିତ୍ୟିକ ଓ ସାମ୍ବାଦିକତା ପାଇଁ ଗୋକର୍ଣ୍ଣିକା ପତ୍ରିକାର ସମ୍ପାଦକ ରମାକାନ୍ତ ଜେନା, ଶିକ୍ଷା ଓ ସଂଗୀତରେ ପାରଦର୍ଶିତା ପାଇଁ ଅଧ୍ୟାପକ ସନ୍ତୋଷ କୁମାର ପଣ୍ଡା ପ୍ରମୁଖଙ୍କୁ ମାନପତ୍ର, ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏଥିସହ ସମ୍ମାନିତ ପ୍ରତିଭା ଭାବରେ ମେଧାବୀ ଛାତ୍ରୀ ତଥା ନୃତ୍ୟାଙ୍ଗନା ସତ୍ୱାଳା ଦାଶ, ଶୁଭଶ୍ରୀ ରାଉତଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଏହାଛଡ଼ା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀଙ୍କୁ ଅତିଥି ଭାବରେ ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ସମ୍ଭୁନାଥ ଦାସ, ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଧରଣୀଧର ସାହୁ, ପ୍ରାକ୍ତନ ଅଧ୍ୟାପକ ତଥା ସାହିତ୍ୟିକ ସୁଶାନ୍ତ ପଣ୍ଡା, ସାଇ ସଂଗଠକ ରଶ୍ମିରଞ୍ଜନ ନାୟକ, ଇନରହୁଇଲ କ୍ଲବର ସଭାନେତ୍ରୀ ସମାଜସେବୀ ମିନତି ସାହୁ, ସମ୍ପାଦିକା ଲୋପାମୁଦ୍ରା ଷଣ୍ଡ ପ୍ରମୁଖ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ଅନୁଷ୍ଠାନ ପକ୍ଷରୁ ଅତିଥିଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ ମଧ କରାଯାଇଥିଲା। ସମଗ୍ର ଯାଜପୁର ଜିଲା ଓ ବାହାର ଜିଲାରୁ ଆସିଥିବା ୫୦୦ଜଣ ଦରିଦ୍ର ନାରାୟଣଙ୍କୁ ନନ୍ଦରାଜା ଶାଢୀ, ଧୋତି, ଲୁଙ୍ଗି, ଗାମୁଛା, ମଶାରୀ, ଛତା, କମ୍ବଳ ଆଦି ଉପକରଣ ବାଣ୍ଟି ଥିଲେ। ଗ୍ରାମ ପରିକ୍ରମା ସମୟରେ ସଂକୀର୍ତ୍ତନ ମଣ୍ଡଳୀ, ଲଉଡି ଖେଳ, ତେଲିଙ୍ଗି ବାଜ, ଶିଙ୍ଘ ବାଜା ସହ ଆତସବାସୀ ର ଝଲକ ଦେଖିବାକୁ ମିଳିଥିଲା। ଗ୍ରାମର କୁମାରୀ ରାସ୍ତାରେ ନାନା ରଙ୍ଗବେରଙ୍ଗର ଝୋଟି ଆଙ୍କିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ୫ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇଥିଲେ।



ମଦନମୋହନ ଜୀଉ ସାଂସ୍କୃତିକ ପରିଷଦ ପକ୍ଷରୁ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଉଛି।

## ସଂକ୍ଷେପରେ

### ଜାତୀୟ ବର୍ଷା ନୃତ୍ୟ ଓ ସଙ୍ଗୀତ ଉତ୍ସବ ଉଦ୍‌ଘାଟିତ

## ଓଡ଼ିଶୀ ନୃତ୍ୟ, ସଙ୍ଗୀତରେ ଦର୍ଶକ ବିଭୋର

**ପୁରୀ ଅଫିସ,୨୪।୮:** ପୁରୀ ଡ୍ୟାନ୍ସ ଏକାଡେମୀ ଆନୁକୂଲ୍ୟରେ ସ୍ଥାନୀୟ ସଂସ୍କୃତି ଭବନରେ ଶନିବାରଠାରୁ ଆରମ୍ଭ ହୋଇଛି ଦୁଇଦିନିଆ ଜାତୀୟ ବର୍ଷା ନୃତ୍ୟ ଓ ସଙ୍ଗୀତ ଉତ୍ସବ। ମୁଖ୍ୟଅତିଥି ଭାବେ ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି ଯୋଗଦେଇ ଏହି ଉତ୍ସବକୁ ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଶ୍ରୀମନ୍ଦିର ପ୍ରଶାସକ (ରାଜସ୍ୱ) ମଧୁସୂଦନ ଦାଶ, ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ, ଗୁରୁ ଲିଙ୍ଗରାଜ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଛତିଶଗଡ଼ରୁ ଆସିଥିବା ନୃତ୍ୟଶିଳ୍ପୀ ପୂର୍ଣ୍ଣଶ୍ରୀ ପଟ୍ଟନାୟକ, ମଣିକର୍ଣ୍ଣିକା ଏବଂ ନୃତ୍ୟଗୁରୁ ସୁରେନ୍ଦ୍ର ମହାପାତ୍ର ପ୍ରମୁଖ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପରେ ଗୁରୁ ଶକ୍ତିପ୍ରସାଦ ନାୟକଙ୍କ ନିର୍ଦ୍ଦେଶନାରେ ସ୍ଥାନୀୟ ରେଣୁବାଳା କଳାକେନ୍ଦ୍ରର କଣ୍ଠଶିଳ୍ପୀମାନେ ପାରମ୍ପରିକ ଓଡ଼ିଶୀ ସଙ୍ଗୀତ ପରିବେଷଣ କରିଥିଲେ। ଗୁରୁ ଚନ୍ଦ୍ରମଣି ଲେଙ୍କା ଏକକ ଓଡ଼ିଶୀ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ ପୁରୀ ଡ୍ୟାନ୍ସ ଏକାଡେମୀ ସମ୍ପାଦକ ତଥା ନୃତ୍ୟଗୁରୁ ନାରାୟଣ ପାଣ୍ଡେଙ୍କ ନିର୍ଦ୍ଦେଶନାରେ ଅସ୍ମିତା, ରଶ୍ମିତା, ରଚିସ୍ମିତା, ସୌଭାଗିନୀ, ପାୟଲ, ଶ୍ରଦ୍ଧାଞ୍ଜଳି, କବିତା ପ୍ରମୁଖ ଗଣେଶ ବନ୍ଦନା ସମେତ ଗୋଟିକ ପରେ ଗୋଟିଏ ନୃତ୍ୟ ପରିବେଷଣ କରିଥିଲେ। ଏହି ନୃତ୍ୟ, ସଙ୍ଗୀତରେ ଦର୍ଶକମାନେ ବିଭୋର ହୋଇପଡ଼ିଥିଲେ। ଓଡ଼ିଶୀ ନୃତ୍ୟଗୁରୁ ବିଜୟଲକ୍ଷ୍ମୀ ଦାଶ, ବଂଶୀବାଦକ ଲକ୍ଷ୍ମୀଧର ମଲିକ, କଣ୍ଠଶିଳ୍ପୀ ଅଚ୍ୟୁତ ମହାରଣାଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ତର୍ଜାତୀୟ ନୃତ୍ୟଶିଳ୍ପୀ ରୋଜାଲିନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କୁମାର ଭୀମସେନ, ହରି ପ୍ରସାଦ ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ।

### ଶ୍ରୀମନ୍ଦିରରେ ସରିଲା ନନ୍ଦୋତ୍ସବ

## ଆଜି ଠାକୁରଙ୍କ ବନଭୋଜି ବେଶ

**ପୁରୀ ଅଫିସ,୨୪।୮:** ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମ ପରେ ଶନିବାର ଶ୍ରୀମନ୍ଦିରରେ ପାଳିତ ହୋଇଛି ନନ୍ଦୋତ୍ସବ। ଏହି ନୀତି ଦେଖିବା ଲାଗି ଭକ୍ତଙ୍କ ଭିଡ଼ ହୋଇଥିଲା। ରବିବାର ଠାକୁରଙ୍କ ବନଭୋଜି ବେଶ ଅନୁଷ୍ଠିତ ହେବ। ନନ୍ଦୋତ୍ସବ ଲାଗି ଶନିବାର ମଙ୍ଗଳ ଆଳତି ବଢ଼ିବା ପରେ ମହାଜନ ସେବକମାନେ ରାମକୃଷ୍ଣଙ୍କୁ ଆଣି ଜଗମୋହନ ଦୋଳିରେ ବିଜେ କରାଇଥିଲେ। ଦକ୍ଷିଣ ଘରୁ ମଦନ ମୋହନ ଆସି ସେହି ଦୋଳିରେ ବିଜେ ହୋଇଥିଲେ। ମହାସ୍ନାନ ନୀତି ପରେ ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ନୂଆ ଲୁଗା ଲାଗି କରାଇଥିଲେ। ଏହାପରେ ମହାପ୍ରଭୁଙ୍କ ସର୍ବାଙ୍ଗ ହୋଇ ୬ମୂର୍ତ୍ତି ଅଳଙ୍କାର ଲାଗି କରାଯାଇଥିଲା। ପୁଷ୍ପାଳକ ସେବକମାନେ ଦେବୀ ସୁଭଦ୍ରାଙ୍କୁ ଆଜ୍ଞାମାଳ ଓ କର୍ପୁର ଲାଗି କରାଇଥିଲେ। ଦେବୀ ସୁଭଦ୍ରା ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଷଠି ମାର୍କଣ୍ଡୀ ପୂଜା ପରେ ପାଣି ପଡ଼ି ଟେରାବନ୍ଧା ହୋଇଥିଲା। ମଧ୍ୟାହ୍ନ ଧୂପ ନୀତି ବଢ଼ିବା ପରେ ଶୁଦ୍ଧସୁଆର ଦୁଇଟି ପିତ୍ତଳ ବଟାରେ ମଙ୍ଗଳାର୍ପଣ ସାମଗ୍ରୀ ରଖିଥିଲେ। ପୂଜାପଣ୍ଡା, ପତିମହାପାତ୍ର ଏବଂ ମୁଦିରସ୍ତ ଶ୍ରୀଜଗନ୍ନାଥ ବାଡ଼ ଓ ସୁଭଦ୍ରାଙ୍କ ବାଡ଼ରେ ମଙ୍ଗଳାର୍ପଣ କରି ୩ ବାଡ଼ରେ ବନ୍ଦାପନା କରିଥିଲେ। ପତି ମହାପାତ୍ର ଭଣ୍ଡାର ଘରୁ ରୁପାବଟାରେ ଦୁର୍ଗାଦେବୀଙ୍କୁ ବିଜେ କରାଇ ଆଣିଥିଲେ। ପୂଜାପଣ୍ଡା ସୁଭଦ୍ରାଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଆଣି ପ୍ରଦାନ କରିଥିଲେ। ପତି ମହାପାତ୍ର ଦେବୀ ଦୁର୍ଗାଙ୍କୁ ଜଗମୋହନ ଦୋଳି ସମ୍ମୁଖ ଖଟୁଲି ଉପରେ ବିଜେ କରାଇଥିଲେ। ସେଠାରେ ମହାସ୍ନାନ ଓ ଶୀତଳ ଭୋଗ ନୀତି ସମ୍ପନ୍ନ ହୋଇଥିଲା। ଦେବୀ ଦୁର୍ଗାଙ୍କୁ ସାତପାହାଚ ଦ୍ୱାର ଡମ୍ଫୁରୁ ଉପରକୁ ବିଜେ କରାଯାଇଥିଲା। ସେଠାରେ ବିଜୁଳି କନ୍ୟା ନୀତି ସମ୍ପନ୍ନ ପରେ ଦେବୀ ଭଣ୍ଡାରକୁ ବାହୁଡ଼ା ବିଜେ କରିଥିଲେ। ଏହାପରେ ରାମ, କୃଷ୍ଣ ଓ ମଦନମୋହନ ଦୋଳିରୁ ଓହ୍ଲାଇ ଖଟ ଉପରକୁ ବିଜେ କରିଥିଲେ। ସେଠାରେ ମାଜଣା ଓ ଫୁଲ ଲାଗି ହେବା ପରେ ସାତପାହାଚ ଦ୍ୱାରରେ ଥିବା ପାଲିଙ୍କିରେ ଯାଇ ଲକ୍ଷ୍ମୀମନ୍ଦିର ଜଗମୋହନରେ ପଡ଼ିଥିବା ଖଟ ଉପରେ ବିଜେ କରିଥିଲେ। ଭିତରଚ୍ଛ ମହାପାତ୍ର ନନ୍ଦ ରାଜା ଭାବେ ଶ୍ରୀନଅରକୁ ଯାଇ ଫେରିଆସି ସ୍ନାନ ମଣ୍ଡପରେ ବସିଥିଲେ। ଭରଡିଆ ଗୌଡ଼ ପୁତ୍ର ଜନ୍ମ ହେବା ଖବର ଦେବା ସହିତ ନନ୍ଦ ରାଜାଙ୍କ ଲୁଗା ଫେରକୁ ଭିଡ଼ି ଭିଡ଼ି ଲକ୍ଷ୍ମୀ ମନ୍ଦିରକୁ ନେଇଥିଲେ। ପୁତ୍ରଙ୍କୁ ନନ୍ଦରାଜା କ୍ଷୀର ସମର୍ପଣ କରିବା ସହ ବନ୍ଦାପନା କରିଥିଲେ। ପରେ ପୁଅମାନଙ୍କୁ (ରାମ, କୃଷ୍ଣ ଓ ମଦନମୋହନ) ଧରି ଜଗମୋହନ ଦୋଳିକୁ ବିଜେ କରାଇଥିଲେ। ଦୋଳିରୁ ଠାକୁରମାନେ ଦକ୍ଷିଣ ଘରକୁ ବିଜେ ହୋଇଥିଲେ। ରବିବାରଠାରୁ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ନୀତି ହେବ। ସେହିପରି ରବିବାର ଠାକୁରଙ୍କ ବନଭୋଜି ବେଶ ଅନୁଷ୍ଠିତ ହେବ। ଶ୍ରୀକୃଷ୍ଣ ବକାସୁର ଏବଂ ଅର୍ଘାସୁରକୁ ବଧ କରିବେ।

# ଯାତ୍ରୀକା ନିବାସରୁ ଜବରଦଖଲ ଉଚ୍ଛେଦ

- ନିର୍ମାଣ ହେବ ବହୁତଳ ପାର୍କିଂ, ଭେଣ୍ଡିଂ ଜୋନ
- ଲିଜ୍ ଅବଧି ଶେଷ ପରେ ୫ବର୍ଷ ବେଆଇନ ଭାବେ ଚାଲୁଥିଲା
- ନୋଟିସ ସତ୍ତ୍ୱେ ଖାଲି ନ ହେବାରୁ ଆସବାବପତ୍ର ଜବତ କଲା ପ୍ରଶାସନ

**ପୁରୀ ଅଫିସ, ୨୪।୮**

ଏବେ ରାଜ୍ୟ ସରକାରଙ୍କ ଫୋକସରେ ପୁରୀ। ଏହି ପର୍ଯ୍ୟଟନ ସହରର ବିକାଶ ପାଇଁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ୫୦୦ କୋଟି ଟଙ୍କା ପ୍ୟାକେଜ ଘୋଷଣା କରିବା ପରେ ଜିଲା ପ୍ରଶାସନ ଆହୁରି ତତ୍ପର ହୋଇପଡ଼ିଛି। ପୂର୍ବରୁ ପୁରୀ ପାଇଁ ମଧ୍ୟ ରାଜ୍ୟ ସରକାର ୨୬୫ କୋଟି ଟଙ୍କା ଘୋଷଣା କରିଥିଲେ। ୫ଟି ପ୍ରକଳ୍ପ ଲାଗି ଖର୍ଚ୍ଚ କରାଯିବାକୁ ଥିବା ଏହି ଅର୍ଥରେ ବଳିଆପଣ୍ଡା ସମୁଦ୍ରକୂଳ ନିକଟସ୍ଥ ଯାତ୍ରୀକା ନିବାସରେ ବହୁତଳ କାର୍ ପାର୍କିଂ ଏବଂ ଭେଣ୍ଡିଂ ଜୋନ କରାଯିବାକୁ ଯୋଜନା ହୋଇଛି। ତେଣୁ ଶନିବାର ଜିଲା ପ୍ରଶାସନ ଯାତ୍ରୀକାରେ ଥିବା ଜବରଦଖଲ ଉଚ୍ଛେଦ କରିଛି। ଏହା ପରିସରସ୍ଥ କୋଠା ଭାଙ୍ଗିଦେଇଛି। ଏହାକୁ ଲିଜ୍ ନେଇଥିବା ଘରୋଇ ସଂସ୍ଥା ପ୍ରଶାସନର ନୋଟିସ୍ ପାଇବା ପରେ ମଧ୍ୟ କୋଠା ଖାଲି କରି ନ ଥିଲା। ଫଳରେ ପ୍ରଶାସନ ସମସ୍ତ ଆସବାବପତ୍ର ଜବତ କରି ଏହାକୁ ଉଚ୍ଛେଦ କରିଛି। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ଏବଂ ଉପଜିଲାପାଳ ଭବତାରଣ ସାହୁଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଉଚ୍ଛେଦ ବେଳେ ୪ ପ୍ଲାଟୁନ ପୋଲିସ ଫୋର୍ସ, ୨ଜଣ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଏବଂ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଉପଜିଲାପାଳ ସାହୁ କହିଛନ୍ତି, ବେଳାଭୂମି କଡ଼ରେ ଥିବା ଯାତ୍ରୀକା ନିବାସକୁ ଲିଜ୍‌ରେ ଦିଆଯାଇଥିଲା। ୨୦୧୪ରୁ ଏହାର ଲିଜ୍ ଅବଧି ଶେଷ ହୋଇଯାଇଛି। ଏହାପରେ ଆଉ ଲିଜ୍ ନବୀକରଣ କରାଯାଇ ନ ଥିବା ବେଳେ ବେଆଇନ ଭାବେ ସମ୍ପୃକ୍ତ ସଂସ୍ଥା ସରକାରୀ ଜମିକୁ ଜବରଦଖଲ କରି ରହିଥିଲା। ୧ ଏକର ୫୩ ଡେସିମିଲର ଏହି ସରକାରୀ ଜାଗାକୁ ଜବରଦଖଲରେ ରଖିଥିବାରୁ ଏହାକୁ ଉଚ୍ଛେଦ କରାଯାଇଛି। ସମ୍ପୃକ୍ତ ସଂସ୍ଥାକୁ ଜିନିଷପତ୍ର ଖାଲି କରିବା ଲାଗି ମାସକ ପୂର୍ବରୁ ନୋଟିସ୍ ଦିଆଯାଇଥିଲା। ନୋଟିସ ଅବଧି ଶେଷ ପରେ ବି ଖାଲି ନ କରିବାରୁ ସମସ୍ତ ଆସବାବପତ୍ର ଜବତ କରାଯାଇଛି। ଏ ନେଇ ରହିଥିବା ଯୋଜନା ସମ୍ପର୍କରେ ସେ କହିଛନ୍ତି, ପୁରୀ ବେଳାଭୂମି ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ଏଠିସେଠି ଗାଡ଼ି ପାର୍କିଂ କରୁଥିବାରୁ ରାସ୍ତା ଜାମ୍ ହେଉଛି। ପାର୍କିଂ ପାଇଁ କୌଣସି ବଡ଼ ଜାଗା ନ ଥିବାରୁ ଏଠାରେ ପାର୍କିଂ ବ୍ୟବସ୍ଥା କରାଯିବ। ଏଥିସହ ଭେଣ୍ଡିଂ ଜୋନ କରାଯିବାର ଯୋଜନା ମଧ୍ୟ ରହିଛି। କେବଳ ଏହି ଜାଗା ନୁହେଁ, ଯେଉଁଠି ସବୁ ସରକାରୀ ଜାଗା ଜବରଦଖଲ ରହିଛି ତାହାକୁ ମୁକ୍ତ କରାଯାଇ ପର୍ଯ୍ୟଟକଙ୍କ ଲାଗି ସୁବିଧା ସୁଯୋଗ ଓ ସହରର ବିକାଶ କ୍ଷେତ୍ରରେ ବ୍ୟବହାର ହେବ ବୋଲି ଉପଜିଲାପାଳ କହିଛନ୍ତି। ଏହି ଉଚ୍ଛେଦ କାର୍ଯ୍ୟରେ ୯ଟି ଜେସିବି ସହିତ ଟ୍ରାକ୍ଟର, ଟ୍ରକ୍ ଏବଂ ହାଇୱା ନିୟୋଜିତ ହୋଇଥିଲା।

ଏହି ଯାତ୍ରୀକା ନିବାସରେ ୧୭ଟି ରୁମ୍ ରହିଥିଲା, ଯାହାକୁ ଭଡ଼ାରେ ଦିଆଯାଉଥିଲା। ସେହିପରି ଏହାର ବିସ୍ତୃତ ଖୋଲା ଜାଗାକୁ ବର୍ଷତମାମ୍ ବିବାହ, ବ୍ରତ, ମେଳା, ମହୋତ୍ସବ ପାଇଁ ମଧ୍ୟ ଭଡ଼ାରେ ଦିଆଯାଉଥିଲା। ବିଶେଷକରି ବାହାର ରାଜ୍ୟର ସାଧୁସନ୍ଥ ଆସିଲେ ଏଠାରେ ଯାଗଯଜ୍ଞ କରୁଥିଲେ। ଏମିତି କି, ଗୋଟିଏ ଗୋଟିଏ ଦିନ ଲକ୍ଷାଧିକ ଟଙ୍କା ଏଠାରୁ ଆୟ ହେଉଥିଲା। ତେବେ ଏହି ଅର୍ଥ କୁଆଡେ ଯାଉଥିଲା, କିଏ ନେଉଥିଲା ତାହାକୁ ନେଇ ଉଠିଛି ପ୍ରଶ୍ନ। ଅନ୍ୟପକ୍ଷରେ ଏହାର ତଦନ୍ତ କରାଯିବ ବୋଲି କହିଛନ୍ତି ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ। ସୂଚନାଥାଉ କି, ଯାତ୍ରୀକା ନିବାସରେ ବହୁତଳ କାର ପାର୍କିଂ ଏବଂ ଭେଣ୍ଡିଂଜୋନ ତିଆରି ଲାଗି ନିଷ୍ପତ୍ତି ହୋଇଛି।



ଯାତ୍ରୀକା ନିବାସ ଜବରଦଖଲ ଉଚ୍ଛେଦ କରାଯାଉଛି।

### ପାଇପରୁ ୫୦ ଫୁଟର ବର ଚେର କଢ଼ାଗଲା

## ୬ ମାସ ବନ୍ଦ ପରେ ଜଳଯୋଗାଣ ହେଲା ସ୍ୱାଭାବିକ

**ଖୋର୍ଦ୍ଧା ଅଫିସ, ୨୪।୮**

ଜଟଣୀ ବ୍ଲକ ପଳାସପୁରର ପାନୀୟଜଳ ପ୍ରକଳ୍ପର ପ୍ଲାଷ୍ଟିକ ପାଇପକୁ ବରଚେର ଫଟାଇ ବଢୁଥିବାରୁ ପ୍ରାୟ ୬ ମାସ ହେଲା ସ୍ଥାନୀୟ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ବନ୍ଦ ରହିଥିଲା। ତେବେ କୁମ୍ଭାରସାହି ନିକଟରେ ପାଣି ଲିକ୍ ହେବାରୁ ସମ୍ପୃକ୍ତ ସ୍ଥାନ ଖୋଳା ଯାଇଥିଲା। ତେବେ ପାଇପ କାଟି ଭିତରୁ ୫୦ ଫୁଟର ବରଚେରକୁ କାଢ଼ି ନୂଆ ପାଇପ ପକାଇବା ପରେ ପାନୀୟ ଜଳଯୋଗାଣ ସ୍ୱାଭାବିକ ହୋଇଛି।

## ବୋଲଗଡ଼ରେ ନନ୍ଦୋତ୍ସବ

**ବୋଲଗଡ଼,୨୪।୮(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ମାଣିବନ୍ଧସ୍ଥିତ ହନୁମାନ ପୀଠରେ ନନ୍ଦୋତ୍ସବ ପାଳନ ଅବସରରେ ପୂଜାର୍ଚ୍ଚନା ପରେ ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରିଥିଲେ। ସନ୍ଧ୍ୟାରେ ପ୍ରବଚନ ହୋଇଥିଲା। ସେହିପରି ଗୋପାଳପୁର ପଞ୍ଚାୟତ ଦେଉଳିଗ୍ରାମର ଗିରି ଗୋବର୍ଦ୍ଧନ ପଡିଆସ୍ଥିତ ରାଧାଦାମୋଦର ଦେବଙ୍କ ମନ୍ଦିରରେ ଉତ୍ସବ ଅନୁଷ୍ଠିତ ହୋଇଥିଲା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛାଞ୍ଚୁଣି ବିକିଲି, ଦରପଣ କଲି**
**କୁଲା ବିକି କଲି ଚାଦର**
**ମାଆ ବିକୁଥିଲା ତାମ୍ପଡ଼ା ଶୁଖୁଆ**
**ବାପ ବିକୁଥିଲା ପତର ।**

ସାଧାରଣତଃ ଅନେକ ବ୍ୟକ୍ତି ଛୋଟରୁ ବଡ଼ ହୋଇସାରିବା ପରେ ଅତୀତର ଦାରିଦ୍ର୍ୟ ଅବସ୍ଥାକୁ ପାସୋରି ଦେଇଥାନ୍ତି। ବର୍ତ୍ତମାନର ସୁଖ ସ୍ୱାଚ୍ଛନ୍ଦ୍ୟ ଅବସ୍ଥାକୁ ନେଇ ଗର୍ବ ପ୍ରକାଶ କରିଥାନ୍ତି। ଧନ ଗର୍ବରେ ମତୁଆଲା ହୋଇ ଅହଂକାର କରି କରନ୍ତି। ତେବେ ପୂର୍ବ ଦାରିଦ୍ର୍ୟ ଅବସ୍ଥାକୁ ବ୍ୟକ୍ତି କିଭଳି ଅତିକ୍ରମ କରିଆସିଛି ତାହା ସେ ମନରୁ ପାସୋରି ନ ଦେବା ଉଚିତ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଛି ଲୋ ଛି**
**ବୁଢ଼ି ନ ମରି ପହଁରୁଛି ।**

ଯେଉଁମାନେ ଅଲାଜୁକ ଶ୍ରେଣୀର ତାଙ୍କ ମୁହଁରେ କିଛି ଲାଜ ସରମ ନ ଥାଏ। ତାଙ୍କ କାର୍ଯ୍ୟକଳାପ କାହାର ପସନ୍ଦଯୋଗ୍ୟ ହୋଇ ପାରି ନ ଥାଏ। ଯେତେ କହିଲେ ମଧ୍ୟ ତାଙ୍କ ହାବଭାବରେ କୌଣସି ପରିବର୍ତ୍ତନ ଘଟୁ ନ ଥିବା ସ୍ଥଳେ ଏପରି ଅଲାଜୁକ ବେସରମ ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
– ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବାଲି ବୋଝେଇ ୫ ହାଇୱା ଜବତ



ଜବତ ହୋଇଥିବା ଗାଡ଼ି ।

**ରଣପୁର,୨୪।୮(ସ୍ୱ.ପ୍ର.)**

ରଣପୁର ତହସିଲ ଅଞ୍ଚଳରେ ମାଙ୍କଡ଼ା ପଥର ଓ ବାଲି ବେଆଇନ ଭାବେ ଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଛି । ତେବେ ତହସିଲ ଓ ପୋଲିସ ପକ୍ଷରୁ ମାଙ୍କଡା ପଥର ଗାଡ଼ିକୁ ଅନୁକମ୍ପା ଦେଖାଇ କେବଳ ବାଲି ବୋଝେଇ ଗାଡିକୁ ଧରପଗଡ଼ କରାଯାଉଛି । ଶନିବାର ରଣପୁର ନୟାଗଡ ରାସ୍ତାରୁ ୫ଟି ବାଲି ବୋଝେଇ ହାଇୱାକୁ ରଣପୁର ଥାନା ପୋଲିସ ଜବତ କରିଛି । ବାଲି ବୋଝେଇ ଗାଡ଼ିଗୁଡିକ କଟକ ଜିଲାର ବାଙ୍କୀ ମହାନଦୀ ଅଞ୍ଚଳରୁ ନୟାଗଡ଼ ଜିଲାକୁ ଚୋରାଚାଲାଣ କରାଯାଉଥିବା ଅଭିଯୋଗ ହେଉଛି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

FINANCE
UNB ଋଣ ଲିମିଟେଡ୍ ଭରସାର ପ୍ରତିକ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ବେରୋଜଗାର ଏବଂ ସମସ୍ତ ଋଣ ମାତ୍ର ୫ ଘଣ୍ଟାରେ ଘରେବସି ପାଆନ୍ତୁ। 2% ସୁଧ 45% ଛାଡ
No File Charge No Guarantor
Vasundhara Mall, West Boring Canal Rd, Rajapur, Patna, Bihar 800001
7298510688
7055901278

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
7052572586
Add :- 41/14, Sec-1 Pushp Vihar, Delhi

LOAN ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା
1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ଋଣ | ବ୍ୟବସାୟ | ଗ୍ରୁପ ଋଣ
ଏଗ୍ରିକଲ୍‌ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ସତ୍ୟମ ଫାଇନାନ୍ସ
72910-60977
72910-46520
H.No-798, Block H, Jaitpur Extn Part-2, Badarpur, South Delhi

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ। ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
- ସ୍ପେଶାଲିଷ୍ଟ -
ବଶୀକରଣ ଓ ମୁଠ୍‌କରଣ
ପ୍ରେମ ବିବାହ, ମନମୁତାବକ ପ୍ରେମ, ବଶୀକରଣ, ଯାଦୁ ଟୋନା, ମୁଠୀକରଣୀ, ବିଦେଶ ଯାତ୍ରା ଓ ବ୍ୟବସାୟରେ ପ୍ରତିବନ୍ଧକ, ବିବାହ-ପ୍ରେମରେ ବାଧା, କ୍ରୋଧି ଲୋକଙ୍କୁ ବଶୀଭୂତ କରିବା, ପୁରୁଣା ରୋଗରେ ଔଷଧ କାମ ନ କରିବା, ପତି-ପତ୍ନୀଙ୍କ ମଧ୍ୟରେ ମତାନ୍ତର, ଦୁଷ୍ଟ ଲୋକ ଏବଂ ଶତ୍ରୁଠାରୁ ମୁକ୍ତି।
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

EDUCATION

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

HEALTH CARE

AT PURI AT PURI AT PURI
ଗୁପ୍ତ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ବୈବାହିକ ସମସ୍ୟା, ଶୀଘ୍ର ସ୍ଖଳନ, ପୁରୁଷ ସମସ୍ୟା, ମୂତ୍ରରେ ଧାତୁ ପଡିବା, ସ୍ତ୍ରୀ ରୋଗ – ଋତୁସ୍ରାବ ଅନିୟମିତତା, ଧଳାସ୍ରାବ, ସନ୍ତାନ ହୀନତା, ମୁଖବ୍ରଣ, ରୁପି ଏବଂ ସମସ୍ତ ଚର୍ମ ରୋଗର ଉତ୍ତମ ପରାମର୍ଶ ଏବଂ ଚିକିତ୍ସା।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm

BUSINESS

Hi-Tech Telecom Company Ltd.
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ। ଦରମା - 20,000/- ଓ ଅନ୍ୟାନ ସୁବିଧା ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ କରନ୍ତୁ
ଠକ ମାନ ଙ୍କୁ ସାବଧାନ !
345/4, Bhattarahalli, Old Madras Road, K.R. Puram, Bengaluru, Karnataka-560049
9430814236
6393626894

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ମାନବ ଶରୀର ତୁମକୁ ଦିଆଯାଇଛି, ଜୀବଜଗତର କଲ୍ୟାଣରେ ନିଜକୁ ନିୟୋଜିତ କରିବା ପାଇଁ। ଏହାଦ୍ୱାରା ତୁମର ଆତ୍ମା ଭଗବାନଙ୍କ ଚରଣ ତଳେ ସ୍ଥାନ ପାଇବା ପାଇଁ ସକ୍ଷମ।

- ଗୁରୁ ନାନକ



## ଏଇ ସପ୍ତାହର କାର୍ଯ୍ୟକ୍ରମ

**୨୫ ତାରିଖ (ରବିବାର)**

- ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ- ନୟାଗଡ଼ ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ- ସକାଳ ୯ଟା
- ଜିଲାସ୍ତରୀୟ ସାରସ୍ୱତ ଆସର ଓ କବିତା ପାଠୋତ୍ସବ, ସ୍ଥାନ- ରୋଟାରି କ୍ଲବ, ନୟାଗଡ଼, ସମୟ- ପୂର୍ବାହ୍ନ ୧୦ଟା
- ରଣପୁର ବିଧାୟକଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ- ମଣିନାଗ ମନ୍ଦିର ଗେଷ୍ଟହାଉସ୍, ରଣପୁର, ସମୟ- ପୂର୍ବାହ୍ନ ୧୧ଟା ୩୦

**୨୬ ତାରିଖ (ସୋମବାର)**

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ସ୍ଥାନ- ବ୍ଲକ କାର୍ଯ୍ୟାଳୟ ପରିସର, ଭାପୁର, ସମୟ- ପୂର୍ବାହ୍ନ ୧୧ଟା
- କାଳୀୟ ଦଳନ ଓ ଲବଣି ଖିଆ ଉତ୍ସବ ସ୍ଥାନ- ନୀଳମାଧବ ପୀଠ, କଣ୍ଟିଲୋ, ସମୟ- ସକାଳ ୮ଟା

## ସଂକ୍ଷେପରେ

### ଝାଡ଼ାବାନ୍ତିରେ ୧୬ ଆକ୍ରାନ୍ତ

ଗାଁରେ ପହଞ୍ଚିଲା ସ୍ୱାସ୍ଥ୍ୟ ବିଭାଗ ଟିମ୍

**ବୋଲଗଡ଼,୨୪।୮(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ସଂପୁର ଗ୍ରାମର ବିଭିନ୍ନ ସାହିରେ ଚଳିତ ସପ୍ତାହ ମଧ୍ୟରେ ୧୬ଜଣ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇ ବୋଲଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି। ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା. ବଳଭଦ୍ର ବେହେରାଙ୍କ ନିର୍ଦ୍ଦେଶରେ ଶନିବାର ଏକ ଟିମ୍ ଏହି ଗ୍ରାମରେ ପହଞ୍ଚି ଥିଲେ । ଟିମ୍ ଜନ ସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲା। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟ ଜଳ ଉତ୍ସଗୁଡ଼ିକୁ କ୍ଲୋରିନେଶନ କରିବା ସହିତ ଔଷଧ ବଣ୍ଟନ କରାଯାଇଛି। ସ୍ୱାସ୍ଥ୍ୟ ପରିଦର୍ଶକ ବିଭୁଦତ୍ତ ସୁବୁଦ୍ଧି, ସ୍ୱାସ୍ଥ୍ୟ କର୍ମୀ ସରୋଜିନୀ ଘଡ଼େଇ ଓ ୩ଜଣ ଆଶା କର୍ମୀ ଟିମ୍‌ରେ ସାମିଲ ହୋଇଥିଲେ ।

### ଅରୁଣ ଜେଟ୍‌ଲୀଙ୍କ ବିୟୋଗରେ ଶୋକ

**ଖଣ୍ଡପଡ଼ା,୨୪।୮(ସ୍ୱ.ପ୍ର.):** ବରିଷ୍ଠ ଭାଜପା ନେତା ଅରୁଣ ଜେଟ୍‌ଲୀଙ୍କ ବିୟୋଗରେ ଖଣ୍ଡପଡ଼ାରେ ଶୋକ ପ୍ରକାଶ ପାଇଛି। ଖଣ୍ଡପଡ଼ା ଭାଜପା ସଂଗଠନ ସମେତ ଏବିଭିପି, ଆର୍‌ଏସ୍‌ଏସ୍‌ର ସଦସ୍ୟମାନେ ଗଭୀର ଶୋକବ୍ୟକ୍ତ କରିଥିଲେ। ସ୍ୱର୍ଗତ ଜେଟ୍‌ଲୀଙ୍କ ବିୟୋଗରେ ଭାରତର ରାଜନୀତି କ୍ଷେତ୍ରରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି ଶୋକବାର୍ତ୍ତାରେ ଭାଜପା ନେତା କ୍ୟାପ୍‌ଟେନ ଶିବ ପ୍ରସାଦ ଭଞ୍ଜ, ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ, ଆଇନଜୀବୀ ବିକ୍ରମ କେଶରୀ ଦେଓ, ଆର୍‌ଏସ୍‌ଏସ୍ ପ୍ରମୁଖ ଜିତେନ୍ଦ୍ର କୁମାର କାଟିଆ, ଏବିଭିପି ନୟାଗଡ଼ ଜିଲା ସଂଯୋଜକ ପରମେଶ୍ୱର ମହାନ୍ତି ପ୍ରମୁଖ ପ୍ରକାଶ କରିଛନ୍ତି।

### ବଜ୍ରପାତରେ ମହିଳା ଗୁରୁତର

**ଟାଙ୍ଗୀ(ଖୋର୍ଦ୍ଧା),୨୪।୮(ଡି.ଏନ.ଏ.):** ବଜ୍ରପାତରେ ମଙ୍ଗଳାଯୋଡି ଗ୍ରାମ ବିଜୟପାଟଣା ସାହିର କଳ୍ପନା ମହାରଣା (୩୨)ଶନିବାର ଅପରାହ୍ନରେ ଗୁରୁତର ହୋଇଛନ୍ତି। ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି ।

■ ନୂଆଗାଁ ବ୍ଲକରେ ସ୍ୱଚ୍ଛ ଭାରତ ମିଶନ

# ଘରୋଇ ପାଇଖାନାରୁ ବଞ୍ଚିତ ଆଦିବାସୀ

**ନୂଆଗାଁ,୨୪।୮ (ଡି.ଏନ.ଏ.)**

ସ୍ୱଚ୍ଛ ଭାରତ ମିଶନ ମାଧ୍ୟମରେ ଦେଶର ପ୍ରତ୍ୟେକ ପରିବାରକୁ ଘରୋଇ ପାଇଖାନା ଯୋଗାଇଦେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ହେଲେ କେତେଜଣ କର୍ମଚାରୀଙ୍କ ଅବହେଳା ଯୋଗୁ ଏହାର ସୁଫଳ ଲୋକମାନେ ପାଇପାରୁ ନାହାନ୍ତି। ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ଏହାର ନମୁନା ଦେଖିବାକୁ ମିଳିଛି। ବ୍ଲକ ଅନ୍ତର୍ଗତ ଜାକେଡା, ଗୁମୀ, କାପ୍ତାପଲ୍ଲୀ ପଞ୍ଚାୟତରେ ଅନେକ ଆଦିବାସୀ ପରିବାର ଏହି କାର୍ଯ୍ୟକ୍ରମ ଜରିଆରେ ଘରୋଇ ପାଇଖାନା ପାଇବାରୁ ବଞ୍ଚିତ ହୋଇଛନ୍ତି।

ଘରୋଇ ପାଇଖାନା ନିର୍ମାଣ କାର୍ଯ୍ୟ ସୁଚାରୁରୂପେ ତୁଲାଇବା ପାଇଁ ପ୍ରଥମେ ଏକ ବେସ୍ ଲାଇନ ସର୍ଭେ କରାଯାଇଥିଲା। ସେଥିରେ ନୂଆଗାଁ ବ୍ଲକର ୨୫୯୬୩ ହିତାଧିକାରୀଙ୍କ ନାମ ପଞ୍ଜୀକୃତ ହୋଇ ପ୍ରଥମ ପର୍ଯ୍ୟାୟରେ ୪୯୯୦ ହିତାଧିକାରୀଙ୍କ ପାଇଖାନା ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ତାଲିକାରେ ୨୦୯୭୩ ହିତାଧିକାରୀଙ୍କ ପାଇଖାନା ନିର୍ମାଣ ୨୦୧୯ ଅକ୍ଟୋବର ସୁଦ୍ଧା କରାଇବାର ଯୋଜନା ରହିଥିବା ବେଳେ ଅଦ୍ୟାବଧି ପ୍ରାୟ ୭ ହଜାର ହିତାଧିକାରୀଙ୍କ ପାଇଖାନା ନିର୍ମାଣ ହୋଇପାରି ନାହିଁ। ସେହିପରି ଦୁଇଟି ଯାକ ତାଲିକାରୁ ବାଦ୍ ପଡିଥିବା ବଡଜିରି, ତାକୁଡା, ଲୁଣି, ବାଗିଆମା, କେନ୍ଦୁବଣିଆ, କୁଶବିଡା, ସୁତୁଙ୍ଗି, ବାମୁରୀ ଆଦି ଗ୍ରାମର ଆଦିବାସୀଙ୍କ ସମେତ ଅନ୍ୟ ହିତାଧିକାରୀଙ୍କ ନାମ ତାଲିକାଭୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ତାହା କରାଯାଇ ନାହିଁ। ତେଣୁ ଅକ୍ଟୋବର ମାସରେ ସ୍ୱଚ୍ଛ ଭାରତ ମିଶନ ଦ୍ୱାରା କରାଯାଉଥିବା ଘରୋଇ ପାଇଖାନା ନିର୍ମାଣ ବନ୍ଦ ହେବାକୁ ବସିଥିବା ବେଳେ ତାଲିକାରୁ ବାଦ୍ ପଡିଥିବା ଆଦିବାସୀମାନେ କିଭଳି ପାଇଖାନା ନିର୍ମାଣ କରିବେ ସେ ନେଇ ଚିନ୍ତାରେ ଅଛନ୍ତି। ଅନ୍ୟପକ୍ଷେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ବ୍ୟସ୍ତ ଯୋଗୁ ନୂଆଗାଁ ବ୍ଲକର ଆମ ଗାଁ ଆମ ବିକାଶ କାର୍ଯ୍ୟ ହୋଇପାରୁ ନ ଥିବା ନେଇ ଗତ ସମିତି ବୈଠକରେ ବିଡିଓ ସଫେଇ ଦେଇଥିବା ବେଳେ ପ୍ରାୟ ୭ ହଜାର ହିତାଧିକାରୀଙ୍କ ପାଇଖାନା ନିର୍ମାଣ ନ ହେବା ଓ ଆଦିବାସୀମାନଙ୍କ ନାମ ତାଲିକାଭୁକ୍ତ କରାଯାଇ ନ ପାରିବା କର୍ମଚାରୀମାନଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବ୍ଲକ ଅଧିକାରୀମାନଙ୍କ ଅବହେଳା ଯୋଗୁ ଜନସାଧାରଣ ସରକାରୀ ଯୋଜନାରୁ ବଞ୍ଚିତ ହେଉଥିବା କହିଛନ୍ତି ଜାକେଡା ସରପଞ୍ଚ ତ୍ରିଲୋଚନ ସାହୁ। ଏ ସମ୍ପର୍କରେ ନୂଆଗାଁ ବିଡିଓ ଶିରିୟାଲ ଶୁଭ୍ର ପଟେଲଙ୍କୁ ପଚାରିବାରୁ ସେ କହିଥିଲେ, ତାଲିକାରୁ ବାଦ୍ ପଡିଥିବା ଲୋକମାନଙ୍କ ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ ପାଇଖାନା ନିର୍ମାଣ କରାଯିବ।




ନୂଆଗାଁ ବ୍ଲକ କାର୍ଯ୍ୟାଳୟ।



ସ୍ୱଚ୍ଛ ଭାରତ ମିଶନରେ ନିର୍ମିତ ପାଇଖାନା।

# ରାଜସ୍ଥାନରୁ ୪ ଶିଶୁ ଶ୍ରମିକ ଉଦ୍ଧାର

■ ଜିଲା ଶିଶୁ ମଙ୍ଗଳ ସମିତିରେ ହାଜର କରାଗଲା

**ନୟାଗଡ଼ ଅଫିସ,୨୪।୮**

ରାଜସ୍ଥାନରୁ ଉଦ୍ଧାର ହୋଇଥିବା ୭ ଶ୍ରମିକଙ୍କୁ ଶନିବାର ଜିଲା ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇଛି। ସେମାନଙ୍କ ମଧ୍ୟରୁ ୪ ଜଣ ଶିଶୁ ଶ୍ରମିକ ଥିବା ଜଣାପଡ଼ିଛି। ୩ଜଣଙ୍କ ଘର ଦଶପଲ୍ଲା ଅଞ୍ଚଳରେ ହୋଇଥିବାବେଳେ ଜଣଙ୍କ ଘର କୋରାପୁଟରେ। ପରେ ଏହି ୪ ଜଣଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ରାଜସ୍ଥାନର ଚିତୋରଗଡ଼ ଅଞ୍ଚଳରେ ଓଡ଼ିଆ ଶିଶୁ ଶ୍ରମିକ କାମ କରୁଥିବା ସେଠାକାର ଶିଶୁ ମଙ୍ଗଳ ସମିତି ଜାଣିବାକୁ ପାଇଥିଲା। ପରେ ସେଠାରୁ ସେମାନଙ୍କୁ ଉଦ୍ଧାର କରି ନୟାଗଡ଼ ଜିଲା ଶିଶୁ ମଙ୍ଗଳ ସମିତିକୁ ଜଣାଇଥିଲା। ଚିତୋରଗଡ଼ ଥାନା କର୍ମଚାରୀ ଓ ଶିଶୁ ମଙ୍ଗଳ ସମିତିର କର୍ମଚାରୀମାନେ ଶନିବାର ଶ୍ରମିକମାନଙ୍କୁ ଧରି ଶିଶୁ ମଙ୍ଗଳ ସମିତିରେ ହାଜର କରାଇଥିଲେ। ସେଠାରେ ଶିଶୁ ମଙ୍ଗଳ ସମିତି ସଦସ୍ୟା ପ୍ରବିଞ୍ଚା ଦାସ ଶିଶୁମାନଙ୍କୁ ପଚରାଉଚରା କରିଥିଲେ। ଏହି ସମୟରେ ଜିଲା ଶିଶୁ ସୁରକ୍ଷା ଯତ୍ନ ଅଧିକାରୀ ସତ୍ୟ ରଞ୍ଜନ ଦାସ ଉପସ୍ଥିତ ଥିଲେ।

# ଚାଇଲ୍ଡଲାଇନ୍ ଦ୍ୱାରା ନାବାଳିକା ଉଦ୍ଧାର

**ନୟାଗଡ଼ ଅଫିସ,୨୪।୮**

ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ନୟାଗଡ଼ ଚାଇଲ୍ଡ ଲାଇନ୍ ଶନିବାର ଦଶପଲ୍ଲାରୁ ଉଦ୍ଧାର କରିଛି। ଚାଇଲ୍ଡ ଲାଇନ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ନାବାଳିକା ଜଣକ ଶୁକ୍ରବାର ଟ୍ୟୁଶନ ସାରି ଘରକୁ ଫେରୁଥିବା ବେଳେ ହିଞ୍ଜିଳିକାଟୁ ଅଞ୍ଚଳର ବିଜୁ ନାମକ ଜଣେ ଯୁବକ ତାଙ୍କୁ ନେଇ ପଳାଇ ଆସିଥିଲେ। ଶନିବାର ସକାଳେ ଯୁବକ ଜଣକ ନାବାଳିକାଙ୍କୁ ଦଶପଲ୍ଲା ବସ୍‌ଷ୍ଟାଣ୍ଡରେ ଛାଡ଼ି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଏ ନେଇ ଜଣାଇବା ପରେ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରି ଚାଇଲ୍ଡ ଲାଇନ୍‌କୁ ଖବର ଦେଇଥିଲା। ଚାଇଲ୍ଡ ଲାଇନ୍‌ର କର୍ମକର୍ତ୍ତା ସଞ୍ଜୟ କୁମାର ସାହୁ, ସୁଜାତା ବେହେରା ନାବାଳିକାଙ୍କୁ ଉଦ୍ଧାର କରି ଜିଲା ଶିଶୁ ମଙ୍ଗଳ ସମିତିରେ ହାଜର କରିଥିଲେ। ବର୍ତ୍ତମାନ ନାବାଳିକାଙ୍କୁ ତପସ୍ୟା ଶିଶୁଗୃହରେ ରଖାଯାଇଛି।

# ମହାନଦୀରେ ଗୋମୁହାଁ କୁମ୍ଭୀର ଆତଙ୍କ

**ଖଣ୍ଡପଡ଼ା,୨୪।୮(ସ୍ୱ.ପ୍ର.)**

ମହାନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସମୟରେ ସାତକୋଶିଆ ବନ୍ୟପ୍ରାଣୀ ଅଭୟାରଣ୍ୟରେ ରହୁଥିବା କେତେକ କୁମ୍ଭୀର ଗଭୀର ଜଳ ସ୍ରୋତରେ ନଦୀର ତଳ ମୁଣ୍ଡକୁ ଚାଲି ଆସିଥିବା ଜଣାପଡ଼ିଛି। ଶୁକ୍ରବାର ପ୍ରାୟ ୭ରୁ ୮ଫୁଟ ଲମ୍ବର ଗୋଟିଏ ଗୋମୁହାଁ କୁମ୍ଭୀର ହନୁମନ୍ତପ୍ରସାଦ ଗ୍ରାମ ନିକଟ ମହାନଦୀରେ ଦେଖିବାକୁ ମିଳିଥିଲା । ଏ ଘଟଣା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳାଇ ଦେଇଛି। ଏଭଳି ପରିସ୍ଥିତିରେ ବନ ବିଭାଗ କିମ୍ବା ବନ୍ୟ ପ୍ରାଣୀ ବିଭାଗ ପକ୍ଷରୁ କୁମ୍ଭୀରକୁ ସାତକୋଶିଆ ଗଣ୍ଡକୁ ଫେରାଇ ନେବା ପାଇଁ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସାଧାରଣରେ ଦାବି ହୋଇଛି। ତେବେ ବନ୍ୟା ଯୋଗୁ କୁମ୍ଭୀରଗୁଡ଼ିକ ତଳଭାଗକୁ ଚାଲି ଆସିଯାଇଥିବାବେଳେ ସ୍ଥିତି ସୁଧୁରିବା ପରେ ଉପରମୁଣ୍ଡକୁ ଆପେ ଆପେ ଚାଲିଯିବ ବୋଲି ବନ ବିଭାଗ ପକ୍ଷରୁ ଆଶ୍ୱାସନା ଦିଆଯାଇଛି । ମହାନଦୀ କୂଳ ଆଖପାଖ ଲୋକେ ସ୍ନାନ, ଶୌଚାଦି ନିମନ୍ତେ ନଦୀକୁ ଯିବା ପାଇଁ ଭୟ କରୁଛନ୍ତି ।



ମହାନଦୀରେ ଦେଖାଯାଇଥିବା କୁମ୍ଭୀର ।

**ବନ ବିଭାଗ ପକ୍ଷରୁ ପଦକ୍ଷେପ ଦାବି**

# ରାସ୍ତାରେ ଯାଉଛି ନର୍ଦ୍ଦମା ଜଳ

**ଖୋର୍ଦ୍ଧା ଅଫିସ, ୨୪।୮**

ଜଳ ନିଷ୍କାସନ ବ୍ୟବସ୍ଥାକୁ ଅଣଦେଖା କରି ନିର୍ମାଣ କରାଗଲା ଡ୍ରେନ। ଏଣୁ ବର୍ଷା ହେଲେ ବର୍ଷା ପାଣି ସହ ନର୍ଦ୍ଦମା ଜଳ ରାସ୍ତା ଉପରେ ଯାଉଛି। ଠିକାଦାର ଡ୍ରେନ ନିର୍ମାଣ କରି ସରକାରୀ ଅନୁଦାନକୁ ହାତେଇ ନେଲେ। ପାଣି ଡ୍ରେନରେ ଯାଉ କି ରାସ୍ତାରେ ଯାଉ ତାଙ୍କର ଯାଆସ ନାହିଁ। ପ୍ରଶାସନିକ ସ୍ତରରେ ମଧ୍ୟ ଯାଞ୍ଚ ନାହିଁ। ସେହି ଏକା ଅବସ୍ଥା ହୋଇଛି ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ପୁରୁଣା ଦମକଳ ଛକ ଅଞ୍ଚଳରେ। ଏଠାରେ ମଧ୍ୟ ଜାତୀୟ ରାଜପଥ ଉପରେ ବର୍ଷା ପାଣି ସହ ନର୍ଦ୍ଦମା ଜଳ ସହ ମିଶି ଯାଉଛି। ଯଦି ରାସ୍ତା ଉପରେ ପାଣି ଯିବ ଡ୍ରେନର ଆବଶ୍ୟକତା ନ ଥିଲା ବୋଲି କେତେଜଣ ଲୋକ କ୍ଷୋଭର ସହ କହିଛନ୍ତି।

# ଜାତୀୟ ସେବା ଯୋଜନାରେ ୩ ସମ୍ମାନିତ

**ନୟାଗଡ଼ ଅଫିସ,୨୪।୮**

ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ୩ ଜଣ ସ୍ୱେଚ୍ଛାସେବୀ ଜାତୀୟ ସେବା ଯୋଜନାରେ ଶ୍ରେଷ୍ଠ ଭାବେ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ ଗ୍ରହଣ କରିଛନ୍ତି। ସେମାନେ ହେଲେ ଭାଗ୍ୟଶ୍ରୀ ସାହୁ, ସୁଶୀଳା ସାହୁ ଓ ମହମ୍ମଦ ଆଜାର ମାଲ୍ଲିକ। ଏମାନେ ୨୦୧୮-୧୯ର ଶ୍ରେଷ୍ଠ ଭାବେ ଭୁବନେଶ୍ୱରଠାରେ ଅନୁଷ୍ଠିତ ଉତ୍ସବରେ ଏହି ସମ୍ମାନ ଗ୍ରହଣ କରିଛନ୍ତି। ସ୍ୱେଚ୍ଛାସେବୀମାନେ ଏଥିପାଇଁ ଅଧ୍ୟାପକ କେଶବ ଚନ୍ଦ୍ର ରାଉତରାୟ, ଡ. ସନ୍ତୋଷ କୁମାର ମଲ୍ଲିକ, ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷା ମେଜର ମଞ୍ଜୁଶ୍ରୀ ପତି, ମହାବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ତଥା ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।




ସମ୍ମାନିତ ହୋଇଥିବା ସ୍ୱେଚ୍ଛାସେବୀମାନେ।

# କାଳିଆପଲ୍ଲୀରେ ବନ ବିଭାଗ ପକ୍ଷରୁ ଚାରାରୋପଣ

**ଖଣ୍ଡପଡ଼ା,୨୪।୮(ସ୍ୱ.ପ୍ର.)**

ଜନ୍ମାଷ୍ଟମୀ ଏବଂ ନନ୍ଦୋତ୍ସବ ଅବସରରେ ଶନିବାର ଶବରରାଜା ବିଶ୍ୱାବସୁଙ୍କ ବାସସ୍ଥଳୀ ଭାବେ ପରିଚିତ ଧାନଚେଙ୍ଗଡା ପଞ୍ଚାୟତସ୍ଥ କାଳିଆପଲ୍ଲୀ ଗ୍ରାମରେ ବନ ବିଭାଗ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଣ୍ଟିଲୋ ବନପାଳ ଶ୍ରୀନିବାସ ମହାପାତ୍ର, ପରିବେଶପ୍ରେମୀ ତଥା ଗଛ ସାର୍ ଭାବେ ପରିଚିତ ଅନ୍ତର୍ଯାମୀ ସାହୁ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଗ୍ରାମର କାହ୍ନୁ, ମହରଗ, ମନ, ନୁଟ, ଦୀପକ, ସିଲୁ, ଅଶୋକ, ପ୍ରମୋଦ କୋଥାଳ ଓ ସାରଥି ଦାସ ପ୍ରମୁଖ ଆମ୍ବ, ଶାଗୁଆନ, ଆକାଶିଆ, ପଣସ ଆଦି ଚାରାରୋପଣ କରିଥିଲେ। ସାହୁଙ୍କ ଉଦ୍ୟମରେ ଏହି ଗ୍ରାମ ନିକଟରେ ସବୁଜ କ୍ଷେତ୍ର ବିଶ୍ୱାବସୁ ଉଦ୍ୟାନ ଓ ଲଳିତା ଉଦ୍ୟାନ ସୃଷ୍ଟି କରାଯାଇଛି ।



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଗ୍ରାମବାସୀ।

# ବାଙ୍କୋଇରେ ସଫେଇ କାର୍ଯ୍ୟକ୍ରମ

**ବୋଲଗଡ଼,୨୪।୮(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ବାଙ୍କୋଇଠାରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଜୁ ପଟ୍ଟନାୟକ କମ୍ପ୍ୟୁଟର ସେଣ୍ଟର ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବର୍ଷା ଦିନରେ ରାସ୍ତା ପାର୍ଶ୍ୱରେ ଉଠିଥିବା ଅନାବନା ଘାସଗୁଡ଼ିକୁ ସଫେଇ କରାଯାଇଥିଲା। କମ୍ପ୍ୟୁଟର ସେଣ୍ଟର ପକ୍ଷରୁ ସୁରେଶ କୁମାର ସାମନ୍ତରାୟଙ୍କ ଆବାହକତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ପୋଲିସ ପକ୍ଷରୁ କରାଗଲା ଯାଞ୍ଚ

■ ୩୯୦୦ ଟଙ୍କା ଜରିମାନା ଆଦାୟ, ବାଇକ୍ ଜବତ

**ନୟାଗଡ଼ ଅଫିସ,୨୪।୮**

ନୟାଗଡ଼ ସହରର ଓଡ଼ଗାଁ ଛକଠାରୁ କୋଏନା ହୋଟେଲ ପର୍ଯ୍ୟନ୍ତ ରାସ୍ତାରେ ଦ୍ରୁତ ଗତିରେ ବାଇକ୍ ଚାଳନା ନେଇ ଖବର ପ୍ରକାଶ ପାଇବା ପରେ ଶନିବାର ପୋଲିସ ପକ୍ଷରୁ ଯାଞ୍ଚ କରାଯାଇଛି। ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଶନିବାର ଯାଞ୍ଚ କରାଯାଇ ଜରିମାନା ବାବାଦକୁ ୩୯୦୦ ଟଙ୍କା ଆଦାୟ କରାଯାଇଛି। ସେହିଭଳି ସ୍ପିଡ୍‌ରେ ଯାଉଥିବା ଜଣେ ଯୁବକ ନିଜ ବାଇକ୍ ଛାଡ଼ି ଫେରାର ହୋଇଯାଇଥିବାରୁ ଉକ୍ତ ବାଇକ୍ ଜବତ କରାଯାଇଛି। ପ୍ରକାଶ ଯେ, ଉକ୍ତ ରାସ୍ତାରେ ଯୁବକମାନେ ସ୍ପିଡ୍ ବାଇକ୍ ଚଳାଇବା ଦ୍ୱାରା ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିଲା। ସେହିଭଳି ଉକ୍ତ ରାସ୍ତାଦେଇ ଯାତାୟାତ ବେଳେ ସାଧାରଣ ଲୋକଙ୍କଠାରୁ କଲେଜ ଛାତ୍ରୀଛାତ୍ର ନିଜକୁ ଅସୁରକ୍ଷିତ ମନେ କରୁଥିଲେ। ଗାଡ଼ି ଚଳାଇବା ବେଳେ ମୋବାଇଲ୍ କିମ୍ବା ଇୟରଫୋନ୍ ବ୍ୟବହାର କରିବା, ସିଟ୍‌ବେଲ୍ଟ ନ ବାନ୍ଧିବା, ୩ ଜଣ ଯାଉଥିବା ବାଇକ୍ ଚାଳକଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା। ଟାଉନ ଥାନାର ଅତିରିକ୍ତ ଥାନା ଅଧିକାରୀ ଧନେଶ୍ୱର ନାୟକ, ଏସ୍‌ଆଇ ଧର୍ମେନ୍ଦ୍ର ଶିଆଳ ଓ ପୋଲିସ କର୍ମଚାରୀମାନେ ଏହି ଯାଞ୍ଚରେ ସାମିଲ ଥିଲେ। ଟାଉନ ଥାନା ଅଧିକାରୀ ଜୟଦୀପ ମହାନ୍ତି କହନ୍ତି, ଆଗାମୀ ଦିନରେ ଉକ୍ତ ରାସ୍ତାରେ ଏହିଭଳି ଯାଞ୍ଚ ଜାରି ରହିବ।



ଟାଉନ ପୋଲିସ ପକ୍ଷରୁ ଯାଞ୍ଚ କରାଯାଉଛି।

# ଗଣିଆ, ଖଣ୍ଡପଡ଼ାରେ ନନ୍ଦୋତ୍ସବ

## ଲଉଡ଼ି ଖେଳରେ ଗାଁ ପରିକ୍ରମା

**ଗଣିଆ,୨୪।୮(ଡି.ଏନ.ଏ.)**

ଗଣିଆ ବ୍ଲକର ରାସଙ୍ଗ ପଞ୍ଚାୟତ ମାଳତିପୁଟ ଗ୍ରାମବାସୀଙ୍କ ତରଫରୁ ଶନିବାର ନନ୍ଦୋତ୍ସବ ଖୁବ୍ ଜାକଜମକରେ ପାଳିତ ହୋଇଯାଇଛି। ସକାଳୁ ଗ୍ରାମର ଶ୍ରୀରାଧାମାଧବ ମନ୍ଦିରରେ ଧ୍ୱଜାବନ୍ଧନ, ମଙ୍ଗଳ ଆଳତି ସହ ଠାକୁରଙ୍କ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନାମ ସଂକୀର୍ତ୍ତନ ଧ୍ୱନିରେ ମନ୍ଦିର ପରିସରରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରୀରାଧାମାଧବଙ୍କ ଦର୍ଶନ ପାଇଁ ବହୁ ସଂଖ୍ୟାରେ କୃଷ୍ଣପ୍ରେମୀ ଶ୍ରଦ୍ଧାଳୁଙ୍କ ଗହଳି ଦେଖିବାକୁ ମିଳିଥିଲା। ଅପରାହ୍ନରେ ଗୋପାଳ ସମାଜ ତରଫରୁ ପାରମ୍ପରିକ ଲଉଡି ଖେଳ ସହ ଠାକୁରଙ୍କୁ ସୁସଜ୍ଜିତ ବିମାନରେ ବିଜେ କରାଇ ଗ୍ରାମ ପରିକ୍ରମା କରାଯାଇଥିଲା। ନନ୍ଦ, ଯଶୋଦା, କୃଷ୍ଣ ଓ ବଳରାମ ବେଶଧାରୀ କଳାକାରମାନେ ଠାକୁରଙ୍କ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଠାକୁରଙ୍କୁ ଗ୍ରାମ ପରିକ୍ରମା ସମୟରେ ପ୍ରତ୍ୟେକ ଘର ଅଗଣାରେ କଳସ, ଦୀପ ସହ ଭୋଗଲାଗି କରାଯାଇଥିଲା। ଏହି ଶୋଭାଯାତ୍ରା ସନ୍ଧ୍ୟା ପର୍ଯ୍ୟନ୍ତ ଚାଲୁ ରହିଥିଲା। ସନ୍ଧ୍ୟାରେ ଗ୍ରାମର ଶ୍ରୀ ଶ୍ରୀ ରାଧାମାଧବ ନାଟ୍ୟ ସଂସଦର କଳାକାରମାନଙ୍କ ଦ୍ୱାରା ମନୋରଞ୍ଜନ ଧର୍ମୀ ପୌରାଣିକ ନାଟକ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ଛାମୁଣ୍ଡିଆ ପଞ୍ଚାୟତ କୁମ୍ଭୀରଖଣି ଗ୍ରାମରେ ଗୋପାଳ ସମ୍ପ୍ରଦାୟ ତରଫରୁ ନନ୍ଦୋତ୍ସବ ପାଳିତ ହୋଇଯାଇଛି । ଗ୍ରାମର ଶ୍ରୀ ରାଧାଚିନ୍ତାମଣି ମନ୍ଦିର ପରିସରରେ ଅନୁଷ୍ଠିତ ଉତ୍ସବରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ । ସନ୍ଧ୍ୟାରେ ମନ୍ଦିର ପରିସରରେ ବାଦିପାଲା ଅନୁଷ୍ଠିତ ହୋଇଥିଲା।



ଗଣିଆର ମାଳତିପୁଟ ଗ୍ରାମରେ ଲଉଡ଼ି ଖେଳ।

## ବର୍ଷା ଯୋଗୁ ଫିକା ପଡ଼ିଲା

**ଖଣ୍ଡପଡ଼ା,୨୪।୮(ସ୍ୱ.ପ୍ର.)**

ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ମଠ ଓ ମନ୍ଦିରଗୁଡିକରେ ଶନିବାର ନନ୍ଦ ଉତ୍ସବ ଅବସରରେ ଭଜନ, କୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତେବେ ଲଘୁଚାପଜନିତ ବର୍ଷା ଯୋଗୁ ଉତ୍ସବ କିଛିମାତ୍ରାରେ ଫିକା ପଡ଼ିଥିବା ଜଣାପଡ଼ିଛି। ସିଧାମୂଳା ପଞ୍ଚାୟତସ୍ଥ ବଳରାମ ପ୍ରସାଦ ଗ୍ରାମରେ ଗୋପାଳ ସମାଜ ପକ୍ଷରୁ କୃଷ୍ଣଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ନନ୍ଦୋତ୍ସବ ପାଳିତ ହୋଇଯାଇଛି। ବଳରାମପ୍ରସାଦଠାରେ କୁନି ପିଲାମାନଙ୍କୁ କୃଷ୍ଣ, ବଳରାମ ଓ ଗୋପାଳ ବାଳକ ବେଶରେ ସଜ୍ଜିତ କରାଯାଇ ନନ୍ଦ ରାଜାଙ୍କ ସହିତ ଗ୍ରାମ ପରିକ୍ରମା କରାଯାଇଥିଲା । ବାଉଁଶିଆପଡ଼ାରେ କୃଷ୍ଣଲୀଳା ନାଟକ ପରିବେଷଣ ହୋଇଥିଲା । ସେହିପରି ଆଡ଼ଭୋକେଟ ତଥା ସ୍ତମ୍ଭକାର ଗିରିଜା ଶଙ୍କର ତରାଶିଆଙ୍କ ତତ୍ତ୍ୱାବଧାନରେ ଖଣ୍ଡପଡ଼ାସ୍ଥିତ ସାଇ ବୃନ୍ଦାବନ ଧାମ, କଣ୍ଟିଲୋସ୍ଥିତ ରାଧାମୋହନ ଜୀଉ ମଠ, ସିଧାମୂଳାସ୍ଥ ଗୋକୁଳାନନ୍ଦ ଜୀଉ ମଠ ଏବଂ ମର୍ଦ୍ଦରାଜପୁର ପଞ୍ଚାୟତସ୍ଥ ଚାଉପଲ୍ଲୀ ଗ୍ରାମରେ ନନ୍ଦୋତ୍ସବ ପାଳିତ ହୋଇଯାଇଛି । ଭିଆଣିଆ ଗୋପୀନାଥ ଜୀଉଙ୍କ ପୀଠ ଏଥିଯୋଗୁ ଚଳଚଞ୍ଚଳ ହୋଇଉଠିଛି । କୋସକା ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମସ୍ଥିତ କଳ୍ପତରୁ ହଂସ ଆଶ୍ରମ ପରିସରରେ ସାଧୁ ଚନ୍ଦ୍ରପ୍ରକାଶ ଦାସଜୀ ମହାରାଜଙ୍କ ତତ୍ତ୍ୱାବଧାନରେ ପୂଜକ ସତ୍ୟବାଦୀ ପଣ୍ଡା ଭାଗବତ ପାଠ କରିଥିଲେ । ନଦିଆ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଭଜନ, କୀର୍ତ୍ତନ ଆଦି ଆୟୋଜିତ ହୋଇଥିଲା । ଚାଉପଲ୍ଲୀ ଗ୍ରାମ ମଦନମୋହନ ନାଟ୍ୟ ସଂସଦ ପକ୍ଷରୁ ଉତ୍ସବ ପାଳନ କରାଯାଇଥିଲା।



ଖଣ୍ଡପଡ଼ା ବଳରାମପ୍ରସାଦରେ ବିଭିନ୍ନ ବେଶଧାରୀ କଳାକାରମାନେ।